commonwealth sport
ଅହମ୍ମଦାବାଦରେ
୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡ଼ା
▶ପୃଷ୍ଠା ୧୬ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-110 ◆THURSDAY ◆16 OCTOBER 2025 ◆PAGE-16 ◆₹ 6.00 | SAMBALPUR | ◆ବର୍ଷ-୪୩ ◆ସଂଖ୍ୟା-୧୧୦ ◆ଗୁରୁବାର ◆୧୬ ଅକ୍ଟୋବର ୨୦୨୫ ◆ପୃଷ୍ଠା-୧୬ ◆ଟ.୬.୦୦

॥ ମାନସ ମଙ୍ଗରାଜ ॥


# ବ୍ୟତିକ୍ରମ

ସେ ରାସ୍ତାକୁ ଓହ୍ଲାଇଲେ ଲୋକଙ୍କ ଥାଟପଟାଳି ଭାଙ୍ଗେ, ହାତ ହଲାଇଦେଲେ ଅଯୁତ ହୃଦୟରେ ଆନନ୍ଦର ପ୍ଲାବନ ଖେଳିଯାଏ। ଆଉ ହସିଦେଲେ ଚିର ସୁଗନ୍ଧିତ ଫୁଲର ବାସ୍ନାରେ ମହକି ଯାଏ କୋଟିକୋଟି ଲୋକଙ୍କ ମନ। ଓଡ଼ିଶା ହେଉଛି ତାଙ୍କର ଜୀବନ, ଓଡ଼ିଶାବାସୀ ହେଉଛନ୍ତି ତାଙ୍କର ପରିବାର, ପ୍ରତ୍ୟେକ ଜୀବନ ତାଙ୍କ ପାଇଁ ମୂଲ୍ୟବାନ। କୋଟିକୋଟି ଓଡ଼ିଆ ପରିବାରର ସେ ଅଘୋଷିତ ମୁରବୀ। କ୍ଷମତାରେ ଥାଆନ୍ତୁ ବା ନ ଥାଆନ୍ତୁ, ଓଡ଼ିଶା ପାଇଁ ତାଙ୍କ ଜୀବନ ଉତ୍ସର୍ଗୀକୃତ ଓ ପ୍ରତି ଓଡ଼ିଆର ବ୍ୟଥା ତାଙ୍କ ପାଇଁ ମର୍ମାନ୍ତିକ। ଦୀର୍ଘ ୨୪ ବର୍ଷ ଓଡ଼ିଶାର ମୁଖ୍ୟମନ୍ତ୍ରୀ

**କର୍ଦ୍ଦମାକ୍ତ ରାଜନୀତି ତାଙ୍କ ବ୍ୟକ୍ତିତ୍ୱକୁ ଛୁଇଁ ପାରିନାହିଁ; ବ୍ୟକ୍ତିଗତ ବିଦ୍ୱେଷ, ପାରସ୍ପରିକ ଆକ୍ଷେପ, କୁତ୍ସାରଟନା ତାଙ୍କ ବ୍ୟକ୍ତିଗତ ଜୀବନକୁ ପ୍ରଭାବିତ କରିବାକୁ ସକ୍ଷମ ହୋଇନାହିଁ। ତାଙ୍କ ମତରେ ରାଜନୀତି ଓ ନୀତି ପରସ୍ପର ଅଙ୍ଗାଙ୍ଗୀ ଜଡ଼ିତ। ନୀତିହୀନ ରାଜନୀତି ସମାଜ ପାଇଁ କ୍ଷତିକାରକ ଓ ବିନା ନୀତିରେ ରାଜନୀତି ମୂଲ୍ୟହୀନ।**

ଭାବରେ ନବୀନ ପଟ୍ଟନାୟକ କେବଳ ଶାସନରେ ରେକର୍ଡ କରି ନାହାନ୍ତି; ଓଡ଼ିଶାକୁ ବିକାଶର ନଭଶ୍ଚୁମ୍ବୀ ଶିଖରରେ ପହଞ୍ଚାଇବାକୁ ସକ୍ଷମ ହୋଇଛନ୍ତି। ତାଙ୍କର ନୀତି ଦେଶରେ 'ନବୀନ ନୀତି' ରୂପେ ପରିଚିତି ପାଇଛି, ତାଙ୍କର ଆଦର୍ଶ ସାରା ଦେଶରେ ପ୍ରଶଂସିତ ହୋଇଛି, ତାଙ୍କର ପ୍ରତ୍ୟେକ କାର୍ଯ୍ୟକ୍ରମ ଅନ୍ୟ ରାଜ୍ୟ ପାଇଁ ଅନୁକରଣୀୟ ହୋଇଛି। ତାଙ୍କର ଯୋଜନା 'ନିତି' ବୈଠକରୁ ଆରମ୍ଭ କରି ଜାତିସଂଘ ପର୍ଯ୍ୟନ୍ତ ଗ୍ରହଣୀୟ ହୋଇଛି। କର୍ଦ୍ଦମାକ୍ତ ରାଜନୀତି ତାଙ୍କ ବ୍ୟକ୍ତିତ୍ୱକୁ ଛୁଇଁ ପାରିନାହିଁ; ବ୍ୟକ୍ତିଗତ ବିଦ୍ୱେଷ, ପାରସ୍ପରିକ ଆକ୍ଷେପ, କୁତ୍ସାରଟନା ତାଙ୍କ ବ୍ୟକ୍ତିଗତ ଜୀବନକୁ ପ୍ରଭାବିତ କରିବାକୁ ସକ୍ଷମ ହୋଇନାହିଁ। ତାଙ୍କ ମତରେ ରାଜନୀତି ଓ ନୀତି ପରସ୍ପର ଅଙ୍ଗାଙ୍ଗୀ ଜଡ଼ିତ। ନୀତିହୀନ ରାଜନୀତି ସମାଜ ପାଇଁ କ୍ଷତିକାରକ ଓ ବିନା ନୀତିରେ ରାଜନୀତି ମୂଲ୍ୟହୀନ। କ୍ଷମତା ହାସଲ ରାଜନୀତିର ଉଦ୍ଦେଶ୍ୟ ନୁହେଁ; ଉଚ୍ଚ ରାଜନୈତିକ ମୂଲ୍ୟବୋଧ ଦ୍ୱାରା ଲୋକଙ୍କ କଲ୍ୟାଣ କରିବା ଏହାର ପ୍ରମୁଖ ଲକ୍ଷ୍ୟ। ମହାତ୍ମା ଗାନ୍ଧୀଙ୍କ ଅହିଂସା, ଗୌତମବୁଦ୍ଧଙ୍କ ଅଷ୍ଟାଙ୍ଗ ମାର୍ଗ, ମହାବୀର ଜୈନଙ୍କ ନିଷ୍କାମ ସାଧନା ଓ ଭୀମଭୋଇଙ୍କ ଜୀବନ ଦର୍ଶନର ଏକ ମିଳିତ ସମ୍ମିଶ୍ରଣ ହେଉଛି ନବୀନଙ୍କ ଜୀବନ। ସେହି ଦୃଷ୍ଟିରୁ ନବୀନ ହେଉଛନ୍ତି ଜଣେ ବ୍ୟତିକ୍ରମ ମୁଖ୍ୟମନ୍ତ୍ରୀ, ଭିନ୍ନ ରାଜନେତା।

ନିରାସକ୍ତି ହେଉଛି ମଣିଷର ସର୍ବୋଚ୍ଚ ଗୁଣ ଓ ଏହା ମଣିଷକୁ ଏକ ମଣିରେ ପରିଣତ କରିପାରେ। ରାଜପଦ ତ୍ୟାଗ କରି ଲୁମ୍ବିନୀ ଓ ବର୍ଦ୍ଧମାନର ଯୁବରାଜ ଯେଉଁ ପଥକୁ ବାଛିଥିଲେ,



ତାହା ଥିଲା ସାଧାରଣ ମାନବିକ ପ୍ରକୃତିର ସମ୍ପୂର୍ଣ୍ଣ ବିପରୀତ। ଯୁବରାଜ ଗୌତମ ଉଭୟ ଆସକ୍ତି ତ୍ୟାଗ କରି ନିରାସକ୍ତ ହୋଇଥିଲେ। ଅନୁରୂପ ଭାବରେ ବୁଦ୍ଧ ଓ ମହାବୀରଙ୍କ ପଦାଙ୍କ ଅନୁସରଣ କରି ଏକ ସୁସ୍ଥ, ସ୍ୱଚ୍ଛନ୍ଦ, ସାବଲୀଳ ଜୀବନ ଛାଡ଼ି ଏକ ଆର୍ଥିକ ରୁଗ୍ଣ, ବାତ୍ୟା ବିଧ୍ୱସ୍ତ ରାଜ୍ୟର ଶାସନ ଭାର ନେବାକୁ ଆଗେଇ ଆସିଥିଲେ ନବୀନ ପଟ୍ଟନାୟକ। ସମ୍ଭ୍ରାନ୍ତ ବନ୍ଧୁଙ୍କ ସାନ୍ନିଧ୍ୟ ଛାଡ଼ି ଓଡ଼ିଶାର ଚାଷୀ, ମହିଳା, ଆଦିବାସୀଙ୍କ ସେବା କରିବା ଲାଗି ପଣ କରିଥିଲେ। ଏହାର ଫଳଶ୍ରୁତି ଥିଲା ଅତ୍ୟନ୍ତ ଚମକପ୍ରଦ। ବଦଳି ଯାଇଥିଲା ଦେଶର ସବୁଠୁ ଦୁର୍ବଳ, ଆର୍ଥିକ ରୁଗ୍ଣ, ମହାବାତ୍ୟା ଓ ମହାମାରୀ ପ୍ରବଣ ଓଡ଼ିଶାର କାୟାକଳ୍ପ। ତାଙ୍କ ହାତର କାଉଁରୀ ଛୁଆଁ ଓଡ଼ିଶାର ସଫଳତା ଓ ସୁନାମକୁ ଅନ୍ତର୍ଜାତୀୟସ୍ତରରେ ପହଞ୍ଚାଇବାକୁ ସକ୍ଷମ ହୋଇଥିଲା।

ଓଡ଼ିଆଙ୍କ ବିକାଶ, ସମୃଦ୍ଧ ଓଡ଼ିଶା ଗଠନ ନିମନ୍ତେ ସ୍ୱପ୍ନ ଦେଖୁଥିବା ପ୍ରବାଦପୁରୁଷ ବିଜୁବାବୁଙ୍କ ପଦାଙ୍କ ଅନୁସରଣ କରି ନବୀନ ଆଙ୍କିଥିଲେ ବିକାଶ ନକ୍ସା। ତାଙ୍କର ଦାରିଦ୍ର୍ୟ ଦୂରୀକରଣ, ସାମାଜିକ ସୁରକ୍ଷା, ମହିଳା ଓ କୃଷକଙ୍କ ସଶକ୍ତିକରଣ, ଶିଳ୍ପ ସ୍ଥାପନ, ସ୍ଥାନୀୟ ନିଯୁକ୍ତି କାର୍ଯ୍ୟକ୍ରମ ବଦଳାଇ ଦେଇଥିଲା ଓଡ଼ିଶାର ରୂପରେଖ। ସାଧାରଣ ଗରିବ ରୋଗୀର ଘରୋଇ ଡାକ୍ତରଖାନାରେ ଚିକିତ୍ସା ସ୍ୱପ୍ନକୁ ପୂରଣ କରିଥିଲା 'ବିଏସ୍‌କେୱାଇ'। ରାଜ୍ୟର ୮୦ଲକ୍ଷ ମହିଳାଙ୍କୁ ଆର୍ଥିକ ଓ ସାମାଜିକସ୍ତରରେ ସ୍ୱାବଲମ୍ବୀ କରିଥିବା 'ମିଶନ ଶକ୍ତି' ଦେଶର ଶ୍ରେଷ୍ଠ ମଡେଲ ଭାବରେ ବିବେଚିତ ହୋଇଥିଲା। ଚାଷୀଙ୍କ ଆର୍ଥିକ ମେରୁଦଣ୍ଡକୁ ସୁଦୃଢ଼ କରିଥିଲା 'କାଳିଆ' ଓ 'ବଳରାମ' ପରି ଯୋଜନା।


ପଞ୍ଚାୟତିରାଜ ବ୍ୟବସ୍ଥାରେ ମହିଳାଙ୍କୁ ପ୍ରାଧାନ୍ୟ ଓଡ଼ିଶାକୁ ସାରା ଦେଶରେ ଦେଇଥିଲା ନୂଆ ପରିଚୟ। ସରକାରୀ ସ୍କୁଲ ଛାତ୍ରଛାତ୍ରୀଙ୍କ ପାଇଁ ମେଡିକାଲ ଓ ଇଞ୍ଜିନିୟରିଂ ପାଠ୍ୟକ୍ରମରେ ୧୫% ସଂରକ୍ଷଣ, 'ନୂଆ-ଓ' ଯୋଜନାରେ କଲେଜ ଛାତ୍ରଛାତ୍ରୀଙ୍କୁ ବାର୍ଷିକ ୧୨ ହଜାର ଟଙ୍କା ପର୍ଯ୍ୟନ୍ତ ବୃତ୍ତି ଥିଲା ସମ୍ପୂର୍ଣ୍ଣ ନୂତନ ପଦକ୍ଷେପ। ରୂପାନ୍ତରଣ ଯୋଜନାରେ ରାଜ୍ୟର ଶିକ୍ଷାନୁଷ୍ଠାନ ନୂତନ ରୂପ। ପରିକ୍ରମା ପ୍ରକଳ୍ପ ଶ୍ରୀକ୍ଷେତ୍ର ପୁରୀର ଛବିକୁ ବଦଳାଇ ଦେଇଥିଲା। ରୂପାନ୍ତରଣ ଢାଞ୍ଚାରେ ବଦଳିଥିଲା ମହାପ୍ରଭୁ ଲିଙ୍ଗରାଜ, ତାରାତାରିଣୀ, ସମଲେଶ୍ୱରୀ ସହ ରାଜ୍ୟର ପ୍ରମୁଖ ଧାର୍ମିକ ପୀଠର କାୟାକଳ୍ପ। ସରକାରରେ ସ୍ୱଚ୍ଛତା ସହ ପ୍ରଶାସନକୁ ଦକ୍ଷ କରାଯିବା ନିମନ୍ତେ ଆରମ୍ଭ ହୋଇଥିଲା 'ମୋ ସରକାର'। ସରକାରୀ କାର୍ଯ୍ୟାନ୍ୱୟନ ପଦ୍ଧତିକୁ ସ୍ୱଚ୍ଛ ଓ ଶୃଙ୍ଖଳିତ କରିବା ନିମନ୍ତେ କାର୍ଯ୍ୟକାରୀ ହୋଇଥିଲା '୫-ଟି' ବ୍ୟବସ୍ଥା। ନବୀନଙ୍କ ପଦକ୍ଷେପର ଫଳଶ୍ରୁତି ସ୍ୱରୂପ ଖାଦ୍ୟ ସୁରକ୍ଷା ଯୋଜନାରେ ଓଡ଼ିଶାକୁ ମିଳିଥିଲା ଅନ୍ତର୍ଜାତୀୟ ସମ୍ମାନ। ବିପର୍ଯ୍ୟୟ ପରିଚାଳନାରେ ବିପୁଳ ସଫଳତା ପାଇଁ ମିଳିତ ଜାତିସଂଘ ଦେଇଥିଲା ସ୍ୱୀକୃତି। କ୍ରୀଡ଼ା କ୍ଷେତ୍ରର ରୂପାନ୍ତରଣ ଓ କ୍ରୀଡ଼ା ଆୟୋଜନରେ ସଫଳତା ପାଇଁ ଦେଶର କ୍ରୀଡ଼ା ହବ୍‌ରେ ପରିଣତ ହୋଇଥିଲା ଓଡ଼ିଶା। ଭୋକର ଭୂଗୋଳ ଓଡ଼ିଶା ଦେଶର ୪ର୍ଥ ଶ୍ରେଷ୍ଠ ଚାଉଳ ଯୋଗାଣକାରୀ ଓ ନିଅଣ୍ଟିଆରୁ ରାଜସ୍ୱ ବଳକା ରାଜ୍ୟରେ ପରିଣତ ହୋଇ ପାରିଥିଲା। ଜଳସେଚନ, ଜଳ ଯୋଗାଣ, ସ୍ୱାସ୍ଥ୍ୟସେବାଠାରୁ ଆରମ୍ଭ କରି ସାମାଜିକ କଲ୍ୟାଣ କ୍ଷେତ୍ରରେ ଓଡ଼ିଶା ବିକାଶର ଅଗ୍ରଦୂତ ସାଜିଥିଲା, ସରକାରୀ ସେବା ହୋଇଥିଲା ଲୋକାଭିମୁଖୀ।

ସମାନତା ହେଉଛି ଏକ ରାଜନୈତିକ ମୂଲ୍ୟବୋଧ, ଯାହା ସୁନିଶ୍ଚିତ କରିବା ଶାସନ ମୁଖ୍ୟଙ୍କ ଦାୟିତ୍ୱ। ଜ୍ୟାମିତିକ ସମାନତା ରାଜନୈତିକ ନ୍ୟାୟ ପ୍ରତିଷ୍ଠା କରିବାରେ ସକ୍ଷମ ହୋଇଥାଏ ଓ ସାଧାରଣ ଲୋକଙ୍କ କଲ୍ୟାଣକୁ ସୁନିଶ୍ଚିତ କରିଥାଏ। ଶାସ୍ତ୍ରରେ କୁହାଯାଇଛି, ଯେଉଁଠି ଆଇନ ନ୍ୟାୟସଙ୍ଗତ ନୁହେଁ, ତେବେ ତାହା ଅଦରକାରୀ ଓ ସାଧାରଣ ଲୋକଙ୍କ ପାଇଁ ଅହିତକର। ନବୀନ ଏହାକୁ ବୁଝିଥିଲେ ଓ କାର୍ଯ୍ୟରେ ବି ପରିଣତ କରିଥିଲେ। ସେଇଥିପାଇଁ ନବୀନ ଭିନ୍ନ, ଅନନ୍ୟ ଓ ସ୍ୱତନ୍ତ୍ର। ରାଜନୀତିର ସମୟ ଚକ୍ର ତାଙ୍କୁ ମୁଖ୍ୟମନ୍ତ୍ରୀ ପଦରୁ ପଦଚ୍ୟୁତ କରିଛି ସିନା; ଏବେ ବି ସେ ରାଜ୍ୟର କୋଟିକୋଟି ଲୋକଙ୍କ ହୃଦୟର ମୁଖ୍ୟମନ୍ତ୍ରୀ।

ଆଜି ତାଙ୍କ ଜନ୍ମ ଦିନ। ଏହି ଅବସରରେ ତାଙ୍କୁ ଅଯୁତ ଅଯୁତ ଶୁଭ କାମନା ଜଣାଉଛୁ ଓ ଦୀର୍ଘ ନିରାମୟ ଜୀବନ କାମନା କରୁଛୁ। ●

ସାଂସଦ, ରାଜ୍ୟସଭା



## ଫାଶୀ ବଦଳରେ ବିଷ ଇଞ୍ଜେକ୍ସନ ଦେବାକୁ କେନ୍ଦ୍ରର ନା

ନୂଆଦିଲ୍ଲୀ, ୧୫।୧୦ (ଏଜେନ୍ସି): ମୃତ୍ୟୁଦଣ୍ଡର ଦେବାର ପନ୍ଥା ବଦଳାଇବାକୁ ନେଇ କେନ୍ଦ୍ର ଦେଇଥିବା ଉତ୍ତର ଉପରେ ସୁପ୍ରିମକୋର୍ଟ ଅସନ୍ତୋଷ ପ୍ରକାଶ କରିଛନ୍ତି। ସମୟ ସହିତ ବହୁତ କିଛି ବଦଳି ଯାଇଛି, କିନ୍ତୁ ସରକାର ଚିନ୍ତାଧାରା ବଦଳାଇବାକୁ ପ୍ରସ୍ତୁତ ନ ଥିବାରୁ ସମସ୍ୟା ହେଉଛି ବୋଲି ଜଷ୍ଟିସ ବିକ୍ରମ ନାଥ ଏବଂ ସନ୍ଦୀପ ମେହେଟାଙ୍କ ଖଣ୍ଡପୀଠ କହିଛନ୍ତି। ଏହା ପୂର୍ବରୁ ମୃତ୍ୟୁଦଣ୍ଡ ପାଇଥିବା ଦୋଷୀଙ୍କୁ ଫାଶୀ ବଦଳରେ ଘାତକ ବିଷ ଇଞ୍ଜେକ୍ସନ ଦେବାକୁ କେନ୍ଦ୍ର ମନା କରିଦେଇଥିଲା। ଏଭଳି ବିକଳ୍ପ ଦେବା ବ୍ୟବହାରିକ ଦୃଷ୍ଟିରୁ ସମ୍ଭବ ନୁହେଁ ବୋଲି ସତ୍ୟପାଠରେ କୁହାଯାଇଥିଲା। ଏକ ଜନସ୍ୱାର୍ଥ ଆବେଦନରେ ଓକିଲ ଋଷି ମଲ୍‌ହୋତ୍ରା ଏହି ବିକଳ୍ପ ଦାବି କରିଥିଲେ। ଦୋଷୀଙ୍କୁ ଫାଶୀ କିମ୍ବା ବିଷ ଇଞ୍ଜେକ୍ସନର ଚୟନ କରିବାର ସୁଯୋଗ ଦେବାକୁ କହିଥିଲେ। ଇଞ୍ଜେକ୍ସନକୁ ସେ ଦ୍ରୁତ, ମାନବୀୟ ଏବଂ ସମ୍ମାନଜନକ କହିଥିଲେ। ଏହା ଉପରେ ଖଣ୍ଡପୀଠ କହିଥିଲେ ଯେ ଫାଶୀ ବହୁତ ପୁରୁଣା ପ୍ରକ୍ରିୟା। ସମୟ ସହିତ ବହୁତ କିଛି ବଦଳି ଯାଇଛି। କିନ୍ତୁ ସରକାର ଏହା ଚାହୁଁନାହାନ୍ତି।

## ମଙ୍ଗୋଲିଆ-ଭାରତ ମଧ୍ୟରେ ୧୦ ଚୁକ୍ତି

ନୂଆଦିଲ୍ଲୀ, ୧୫ ।୧୦(ଏଜେନ୍ସି): ମଙ୍ଗୋଲିଆର ରାଷ୍ଟ୍ରପତି ଖୁରେଲସୁଖ ଉଖନା ମଙ୍ଗଳବାର ନୂଆଦିଲ୍ଲୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଭେଟିଛନ୍ତି। ଦୁଇ ଦେଶ ମଧ୍ୟରେ ୟୁରାନିୟମ ଯୋଗାଣ ସମେତ ୧୫ ହଜାର କୋଟି ଟଙ୍କାର ଅଏଲ ରିଫାଇନାରୀ ଓ ପ୍ରତିରକ୍ଷା ସହଯୋଗ ବୃଦ୍ଧି ନେଇ ବୁଝାମଣା ସ୍ୱାକ୍ଷରିତ ହୋଇଛି। ଏଥିସହ ତମ୍ବା, ୟୁରାନିୟମ, କୁକିଂ କୋଇଲା ଭଳି ଧାତୁର ଯୋଗାଣ ଶୃଙ୍ଖଳକୁ ଆହୁରି ଦୃଢ଼ କରିବାକୁ ଦୁଇ ନେତାଙ୍କ ମଧ୍ୟରେ ଆଲୋଚନା ହୋଇଛି। ଦୁଇ ଦେଶ ମଧ୍ୟରେ ୧୦ଟି ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଭାରତ ୨୦୨୬ରେ ଗୌତମ ବୁଦ୍ଧଙ୍କ ଦୁଇଜଣ ଶିଷ୍ୟ ଅରାହତ ସାରିପୁତ ଓ ଅରାହତ ମହା ମୋଗାଲାନାଙ୍କ ପବିତ୍ର ଅବଶେଷ ମଙ୍ଗୋଲିଆ ପଠାଇବ। ମଙ୍ଗୋଲିଆର ଗାନଦାନ ମଠକୁ ଭାରତ ଜଣେ ସଂସ୍କୃତ ଶିକ୍ଷକଙ୍କୁ ମଧ୍ୟ ପଠାଇବ। ମଙ୍ଗୋଲିଆର ବିକାଶରେ ଭାରତ ଜଣେ ଦୃଢ଼ ଓ ବିଶ୍ୱସନୀୟ ବନ୍ଧୁର ଦାୟିତ୍ୱ ବହନ କରିବ ବୋଲି ମୋଦୀ କହିଛନ୍ତି। ଆମର ପଡୋଶୀ ହୋଇ ନଥିଲେ ମଧ୍ୟ ମଙ୍ଗୋଲିଆକୁ ଆମେ ନିକଟତମ ବନ୍ଧୁ ବିବେଚନା କରୁ। ଦୁଇ ଦେଶ ସାଥି ହୋଇ ଗ୍ଲୋବାଲ୍ ସାଉଥ୍‌ର ସ୍ୱରକୁ ଆହୁରି ମଜବୁତ କରିବୁ ବୋଲି ସେ କହିଛନ୍ତି।

## ଦିଲ୍ଲୀରେ ସବୁଜ ବାଣକୁ ଅନୁମତି

ନୂଆଦିଲ୍ଲୀ, ୧୫ ।୧୦(ଏଜେନ୍ସି): ସୁପ୍ରିମକୋର୍ଟ ବୁଧବାର ଦିଲ୍ଲୀ-ଏନସିଆରରେ ସବୁଜ ବାଣ ବିକ୍ରି ଓ ଫୁଟାଇବାକୁ ସର୍ତ୍ତମୂଳକ ଅନୁମତି ଦେଇଛନ୍ତି। ୧୮ରୁ ୨୧ ତାରିଖ ପର୍ଯ୍ୟନ୍ତ ଏହା ଲାଗୁ ହେବ। ଲୋକେ ସକାଳ ୬ରୁ ୭ଟା ଏବଂ ସନ୍ଧ୍ୟା ୮ରୁ ୧୦ଟା ଭିତରେ ୩ ଘଣ୍ଟା ପାଇଁ ସବୁଜ ବାଣ ଫୁଟାଇପାରିବେ ବୋଲି ପ୍ରଧାନ ବିଚାରପତି (ସିଜେଆଇ) ବିଆର ଗଭାଇ ଓ ଜଷ୍ଟିସ ବିନୋଦ ଚନ୍ଦ୍ରନଙ୍କ ଖଣ୍ଡପୀଠ କେତୋଟି ସର୍ତ୍ତ ସହ ଏହି ନିର୍ଦ୍ଦେଶ ଦେଇଛନ୍ତି। ଏହି କ୍ରମରେ ସୁପ୍ରିମକୋର୍ଟ ୫ଟି ସର୍ତ୍ତ ରଖିଛନ୍ତି। ଆମକୁ ସନ୍ତୁଳନ ରକ୍ଷା କରିବାକୁ ହେବ, କିନ୍ତୁ ପର୍ଯ୍ୟାବରଣକୁ ନେଇ କୌଣସି ପ୍ରକାର ବୁଝାମଣା କରାଯିବ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି।

## ପତ୍ନୀହନ୍ତା ଡାକ୍ତର ଗିରଫ

ବେଙ୍ଗାଲୁରୁ, ୧୫ ।୧୦(ଏଜେନ୍ସି): ଡାକ୍ତରାଣୀ ପତ୍ନୀଙ୍କୁ ହତ୍ୟା କରିବାର ୬ ମାସ ପରେ ଗିରଫ ହୋଇଛନ୍ତି ବେଙ୍ଗାଲୁରୁର ଜଣେ ଡାକ୍ତର। ଜେନେରାଲ ସର୍ଜନ ଭାବେ ଏକ ହସ୍ପିଟାଲରେ କାର୍ଯ୍ୟ କରୁଥିବା ମହେନ୍ଦ୍ର ରେଡ୍ଡୀ ପୂର୍ବ ବେଙ୍ଗାଲୁରୁସ୍ଥିତ ନିଜ ଘରେ ପତ୍ନୀ କୃତିକା ରେଡ୍ଡୀଙ୍କୁ ଆନେସ୍ଥେସିଆର ଓଭରଡୋଜ ଦେଇ ଏପ୍ରିଲ ୨୧ରେ ଏହି କାଣ୍ଡ ଘଟାଇ ଥିଲେ। କୃତିକା ଡର୍ମିଟୋଲିଜଷ୍ଟ ଭାବେ କାର୍ଯ୍ୟ କରିଛନ୍ତି। ଦୁହେଁ ଭିକ୍ଟୋରିଆ ହସ୍ପିଟାଲରେ ନିଯୋଜିତ ରହିଥିଲେ। ଓଭରଡୋଜ ନେବା ପରେ ସେ ଅସୁସ୍ଥ ଅନୁଭବ କରିଥିଲେ। ମହେନ୍ଦ୍ର ତାଙ୍କୁ ହସ୍ପିଟାଲ ନେଇଥିଲେ ମଧ୍ୟ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅସ୍ୱାଭାବିକ ମୃତ୍ୟୁ ମାମଲା ରୁଜୁ କରି ମରାଠହାଲି ପୁଲିସ ଯାଞ୍ଚ ଆରମ୍ଭ କରିଥିଲା। ଗତବର୍ଷ ମେ' ୨୬ରେ ଦୁହେଁ ବିବାହ କରିଥିଲେ।

## ମେକ୍ସିକୋରେ ପ୍ରବଳ ବର୍ଷା; ୬୪ ମୃତ

ମେକ୍ସିକୋ ସିଟି, ୧୫ ।୧୦(ଏଜେନ୍ସି): ଉତ୍ତର ଆମେରିକୀୟ ଦେଶ ମେକ୍ସିକୋରେ ସପ୍ତାହେ ହେଲା ପ୍ରବଳ ବର୍ଷା ଲାଗି ରହିଛି। ଏଥିରେ ୬୪ଜଣ ଲୋକ ପ୍ରାଣ ହରାଇଥିବା ବେଳେ ୬୫ ଜଣ ନିଖୋଜ ଅଛନ୍ତି। ବର୍ଷା କାରଣରୁ ହୋଇଥିବା ଭୂସ୍ଖଳନ ଯୋଗୁଁ ଅନେକ ରାଜପଥ ବନ୍ଦ ରହିଛି। ଫଳରେ ଉଦ୍ଧାରକାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ଦେଶର ୫ଟି ରାଜ୍ୟର ମୋଟ୍ ୧୦, ୦୦୦ ଲୋକ ଏହି ବର୍ଷା ଯୋଗୁଁ ପ୍ରଭାବିତ ହୋଇଛନ୍ତି। କେବଳ ବେରାକ୍ରୁଜ ରାଜ୍ୟରେ ଅକ୍ଟୋବର ୬ରୁ ୯ ତାରିଖ ମଧ୍ୟରେ ୫୪୦ ମିଲିମିଟର ବର୍ଷା ହୋଇଛି।

## ଶିଶୁଙ୍କ ସିରପରେ ପୋକ: ଏଜିଥ୍ରୋମାଇସିନ ବଣ୍ଟନ ବନ୍ଦ

ଗ୍ୱାଲିୟର, ୧୦।୧୫ (ଏଜେନ୍ସି): ମଧ୍ୟପ୍ରଦେଶରୁ ଆଉ ଏକ ଗମ୍ଭୀର ମାମଲା ସାମ୍ନାକୁ ଆସିଛି। ବିଷାକ୍ତ କଫ ସିରପ ପରେ ଶିଶୁଙ୍କୁ ଦିଆଯାଉଥିବା ଆଣ୍ଟିବାୟୋଟିକ ଔଷଧ ଆଜିଥ୍ରୋମାଇସିନ ଓରାଲ ସସ୍‌ପେନସନ୍ ସିରପରେ ପୋକଥିବା ମାମଲା ସାମ୍ନାକୁ ଆସିଛି। ପ୍ରଥମେ ମୁରାର ଜିଲ୍ଲା ଡାକ୍ତରଖାନାର ଜଣେ ମହିଳା ଏ ନେଇ ଅଭିଯୋଗ କରିଥିଲେ। ଔଷଧରେ କଳା ରଙ୍ଗର ପୋକ ଥିବା କହିଥିଲେ, ଏହା ପରେ ଡ୍ରଗ ବିଭାଗ ତୁରନ୍ତ ସିରପ ବଣ୍ଟନ ଉପରେ କଟକଣା ଲଗାଇ ଦେଇଥିଲା। ଏବେ ଯାଞ୍ଚ ପାଇଁ ନମୁନାକୁ ଭୋପାଳ ପରୀକ୍ଷାଗାରକୁ ପଠାଇ ଦିଆଯାଇଛି। ସମଗ୍ର ରାଜ୍ୟରେ ଏହି ଔଷଧର ଯାଞ୍ଚ ଆରମ୍ଭ ହୋଇଛି। ସାରା ରାଜ୍ୟକୁ ଏହି ଔଷଧ ପଠାଯାଉଛି।

## ଗୁଇନ୍ଦାଗିରି ଅଭିଯୋଗରେ ୮ ଜଣଙ୍କୁ ହତ୍ୟାକଲା ହମାସ୍

ତେଲ ଅଭିଭ୍/ ଗାଜା, ୧୫ ।୧୦(ଏଜେନ୍ସି): ଗାଜାରେ ହମାସ ୮ ଲୋକଙ୍କୁ ସ୍ପଷ୍ଟ ଦିବାଲୋକରେ ରାସ୍ତା ଉପରେ ଗୁଳିମାରି ହତ୍ୟା କରିଛି। ହମାସ ଏମାନଙ୍କୁ ଇସ୍ରାଏଲର ଗୁପ୍ତଚର ବୋଲି ଅଭିହିତ କରିଥିଲା। ଏବେ ଏହାର ଭିଡିଓ ଭାଇରାଲ ହୋଇଛି। ଏଥିରେ ୮ ଜଣଙ୍କ ଆଖିରେ ପଟି ବାନ୍ଧି ସଡ଼କ ଉପରେ ବସାଇ ହମାସ ଆତଙ୍କବାଦୀ ଗୁଳି ମାରିଥିଲେ। ଏତିକି ବେଳେ କିଛି ଲୋକ 'ଆଲ୍ଲା ହୁ ଆକବର' ଉଚ୍ଚାରଣ କରୁଥିବାର ଦେଖାଯାଇଛି। ଅସ୍ତ୍ରବିରତି ପରେ ଇସ୍ରାଏଲ ସେନା ଗାଜାରୁ ପଛକୁ ହଟିଥିବାରୁ ହମାସ ତାର ଶକ୍ତିବୃଦ୍ଧି କରିବାକୁ ପ୍ରୟାସ ଜାରି ରଖିଛି। ଇସ୍ରାଏଲ ଅଧିକୃତ ଅଞ୍ଚଳରେ ଯେଉଁ ଲୋକ ଓ ଗୋଷ୍ଠୀ ଶକ୍ତିଶଳୀ ହୋଇ ଉଠିଥିଲେ, ସେମାନଙ୍କୁ ହମାସ ଟାର୍ଗେଟ କରି ଆକ୍ରମଣ କରୁଛି। ଏହି ଗୋଷ୍ଠୀର ଲୋକମାନେ ରିଲିଫ ସାମଗ୍ରୀ ଲୁଟ୍ କରିବା ସହ ବିକ୍ରି କରୁଥିଲେ ଓ ଏହା ଦ୍ୱାରା ଗାଜାରେ ଦୁର୍ଭିକ୍ଷ ତଥା ଖାଦ୍ୟାଭାବ କାରଣରୁ ବହୁ ଲୋକ ମୃତ୍ୟୁବରଣ କରିଥିଲେ। ତେବେ ଏହି ହତ୍ୟା ଘଟଣାକୁ ପାଲେଷ୍ଟାଇନ୍ ରାଷ୍ଟ୍ରପତି ମହମ୍ମଦ ଆବାସ ଭୁଲ୍ ବୋଲି କହିଛନ୍ତି। ପୂର୍ବରୁ ମଙ୍ଗଳବାର ହମାସ ୪ ଜଣ ଇସ୍ରାଏଲ ପଣବନ୍ଦୀଙ୍କ ମୃତଦେହ ଇସ୍ରାଏଲ ଡିଫେନ୍ସ ଫୋର୍ସ (ଆଇଡିଏଫ୍)କୁ ହସ୍ତାନ୍ତର କରିଥିଲା। ପ୍ରଥମେ ଏହି ମୃତଦେହଗୁଡିକୁ ହମାସ ରେଡକ୍ରସ୍‌କୁ ଦେଇଥିଲା। ଏହାପରେ ରେଡକ୍ରସ ଏଗୁଡିକୁ ଆଇଡିଏଫ୍‌କୁ ହସ୍ତାନ୍ତର କରିଥିଲା।

## ତାଜମହଲ ବୁଲିଲେ ୩୨ ଦେଶର ସେନାମୁଖ୍ୟ

ଆଗ୍ରା, ୧୫ ।୧୦(ଏଜେନ୍ସି): ୩୨ଟି ଦେଶର ସେନାମୁଖ୍ୟ ବୁଧବାର ତାଜମହଲ ପରିଦର୍ଶନ କରିଛନ୍ତି। ସେନାମୁଖ୍ୟ ମାନେ ଏକ ବିମାନରେ ଆଗ୍ରାରେ ପହଞ୍ଚିବା ପରେ ତାଜମହଲ ଦେଖିବାକୁ ଯାଇଥିଲେ। ପାଖାପାଖି ଏକ ଘଣ୍ଟା ସେମାନେ ତାଜମହଲକୁ ମନଭରି ଦେଖିବାର ସୁଯୋଗ ପାଇଥିଲେ। ତାଜମହଲକୁ ସେମାନେ ପ୍ରଶଂସା କରିବା ସହ ସେଠାରେ ନିଜ ପରିବାର ସଦସ୍ୟଙ୍କ ସହ ଫଟୋ ଉଠାଇଥିଲେ। ସେନାମୁଖ୍ୟଙ୍କ ସହ ୨୫୦ ଜଣ ସଦସ୍ୟ ବିଶିଷ୍ଟ ଏକ ପ୍ରତିନିଧିମଣ୍ଡଳୀ ମଧ୍ୟ ଆସିଥିଲା। ନୂଆଦିଲ୍ଲୀରେ ଏକ ୩ ଦିନିଆ ଏସ୍‌ସିଓ ସମ୍ମିଳନୀ ଚାଲୁଛି। ଏଥିରେ ସମସ୍ତେ ସାମିଲ ହେବାକୁ ଭାରତ ଆସଛନ୍ତି। ଅକ୍ଟୋବର ୧୪ରୁ ୧୬ ତାରିଖ ପର୍ଯ୍ୟନ୍ତ ନୂଆଦିଲ୍ଲୀରେ ୟୁନାଇଟେଡ ନେସନ୍ସ ଟ୍ରୁପ୍ କଣ୍ଟ୍ରିବ୍ୟୁଟିଂ କଣ୍ଟ୍ରିଜ (ୟୁଏନଟିସିସି) ସମ୍ମିଳନୀ ଚାଲିଛି। ଏଥିରେ ୩୦ରୁ ଅଧିକ ଦେଶର ସେନାମୁଖ୍ୟ ଭାବେ ଯୋଗ ଦେଇଛନ୍ତି। ଏହି ସମ୍ମିଳନୀକୁ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଉଦ୍‌ଘାଟନ କରିଥିଲେ। ଏହି ସମ୍ମିଳନୀ ସ୍ୱଦେଶୀ ବୈଷୟିକ ଜ୍ଞାନକୌଶଳର ଉପଯୋଗ ନେଇ ଆୟୋଜିତ ହୋଇଛି।

# ରକ୍ତାକ୍ତ ସଂଘର୍ଷ ପରେ ଅସ୍ତ୍ରବିରତି

ପାକିସ୍ତାନ-ଆଫଗାନ ମଧ୍ୟରେ ଘମାଘୋଟ ସଂଘର୍ଷ

କାବୁଲରେ ବୋମାମାଡ଼; ପେଶାୱରରେ ଡ୍ରୋନ ଆକ୍ରମଣ

୫୦ରୁ ଅଧିକ ମୃତ୍ୟୁ ହୋଇଥିବା ଦାବି

ତାଲିବାନର ଚତୁର୍ଥ ବାଟାଲିୟନ, ଷଷ୍ଠ ବ୍ରିଗେଡ ଧ୍ୱଂସ: ପାକ୍

୪୮ ଘଣ୍ଟିଆ ଅସ୍ତ୍ରବିରତି ପାଇଁ ଦୁଇଦେଶ ରାଜି



କାବୁଲ/ଇସଲାମାବାଦ, ୧୫।୧୦ (ଏଜେନ୍ସି): ପୁରୁଣା ବନ୍ଧୁତା ଏବେ ଶତ୍ରୁତାରେ ପରିଣତ ହୋଇଯାଇଛି। ଆଫଗାନିସ୍ତାନର ତାଲିବାନ ସରକାର ଏବଂ ପାକିସ୍ତାନ ମଧ୍ୟରେ ଚରମ ଉତ୍ତେଜନା ସୃଷ୍ଟି ହୋଇଛି। ଦୁଇ ଦେଶ ଘମାଘୋଟ ସଂଘର୍ଷରେ ଲିପ୍ତ ରହିଛନ୍ତି। ସପ୍ତାହ ଭିତରେ ଏହି ଉଭୟ ପଡୋଶୀ ରାଷ୍ଟ୍ର ତିନି ଥର ମୁହାଁମୁହିଁ ହେଲେଣି। ବୁଧବାର ସନ୍ଧ୍ୟାରେ ଆଫଗାନିସ୍ତାନର ରାଜଧାନୀ କାବୁଲରେ ପାକିସ୍ତାନ ଆକାଶ ମାର୍ଗରୁ ଆକ୍ରମଣ କରିଛି। କାବୁଲ ଏବଂ ସ୍ପିନ ବୋଲ୍ଡକ ଅଞ୍ଚଳରେ ବୋମାମାଡ଼ କରାଯାଇଛି। ଏଥିରେ ତାଲିବାନ ସଦସ୍ୟଙ୍କ ସମେତ ୫୦ରୁ ଉର୍ଦ୍ଧ୍ୱ ଲୋକ ପ୍ରାଣ ହରାଇଥିବା ସୂଚନା ମିଳିଛି। ଅନେକ କୋଠା ଜଳୁଥିବା ଦେଖାଯାଉଛି। ପାକିସ୍ତାନ ଗଣମାଧ୍ୟମ ଅନୁଯାୟୀ, ତାଲିବାନ ଆକ୍ରମଣକୁ ଜବାବ ଦିଆଯାଇଛି। ଏହି ଆକ୍ରମଣରେ କାନ୍ଦାହାର ପ୍ରଦେଶରେ ଥିବା ତାଲିବାନର ମୁଖ୍ୟ ଠିକଣାକୁ ଧ୍ୱଂସ କରିଦିଆଯାଇଛି। ଏଥିରେ ଚତୁର୍ଥ ବାଟାଲିୟନ ଏବଂ ଷଷ୍ଠ ବ୍ରିଗେଡ଼ ମାଟିରେ ମିଶିଯାଇଛି। ଅନେକ ତାଲିବାନ ସଦସ୍ୟ ଏବଂ ବିଦେଶୀ ନାଗରିକ ମଧ୍ୟ ପ୍ରାଣ ହରାଇଛନ୍ତି। ତେବେ ଆଫଗାନିସ୍ତାନ ଏହି ଦାବିକୁ ଖାରଜ କରିଦେଇଛି। ତାଲିବାନ ମଧ୍ୟ ଚୁପ୍ ହୋଇ ବସି ନାହିଁ। ଏହାର ଜବାବରେ ପେଶାୱରରେ ଡ୍ରୋନ ଆକ୍ରମଣ କରିଛି। ଏଥିରେ ଏକ ପ୍ଲାଜାର ପ୍ରକୋଷ୍ଠକୁ ନିଶାଣ କରାଯାଇଛି। ଗୁଇନ୍ଦା କାର୍ଯ୍ୟକଳାପ ପାଇଁ ଏହାକୁ ଗୁପ୍ତ ଅଫିସ ଭାବେ ବ୍ୟବହାର କରାଯାଉଥିବା ଦାବି କରାଯାଇଛି। ଏହା ସହିତ ପାକିସ୍ତାନ ସୀମାକୁ ତାଲିବାନ ଟ୍ୟାଙ୍କ ପଠାଇଛି।

ଏହି ଆକ୍ରମଣ ପରେ ଦୁଇ ଦେଶ ଶାନ୍ତି ପ୍ରୟାସ କରିଛନ୍ତି। ୪୮ ଘଣ୍ଟିଆ ଅସ୍ତ୍ରବିରତି ପାଇଁ ରାଜି ହୋଇଛନ୍ତି। ଏହା ସନ୍ଧ୍ୟା ୬ଟା୩୦ରୁ ଆରମ୍ଭ ହୋଇଛି। ଆଲୋଚନା ମାଧ୍ୟମରେ ଉଭୟ ଦେଶ ବିବାଦର ସମାଧାନ ପାଇଁ ପ୍ରୟାସ କରିବେ ବୋଲି ପାକିସ୍ତାନ ବୈଦେଶିକ ମନ୍ତ୍ରାଳୟ ପକ୍ଷରୁ କୁହାଯାଇଛି। ଏହା ପୂର୍ବରୁ ମଙ୍ଗଳବାର ରାତିରେ ପାକିସ୍ତାନ ସୁରକ୍ଷାବାହିନୀ ଏବଂ ଆଫଗାନ ତାଲିବାନ ମଧ୍ୟରେ ସଂଘର୍ଷ ହୋଇଥିଲା। ଆଫଗାନିସ୍ତାନ ପ୍ରବକ୍ତା ଜବିହୁଲ୍ଲାହ ମୁଜାହିଦ କହିଛନ୍ତି ଯେ ବୁଧବାର ସକାଳେ ପାକିସ୍ତାନ ସେନା କାନ୍ଦାହାରର ସ୍ପିନ ବୋଲ୍ଡକ ଅଞ୍ଚଳରେ ଆକ୍ରମଣ କରିଥିଲା। ଏଥିରେ ୧୨ ଜଣ ସାଧାରଣ ନାଗରିକ ପ୍ରାଣ ହରାଇଥିବାବେଳେ ୧୦୦ରୁ ଅଧିକ ଆହତ ହୋଇଥିଲେ। ଜବାବରେ ପାକିସ୍ତାନର ୭ ସୈନିକ ମଧ୍ୟ ନିହତ ହୋଇଥିଲେ। ଏହା ପରେ ପାକିସ୍ତାନ ସୀମାକୁ ଟ୍ୟାଙ୍କ ପଠା ଯାଇଥିଲା। ପାକିସ୍ତାନ ସେନାର ଗଣମାଧ୍ୟମ ଶାଖା (ଆଇଏସପିଆର) ପକ୍ଷରୁ କୁହାଯାଇଥିଲା ଯେ ବଲୁଚିସ୍ତାନ ସୀମାରେ ଆଫଗାନ ତାଲିବାନର ଆକ୍ରମଣକୁ ସୁରକ୍ଷାବାହିନୀ ବିଫଳ କରିଦେଇଛି। ଏଥିରେ ତାଲିବାନର ୧୫ରୁ ୨୦ ସଦସ୍ୟ ପ୍ରାଣ ହରାଇଛନ୍ତି।

ଆଫଗାନିସ୍ତାନ ଏବଂ ପାକିସ୍ତାନ ଉଭୟେ ପରସ୍ପରର ସେନା ପୋଷ୍ଟକୁ କବ୍‌ଜା କରିଥିବା ଦାବି କରିଛନ୍ତି। ଏହା ସହିତ ଟ୍ୟାଙ୍କକୁ ଧ୍ୱଂସ କରିଦିଆଯାଇଛି। ସୀମାରେ ତାଲିବାନ ପ୍ରଥମେ ଗୁଳିମାଡ଼ କରିଥିବା ପାକିସ୍ତାନ ଅଭିଯୋଗ କରିଛି। ସେହିପରି ଆଫଗାନ ପକ୍ଷରୁ କୁହାଯାଇଛି ଯେ ଦେଶ ପ୍ରତି ବିପଦ ସୃଷ୍ଟି ହେଉଥିବା ସ୍ଥାନକୁ ନିଶାଣ କରି ସେନା ଆକ୍ରମଣ କରିଥିଲା।

## ଟପ୍-୧୦ରୁ ବାଦ୍ ପଡ଼ିଲା ଆମେରିକା ପାସପୋର୍ଟ

୭୭ତମ ସ୍ଥାନକୁ ଉଠିଲା ଭାରତ


ୱାଶିଂଟନ, ୧୫ ।୧୦(ଏଜେନ୍ସି): ହେନଲୀ ପାସପୋର୍ଟ ଇଣ୍ଡେକ୍ସ-୨୦୨୫ ପ୍ରକାଶିତ ହୋଇଛି। ବିଶ୍ୱର ବିଭିନ୍ନ ଦେଶର ଶକ୍ତିଶାଳୀ ପାସପୋର୍ଟକୁ ନେଇ ଏହି ସଂସ୍ଥା ତାଲିକା ପ୍ରକାଶିତ କରିଥାଏ। ଆମେରିକା ପାସ୍‌ପୋର୍ଟ ପ୍ରଥମଥର ପାଇଁ ଶ୍ରେଷ୍ଠ-୧୦ରୁ ବାଦ୍ ପଡ଼ିଛି। ଗତ ୨୦ ବର୍ଷ ଅର୍ଥାତ ଦୁଇ ଦଶନ୍ଧି ମଧ୍ୟରେ ପ୍ରଥମଥର ପାଇଁ ଆମେରିକାର ପାସ୍‌ପୋର୍ଟ ଶ୍ରେଷ୍ଠ-୧୦ ତାଲିକାରୁ ବାଦ୍ ପଡ଼ିଛି। ଆମେରିକା ଏଥିରେ ମାଲେସିଆ ସହିତ ଯୁଗ୍ମଭାବେ ଦ୍ୱାଦଶ ସ୍ଥାନରେ ରହିଛି। ୨୨୭ଟି ଦେଶ ମଧ୍ୟରୁ ମାଲେସିଆ ପାସପୋର୍ଟ ସହିତ ଜଣେ ବ୍ୟକ୍ତି ବିନା ଭିସାରେ ୧୮୦ଟି ଦେଶକୁ ଭ୍ରମଣ କରିପାରିବେ। ଅନ୍ୟପଟେ ସିଙ୍ଗାପୁର ପାସ୍‌ପୋର୍ଟ ସବୁଠାରୁ ଶକ୍ତିଶାଳୀ ସାବ୍ୟସ୍ତ ହୋଇଛି ଓ ଏହା ତାଲିକାର ଶୀର୍ଷରେ ରହିଛି। ସିଙ୍ଗାପୁର ପାସ୍‌ପୋର୍ଟ ସହ ଜଣେ ବ୍ୟକ୍ତି ୧୯୩ଟି ଦେଶକୁ ବିନା ଭିସାରେ ଯାଇପାରିବେ। ତାଲିକାର ଦ୍ୱିତୀୟ ସ୍ଥାନରେ ଦକ୍ଷିଣ କୋରିଆ ଓ ତୃତୀୟ ସ୍ଥାନରେ ଜାପାନ ରହିଛି। ଏହି ଦୁଇଟି ଦେଶର ପାସପୋର୍ଟଧାରୀ ବିନା ଭିସାରେ ଯଥାକ୍ରମେ ୧୯୦ ଓ ୧୮୯ଟି ଦେଶକୁ ଯାତ୍ରା କରିପାରିବେ। ସେହିପରି ତାଲିକାରେ ଚତୁର୍ଥ ସ୍ଥାନରେ ଜର୍ମାନୀ, ଇଟାଲୀ, ଲକ୍ସମବର୍ଗ, ସ୍ପେନ୍, ସ୍ୱିଜରଲାଣ୍ଡ ମିଳିତ ଭାବେ ସ୍ଥାନୀତ ହୋଇଛନ୍ତି ଓ ଏହି ଦେଶର ପାସ୍‌ପୋର୍ଟଧାରୀ ୧୮୮ଟି ଦେଶକୁ ଯାତ୍ରା କରିପାରିବେ। ସେହିପରି ଅଷ୍ଟ୍ରିଆ, ବେଲଜିୟମ, ଡେନ୍‌ମାର୍କ, ଫିନ୍‌ଲାଣ୍ଡ, ଫ୍ରାନ୍ସ, ଆୟର୍ଲାଣ୍ଡ ଓ ନେଦରଲାଣ୍ଡସ ମିଳିତ ଭାବେ ୫ମ ସ୍ଥାନରେ ରହିଥିବାବେଳେ ଏହି ଦେଶଗୁଡିକର ପାସପୋର୍ଟଧାରୀ ୧୮୭ଟି ଦେଶକୁ ବିନା ଭିସାରେ ଯାଇପାରିବ। ଏହି କ୍ରମରେ ଦେଖିବାକୁ ଗଲେ ଭାରତ ୭୭ତମ ସ୍ଥାନରେ ରହିଛି। ୨୦୨୫ରେ ପ୍ରଥମ କ୍ୱାର୍ଟର ତୁଳନାରେ ଭାରତ ତାଲିକାରେ ୮ଟି ସ୍ଥାନ ଉପରକୁ ଉଠିଛି। ଭାରତୀୟ ପାସପୋର୍ଟ ସହ ଜଣେ ବ୍ୟକ୍ତି ବିଶ୍ୱର ୫୯ଟି ଦେଶକୁ ବିନା ଭିସାରେ ବା 'ଭିସା ଅନ୍ ଆରାଇଭାଲ'ରେ ଯାତ୍ରା କରିପାରିବେ। ଅନ୍ୟପଟେ ବ୍ରିଟେନ ପାସ୍‌ପୋର୍ଟ ଦୁଇଟି ସ୍ଥାନ ତଳକୁ ଖସି ୮ମ ସ୍ଥାନରେ ରହିଛି। ୨୦୧୫ରେ ବ୍ରିଟେନ ପାସ୍‌ପୋର୍ଟ ଶୀର୍ଷ ସ୍ଥାନରେ ରହିଥିଲା। ସେହିପରି କ୍ରମାଗତ ୫ ବର୍ଷ ପାଇଁ ପାକିସ୍ତାନ ପାସପୋର୍ଟ ୧୦୩ତମ ସ୍ଥାନରେ ରହିଛି।

### ହରିୟାଣା ଏଏସ୍‌ଆଇଙ୍କ ଆତ୍ମହତ୍ୟା ଘଟଣା

## ପୁରନଙ୍କ ସ୍ତ୍ରୀଙ୍କ ବିରୋଧରେ ମାମଲା

ଚଣ୍ଡିଗଡ଼, ୧୫।୧୦ (ଏଜେନ୍ସି): ଶେଷରେ ହରିୟାଣା ସରକାର ଏବଂ ଆତ୍ମହତ୍ୟା କରିଥିବା ବରିଷ୍ଠ ଆଇପିଏସ ଅଧିକାରୀ ପୁରନ କୁମାରଙ୍କ ପରିବାର ମଧ୍ୟରେ ଚାଲିଥିବା ଟଣାଓଟରାର ଅନ୍ତ ହୋଇଛି। ଆଇଏଏସ ପତ୍ନୀ ଅମନୀତ ପି. କୁମାର ରାଜି ହେବା ପରେ ବୁଧବାର ପୁରନଙ୍କ ମୃତଦେହର ବ୍ୟବଚ୍ଛେଦ ହୋଇଛି। ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଚଣ୍ଡିଗଡ଼ ପିଜିଆଇରେ ସମ୍ପୂର୍ଣ୍ଣ ପ୍ରକ୍ରିୟାର ଭିଡିଓଗ୍ରାଫି କରାଯାଇଛି। ଏଥିପାଇଁ ପ୍ରାୟ ୪ ଘଣ୍ଟା ସମୟ ଲାଗିଥିଲା। ପରେ ଉପରବେଳା ସେକ୍ଟର-୨୫ ସ୍ଥିତ ଶ୍ମଶାନ ଘାଟରେ ଅନ୍ତିମ ସଂସ୍କାର କରାଯାଇଛି। ଏଠାରେ ତାଙ୍କୁ ପୁଲିସ ବାହିନୀ ସଲାମୀ ଦେଇଛି। ଅନେକ ପୁଲିସ, ପ୍ରାଶାସନିକ ଏବଂ ସରକାରୀ ପ୍ରତିନିଧି ଶ୍ମଶାନରେ ପହଞ୍ଚି ପୁରନଙ୍କୁ ଶ୍ରଦ୍ଧାଞ୍ଜଳି ଦେଇଛନ୍ତି। ଏହା ପରେ ଆଇପିଏସଙ୍କ ଦୁଇ ଝିଅ ତାଙ୍କୁ ମୁଖାଗ୍ନି ଦେଇଥିଲେ। ଘଟଣାସ୍ଥଳରେ ଆଇପିଏସଙ୍କ ପତ୍ନୀ, କ୍ୟାବିନେଟ ମନ୍ତ୍ରୀ କୃଷ୍ଣଲାଲ ପନୱାର, ଶ୍ୟାମ ସିଂହ ରାଣା, ନୂଆ ଡିଜିପି ଓପି ସିଂହ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟପକ୍ଷରେ ଏଏସଆଇ ସନ୍ଦୀପ କୁମାରଙ୍କ ଆତ୍ମହତ୍ୟା ମାମଲା ନୂଆ ମୋଡ ନେଇଛି। ପୁରନଙ୍କ ଗନମ୍ୟାନଙ୍କୁ ଗିରଫ କରିଥିବା ଟିମ୍‌ରେ ସେ ସାମିଲ ଥିଲେ। ଏହି ମାମଲାରେ ତାଙ୍କୁ ଜେରା ପାଇଁ ନୋଟିସ ପଠା ଯାଇଥିଲା ବୋଲି ଜଣାପଡ଼ିଛି। ଏବେ ଏହି ଆତ୍ମହତ୍ୟାକୁ ନେଇ ପୁରନ୍‌ଙ୍କ ସ୍ତ୍ରୀଙ୍କ ବିରୋଧରେ ମାମଲା ରୁଜୁ ହୋଇଛି।

## ଆମେରିକାର ଭାରତୀୟ ବଂଶୋଦ୍ଭବ ଅଧିକାରୀ ଗିରଫ



ୱାଶିଂଟନ, ୧୫ ।୧୦(ଏଜେନ୍ସି): ଆମେରିକାର ଜଣେ ଭାରତୀୟ ବଂଶୋଦ୍ଭବ ଅଧିକାରୀ ଆସ୍‌ଲେ ଟେଲିସ ଗିରଫ ହୋଇଛନ୍ତି। ଆମେରିକାର ବୈଦେଶିକ ବିଭାଗରେ ଜଣେ ବରିଷ୍ଠ ଉପଦେଷ୍ଟା ଭାବେ ସେ କାର୍ଯ୍ୟ କରୁଥିଲେ। ତାଙ୍କୁ ଗତ ୧୨ ତାରିଖରେ ଗିରଫ କରାଯାଇଛି। ତାଙ୍କ ବିରୋଧରେ ଆମେରିକାର ନିରାପତ୍ତା ସହିତ ଜଡ଼ିତ କେତେକ ଗୋପନୀୟ କାଗଜପତ୍ର ନିଜ ପାଖରେ ରଖିବା ଓ ଚୀନ୍‌ର ଅଧିକାରୀଙ୍କ ଗୁପ୍ତରେ ଭେଟିଥିବାର ଅଭିଯୋଗ ହୋଇଛି। ୬୪ ବର୍ଷୀୟ ଟେଲିସ ଭିର୍ଜିନିଆସ୍ଥିତ ତାଙ୍କ ବାସଭବନରେ ଆମେରିକୀୟ ଗୁଇନ୍ଦା ସଂସ୍ଥା ଏଫ୍‌ବିଆଇରେ ୧, ୦୦୦ରୁ ଅଧିକ ପୃଷ୍ଠାର ଗୋପନୀୟ କାଗଜପତ୍ର ଜବତ କରାଯାଇଛି। ଯଦି ତାଙ୍କ ବିରୋଧରେ ଏହି ଅଭିଯୋଗ ପ୍ରମାଣିତ ହୁଏ, ତେବେ ତାଙ୍କୁ ୧୦ ବର୍ଷ ଜେଲ ଦଣ୍ଡ ସହ ୨.୫ ଲକ୍ଷ ଡଲାର ଅର୍ଥାତ ୨ କୋଟି ଟଙ୍କାର ଜରିମାନ ଧାର୍ଯ୍ୟ କରାଯାଇପାରେ। ଭର୍ଜିନିଆ କୋର୍ଟରେ ଟେଲିସଙ୍କ ଶୁଣାଣି ହେବ। ମାମଲା ରାଷ୍ଟ୍ରୀୟ ସୁରକ୍ଷା ସହିତ ଜଡିତ ଥିବାରୁ ଏଥିରେ ତାଙ୍କୁ ଜାମିନ ମିଳିବାର ଆଶା କ୍ଷୀଣ ରହିଛି। ରାଷ୍ଟ୍ରପତି ଟ୍ରମ୍ପଙ୍କ ପ୍ରଥମ କାର୍ଯ୍ୟକାଳରେ ଟେଲିସଙ୍କୁ ଭାରତରେ ଆମେରିକାର ରାଷ୍ଟ୍ରଦୂତ ଭାବେ ଚୟନ କରାଯାଇଥିଲା। କିନ୍ତୁ ତାଙ୍କୁ ଏହି ଦାୟିତ୍ୱ ପ୍ରଦାନ କରାଯାଇ ନ ଥିଲା। ଟେଲିସ୍ ଗତ ସେପ୍ଟେମ୍ବର-ଅକ୍ଟୋବରରେ ବୈଦେଶିକ ବିଭାଗ ଓ ପ୍ରତିରକ୍ଷା ମନ୍ତ୍ରଣାଳୟର ଗୋପନୀୟ କାଗଜପତ୍ର ବାହାର କରିଥିବା ଅଭିଯୋଗ ଏଫ୍‌ବିଆଇ ଆଣିଛି। ଏଥିରେ ବାୟୁସେନାର ଯୋଜନା, ନୂଆ ଟେକନିକ୍ ଓ ମିଲିଟାରୀ ବିମାନ ସଂକ୍ରାନ୍ତରେ ବିଭନ୍ନ ସୂଚନା ଓ ତଥ୍ୟ ଥିଲା। ଅକ୍ଟୋବର ୧୨ରେ ଟେଲିସ୍‌ଙ୍କ ବାସଭବନରେ ଏଫ୍‌ବିଆଇ ଚଢ଼ାଉ କରିବା ସହ ତଲାସି ନେଇଥିଲା। ଟେଲିସ ୨୦୦୧ରୁ ଆମେରିକା ବୈଦେଶିକ ବିଭାଗରେ ଉପଦେଷ୍ଟା ଭାବେ ଦାୟିତ୍ୱ ନିର୍ବାହ କରିଆସୁଥିଲେ।

## ପ୍ରାର୍ଥୀ ତାଲିକା ଜାରିକଲେ ଜେଡିୟୁ, ବିଜେପି

ବିହାର ନିର୍ବାଚନ

ପାଟନା, ୧୫।୧୦ (ଏଜେନ୍ସି): ବିହାର ବିଧାନସଭା ପାଇଁ ରାଜନୀତି ସରଗରମ ହୋଇ ଉଠିଛି। ବିରୋଧୀ ଇଣ୍ଡିଆ ମେଣ୍ଟରେ ଆସନ ଚୂଡ଼ାନ୍ତ ହୋଇପାରି ନ ଥିବାବେଳେ କ୍ଷମତାସୀନ ଏନ୍‌ଡିଏ ମେଣ୍ଟରେ ବୁଝାମଣାକୁ ନେଇ କେଁ ସୃଷ୍ଟି ହୋଇଛି। ଏହା ସତ୍ତ୍ୱେ ବୁଧବାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ଜେଡିୟୁ ନିଜର ପ୍ରଥମ ଏବଂ ବିଜେପି ଦ୍ୱିତୀୟ ପ୍ରାର୍ଥୀ ତାଲିକା ଜାରି କରିଛି। ଉପ-ମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀଙ୍କ ପାଇଁ ନୀତୀଶ ନିଜ ତାରାପୁର ଆସନ ଛାଡ଼ି ଦେଇଛନ୍ତି। ୫୭ ଜଣିଆ ପ୍ରଥମ ତାଲିକାରେ ୪ ମହିଳା, ୧୦ ଅନୁସୂଚିତ ଜାତି, ୩ ବାହୁବଳୀ, ୬ ମନ୍ତ୍ରୀ ଏବଂ ୧୮ ବିଧାୟକଙ୍କୁ ପୁନର୍ବାର ଟିକେଟ ଦେଇଛନ୍ତି। ତେବେ ଚିରାଗ ପାଶ୍ୱାନ ଚାହୁଁଥିବା ୫ ସିଟ୍ ସୋନବରସା, ଅଲୌଲି, ରାଜଗୀର, ଏକମା, ମୋରବାରେ ପ୍ରାର୍ଥୀ ଦେଇ ବିବାଦ ସେ ସୃଷ୍ଟି କରିଛନ୍ତି। ସେହିପରି ୧୨ ଜଣିଆ ଦ୍ୱିତୀୟ ତାଲିକାରେ ଦିନକ ତଳେ ସାମିଲ ହୋଇଥିବା ଗାୟିକା ମୈଥିଲି ଠାକୁରଙ୍କୁ ବିଜେପି ଅଲିନଗରରୁ ପ୍ରାର୍ଥୀ କରିଛି।

ଅନ୍ୟପଟେ ଏଲଜେପିକୁ ମହୁଆ ଆସନ ଦେବାକୁ ନେଇ କ୍ଷୁବ୍ଧ ଥିବା ଆରଏଲଏମ ମୁଖ୍ୟ ଉପେନ୍ଦ୍ର କୁଶ୍ୱାହ ଦିଲ୍ଲୀରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କୁ ଭେଟିବା ପରେ ଶାନ୍ତ ହୋଇଛନ୍ତି। ପୂର୍ବରୁ କୁଶ୍ୱାହ ମେଣ୍ଟରେ କିଛି ଭଲ ନ ଥିବା କହିଥିଲେ। ମାତ୍ର ୪୫ ମିନିଟର ବୈଠକ ପରେ ତାଙ୍କ ସ୍ୱର ବଦଳି ଯାଇଥିଲା। କୁଶ୍ୱାହଙ୍କୁ ରାଜ୍ୟସଭା ପଠାଇବାକୁ ଏବଂ ଗୋଟିଏ ଏମଏଲସି ଆସନ ଦେବାକୁ ପ୍ରତିଶ୍ରୁତି ଦିଆଯାଇଥିବା ସୂଚନା ମିଳିଛି। ଏହା ମଧ୍ୟରେ ଶୁକ୍ରବାର ସନ୍ଧ୍ୟାରେ ପ୍ରଦେଶ କଂଗ୍ରେସ ଅଧ୍ୟକ୍ଷ ରାଜେଶ ରାମ, ପ୍ରଭାରୀ କୃଷ୍ଣ ଅଲ୍ଲାବରୁ ଏବଂ ନେତା ସକିଲ ଅହମ୍ମଦଙ୍କ ଉପସ୍ଥିତିରେ କଂଗ୍ରେସ କର୍ମୀ ପପୁ ଯାଦବଙ୍କ ସମର୍ଥକଙ୍କୁ ମାଡ଼ ମାରିଛନ୍ତି। ଟିକଟ ବଣ୍ଟନକୁ କେନ୍ଦ୍ର କରି ଏହି ହଙ୍ଗାମା ହୋଇଛି। ଏଠାରେ ବିକ୍ରମ ବିଧାନସଭାର ଦଳୀୟ କର୍ମୀ ସିଟ୍ ବିକା ଯାଉଥିବା ଅଭିଯୋଗ କରିବାରୁ ଏପରି ହୋଇଥିଲା।

### ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟର ତିନି ପ୍ରାଧ୍ୟାପକଙ୍କ ଗବେଷଣା

## କୁଣ୍ଡଳୀ ମେଳକ ନ ହେବାରୁ ୩୭% ବିବାହ ବିଚ୍ଛେଦ

ବନାରସ, ୧୫।୧୦ (ଏଜେନ୍ସି): ଆଧୁନିକ ଯୁଗରେ ଅଧିକାଂଶ ଲୋକ କୁଣ୍ଡଳୀ ମେଳକ ନ କରି ବିବାହ କରୁଛନ୍ତି। କିଏ ପ୍ରେମ ବିବାହ କରୁଛି ତ ଆଉ କିଏ ପରିବାରର ଇଚ୍ଛାରେ ଜୀବନ ସଙ୍ଗିନୀ ବାଛୁଛନ୍ତି। ମାତ୍ର ପରବର୍ତ୍ତୀ ସମୟରେ ବିବାଦ ହେଉ ଅବା ଅନ୍ୟ କୌଣସି କାରଣ ସେହି ପ୍ରେମ ନ ରହି ବିବାହ ବିଚ୍ଛେଦ ଘଟୁଛି। ପ୍ରେମ ବ୍ୟାପାର, ଲିଭ୍-ଇନ ଏବଂ ଘରୋଇ ହିଂସା ଆଦି ଯୋଗୁଁ ହେଉଥିବା ବିବାହ ବିଚ୍ଛେଦ ଉପରେ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ (ବିଏଚ୍‌ୟୁ)ର ତିନି ପ୍ରାଧ୍ୟାପକ ଏକ ଗବେଷଣା କରିଛନ୍ତି। ଏଥିରୁ ଚାଞ୍ଚଲ୍ୟକର ତଥ୍ୟ ସାମ୍ନାକୁ ଆସିଛି। ବିବାହ ପୂର୍ବରୁ ବର-କନ୍ୟାଙ୍କ କୁଣ୍ଡଳୀ ମେଳକ କରାଯାଇ ନ ଥିବାରୁ ୩୭ ପ୍ରତିଶତ ଛାଡ଼ପତ୍ର ହୋଇଥିଲା ବୋଲି ଜଣାପଡ଼ିଛି। ଗ୍ରହଦୋଷ ଥିବା ସତ୍ତ୍ୱେ ବିବାହ କରାଯାଉଛି। ଏଭଳି ବରକନ୍ୟା ବିବାହ ପରେ ପ୍ରେମରେ ପଡ଼ି ପରସ୍ପରର ହତ୍ୟା କିମ୍ବା ସମ୍ପର୍କରେ ଫାଟ ଆସିବା ପରେ ନୂଆ ଜୀବନସାଥି ଖୋଜୁଛନ୍ତି।

ବିଏଚ୍‌ୟୁର ୩ ପ୍ରାଧ୍ୟାପକ ଏବଂ ୨ ଜଣ ଗବେଷକ ୬ ମାସରେ ଏହି ଗବେଷଣା ଶେଷ କରିଥିଲେ। ବିଶ୍ୱବିଦ୍ୟାଳୟରେ ସୋମବାର ଆୟୋଜିତ ସେମିନାରରେ ଏହାର ସୂଚନା ଦିଆଯାଇଥିଲା। ଏଥିରେ ଇନ୍ଦୋରର 'ମାଆ ଶାରଦା ଜ୍ୟୋତିଷଧାମ ଅନୁସନ୍ଧାନ ପ୍ରତିଷ୍ଠାନ' ନେତୃତ୍ୱ ନେଇଥିଲା। ଭାରତର ୧୫ ରାଜ୍ୟ ସମେତ ନେପାଳ, ସିଙ୍ଗାପୁର, ଦୁବାଇର ଗବେଷକ ମଧ୍ୟ ଏହି ଗବେଷଣାରେ ସାମିଲ ଥିଲେ। ଗବେଷଣାର ସୂଚନା ଦେଇ ପ୍ରାଧ୍ୟାପକ ବିନୟ ପାଣ୍ଡେୟ କହିଥିଲେ ଯେ ଯୁବକ ଏବଂ ଯୁବତୀଙ୍କ କୁଣ୍ଡଳୀରେ ୩୬ରୁ ୩୨ ଗୁଣ ମିଶିବା ପରେ ବି ଗ୍ରହ ମେଳକ ଜରୁରୀ ହୋଇଥାଏ। କିନ୍ତୁ ଲୋକେ ଏବେ ନିଜକୁ ଆଧୁନିକ ଦେଖାଇବା ପାଇଁ ସନାତନ ଧର୍ମର ପରମ୍ପରା ପାଳନ କରୁନାହାନ୍ତି। ଅଧିକାଂଶ ବିବାହ ଫଟୋସୁଟ୍‌ରେ ବ୍ୟସ୍ତ ଥାଆନ୍ତି। ମନ୍ତୋଚାରଣର ଆବଶ୍ୟକତା ବୁଝୁ ନାହାନ୍ତି। ଫଳରେ ବିବାହ ଭାଙ୍ଗି ଯାଉଛି ଏବଂ ବରକନ୍ୟା ପରସ୍ପରକୁ ହତ୍ୟା କରୁଛନ୍ତି। ଯାହାର କୁଣ୍ଡଳୀ ଏବଂ ଗ୍ରହ ମେଳକ କରାଯାଇଥାଏ, ତାଙ୍କ ବିବାହ ଶତ ପ୍ରତିଶତ ଠିକ୍ ଚାଲିଥାଏ। ଏହା ବୈଜ୍ଞାନିକ ତଥ୍ୟ। ଜ୍ୟୋତିଷଶାସ୍ତ୍ର ଏକ ପ୍ରକାରର ଗଣିତ ହିଁ।


ପ୍ରାଧ୍ୟାପକଙ୍କ ଅନୁଯାୟୀ, ଏହି ଗବେଷଣାରେ ବିଏଚ୍‌ୟୁ ଓପିଡିକୁ ଆସୁଥିବା ସାରା ଦେଶର ତଥ୍ୟ ଏବଂ ୩ ବର୍ଷ ଭିତରେ ଉତ୍ତର ପ୍ରଦେଶର ୧୨ ଜିଲ୍ଲାରେ ବିବାହ ବିଚ୍ଛେଦ ହୋଇଥିବା ଦମ୍ପତିଙ୍କ ତଥ୍ୟ ସଂଗ୍ରହ କରାଯାଇଥିଲା। ଦେଶର ଏଭଳି ୨୫୦ ମାମଲାରେ ଦମ୍ପତିଙ୍କ ପରିବାର ବର୍ଗଙ୍କୁ ତିନୋଟି ପ୍ରଶ୍ନ ପଚରା ଯାଇଥିଲା। ଏହି ତଥ୍ୟରୁ ଜଣାପଡ଼ିଥିଲା ଯେ ଯେଉଁ ବର-ବଧୁଙ୍କ କୁଣ୍ଡଳୀ ଠିକ୍ ସେ ମେଳକ କରାଯାଇ ନ ଥିଲା ସେମାନଙ୍କ ବିବାହ ବର୍ଷେରୁ ଦୁଇ ବର୍ଷ ଭିତରେ ଭାଙ୍ଗି ଯାଇଥିଲା। ଅନ୍ୟ ୬୩ ପ୍ରତିଶତ ମାମଲାରେ ସନାତନ ରୀତିନୀତି ଅନୁଯାୟୀ ବିବାହ କରାଯାଇ ନ ଥିଲା। ହୋଟେଲ ବୁକିଂକୁ ଦେଖି ବିବାହ ସମୟ ଧାର୍ଯ୍ୟ କରାଯାଇଥିଲା। ବିବାହ ସମୟରେ ମନ୍ତୋଚାରଣ ମଧ୍ୟ ଠିକ୍‌ରେ କରାଯାଇ ନ ଥିଲା। ଦେଶରେ ଛାଡ଼ପତ୍ର ମାମଲା ବଢୁଥିବା ଦେଖି ଏହାର କାରଣ ଜାଣିବା ପାଇଁ ଏପରି ଗବେଷଣା କରାଯାଇଥିଲା।

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-110 ◆THURSDAY ◆16 OCTOBER 2025 ◆PAGE-16 ◆₹ 6.00

◆ବର୍ଷ-୪୩ ◆ସଂଖ୍ୟା-୧୧୦ ◆ଗୁରୁବାର ◆୧୬ ଅକ୍ଟୋବର ୨୦୨୫ ◆ପୃଷ୍ଠା-୧୬ ◆ଟ.୬.୦୦


## ମହାଭାରତର 'କର୍ଣ୍ଣ' ପଙ୍କଜ ଧୀର୍‌ଙ୍କ ପରଲୋକ



■ **ନୂଆଦିଲ୍ଲୀ, ୧୫ ।୧୦ (ଏଜେନ୍ସି):** ବର୍ଷୀଆନ ଅଭିନେତା ପଙ୍କଜ ଧୀର ୬୮ ବର୍ଷ ବୟସରେ ପରଲୋକଗମନ କରିଛନ୍ତି। ୧୯୮୮ରେ ଦୂରଦର୍ଶନରେ ପ୍ରସାରିତ ବିଆର୍ ଚୋପ୍ରାଙ୍କ ଲୋକପ୍ରିୟ ମେଗା ସିରିଏଲ 'ମହାଭାରତ'ରେ ସେ କର୍ଣ୍ଣ ଭୂମିକାରେ ଅବତୀର୍ଣ୍ଣ ହୋଇ ଲୋକପ୍ରିୟତା ହାସଲ କରିଥିଲେ ଓ ଘରେଘରେ ପରିଚିତ ହୋଇଥିଲେ। ସେ କର୍କଟ ରୋଗରେ ପୀଡିତ ଥିଲେ ଓ ଦୀର୍ଘଦିନ ଧରି ଚିକିତ୍ସିତ ହୋଇଆସୁଥିଲେ। ତାଙ୍କର ଏକ ବଡ଼ ଅସ୍ତ୍ରୋପଚାର ମଧ୍ୟ କରାଯାଇଥିଲା। ତାଙ୍କ ଦେହାନ୍ତରେ ଭାରତୀୟ ଟେଲିଭିଜନ ଜଗତରେ ଶୋକର ଛାୟା ଖେଳିଯାଇଛି। ମୃତ୍ୟୁବେଳେ ତାଙ୍କ ନିକଟରେ ପୁଅ ନିତିନ ଓ ପତ୍ନୀ ଅନୀତା ଉପସ୍ଥିତ ଥିଲେ। ସେ ସୋଲଜର, ଆନ୍ଦାଜ, ବାଦଶାହା ଓ ତୁମ୍ କୋ ନା ଭୁଲ ପାଏଙ୍ଗେ ଭଳି ହିନ୍ଦୀ ଚଳଚ୍ଚିତ୍ରରେ ଅଭିନୟ କରି ସଫଳତା ହାସଲ କରିଥିଲେ। ଚନ୍ଦ୍ରକାନ୍ତା, ବଢ଼େ ବହୁ, ଜି ହରର ଶୋ, କାନୁନ୍ 'ସସୁରାଲ ସିମୋର କା' ଭଳି ସିରିୟଲରେ ମଧ୍ୟ ଅଭିନୟ କରିଥିଲେ।

**ପୁଲିସ୍ ଚାକିରି ବେପାର**

# ଟ୍ରେନ୍‌ରେ ଯାଇଥିଲେ ଆଉ ୧୮୬

## ଦଲାଲ୍‌ଙ୍କଠାରୁ ସୂଚନା ମିଳିବା ପରେ ଘାଣ୍ଟୁଛି କ୍ରାଇମ୍‌ବ୍ରାଞ୍ଚ

■ **ଭୁବନେଶ୍ୱର, ୧୫ ।୧୦ (ସମିସ):** ପୁଲିସ୍ ଏସ୍‌ଆଇ ଚାକିରି ବିକ୍ରି ରାକେଟ୍ ଧରାପଡ଼ିବା ପରେ ନୂଆନୂଆ ତଥ୍ୟ ସାମ୍ନାକୁ ଆସୁଛି। ପୂର୍ବରୁ ୧୧୪ଜଣ ପରୀକ୍ଷାର୍ଥୀ ଓ ୩ଜଣ ଦଲାଲ୍‌ଙ୍କ ସମେତ ମୋଟ୍ ୧୧୭ଜଣ ଧରାପଡ଼ିଥିବା ବେଳେ ଆଉ ୧୮୬ ପରୀକ୍ଷାର୍ଥୀ ଟ୍ରେନ୍ ଯୋଗେ ଆନ୍ଧ୍ରପ୍ରଦେଶ ଯାଇଥିବା ତଥ୍ୟ କ୍ରାଇମ୍‌ବ୍ରାଞ୍ଚ ହାତରେ ଲାଗିଛି। ଟ୍ରେନ୍‌ରେ ଯାଇଥିବା ପରୀକ୍ଷାର୍ଥୀଙ୍କ ତାଲିକା କରିବା ସହ ସେମାନଙ୍କୁ ଧରିବା ପାଇଁ କସରତ ଆରମ୍ଭ ହୋଇଛି। ସେହିପରି ଅନେକ ପୁଲିସ୍ କନେଷ୍ଟବଲ ମଧ୍ୟ ଏସ୍‌ଆଇ ଚାକିରି ଆଶାରେ ଟଙ୍କା ଦେଇଥିବାର ପ୍ରମାଣ କ୍ରାଇମ୍‌ବ୍ରାଞ୍ଚ ପାଖରେ ପହଞ୍ଚିଛି। ଘଟଣାକୁ ୧୬ଦିନ ବିତିଥିଲେ ମଧ୍ୟ ମାଷ୍ଟମାଇଣ୍ଡ କୁହାଯାଉଥିବା ଶଙ୍କର ପୃଷ୍ଟି ଓ ମୁନା ମହାନ୍ତିକୁ ଗିରଫ କରିବାରେ କ୍ରାଇମ୍‌ବ୍ରାଞ୍ଚ ବିଫଳ ହୋଇଥିବା ବେଳେ ଏକାବେଳେ ୩ଶହ ପଦ ବିକ୍ରି ପାଇଁ ବଡ଼ ଡିଲ୍ ସରିଥିବା ତଥ୍ୟ ମେଧାବୀଙ୍କ ମଧ୍ୟରେ ଆଲୋଡ଼ନ ସୃଷ୍ଟି କରିଛି।

କ୍ରାଇମ୍‌ବ୍ରାଞ୍ଚ ସୂତ୍ରରୁ ମିଳିଥିବା ତଥ୍ୟ ଅନୁଯାୟୀ ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମ୍‌ରୁ ୩ଟି ବସ୍ ଧରାପଡ଼ିବା ପୂର୍ବରୁ ଦୁଇଟି ପର୍ଯ୍ୟାୟରେ ପ୍ରାୟ ୧୮୬ ଜଣ ପରୀକ୍ଷାର୍ଥୀ ଆନ୍ଧ୍ରପ୍ରଦେଶ ଯାଇଥିଲେ। ସେଠାରେ ସେମାନଙ୍କୁ ଦୁଇଟି ଗ୍ରୁପ୍ କରି ଭିନ୍ନ ଭିନ୍ନ ସ୍ଥାନକୁ ନିଆଯିବାର ଯୋଜନା ହୋଇଥିଲା। ହେଲେ

**କ୍ରାଇମ୍‌ବ୍ରାଞ୍ଚ ସ୍କାନର୍‌ରେ କନେଷ୍ଟବଲ; ବସ୍ ନ ପାଇ ବର୍ତ୍ତିଗଲେ ୧୩**

୩ଟି ବସ୍‌ରୁ ୧୧୭ ଜଣ ଗିରଫ ହେବା ଖବର ପାଇବା ପରେ ସମସ୍ତେ ଫେରାର୍ ହୋଇଯାଇଛନ୍ତି। କିଛି ପରୀକ୍ଷାର୍ଥୀ ତତ୍କାଳ ଓଡ଼ିଶା ଫେରିବା ପରିବର୍ତ୍ତେ ବିଭିନ୍ନ ପର୍ଯ୍ୟଟନସ୍ଥଳୀ ବୁଲିବାକୁ ପଳାଇଥିଲେ। ଆଉ କିଛି ପୃଥକ୍ ଭାବେ ଟ୍ରେନ୍‌ରେ ହିଁ ଓଡ଼ିଶା ଫେରିଛନ୍ତି। ହେଲେ ସେମାନଙ୍କ ଅରିଜିନାଲ୍ ସାର୍ଟିଫିକେଟ୍ ଦଲାଲ୍‌ଙ୍କ ପାଖରେ ରହିଯାଇଛି। ପଚରାଉଚୁରା ବେଳେ ଦଲାଲ୍‌ମାନେ ଏହାକୁ ସ୍ୱୀକାର କରିଛନ୍ତି। ସେମାନଙ୍କ ନିକଟରୁ ସେମାନଙ୍କ ତାଲିକା ପାଇବା ସହ ଟଙ୍କା ନେଣଦେଣ ସମ୍ପର୍କରେ ମଧ୍ୟ କ୍ରାଇମ୍‌ବ୍ରାଞ୍ଚ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହାସଲ କରିଛି। ସେମାନଙ୍କୁ କ୍ରାଇମ୍‌ବ୍ରାଞ୍ଚ ଖୋଜୁଥିବା ବେଳେ ଗିରଫଦାରୀ ଭୟ ଥିବାରୁ ଅନେକ ପରୀକ୍ଷାର୍ଥୀ ସେମାନଙ୍କ ଫୋନ୍ ସୁଇଚ୍‌ଅଫ୍ କରି ଫେରାର୍ ହୋଇଯାଇଛନ୍ତି।

ଅପରପକ୍ଷରେ ଏସ୍‌ଆଇ ଚାକିରି କରିବା ପାଇଁ ଅନେକ କନେଷ୍ଟବଲ ଟଙ୍କା ଦେଇଥିବା ମଧ୍ୟ ଜଣାପଡ଼ିଛି। ସପ୍ତମ ବାଟାଲିଅନ୍‌ରେ କାର୍ଯ୍ୟରତ ଯବାନ ଜିତେନ୍ଦ୍ର ନାଥ ଏବଂ ଯାଜପୁର ଟାଉନ୍ ଥାନାରେ କାର୍ଯ୍ୟରତ ବଳରାମ ବାରିକ ବସ୍‌ରେ ଯାଉଥିବାବେଳେ ଧରାପଡ଼ିଛନ୍ତି। ଢେଙ୍କାନାଳସ୍ଥିତ ଓଏସ୍‌ଓପି ପ୍ରଥମ ବାଟାଲିଅନ୍, ବୌଦ୍ଧସ୍ଥିତ ପଞ୍ଚମ ଆଇଆର୍‌ବିଏନ୍ ଏବଂ ବାଲେଶ୍ୱର ପୁଲିସ୍ ଜିଲ୍ଲାର ପ୍ରାୟ ୧୩ ଜଣ ଯବାନ୍ ବସ୍ ଫେଲ୍ ▶ପୃଷ୍ଠା-୧୧

## ଆଗୁଆ ଜାମିନ ଆବେଦନ କଲେ ୫ ଅଭିଯୁକ୍ତ

■ **ଭୁବନେଶ୍ୱର/କଟକ, ୧୫ ।୧୦ (ସମିସ):** ପୁଲିସ୍ ସବ୍ ଇନ୍ସପେକ୍ଟର ଚାକିରି ବିକ୍ରି ମାମଲାରେ ମୋଟ୍ ୧୧୯ ଜଣ ଗିରଫ ହୋଇଥିବା ବେଳେ ମୁଖ୍ୟ କାର୍ପଟଦାରଙ୍କୁ ଧରିବାରେ କ୍ରାଇମବ୍ରାଞ୍ଚ ବିଫଳ ହୋଇଛି। ଘଟଣାକୁ ୧୬ଦିନ ବିତିଥିଲେ ମଧ୍ୟ ଅଭିଯୁକ୍ତଙ୍କ ଟେର୍ ପାଇପାରୁ ନାହିଁ। ଘଟଣାର ମାଷ୍ଟରମାଇଣ୍ଡ କୁହାଯାଉଥିବା ପଞ୍ଚସଫ୍ଟ କମ୍ପାନୀର ନିର୍ଦ୍ଦେଶକ ଶଙ୍କର ପୃଷ୍ଟି ସମେତ ୫ ଅଭିଯୁକ୍ତ ହାଇକୋର୍ଟରେ ଆଗୁଆ ଜାମିନ ଆବେଦନ କରିଛନ୍ତି। ଶଙ୍କରଙ୍କ ସହିତ ପଞ୍ଚସଫ୍ଟ କମ୍ପାନୀର ଆଉ ଜଣେ ନିର୍ଦ୍ଦେଶକ ତଥା ଶଙ୍କରର ପତ୍ନୀ ଦୀପ୍ତିମୟୀ ସାହୁ, ଦଲାଲ୍ ମୁନା ମହାନ୍ତି, ଶ୍ରୀକାନ୍ତ ମହାରଣା ଓ ସୁକାନ୍ତ ମହାରଣା ଆଗୁଆ ଜାମିନ୍ ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି।

ଅପରପକ୍ଷରେ ମାଷ୍ଟରମାଇଣ୍ଡ ଶଙ୍କର ଦେଶ ଛାଡ଼ି ପଳାଇ ଯିବାରେ ସକ୍ଷମ ହୋଇଥିବା ପୁଲିସ୍ ସୂତ୍ରରୁ ଜଣାପଡ଼ିଛି। ସେ ପ୍ରଥମେ ଉତ୍ତରପ୍ରଦେଶ ଦେଇ ନେପାଳରେ ▶ପୃଷ୍ଠା-୧୧

**ନୂଆପଡ଼ା ଉପନିର୍ବାଚନ**

# ସ୍ନେହାଙ୍ଗିନୀ ପ୍ରାର୍ଥୀ, ନବୀନ ସାରଥୀ



■ **ଭୁବନେଶ୍ୱର, ୧୫।୧୦ (ସମିସ):** ନୂଆପଡ଼ା ଉପନିର୍ବାଚନ ପାଇଁ ପୂର୍ବତନ ମନ୍ତ୍ରୀ, ବିଜୁ ମହିଳା ଜନତା ଦଳ ସଭାନେତ୍ରୀ ତଥା ପଶ୍ଚିମ ଓଡ଼ିଶାର ଟାଣୁଆ ନେତ୍ରୀ ସ୍ନେହାଙ୍ଗିନୀ ଛୁରିଆଙ୍କୁ ପ୍ରାର୍ଥୀ ଘୋଷଣା କରି ସମସ୍ତଙ୍କୁ ଚକିତ କରିଛନ୍ତି ବିଜେଡି ସଭାପତି ନବୀନ ପଟ୍ଟନାୟକ। ଆଜି ନବୀନ ନିବାସରେ ସେ ସ୍ନେହାଙ୍ଗିନୀଙ୍କ ପ୍ରାର୍ଥିତ୍ୱ ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେବା ସହ ତାଙ୍କ ପାଇଁ ନିଜେ ପ୍ରଚାର ମଇଦାନକୁ ଓହ୍ଲାଇବେ ବୋଲି ଘୋଷଣା କରିଛନ୍ତି।

ବୁଧବାର ଦଳୀୟ କାର୍ଯ୍ୟାଳୟରେ ବିଜେଡି ସୁପ୍ରିମୋ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦଳର ବରିଷ୍ଠ ନେତାମାନଙ୍କ ଉପସ୍ଥିତିରେ ସ୍ନେହାଙ୍ଗିନୀଙ୍କ ନାମ ଘୋଷଣା କରିଛନ୍ତି। ଏହି ଅବସରରେ ନବୀନ ▶ପୃଷ୍ଠା-୧୧

## କିନ୍ନର ଓ ଯୁବକଙ୍କ ଝୁଲନ୍ତା ଶବ ଉଦ୍ଧାର

■ **ଜୟପୁର, ୧୫ ।୧୦ (ସମିସ):** ଜୟପୁର ଗୋପବନ୍ଧୁ ନଗରରେ ଝୁଲନ୍ତା ଅବସ୍ଥାରେ ୨ ଜଣଙ୍କ ଶବ ଉଦ୍ଧାର ହୋଇଛି। ମୃତକ ୨ ଜଣ ହେଲେ ମନ୍ଦିରର ପୂଜକ କିନ୍ନର ରାଜୁ ମାଛ ଏବଂ ତାଙ୍କ ବନ୍ଧୁ ପାଇକସାହିର ସମରା ଜାନୀ। ସୂଚନା ଅନୁଯାୟୀ, ଗୋପବନ୍ଧୁ ନଗରରେ ଥିବା କନକ ଦୁର୍ଗା ମନ୍ଦିରର ପୂଜକ ଭାବେ ରାଜୁ ମାଛ ଦୀର୍ଘ ଦିନ ହେବ କାର୍ଯ୍ୟ କରୁଥିଲେ। ଜୟନଗରର ସମରା ଜାନୀ ମିସ୍ତ୍ରୀ ଭାବେ କାର୍ଯ୍ୟ କରୁଥିବା ବେଳେ ଉଭୟଙ୍କ ମଧ୍ୟରେ ବନ୍ଧୁତା ଗଢି ଉଠିଥିଲା। ମନ୍ଦିର ପରିସରରେ ଏକ ଲାଲ ରଙ୍ଗର ଶାଢି ବେକରେ ବନ୍ଧାଥିବା ଅବସ୍ଥାରେ ୨ ଜଣଙ୍କ ଶବ ଝୁଲୁଥିବା ଆଜି ଦେଖିବାକୁ ମିଳିଥିଲା। ଟାଉନ ପୁଲିସ ପହଞ୍ଚି ଶବକୁ ଜବତ କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଶବ ବ୍ୟବଚ୍ଛେଦ କରିଛି। ଏନେଇ ଜୟପୁର ଟାଉନ ପୁଲିସ ୨ଟି ଅପମୃତ୍ୟୁ ମାମଲା ରୁଜୁ କରି ▶ପୃଷ୍ଠା-୧୧

## ଜୟ ଢୋଲକିଆ ବିଜେପି ପ୍ରାର୍ଥୀ, ଆଜି କରିବେ ନାମାଙ୍କନ

■ **ଭୁବନେଶ୍ୱର, ୧୫।୧୦ (ସମିସ):** ବିଜେପି ସଂସଦୀୟ ବୋର୍ଡ ପକ୍ଷରୁ ବୁଧବାର ନୂଆପଡା ବିଧାନସଭା ନିର୍ବାଚନ ପାଇଁ ପ୍ରାର୍ଥୀ ଭାବେ ଜୟ ଢୋଲକିଆଙ୍କ ନାମ ଘୋଷଣା କରାଯାଇଛି। ଦଳୀୟ ପ୍ରାର୍ଥୀ ଘୋଷଣା ହେବା ପରେ ଶ୍ରୀ ଢୋଲକିଆ ଗୁରବାର ନାମାଙ୍କନ ପତ୍ର ଦାଖଲ କରିବେ।

ସୂଚନା ଅନୁଯାୟୀ ଆସନ୍ତାକାଲି ସକାଳ ୧୦.୩୦ ଘଟିକାରେ ନୂଆପଡାସ୍ଥିତ 'ଗୋତମା' ଏୟାରଷ୍ଟ୍ରିପଠାରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହେବ ଏବଂ ଏଥିରେ ଅନ୍ୟ ଦଳର ଶତାଧିକ ସରପଞ୍ଚ, ସମିତି ସଭ୍ୟ, ୱାର୍ଡମେମ୍ବରଙ୍କ ସମେତ ପୂର୍ବତନ ଜନପ୍ରତିନିଧି ଓ ସମର୍ଥକମାନେ ସାମିଲ ହେବେ। ଏହା ପରେ ଏକ ବିଶାଳ ଶୋଭାଯାତ୍ରାରେ ଶ୍ରୀ ଢୋଲକିଆ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ନାମାଙ୍କନ ପତ୍ର ଦାଖଲ କରିବେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜ୍ୟ ସଭାପତି ମନମୋହନ ସାମଲ, ଉପମୁଖ୍ୟମନ୍ତ୍ରୀ, ମନ୍ତ୍ରିମଣ୍ଡଳର ସଦସ୍ୟ, ସାଂସଦ ଓ ବିଧାୟକ ଏବଂ ଦଳୀୟ ପଦାଧିକାରୀ ଓ ନେତୃବୃନ୍ଦ ଉପସ୍ଥିତ ରହିବେ ବୋଲି ଦଳ ପକ୍ଷରୁ ସୂଚନା ମିଳିଛି।

**କାହା ଚାପରେ ଗୃହ ବିଭାଗ**

## ୭ଦିନରେ ବଦଳିଗଲା ଏଏସ୍‌ପିଙ୍କ ବଦଳି ନିର୍ଦ୍ଦେଶ

■ **ଭୁବନେଶ୍ୱର, ୧୫ ।୧୦ (ସମିସ):** ରାଜ୍ୟ ଗୃହ ବିଭାଗରେ ଏବେ ଘଡ଼ିକେ ଘୋଡ଼ା ଛୁଟୁଛି। ନୂଆ ପଦୋନ୍ନତି ପାଇଥିବା ଡିଏସ୍‌ପିମାନଙ୍କୁ ନିଯୁକ୍ତି ମିଳୁନଥିବାରୁ ପୁଲିସ ମହଲରେ ଅସନ୍ତୋଷ ଲାଗି ରହିଥିବା ବେଳେ ଏବେ ପୁଣି ଏକ ବିଚିତ୍ର ଘଟଣା ଦେଖିବାକୁ ମିଳିଛି। ମାତ୍ର ୭ ଦିନ ମଧ୍ୟରେ ଜଣେ ଅତିରିକ୍ତ ଏସପିଙ୍କ ବଦଳିକୁ ପରିବର୍ତ୍ତନ କରିଥିବା ବେଳେ ଦୁଇ ଜଣ ଅତିରିକ୍ତ ଏସପିଙ୍କ ବଦଳିକୁ ବାତିଲ କରିଦିଆଯାଇଛି। ସପ୍ତାହ ମଧ୍ୟରେ ବଦଳି ନିର୍ଦ୍ଦେଶନାମାରେ ଏଭଳି ଅସ୍ଥିରତା ବିଭାଗ ମୁଖିଆଙ୍କ ନିଷ୍ପତ୍ତି ନେବାର କ୍ଷମତାକୁ ପଦାରେ ପକାଇଛି। ରାଜ୍ୟ ଗୃହ ବିଭାଗରେ ଚାଲିଛି କ'ଣ? କାହା ଇଙ୍ଗିତରେ ପରିଚାଳିତ ହେଉଛି ରାଜ୍ୟର ଏହି ଗୁରୁତ୍ୱପୂର୍ଣ୍ଣ ବିଭାଗ? ଏଭଳି ଅନେକ ପ୍ରଶ୍ନ ଏବେ ସମସ୍ତଙ୍କ ମନରେ ଉଙ୍କି ମାରୁଛି। ନିଷ୍ପତ୍ତି ନେବାରେ ଅପରିପକ୍ୱତା ନାଁ ରାଜନୈତିକ ଚାପରେ ଏଭଳି କରାଯାଉଛି, ତାହା ମଧ୍ୟ ଏବେ ବଡ଼ ପ୍ରଶ୍ନ।

ସୂଚନା ଅନୁସାରେ, ଗତ ୮ ତାରିଖ ଦିନ ରାଜ୍ୟ ଗୃହ ବିଭାଗ ୧୯ ଜଣ ଅତିରିକ୍ତ ଏସପିଙ୍କୁ ବିଭିନ୍ନ ଜିଲ୍ଲା ଓ ୱିଙ୍ଗକୁ ବଦଳି କରିଥିଲା। ବ୍ରହ୍ମପୁରର ଅତିରିକ୍ତ ଏସପି ସୀମା ସ୍ୱାଇଁଙ୍କୁ ଉତ୍ତର କେନ୍ଦ୍ରାଞ୍ଚଳ ରେଞ୍ଜ ଆଇଜିଙ୍କ କାର୍ଯ୍ୟାଳୟକୁ ବଦଳି ହୋଇଥିଲା। ସେହିଭଳି କ୍ରାଇମବ୍ରାଞ୍ଚର ଅତିରିକ୍ତ ଏସପି ସତ୍ୟବିକାଶ ଭୂୟାଁଙ୍କୁ ଡିଆଇଜି ଭଦ୍ରକ ଓ ଭଦ୍ରକ ଡିଆଇଜିର ଅତିରିକ୍ତ ଏସପି ଅଂଶୁମାନ ଦ୍ୱିବେଦୀଙ୍କୁ ରାୟଗଡ଼ା ଜିଲ୍ଲାକୁ ବଦଳି ହୋଇଥିଲା। ହେଲେ ୭ ଦିନ ମଧ୍ୟରେ ସବୁ ଓଲଟପାଲଟ ହୋଇ ଯାଇଥିଲା। ଗତକାଲି ଅର୍ଥାତ୍ ୧୪ ତାରିଖ ଦିନ ଗୃହ ବିଭାଗ ପକ୍ଷରୁ ଆଉ

**ହୋଇପାରୁନି ଡିଏସପି ନିଯୁକ୍ତି**

ଏକ ନିର୍ଦ୍ଦେଶନାମା ପ୍ରକାଶ ପାଇଥିଲା। ବ୍ରହ୍ମପୁରର ଅତିରିକ୍ତ ଏସପି ସୀମା ସ୍ୱାଇଁଙ୍କୁ ଉତ୍ତର କେନ୍ଦ୍ରାଞ୍ଚଳ ରେଞ୍ଜ ଆଇଜିଙ୍କ କାର୍ଯ୍ୟାଳୟ ପରିବର୍ତ୍ତେ ଅତିରିକ୍ତ ଏସପି ଗଞ୍ଜାମ ଭାବେ ବଦଳି କରାଯାଇଛି। ଗଞ୍ଜାମର ଅତିରିକ୍ତ ଏସପି ରଞ୍ଜିତ କୁମାର ପୃଷ୍ଟିଙ୍କୁ କମିସନରେଟ ପୁଲିସକୁ ବଦଳି ହୋଇଛି। ସେହିଭଳି ଡିଆଇଜି ଭଦ୍ରକର ଅତିରିକ୍ତ ଏସପି ଅଂଶୁମାନ ଦ୍ୱିବେଦୀଙ୍କର ରାୟଗଡ଼ା ଜିଲ୍ଲାକୁ ହୋଇଥିବା ବଦଳିକୁ ବାତିଲ କରାଯାଇଛି। ତାଙ୍କ ସ୍ଥାନରେ ଭଦ୍ରକକୁ ▶ପୃଷ୍ଠା-୧୧

# ଏଫ୍‌ସିଆଇ ଉଠାଉନି ବଳକା ଚାଉଳ

## ହିତାଧିକାରୀଙ୍କୁ ଅଧିକ ୫ କେଜି ଚାଉଳ ଦେବେ ସରକାର

■ **ଭୁବନେଶ୍ୱର, ୧୫।୧୦ (ସମିସ):** ରାଜ୍ୟରେ ରାସନକାର୍ଡ ହିତାଧିକାରୀଙ୍କୁ ଅତିରିକ୍ତ ୫ କେଜି ଅର୍ଥାତ୍ ମାସିକ ୧୦ କେଜି ଚାଉଳ ଯୋଗାଇ ଦେବାକୁ ସରକାର ଯୋଜନା କରୁଛନ୍ତି। ବୁଧବାର ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ନିଜେ ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି। ମାତ୍ର ରାଜ୍ୟ ସରକାରଙ୍କ ଏହି ଯୋଜନା ପଛରେ କୌଣସି ମହତ୍ ଉଦ୍ଦେଶ୍ୟ ନୁହେଁ, ବରଂ ବାଧ୍ୟବାଧକତା ଥିବା ନେଇ ସାଧାରଣରେ ସନ୍ଦେହ ପ୍ରକାଶ ପାଇଛି। ଏକାଧିକବାର ଅନୁରୋଧ ସତ୍ତ୍ୱେ ଏଫସିଆଇ(ଭାରତୀୟ ଖାଦ୍ୟ ନିଗମ) ଓଡ଼ିଶାର ବଳକା ଚାଉଳ ଉଠାଉ ନାହିଁ। ମୁଖ୍ୟମନ୍ତ୍ରୀଙ୍କଠାରୁ ଆରମ୍ଭ କରି ବିଭାଗୀୟ ମନ୍ତ୍ରୀ, କୃଷିମନ୍ତ୍ରୀ ଦିଲ୍ଲୀକୁ ବାରମ୍ବାର ଦୌଡ଼ି ଏନେଇ ଦାବି କରି ନୟାନ୍ତ ହେଲେଣି। ମାତ୍ର କେନ୍ଦ୍ର ସରକାର ଓଡ଼ିଶାର ଏହି ଦାବି ପ୍ରତି ତିଳେହେଲେ ଆଗ୍ରହ ଦେଖାଉ ନାହାନ୍ତି। ଫଳରେ ରାଜ୍ୟରେ ମହଜୁଦ୍ ଥିବା ଲକ୍ଷ ଲକ୍ଷ କୁଇଣ୍ଟାଲ ଚାଉଳ ନଷ୍ଟ ହୋଇଯିବାକୁ ବସିଛି। ତେଣୁ ରାଜ୍ୟ ସରକାର ବାଧ୍ୟ ହୋଇ ଏହି ଚାଉଳକୁ ପିଡିଏସ ମାଧ୍ୟମରେ ହୋଇଛି। ଏଫସିଆଇ ଏବଂ ପିଡିଏସ ବ୍ୟବସ୍ଥା ମାଧ୍ୟମରେ ୫୦ ଲକ୍ଷ ମେଟ୍ରିକ୍ ଟନ୍ ଚାଉଳ ଖର୍ଚ୍ଚ ହୋଇଛି। ଆଉ ୧୩ ଲକ୍ଷ ମେଟ୍ରିକ୍ ଟନ୍ ଚାଉଳ ବଳକା ରହିଛି। ଏହାକୁ

**ନଷ୍ଟ ହେବା ପୂର୍ବରୁ ଚାଉଳ ବାଣ୍ଟି ଦେବାକୁ ଚାହୁଁଛନ୍ତି ସରକାର**

**ବାରମ୍ବାର ଦିଲ୍ଲୀରେ ଗୁହାରି କରି ନୟାନ୍ତ ହେଲାଣି ଓଡ଼ିଶା**



ହିତାଧିକାରୀଙ୍କୁ ବାଣ୍ଟିବା ନେଇ ଯୋଜନା କରିଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି।

ଗତ ମୌସୁମୀ ଅଧିବେଶନରେ ନିଜେ ଖାଦ୍ୟ ଯୋଗାଣ ମନ୍ତ୍ରୀ ଏଫସିଆର ଗୁମର ବିଧାନସଭାରେ ଖୋଲିଥିଲେ। ଶ୍ରୀ ପାତ୍ର କହିଥିଲେ ଯେ ୨୦୨୪-୨୫ ବର୍ଷରେ ୬୩ ଲକ୍ଷ ମେଟ୍ରିକ୍ ଟନ୍ ଚାଉଳ ଉତ୍ପାଦନ ଉଠାଇବା ନେଇ ଆମେ କେନ୍ଦ୍ରକୁ ଅନୁରୋଧ କରିଛୁ। ରାଜ୍ୟ ସରକାରଙ୍କ ଆବେଦନ କେନ୍ଦ୍ର ନିକଟରେ ବିଚାରଧୀନ ରହିଛି। ଯଦି ଏଥିରେ ବିଳମ୍ବ ହୁଏ, ତାହେଲେ ଆମେ ରାଜ୍ୟର ଚାଉଳ ନଷ୍ଟ ହେବାକୁ ଦେବୁ ନାହିଁ। ବଳକା ଚାଉଳକୁ ଆମେ ଟେଣ୍ଡର ମାଧ୍ୟମରେ ବିକ୍ରି କରିବୁ ବୋଲି ମନ୍ତ୍ରୀ ସୂଚନା ▶ପୃଷ୍ଠା-୧୧


# ପୀତବାସଙ୍କ ହତ୍ୟା ଅଭିଯୁକ୍ତ ଚିହ୍ନଟ !

## ପୁଲିସ ପଞ୍ଝାରେ ସାର୍ପସୁଟର, ମାଷ୍ଟରମାଇଣ୍ଡର ନିକଟତର ପୁଲିସ

**ପଡ଼ୋଶୀ ପଶ୍ଚିମବଙ୍ଗ ସମେତ ବିହାର ଓ ଦିଲ୍ଲୀରେ ଖୋଳତାଡ଼**

**୫ମ ଥର ପାଇଁ ବାଲାଜୀ ଓ ଜଣେ ମଦ ବ୍ୟବସାୟୀଙ୍କୁ ମାରାଥନ୍ ଜେରା**

■ **ବ୍ରହ୍ମପୁର,୧୫ ।୧୦(ସମିସ):** ବିଜେପି ନେତା ପୀତବାସ ପଣ୍ଡାଙ୍କ ହତ୍ୟାକାଣ୍ଡକୁ ବିତିଯାଇଛି ୧୦ଦିନ। ପରିବାର ପକ୍ଷରୁ ସମ୍ପନ୍ନ ହୋଇଛି ଦଶାହ କାର୍ଯ୍ୟ। ହତ୍ୟାକାରୀଙ୍କୁ ଧରିବାରେ ଓ ରହସ୍ୟ ଉନ୍ମୋଚନରେ ବିଳମ୍ବ ଘଟୁଥିବାରୁ ଓକିଲଙ୍କ ମହଲରେ ଅସନ୍ତୋଷ କୁହୁଳିବାରେ ଲାଗିଛି। ଅଭିଯୁକ୍ତଙ୍କ ଗିରଫଦାରୀ ସମ୍ପର୍କରେ ପୁଲିସ କୌଣସି ସୂଚନା ଦେଉନଥିବା ବେଳେ ଗୁଳିକାଣ୍ଡ ଘଟଣାରେ ବ୍ରହ୍ମପୁର ପୁଲିସକୁ ବଡ଼ ସଫଳତା ମିଳିଥିବା ସୂଚନା ମିଳିଛି। ହତ୍ୟାକାଣ୍ଡରେ ନିୟୋଜିତ ଅଭିଯୁକ୍ତଙ୍କୁ ଚିହ୍ନଟ କରାଯାଇଥିବା ବେଳେ ପୁଲିସ ପଞ୍ଝାରେ ସୁପାରିକିଲର ଥିବା ସୂଚନା ମିଳିଛି। ଫଳରେ ପୁଲିସ ମାଷ୍ଟର ମାଇଣ୍ଡର ନିକଟତର ହୋଇଥିବା ନିର୍ଭରଯୋଗ୍ୟ ସୂତ୍ରରୁ ଜଣାପଡିଛି। ଗଠିତ ଟିମ୍ ପଡ଼ୋଶୀ ପଶ୍ଚିମବଙ୍ଗ ସମେତ ବିହାର ଓ ଦିଲ୍ଲୀରେ ଖୋଳତାଡ଼ କରୁଛି। ପୀତବାସଙ୍କ ହତ୍ୟାରେ ବିହାରୀ ସାର୍ପସୁଟରଙ୍କୁ ନିୟୋଜିତ କରାଯାଇଥିବା ବେଳେ ସ୍ଥାନୀୟ ଅପରାଧୀଙ୍କ ସହାୟତା ▶ପୃଷ୍ଠା-୧୧




# ତୁଟୁନି ଦୀପାବଳି ତାରିଖ ଦ୍ୱନ୍ଦ୍ୱ

■ **ପୁରୀ, ୧୫।୧୦ (ସମିସ):** ପାଞ୍ଜିକୁ ନେଇ ଅନେକ ସମୟରେ ଦ୍ୱନ୍ଦ୍ୱ ଦେଖାଦେଉଛି। ବିଭିନ୍ନ ପାଞ୍ଜିରେ ବିଭିନ୍ନ ମତ, ତିଥିରେ ପାର୍ଥକ୍ୟ ରହୁଛି। ଚଳିତବର୍ଷ ଏକାଧିକ ପର୍ବପର୍ବାଣୀରେ ଦ୍ୱନ୍ଦ୍ୱ ଉପୁଜିଲାଣି। ଏବେ ଦୀପାବଳିର ପାଳି। କେଉଁ ତାରିଖରେ ଦୀପାବଳି ଓ ପୟା ଶ୍ରାଦ୍ଧ କରାଯିବ ତାକୁ ନେଇ ଲୋକଙ୍କ ମନରେ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି। ଚଳିତ ବର୍ଷ ଦୀପଦାନ, ପୟାଶ୍ରାଦ୍ଧ ଓ କାଉଁରିଆ ଜାଳିବା ବିଧି ଆସନ୍ତା ୨୦ ତାରିଖରେ କରିବା ପାଇଁ ମୁକ୍ତି ମଣ୍ଡପ ପଣ୍ଡିତମାନେ ମତ ରଖିଛନ୍ତି। ଧର୍ମଶାସ୍ତ୍ର ଅନୁସାରେ ଗଣନା କରାଯାଇଥିବା ବେଳେ ୨୧ ତାରିଖ ଦିନ ପୟା ଶ୍ରାଦ୍ଧ କରିବା ଠିକ୍ ନୁହେଁ ବୋଲି ମୁକ୍ତିମଣ୍ଡପ ପଣ୍ଡିତଙ୍କ ମତକୁ ପାଞ୍ଜି ସମୀକ୍ଷକ ଖଣ୍ଡନ କରିଥିବା ବେଳେ ବିବାଦ ଦେଖାଦେଇଛି। ୨୧ ତାରିଖରେ ପୟାଶ୍ରାଦ୍ଧ ଓ କାଉଁରିଆ ଜାଳିବାରେ କୌଣସି ଅସୁବିଧା ନ ଥିବା ନେଇ ଯୁକ୍ତି ଆସିଥିବାବେଳେ

**୨୦ରେ ଦୀପଦାନ ଶ୍ରାଦ୍ଧ ଶାସ୍ତ୍ରସମ୍ମତ: ମୁକ୍ତିମଣ୍ଡପ ପଣ୍ଡିତ ସଭା**

**୨୧ରେ ପାଳନ କରିବା ପାଇଁ ଯୁକ୍ତି ବାଢ଼ିଲେ ପାଞ୍ଜି ସମୀକ୍ଷକ**

ଶ୍ରୀମନ୍ଦିରରେ ୨୧ ତାରିଖରେ ଅମାବାସ୍ୟା ନୀତି ସହ ମହାପ୍ରଭୁଙ୍କର ସାଗର ବିଜେ ନୀତି କରାଯିବ ବୋଲି ଜଣାପଡ଼ିଛି।

ଏହି ବିବାଦକୁ ନେଇ ବୁଧବାର ଉକ୍ତ ସାଲବେଗ ପୀଠରେ ମୁକ୍ତିମଣ୍ଡପ ପଣ୍ଡିତ ସଭା ପକ୍ଷରୁ ସାମ୍ବାଦିକ ସମ୍ମିଳନୀ ଆୟୋଜନ କରାଯାଇଥିଲା। ଏଥିରେ ଉପସ୍ଥିତ ମୁକ୍ତିମଣ୍ଡପ ପଣ୍ଡିତ କହିଥିଲେ, ଆସନ୍ତା ୨୦ ତାରିଖରେ ଦୀପଦାନ ଶ୍ରାଦ୍ଧ କରାଯିବା ଶାସ୍ତ୍ରସମ୍ମତ। କାରଣ ୨୧ ତାରିଖ ପ୍ରଦୋଷକୁ ଏକ ଦଣ୍ଡ ଦଣ୍ଡ (୨୪ ମିନିଟ୍) ଅମାବାସ୍ୟା ତିଥି ନାହିଁ। ତେଣୁ ୨୧ ତାରିଖ ଦିନ ଦୀପଦାନ ଶ୍ରାଦ୍ଧ କରାଯାଇ ପାରିବ ନାହିଁ। ଗତବର୍ଷ ଭଳି ଏଥର ମଧ୍ୟ ବିଭିନ୍ନ ପଞ୍ଜିକାରେ ଦୁଇଦିନ ଦୀପାବଳି, ଦୀପଦାନ ପୟାଶ୍ରାଦ୍ଧ ରହିଛି। ଶ୍ରୀମନ୍ଦିର ସ୍ୱୀକୃତିପ୍ରାପ୍ତ ୫ଟି ପଞ୍ଜିକାରେ ୨୦ ତାରିଖରେ ଶ୍ୟାମାପୂଜା, ଦୀପଦାନ ଓ ପୟାଶ୍ରାଦ୍ଧ ଲେଖାଯାଇଛି ଅର୍ଥ ସେହିଦିନଠାରୁ ରାତି ପର୍ଯ୍ୟନ୍ତ ତା' ପରଦିନ ସନ୍ଧ୍ୟା ପର୍ଯ୍ୟନ୍ତ ଅମାବାସ୍ୟା ତିଥି ରହୁଥିବାରୁ ଦୀପଦାନ ଓ ପୟାଶ୍ରାଦ୍ଧ କରିବା ନେଇ ମୁକ୍ତିମଣ୍ଡପ ପଣ୍ଡିତ କହିଛନ୍ତି। ତେଣୁ ସରକାର ୨୧ ତାରିଖର ଛୁଟିକୁ ପରିବର୍ତ୍ତନ କରି ୨୦ ତାରିଖ କରିବାକୁ ଦାବି କରିଥିଲେ। ଯେଉଁମାନେ ସ୍ୱୀକୃତିପ୍ରାପ୍ତ ପଞ୍ଜିକାକୁ ବିରୋଧ କରୁଛନ୍ତି ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ ମୁକ୍ତିମଣ୍ଡପ ପଣ୍ଡିତ ସଭାର କାର୍ଯ୍ୟକାରୀ ସଭାପତି ଆଦିତ୍ୟ ହୃଦୟ ମିଶ୍ର, ସମ୍ପାଦକ ପ୍ରଫୁଲ୍ଲ କୁମାର ମିଶ୍ର, ▶ପୃଷ୍ଠା-୧୧

# ପାହାଡ଼ତଳି ଜଙ୍ଗଲରେ ଗଞ୍ଜେଇ ଚାଷ

ରେଢ଼ାଖୋଲ, ୧୫ ।୧୦(ସମିସ)

ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଥାନା ଅନ୍ତର୍ଗତ ଘୋଷରାମାଳ ପଞ୍ଚାୟତ ଅଧୀନ ବିଭିନ୍ନ ପାହାଡ଼ତଳି ଗ୍ରାମରେ ଏକର ଏକର ବେଆଇନ ଗଞ୍ଜେଇ ଚାଷ ହୋଇଥିବା ଦେଖାଯାଇଛି । ଦୀର୍ଘ ବର୍ଷ ଧରି ସମ୍ବଲପୁର ଜିଲ୍ଲାର ନାକଟିଦେଉଳ ବ୍ଲକ ଅଞ୍ଚଳରେ ବେଆଇନ ଭାବେ ଶହ ଶହ ଏକର ଜମିରେ ଗଞ୍ଜେଇ ଚାଷ ହେଉଥିଲା । ପୁଲିସ ବିଭାଗ, ଅବକାରୀ ବିଭାଗ, ରାଜସ୍ୱ ବିଭାଗ ଏବଂ ବନ ବିଭାଗ ପକ୍ଷରୁ ପ୍ରତିବର୍ଷ ଲଗାତାର ଭାବେ ବେଆଇନ ଗଞ୍ଜେଇ ଚାଷ ଉପରେ ଚଢ଼ାଉ କରାଯାଇ କୋଟି କୋଟି ଟଙ୍କାର ବେଆଇନ ଗଞ୍ଜେଇ ଚାଷ ନଷ୍ଟ କରାଯିବା ସହ ଏଥିରେ ସମ୍ପୃକ୍ତ ରହିଥିବା ଗଞ୍ଜେଇ ଚାଷୀ ସହ ମାଫିଆଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା । ଫଳରେ ଗତ ୨୦୧୮ ମସିହା ଠାରୁ ବେଆଇନ



ଗଞ୍ଜେଇ ଚାଷ ସମ୍ପୂର୍ଣ୍ଣ ଭାବେ ବନ୍ଦ ରହିଥିଲା । କିନ୍ତୁ ଏହି ଅଯାନୈତିକ ଅର୍ଥ ଉପାର୍ଜନ ଗଞ୍ଜେଇ ଚାଷର ମୋହ କବଳରୁ ଲୋକେ ବର୍ତ୍ତମାନ ସୁଦ୍ଧା ବର୍ତ୍ତି ପାରି ନାହାଁନ୍ତି । ଧାନ ଚାଷ ତୁଳନାରେ କମ ଦିନ ମଧ୍ୟରେ ଗଞ୍ଜେଇ ଚାଷରୁ ଅଧିକ ଆୟ ହେଉ ଥିବାରୁ ଲୋକେ ଚାଷ ପ୍ରତି ଆକୃଷ୍ଟ ହେଉଛନ୍ତି । ଏଥିରେ ପ୍ରତି ବର୍ଷରେ ପ୍ରାୟ ତିନି ଥର ଗଞ୍ଜେଇ ଅମଳ ହେଉଥିବାରୁ ଏହି ଚାଷ ପ୍ରତି ଚାଷୀ ଏବଂ ମାଫିଆମାନେ ଅଧିକ ଅର୍ଥ ଉପାର୍ଜନ ପାଇଁ ଆକୃଷ୍ଟ ହେଉଛନ୍ତି । ଏଥିରେ ନାକଟିଦେଉଳ ଅଞ୍ଚଳରେ ଗଞ୍ଜେଇ ଚାଷ ହୋଇଥିବା ଖବର ରହିଥିବା ବେଳେ ଏ ସଂକ୍ରାନ୍ତରେ କୌଣସି ଅଭିଯୋଗ ଆସି ପାରିନାହିଁ । ଏଥିରେ ଖବର ଅନୁସାରେ ଅତିଶିଘ୍ର ପ୍ରଶାସନ ପକ୍ଷରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଅବକାରୀ ବିଭାଗ ଅଧିକାରୀ ଦୃବଦଳ ବିଶ୍ୱାଳ କହିଛନ୍ତି ।

## ୭୪ କେଜି ଗଞ୍ଜେଇ ସହ କାର୍ ଜବତ, ଯୁବକ ଗିରଫ

**ରେଢ଼ାଖୋଲ, ୧୫ ।୧୦(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଏନ୍‌ଏସି କେନ୍ଦୁକଟା ଗ୍ରାମଛକ ନିକଟରେ ବୁଧବାର ଦିନ ରେଢ଼ାଖୋଲ ପୁଲିସ ୭୪ କେଜି ଗଞ୍ଜେଇ ସହିତ କାର୍ ଜବତ କରି ଜଣେ ଯୁବକକୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ଯୁବକ ଜଣକ ଉତ୍ତରପ୍ରଦେଶ ଜିଲ୍ଲା ମିର୍ଜାପୁର ଅଞ୍ଚଳର ସୁନିଲ ସୋନକର (୨୪) । ସୂଚନା ଯୋଗ୍ୟ ଯେ କେନ୍ଦୁକଟା ଗ୍ରାମ ନିକଟସ୍ଥ ଛକରେ ରେଢ଼ାଖୋଲ ପୁଲିସ ପକ୍ଷରୁ ବେଆଇନ ଗଞ୍ଜେଇ ଚୋରା ଚାଲାଣ ନେଇ ଖବର ପାଇ ରେଢ଼ାଖୋଲ ଥାନା ଅଧିକାରୀ ଚନ୍ଦ୍ର ମୋହନ ସିଂଙ୍କ ନିର୍ଦ୍ଦେଶ କ୍ରମେ ଏସ୍‌ଆଇ ଚିତ୍ତରଞ୍ଜନ ମେହେର, କର୍ମଚାରୀ ଘାସିରାମ କଡରାକ, ଧିରେନ୍ କୁମୁରା ଅନ୍ୟ ପୁଲିସ କର୍ମଚାରୀ ମାନେ କାର ନଂ ଓଡ଼ି୨୩ଇ-୦୭୮୬ ବିଶିଷ୍ଟ ଗାଡିକୁ ଯାଞ୍ଚ କରିଥିଲେ । ଉକ୍ତ ଗାଡିରୁ ୩ ଟି ବସ୍ତାରେ ପ୍ରାୟ ୭୪ କେଜି ଗଞ୍ଜେଇ ଜବତ କରିଥିବା ବେଳେ ଅଭିଯୁକ୍ତ ଗିରଫ ଯୁବକ ସୁନିଲ ସୋନକର୍‌ଙ୍କୁ ଗିରଫ କରିଥିଲେ । ତା ସହିତ ଗାଡି ମଧ୍ୟରୁ ଦୁଇଟି ଫର୍ଜି ଗାଡି ନମ୍ବର ଜବତ ହୋଇଥିଲା । ଏହି ବେଆଇନ ଚୋରା ଚାଲାଣ ଗଞ୍ଜେଇ ବୌଦ୍ଧ ଜିଲ୍ଲା ପଟରୁ ରେଢ଼ାଖୋଲ ଦେଇ ରାଜ୍ୟ ବାହାରକୁ ତଥା ଉତ୍ତରପ୍ରଦେଶକୁ ଚାଲାଣ ହେଉଥିବା ଜଣାପଡ଼ିଛି । ଏ ସଂକ୍ରାନ୍ତରେ କେସ ନଂ ୨୮୬/୨୫ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରି ଉକ୍ତ ଅଭିଯୁକ୍ତ ଯୁବକକୁ କୋର୍ଟ ଚାଲାଣ କରାଯାଇଥିବା ପୁଲିସ ପକ୍ଷରୁ ସୂଚନା ମିଳିଛି ।



## ୫୩ କେଜି ଗଞ୍ଜେଇ ଜବତ, ବାହାର ରାଜ୍ୟର ୨ ଗିରଫ



**ସମ୍ବଲପୁର, ୧୫।୧୦ (ସମିସ) :** ବୌଦ୍ଧରୁ ସମ୍ବଲପୁର ଦେଇ ବିଭିନ୍ନ ରାଜ୍ୟକୁ ଗଞ୍ଜେଇ ଚାଲାଣ ହେଉଛି । ଅବକାରୀ ବିଭାଗ ଓ ପୁଲିସ ପକ୍ଷରୁ ବାରମ୍ବାର ଚଢ଼ଉ କରି ଗଞ୍ଜେଇ ଜବତ କରିବାସହ ଗିରଫ କଲେ ମଧ୍ୟ ଏହି ନିଶା କାରବାର ଉପରେ ଅଙ୍କୁଶ ଲଗାଇ ପାରୁନାହିଁ । ଆଜି ଅଇଁଠାପାଲି ଥାନା ଅନ୍ତର୍ଗତ ରାଜ୍ୟ ରାଜପଥ-୧୦ରେ ସତ୍ୟନଗର ମାର୍ବଲ ଦୋକାନ ସମ୍ମୁଖରେ ଚଢ଼ଉ କରି ୫୩ କିଲୋ ଗଞ୍ଜେଇ ଜବତ କରିବାସହ ଦୁଇଜଣଙ୍କୁ ଗିରଫ କରିଛି । ଟାଟା ସଫାରୀ ଗାଡ଼ିରେ ଗଞ୍ଜେଇ ନେଇ ମଧ୍ୟପ୍ରଦେଶ ଦାତିଆ ଜିଲ୍ଲା, ଦାତିଆ ଥାନା ଅନ୍ତର୍ଗତ ଏକତା ନଗର କଲୋନୀର ସଞ୍ଜିବ ପୁରୋହିତ (୫୪) ଓ ଦାତିଆ ଜିଲ୍ଲା ଧୀରପୁରା ଥାନା ଅନ୍ତର୍ଗତ ଚିରାଉଲିର କମଲ କିଶୋର (୩୪) ଗଞ୍ଜେଇ ନେଇ ବୌଦ୍ଧରୁ ମଧ୍ୟପ୍ରଦେଶକୁ ଯାଉଥିଲେ । ଅବକାରୀ ବିଭାଗ ଜିଲ୍ଲା ମୋବାଇଲ ୟୁନିଟ୍ ଆଇଆଇସି ସତିକା ବେସନଙ୍କ ନେତୃତ୍ୱରେ ସେମାନଙ୍କୁ ଧରିଥିଲା । ସେମାନଙ୍କଠାରୁ ଗଞ୍ଜେଇ ସହ ଟାଟା ସଫାରୀ ଷ୍ଟର୍ମ କାର ଓ ମୋବାଇଲ ଫୋନ ଜବତ କରାଯାଇଛି । ଉଭୟ ଅଭିଯୁକ୍ତଙ୍କୁ ଆଜି କୋର୍ଟଚାଲାଣ କରାଯାଇଛି ।



ଚନ୍ଦ୍ରଶେଖର ବେହେରା ଜିଲ୍ଲା ସ୍କୁଲ ପୁରାତନ ଛାତ୍ର ସଂସଦ ପକ୍ଷରୁ ପୂର୍ବତନ ରାଷ୍ଟ୍ରପତି ଭାରତରତ୍ନ ଡ. ଏପିଜେ ଅବଦୁଲ କଲାମଙ୍କୁ ଶ୍ରଦ୍ଧାଞ୍ଜଳି ।

## ଗଣେଶନଗରରେ ଗଜଲକ୍ଷ୍ମୀ ପୂଜା

**ରେଢ଼ାଖୋଲ, ୧୫ ।୧୦ (ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହର ଗଣେଶ ନଗରସ୍ଥିତ ପୂଜା ମଣ୍ଡପ ଠାରେ ୨୭ ତମ ଗଜଲକ୍ଷ୍ମୀ ପୂଜା ଧୁମଧାମରେ ସମ୍ପନ୍ନ ହୋଇଯାଇଛି । ଆଠ ଦିନ ଧରି ଚାଲିଥିବା ମହାଲକ୍ଷ୍ମୀ ପୂଜା ଉତ୍ସବରେ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଯଥା ସଙ୍କୀର୍ତ୍ତନ ମଣ୍ଡଳୀ, ମ୍ୟାଜିକ ସୋ, ଶିଶୁ କଳାକାର ମାନଙ୍କୁ ନେଇ ସଙ୍ଗୀତ ଏବଂ ନୃତ୍ୟ ପ୍ରତିଯୋଗିତା, ପାରାୟଣ, ପ୍ରବଚନ ପ୍ରମୁଖ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଗଜଲକ୍ଷ୍ମୀ ପୂଜା ଅବସରରେ ଓଡ଼ିଶା ରାଜ୍ୟ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ରେଢ଼ାଖୋଲ ବିଧାୟକ ତଥା ବିରୋଧୀ ଦଳର ଉପନେତା ପ୍ରସନ୍ନ ଆଚାର୍ଯ୍ୟ ପ୍ରମୁଖ ସମେତ ଅନ୍ୟ ବରିଷ୍ଠ ପଦାଧିକାରୀମାନେ ମା'ଙ୍କ ଦର୍ଶନ କରିଆଶିଷ କାମନା କରିଥିଲେ । ମୁଖ୍ୟପୂଜକ ଭାବରେ ପଣ୍ଡିତ ରୁଦ୍ର ନାରାୟଣ ନନ୍ଦ ପୂଜାକାର୍ଯ୍ୟ ସମ୍ପାଦନ କରିଥିବା ବେଳେ କର୍ତ୍ତା ଭାବରେ ଶମ୍ଭୁ ପ୍ରସାଦ ରାଉଳ ଏବଂ ଧର୍ମପତ୍ନୀ ସବିତା ପ୍ରଧାନ ଦାୟିତ୍ୱ ନିର୍ବାହ କରିଥିଲେ । ଗଜଲକ୍ଷ୍ମୀ ପୂଜା କମିଟି ସଭାପତି ରବି ନାରାୟଣ ପ୍ରଧାନ ଏବଂ କମିଟି ଅନ୍ୟ ସଦସ୍ୟ ଓ ପଡ଼ାବାସୀ ସହଯୋଗ କରିଥିଲେ ।



## ବ୍ୟାରେଜ ପାଣିରେ ଭାସି ଯାଇ ଶ୍ରମିକ ମୃତ

**କୁଚିଣ୍ଡା, ୧୫ ।୧୦(ସମିସ):** ଲସା ଠାରେ ଆରଏସ୍‌ଏ ଇନଫ୍ରା କମ୍ପାନୀ ଦ୍ୱାରା ନିର୍ମାଣଧୀନ ବ୍ୟାରେଜ କାମ ରେ ନିୟୋଜିତ ବିହାର ରାଜ୍ୟ ତିକାଲା ତିହୁରାର ଶ୍ରମିକ ଛୋଟୁ ଶର୍ମା (୩୬) ସକାଳୁ କମ୍ପାନୀର ନିର୍ଦ୍ଦେଶରେ ପାଣି ଭିତରେ କିରାଶାସନ ପଟକୁ ଯାଇ ଆର ପଟୁ ସେଣ୍ଟ୍ରିଂ କରିବାକୁ ଯାଉଥିବା ବେଳେ ଛୋଟୁ ଗଭୀର ପାଣି ସ୍ରୋତରେ ଭାସି ଯାଇ ମୃତ୍ୟୁବରଣ କରିଛନ୍ତି । ଛୋଟୁ ଦୀର୍ଘ ସମୟ ପର୍ଯ୍ୟନ୍ତ ପାଣିରୁ ନ ବାହାରିବାରୁ ସାଥି ଶ୍ରମିକମାନେ ବହୁ ଖୋଜାଖୋଜି ପରେ ପାଣି ଭିତରୁ ବାହାର କରି କୁଚିଣ୍ଡା ଡାକ୍ତରଖାନାକୁ ଆଣିଥିଲେ । ସେଠାରେ ଡାକ୍ତର ଛୋଟୁକୁ ମୃତ ଘୋଷଣା କରିଥିଲେ । ଏନେଇ କୁଚିଣ୍ଡା ଥାନାରେ ଅଭିଯୋଗ ପରେ କୁଚିଣ୍ଡା ପୁଲିସ ପହଞ୍ଚିଠିଚ ଶବକୁ ଜବତ କରି ଡାକ୍ତରଖାନାରେ ବ୍ୟବଚ୍ଛେଦ ପରେ ସାଥି ଶ୍ରମିକ ଓ ଆରଏସଏ ଇନଫ୍ରା କମ୍ପାନୀ କର୍ତ୍ତୃପକ୍ଷଙ୍କୁ ଅର୍ପଣ କରିଥିଲେ ।

## ପାଣିରେ ବୁଡ଼ି ଜଣେ ମୃତ

**ସମ୍ବଲପୁର, ୧୫।୧୦(ସମିସ):** ସମ୍ବଲପୁର ଜିଲ୍ଲା ଯୁଯୋମୁରା ବ୍ଲକରେ ପାଣିରେ ବୁଡ଼ି ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଯାଇଛି । ପୁଲିସର ସୂଚନା ଅନୁଯାୟୀ, ଯୁଯୋମୁରା ବ୍ଲକ ତିଲାଟିକୁଦ, ବୀରସିଂଗଡ଼ର ବାବୁଲାଲ ଭୋଇ (୪୦) ଆଜି ପୂର୍ବାହ୍ଣ ସାଢ଼େ ୧୧ଟାରୁ ୧୨ଟା ମଧ୍ୟରେ ପୋଖରୀକୁ ଗାଧୋଇବାକୁ ଯାଇଥିବାବେଳେ ବୁଡ଼ି ଯାଇଥିଲେ । ତାଙ୍କୁ ତୁରନ୍ତ ଯୁଯୋମୁରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲା । ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ । ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁକରି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ । ବ୍ୟବଚ୍ଛେଦ ପରେ ଶବ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ଜଣାପଡ଼ିଛି ।

## ଲଜ୍‌ରୁ ନାବାଳକଙ୍କ ଝୁଲନ୍ତା ଶବ ଉଦ୍ଧାର

**ସମ୍ବଲପୁର, ୧୫।୧୦ (ସମିସ):** ଫାର୍ମରୋଡ଼ସ୍ଥିତ ଏକ ଲଜ୍‌ରୁ ଜଣେ ନାବାଳକଙ୍କ ଝୁଲନ୍ତା ମୃତଦେହକୁ ପୁଲିସ ଜବତ କରିଛି । ସେ କଳାହାଣ୍ଡି ଜିଲ୍ଲା କସାବାହି ଗ୍ରାମର ହିତେଶ କୁମାର ନାଗ (୧୮) ବୋଲି ଜଣାପଡ଼ିଛି । ଲଜର ଉପର ମହଲାରେ ଛାତର ଲୁହାରେ ଗାମୁଛା ଲଗାଇ ସେ ଝୁଲୁଥିବା ଦେଖି ଲଜ୍ କର୍ମଚାରୀମାନେ ପୁଲିସକୁ ଖବର ଦେଇଥିଲେ । କ୍ଷେତରାଜପୁର ଥାନା ପୁଲିସ ଶବ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି । ଆସନ୍ତା କାଲି ଶବ ବ୍ୟବଚ୍ଛେଦ ହେବ ବୋଲି ଜଣାପଡିଛି । ମିଳିଥିବା ସୂଚନା ଅନୁଯାୟୀ ହିତେଶ ମଙ୍ଗଳବାର ରାତିରେ ଆସି ଲଜ୍‌ରେ ରହିଥିଲେ । ସେ ପରୀକ୍ଷା ଦେବାକୁ ସମ୍ବଲପୁର ଆସିଛନ୍ତି ବୋଲି ଲଜ୍ କର୍ମଚାରୀଙ୍କୁ କହିଥିଲେ । ତେବେ, ସେ କାହିଁକି ଆତ୍ମହତ୍ୟା କଲେ ସେନେଇ କିଛି ସ୍ପଷ୍ଟ ହୋଇପାରିନାହିଁ ।

## ଚୋର ଧରିବା ପାଇଁ ଧର୍ମକୁଲା ପୂଜା



**ରେଢ଼ାଖୋଲ, ୧୫ ।୧୦(ସମିସ):** ପୁଲିସକୁ ନାହିଁ ଭରସା । ଗାଁରେ ଚୋରି ହେଲେ ଧର୍ମକୁଲା ପୂଜା ଉପରେ ରହିଛି ବିଶ୍ୱାସ ।ଏଭଳି ଏକ ଅଭାବନୀୟ ଘଟଣା ଘଟିଛି ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଥାନା ଅନ୍ତର୍ଗତ ଶିମିଳିପାଳ ଗ୍ରାମବାସିନ୍ଦା ବିଶ୍ୱାମିତ୍ର ସାହୁ ଏବଂ ଧର୍ମପତ୍ନୀ କଇଁନ୍ତା ସାହୁଙ୍କ ଘରେ ବିଳମ୍ବିତ ରାତ୍ରିରେ କେହି ଦୁର୍ବୃତ୍ତ ବାକ୍ସରୁ ତାଲା ଭାଙ୍ଗି ସୁନା ଗହଣା ଗୁଡ଼ିକ ଚୋରି କରି ନେଇଯାଇଥିଲେ । ଏ ସଂକ୍ରାନ୍ତରେ ରେଢ଼ାଖୋଲ ଥାନାରେ ଆସି ବିଶ୍ୱାମିତ୍ର ଲିଖିତ ଅଭିଯୋଗ କରିଥିଲେ ।ଏଥିରେ ରେଢ଼ାଖୋଲ ଅଞ୍ଚଳରେ ବାରମ୍ବାର ଚୋରି ଘଟଣା ଘଟି ଆସୁଥିବାରୁ ପୁଲିସ ଉପରେ ଭରସା ନ କରି ଗାଁରେ ଚାଲି ଆସୁଥିବା ଧର୍ମକୁଲା ପୂଜାକୁ ଭରସା କରି ପୂଜା ଆୟୋଜନ କରାଯାଉଥିଲା । ଏଥିରେ ଏକ ନୂଆ କୁଲାକୁ ପୂଜା କରାଯାଇଥାଏ । କୁଲାର ଗୋଟିଏ ଭାଗରେ ଏକ କଇଁଞ୍ଚିଠିଚ ଭର୍ତ୍ତି କରି ଅନ୍ୟ ଭାଗ ତଳକୁ ଝୁଲାଇ ରଖାଯାଇଥାଏ । ଏଥିରେ କଇଁଞ୍ଚିଠିଚକୁ ଦୁଇଜଣ ଧରି କୁଲାକୁ ଧରନ୍ତି, ଏପଟେ ପୂଜାରୀ ମନ୍ତ୍ର ପାଠ କରି ସନ୍ଦେହରେ ଥିବା ଗାଁ, ସାହି, ବ୍ୟକ୍ତିଙ୍କ ନାଁ କହି ଚାଉଳ ପକାନ୍ତି । ଏଥିରେ ଯଦି କୁଲା ବୁଲିବାକୁ ବସିଲା ତେବେ ଲୋକେ ଜାଣନ୍ତି ଚୋର କିଏ, ଏପରି ଅନ୍ଧବିଶ୍ୱାସକୁ ନେଇ ଶିମିଳିପାଳ ଗ୍ରାମବାସୀ ଧର୍ମକୁଲା ପୂଜା କରି ଆସୁଛନ୍ତି ।

**ପୁଲିସ ଉପରେ ନାହିଁ ଭରସା**

## ହୀରାକୁଦର ସବୁ ଗେଟ୍ ବନ୍ଦ, ଜଳସ୍ତର ୬୨୯.୯୭ ଫୁଟ

**ସମ୍ବଲପୁର, ୧୫।୧୦ (ସମିସ):** ହୀରାକୁଦ ଜଳଭଣ୍ଡାରର ଉପର ଓ ତଳମୁଣ୍ଡରେ ବର୍ଷା ବନ୍ଦ ହେବାସହ ପ୍ରବେଶ ଜଳ ପରିମାଣ ହ୍ରାସ ପାଇବା ପରେ ବୁଧବାର ପର୍ଯ୍ୟାୟକ୍ରମେ ଖୋଲାଥିବା ୩ଟି ଗେଟ୍‌କୁ ବନ୍ଦ କରିଦିଆଯାଇଛି । ବର୍ତ୍ତମାନ ଜଳସ୍ତର ସର୍ବୋଚ୍ଚ ଜଳଧାରଣ କ୍ଷମତା ୬୩୦ ଫୁଟ୍ ପାଖାପାଖି ରହିଛି । ବୁଧବାର ସନ୍ଧ୍ୟା ୬ଟା ସମୟରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୯.୯୭ ଫୁଟ୍ ରହିଛି । ନଦୀବନ୍ଧର ସମସ୍ତ ସ୍ଲୁଇସ୍ ଗେଟ୍ ବନ୍ଦ କରିଦିଆଯାଇଛି । ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୫୨, ୬୯୩ ଘନଫୁଟ୍ ଜଳ ପ୍ରବେଶ କରୁଥିବାବେଳେ ପାୱାର ଚେନାଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୩୬, ୨୫୫ ଘନଫୁଟ୍ ଜଳ ନିଷ୍କାସିତ ହେଉଛି । ଗତବର୍ଷ ଆଜିର ଦିନରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୮.୩୧ ଫୁଟ୍ ରହିଥିବା ନଦୀବନ୍ଧ ସୂତ୍ରରୁ ପ୍ରକାଶ ।

## ଶିକ୍ଷକ ଅଭାବ, ତାଲା ପକାଇବାକୁ ଚେତାବନୀ

**ଜମନକିରା, ୧୫।୧୦(ସମିସ):** ଜମନକିରା ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଅଧିନସ୍ଥ କୁରେଇବାହଲ କ୍ଲଷ୍ଟର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ କୁତବରେ ଶିକ୍ଷକ ନେଇ ମରୁଡ଼ି ସମ୍ବଲପୁର ଜିଲ୍ଲାପାଳ, ଜିଲ୍ଲା ଶିକ୍ଷା ଅଧିକାରୀ ସମ୍ବଲପୁର, ଜମନକିରା ବିଇଓ, ଜମନକିରା ବିଡିଓଙ୍କୁ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ କୁତବ ସ୍କୁଲ ପରିଚାଳନା କମିଟି ସହ ଗ୍ରାମବାସୀ ଜଣାଇଛନ୍ତି । ୧୦ ଦିନ ମଧ୍ୟରେ ଶିକ୍ଷକ ନିଯୁକ୍ତି ନକଲେ ସ୍କୁଲରେ ତାଲା ପକାଇବା ପାଇଁ ଚେତାବନୀ ଦେଇଛନ୍ତି । ପ୍ରକାଶ ଥାଉ କି ପ୍ରଥମରୁ ଅଷ୍ଟମ ଶ୍ରେଣୀ ଶ୍ରେଣୀ ପାଇଁ ପାଞ୍ଚ ଜଣ ଶିକ୍ଷକଙ୍କୁ ନେଇ ଶିକ୍ଷାଦାନ ସୁରୁଖୁରୁରେ ଚାଲିଥିଲା । ଗୌତମ ବାଘଙ୍କୁ ରେଙ୍ଗୁମୁଣ୍ଡା ବିଦ୍ୟାଳୟକୁ ଡେପୁଟେସନ ପଠାଇ ଦିଆଗଲା । ଏହାପରେ ଶିକ୍ଷକ ଶତ୍ରୁଘ୍ନ କୁମୁରା ଅବସର ଗ୍ରହଣ କଲାପରେ ତିନି ଜଣ ଶିକ୍ଷକରେ ଶିକ୍ଷାଦାନ ହେଉଥିଲା । ତେବେ, ଶିକ୍ଷକ ବିଦ୍ୟାଧର ନାୟକଙ୍କ ପରଲୋକ ହେଲାପରେ ଏବେ ଦୁଇଜଣ ଶିକ୍ଷକରେ ଶିକ୍ଷାଦାନ ଚାଲିଛି । ଫଳରେ ଶିକ୍ଷା ବାଧାପ୍ରାପ୍ତ ହେଉଛି । ଯଦି ୧୦ ଦିନ ମଧ୍ୟରେ ଶିକ୍ଷକ ନିଯୁକ୍ତି ଦିଆ ନଗଲେ ତହିଁ ଆରଦିନ ସ୍କୁଲରେ ଏସଏମସି କମିଟି ଓ ଗ୍ରାମବାସୀ ମିଳିତ ଭାବେ ତାଲା ପକାଇବା ପାଇଁ ଏସଏମସି କମିଟି ସଭାପତି ମିନା ସିଂ ସହ ୫୬ ଜଣ ଦସ୍ତଖତରେ ଚେତାବନୀ ଦେଇଛନ୍ତି ।



## ବୁଢ଼ାରଜା ଉଚ୍ଚ ବିଦ୍ୟାଳୟରେ ବିକଶିତ ଭାରତ ବିଲ୍ଡାଥନ କାର୍ଯ୍ୟକ୍ରମ



**ସମ୍ବଲପୁର, ୧୫।୧୦ (ସମିସ) :** ସ୍ଥାନୀୟ ବୁଢ଼ାରଜା ସରକାରୀ ଉଚ୍ଚ ବିଦ୍ୟାଳୟରେ 'ବିକଶିତ ଭାରତ ବିଲ୍ଡାଥନ୍' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସମଗ୍ର ଓଡ଼ିଶାରୁ ଏହି କାର୍ଯ୍ୟକ୍ରମରେ ଭାଗ ନେଇଥିବା ତିନୋଟି ବିଦ୍ୟାଳୟ ମଧ୍ୟରୁ ବୁଢ଼ାରଜା ଉଚ୍ଚ ବିଦ୍ୟାଳୟ ମନୋନୀତ ହୋଇ ନୀତି ଆୟୋଗ ଏବଂ ଅଟଳ ଇନୋଭେସନ୍ ମିଶନ୍ ଦ୍ୱାରା ଆୟୋଜିତ ବିକଶିତ ଭାରତ ବିଲ୍ଡାଥନ୍ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲା । ଏହି ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଜାତୀୟସ୍ତରର ଏହି ବୃହତ୍ ଇନୋଭେସନ୍ କାର୍ଯ୍ୟକ୍ରମରେ ନିଜର ଅଭିନବ ପ୍ରକଳ୍ପର ମୂଳ ମଡେଲ ପଞ୍ଜିକରଣ କରିଥିଲେ । ଏହି କାର୍ଯ୍ୟକ୍ରମଟି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା । ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁମିତା ପତ୍ରୀଙ୍କ ମାର୍ଗଦର୍ଶନରେ ଶିକ୍ଷକ ଶିକ୍ଷୟିତ୍ରୀ ଜୟନ୍ତୀ ହୋତା, ଦେବଶ୍ରୀ ଦେହୁରୀ ଏବଂ ସୁବ୍ରତ ସାହୁ ଛାତ୍ରଛାତ୍ରୀ ମାନଙ୍କୁ ମାର୍ଗଦର୍ଶନ କରିଥିଲେ । ଛାତ୍ରଛାତ୍ରୀ ରାହୁଲ ସାହୁ, ଅମୃତା ମିଶ୍ର, ପ୍ରତୀକ ପଣ୍ଡା, ଦେବଦତ୍ତ ଗଡ଼ନାୟକ, ଥବିର ଭୋଇ ଏବଂ ଆରୋହୀ ପଣ୍ଡିତ 'ସମୃଦ୍ଧ ଭାରତ' ପାଇଁ ପ୍ରକଳ୍ପ ପ୍ରସ୍ତୁତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଶିକ୍ଷାଧିକାରୀ ଲକ୍ଷ୍ମଣ ଭୋଇ, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ସତ୍ୟବ୍ରତ ସାହୁ ଏବଂ ଜିଲ୍ଲା ବିଜ୍ଞାନ ନିରୀକ୍ଷକ ପାର୍ଥ ସାରଥି ପ୍ରଧାନ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ ।

## ଅବଦୁଲ କଲାମଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ



**ସମ୍ବଲପୁର, ୧୫।୧୦ (ସମିସ) :** ଭାରତରତ୍ନ ପୂର୍ବତନ ରାଷ୍ଟ୍ରପତି ଡଃ ଏପିଜେ ଅବଦୁଲ କଲାମଙ୍କ ୯୫ତମ ଜୟନ୍ତୀ ଓଡ଼ିଶା ସାଂସ୍କୃତିକ ସମାଜ ଆନୁକୂଲ୍ୟରେ ଧନୁପାଲିସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ପାଳିତ ହୋଇଯାଇଛି । ଅନୁଷ୍ଠାନର ସଭାପତି ଡଃ ପରେଶ ଚନ୍ଦ୍ର ଦାନୀ ସଭାରେ ଅଧ୍ୟକ୍ଷତା କରି ଛାତ୍ରଛାତ୍ରୀ ମାନଙ୍କୁ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ଆହ୍ୱାନ ଦେଇଥିଲେ । ପ୍ରଧାନ ଆଚାର୍ଯ୍ୟ ବିଭୁ ପ୍ରସାଦ ମହାପାତ୍ର ସ୍ୱାଗତ ଭାଷଣ ଦେଇଥିଲେ । ଦୀପ ପ୍ରଜ୍ୱଳନ ସହ ସ୍ୱାଗତ ବନ୍ଦନା ଆଚାର୍ଯ୍ୟା ଅନ୍ନପୂର୍ଣ୍ଣା ପାଢ଼ୀଙ୍କ ନିର୍ଦ୍ଦେଶନାରେ ସୋମ୍ୟା ସୋନାଲିକା କୁମ୍ଭାର, ଅନ୍ୱେଷା ପଣ୍ଡା ଓ ନମ୍ରତା ସାହୁ ଗାଇଥିଲେ । ସାଂସ୍କୃତିକ ସମାଜ ସମ୍ପାଦକ ଦୀନବନ୍ଧୁ ପଣ୍ଡା ଓଡ଼ିଶା ସାଂସ୍କୃତିକ ସମାଜର ଆଭିମୁଖ୍ୟ ତଥା ମହାପୁରୁଷଙ୍କ ଜୀବନୀରୁ ଛାତ୍ରଛାତ୍ରୀ ମାନେ ଉଦ୍‌ବୁଦ୍ଧ ହେବାକୁ ଏଭଳି କାର୍ଯ୍ୟକ୍ରମ ଆୟୋଜନ କରାଯାଉଥିବା କହିଥିଲେ । ମୁଖ୍ୟବକ୍ତା ସନ୍ତୋଷିନୀ ବାବୁ ଭାରତରତ୍ନ ଡଃ କଲାମଙ୍କ ଛାତ୍ରଛାତ୍ରୀ ମାନଙ୍କ ପ୍ରତି ଥିବା ଶ୍ରଦ୍ଧା ତଥା ଉପଦେଶ ତାଙ୍କ ଚରିତ୍ର ଗଠନରେ ସହାୟକ ହେବ ବୋଲି ସୂଚନା ଦେଇଥିଲେ । ଶେଷରେ କାର୍ଯ୍ୟାଳୟ ସମ୍ପାଦକ ଅଖିଳ ରଞ୍ଜନ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

## ଆଦିବାସୀ ଏକତା ମଞ୍ଚ ପକ୍ଷରୁ ବୈଠକ

**କୁଚିଣ୍ଡା, ୧୫ ।୧୦(ସମିସ):** କୁଚିଣ୍ଡାସ୍ଥିତ ଶ୍ରମିକ ଭବନରେ ଆଦିବାସୀ ଏକତା ମଞ୍ଚର ସଭାପତି ଗଜେନ୍ଦ୍ର ଭୋଇଙ୍କ ସଭାପତିତ୍ୱରେ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୁଧବାର ପୂର୍ବାହ୍ନରେ ଜମନକିରା, କୁଚିଣ୍ଡା ବ୍ଲକର ଶତାଧିକ ଆଦିବାସୀ ପୁରୁଷ ମହିଳା ଯୋଗଦାନ କରି ଆଦିବାସୀଙ୍କ ଜଙ୍ଗଲ, ଜମି ଓ ଜଳ ଉପରେ ଆଲୋଚନା କରାଯିବା ସହ ଆଗାମୀ ଦିନରେ ହକ ପାଇବା ଲାଗି ସମସ୍ତ ପ୍ରକିୟାକୁ ଜାରି ରଖିବା ସହ ସମସ୍ତ କର୍ମକର୍ତ୍ତା ସଂଗଠନ ହୋଇ ଜଙ୍ଗଲ ଜମି ପାଇବାରୁ ବଞ୍ଚିତ ଥିବା ପରିବାରଙ୍କୁ ପୁନଶ୍ଚ ଆବେଦନର ସୁଯୋଗ ପ୍ରଦାନ, ଚାଷ କରିଥିବା ଜଙ୍ଗଲ ଜମିର ପଞ୍ଜିକରଣ କରି ଧାନ ବିକ୍ରି କିପରି କରିପାରିବେ ବିସ୍ତୃତ ଆଲୋଚନା ହୋଇଥିଲା । ଆଗାମୀ ଦିନରେ ତୃଣମୂଳସ୍ତରରୁ କିପରି ଏକ ଜୁଟ ହୋଇ ଆଦିବାସୀଙ୍କ ପ୍ରତି ହେଉଥିବା ଅନ୍ୟାୟ ଅତ୍ୟାଚାର ବିରୋଧରେ ପ୍ରତିବାଦ ଆଦି ପ୍ରସ୍ତାବ ଉପରେ ଆଲୋଚନା ହୋଇଥିଲା । ଏହି ଅବସରରେ ସ୍ୱେଚ୍ଛାସେବୀ ସଙ୍ଗଠନ ର ସଂଗଠକ ଲମ୍ବୋଧର କୁମୁରା, ଲମ୍ବୋଦର ପ୍ରଧାନ, ପ୍ରଶାନ୍ତ ପ୍ରଧାନ, ଛନ୍ଦ୍ରମଣି ମାଝୀ, ରଘୁମଣି ମାଝୀ, ହରେଶ୍ ଭୋଇ, ସୀତାରାମ ଚାରଦିଆ, ପର୍ଶୁରାମ ମାଝୀ, ନରେଶ ବଲୁଆଙ୍କ ସମେତ ବହୁ ପୁରୁଷ ମହିଳା ଯୋଗଦାନ କରିଥିଲେ ।



## ଧନକଉଡ଼ା ମୌଜାରେ ପଙ୍କ ଉଦ୍ଧାର କାର୍ଯ୍ୟ

# ଏସ୍‌ଏଚ୍‌ଜିଙ୍କୁ ମିଳିନି ବକେୟା ଟଙ୍କା

ସମ୍ବଲପୁର, ୧୫।୧୦(ସମିସ)

ସମ୍ବଲପୁର ମହାନଗର ନିଗମ ପକ୍ଷରୁ ଧନକଉଡ଼ା ମୌଜା ଅନ୍ତର୍ଗତ ୧୦ଟି ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ପୋଖରୀରୁ ପଙ୍କୋଦ୍ଧାର କାର୍ଯ୍ୟ ପାଇଁ ଠିକାରେ ନିୟୋଜିତ କରାଯାଇଥିଲା । ସେମାନଙ୍କୁ କାର୍ଯ୍ୟାଦେଶ ଦିଆଯାଇଥିବାବେଳେ ସେମାନେ ସମସ୍ତ କାର୍ଯ୍ୟ ସମ୍ପୂର୍ଣ୍ଣ କରିଛନ୍ତି । ତେବେ, ମାସ ପରେ ମାସ ବିତିଗଲେ ହେଁ ସେମାନଙ୍କ ଦେୟ ଦିଆଯାଉନାହିଁ । ଏନେଇ ଏସ୍‌ଏଚ୍‌ଜି ସଦସ୍ୟାମାନେ ଆଜି ଜିଲ୍ଲାପାଳ କାର୍ଯ୍ୟାଳୟଙ୍କୁ ଫେରାଦ ହେବାକୁ ଆସି ଧାରଣାରେ ବସିଥିଲେ । ତେବେ ସମ୍ବଲପୁର ମହାନଗର ନିଗମ ଉପାୟୁକ୍ତ ସେଠାରେ ପହଞ୍ଚି ଆସନ୍ତା ମଙ୍ଗଳବାର ସୁଦ୍ଧା ବକେୟା ରାଶି ପ୍ରଦାନ କରିବାକୁ ପ୍ରତିଶ୍ରୁତି ଦେଲାପରେ ସେମାନେ ଆନ୍ଦୋଳନରୁ ହଟିଥିଲେ ।

ଅଭିଯୋଗ ଅନୁଯାୟୀ, ସମ୍ବଲପୁର ମହାନଗର ନିଗମ ପକ୍ଷରୁ ପତ୍ର ସଂଖ୍ୟା ୧୦୬୪୩ ତା. ୭-୧୨-୨୦୨୩ ଜରିଆରେ ସତସଙ୍ଗ ବିହାରର ବାନିକିଁଟା ବନ୍ଧର ପଙ୍କୋଦ୍ଧାର କାର୍ଯ୍ୟ ଦିଆଯାଇଥିଲା । ଏହି କାମକୁ ୧୦ଟି ଏସ୍‌ଏଚ୍‌ଜି କରୁଥିଲେ । ପ୍ରତି ଏସ୍‌ଏଚ୍‌ଜିକୁ ୧୧, ୭୨, ୮୨୪ ଟଙ୍କାର କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା । ଠିକ୍ ସମୟରେ ଏସ୍‌ଏଚ୍‌ଜି ସଦସ୍ୟାମାନେ ଗ୍ରୁପ୍ ଲୋନ୍ ଓ ସୁଧ ଟଙ୍କାରେ ଆଣି କାମ ସମ୍ପୂର୍ଣ୍ଣ କରିଥିଲେ । ଗତବର୍ଷ ଏସ୍‌ଏଚ୍‌ଜି ପିଛା ୪, ୨୦, ୦୦୦ ଟଙ୍କା ଲେଖାଏ ପ୍ରଦାନ କରିଥିଲେ । ଏପର୍ଯ୍ୟନ୍ତ ବକେୟା ଟଙ୍କା ଦିଆଯାଇନାହିଁ । ଗତ ଦୁଇବର୍ଷ ହେବ ଏସ୍‌ଏଚ୍‌ଜି ପିଛା ୭, ୫୨, ୮୨୪ ଟଙ୍କା ଲେଖାଏ ବକେୟା ରହିଛି । ଏନେଇ ସେମାନେ ମହାନଗର ନିଗମ ଆୟୁକ୍ତଙ୍କୁ ବାରମ୍ବାର ଅଭିଯୋଗ କଲେ ସୁଦ୍ଧା କେବଳ ପ୍ରତିଶ୍ରୁତି ମିଳୁଛି କିନ୍ତୁ ବଳକା ଟଙ୍କା ଦିଆଯାଉନାହିଁ । ସେମାନଙ୍କ ଋଣର ସୁଧ ବୃଦ୍ଧି ପାଉଥିବାବେଳେ ଏହାକୁ ନେଇ ପରିବାର ମାନଙ୍କରେ କଳହ ଓ ଅଶାନ୍ତି ସୃଷ୍ଟି ହେଉଛି । ଉଲ୍ଲେଖଯୋଗ୍ୟ ଯେ, ଗତ ୮ ତାରିଖରେ ଜିଲ୍ଲାପାଳଙ୍କୁ ଏନେଇ ଏକ ଦାବିପତ୍ର ଦେବାସହ ୧୩ ତାରିଖ ସୁଦ୍ଧା ବକେୟା ଅର୍ଥ ପ୍ରଦାନ କରା ନଗଲେ ସତସଙ୍ଗ ବିହାର ଛକଠାରେ ଜାତୀୟ ରାଜପଥ ଅବରୋଧ କରିବାକୁ ଚେତାବନୀ ଦେଇଥିଲେ । ଆଜି ଜିଲ୍ଲାପାଳ କାର୍ଯ୍ୟାଳୟରେ ମହିଳାମାନେ ଧାରଣା ଦେଇଥିଲେ । ଖବରପାଇ ମହାନଗର ନିଗମ ଉପାୟୁକ୍ତ ସେଠାରେ ପହଞ୍ଚି ବକେୟା ରାଶି ମଙ୍ଗଳବାର ସୁଦ୍ଧା ପ୍ରଦାନ ପାଇଁ ପ୍ରତିଶ୍ରୁତି ଦେବାପରେ ସେମାନେ ଆନ୍ଦୋଳନରୁ ଓହରି ଯାଇଥିଲେ ।



# ପୂର୍ବତଟ ରେଳ କର୍ମଚାରୀ ସଂଘର ଧାରଣା

**ସମ୍ବଲପୁର, ୧୫।୧୦ (ସମିସ):** ପୂର୍ବତଟ ରେଳ କର୍ମଚାରୀ ସଂଘ, ସମ୍ବଲପୁର ଶାଖା ପକ୍ଷରୁ ଆଜି ପୂର୍ବାହ୍ଣରେ ସମ୍ବଲପୁର ଡିଆରଏମ କାର୍ଯ୍ୟାଳୟ ସମ୍ମୁଖରେ ବିଭିନ୍ନ ଦାବି ନେଇ ଧାରଣା ଦିଆଯାଇଥିଲା। ଏହି ଧାରଣାରେ ସଂଘର ବହୁ ସଦସ୍ୟ ସାମିଲ ହୋଇଥିଲେ। ଦାବିପତ୍ର ଅନୁଯାୟୀ, ସରକାରଙ୍କୁ ଅଷ୍ଟମ ବେତନ କମିଶନ ପାଇଁ ଟିମ ଗଠନ କରାଯିବା ପାଇଁ ବହୁ ଦିନରୁ ଦାବି ହୋଇଆସୁଛି, କିନ୍ତୁ ସରକାର ଏପର୍ଯ୍ୟନ୍ତ କୌଣସି ଟିମ ଗଠନ କରିନାହାନ୍ତି। ଏହାସହ ଡିଭିଜନ ସ୍ତରରେ ବହୁତ ଗୁଡ଼ିଏ ସମସ୍ୟା ରହିଛି ତାହାର ସମାଧାନ କରାଯାଉନାହିଁ। ଦାବି ଗୁଡ଼ିକ ମଧ୍ୟରେ - ଟିଏମ୍ ୧, ୨ ଓ ୩ର ତୁରନ୍ତ ପ୍ରୋତ୍ସାହନ, ଟିଏମ୍ ବର୍ଗରେ ମଞ୍ଜୁରୀପ୍ରାପ୍ତ କ୍ୟାଡର ପୂରଣ, ଟ୍ରାକ୍ ରକ୍ଷଣାବେକ୍ଷଣକାରୀଙ୍କ ପାଇଁ ଜିଡିସିଇ / ଏଲ୍‌ଡିସିଇ ଖୋଲାଯିବା, ବୟସ ପ୍ରତି ଅସମ୍ମତ ଜିଡିସିଇ / ଏଲ୍‌ଡିସିଇ ପାଇଁ ସମସ୍ତ ଟ୍ରାକ୍ ରକ୍ଷଣାବେକ୍ଷଣକାରୀଙ୍କୁ ଅନୁମତି ଦେବା, ୨୦ କିଲୋମିଟରରୁ ୧୨ କିଲୋମିଟର ପର୍ଯ୍ୟନ୍ତ ପାଟ୍ରୋଲିଂ ହ୍ରାସ, ରେଳ ବୋର୍ଡ ନିର୍ଦ୍ଦେଶାବଳୀ ଅନୁଯାୟୀ ସୁରକ୍ଷା କିଟ୍ ଯୋଗାଣ, ରାତି ପାଟ୍ରୋଲିଂରେ ଏଜେନ୍ସି ଶ୍ରମିକଙ୍କ ସ୍ଥାନରେ କର୍ମଚାରୀଙ୍କ ବ୍ୟବସ୍ଥା, ସାଢ଼େ ୫ ଘଣ୍ଟା ବଦଳରେ ୬ ଘଣ୍ଟାରୁ କିମ୍ୟାନ୍ ରୋଷ୍ଟର ପୁନରୁଦ୍ଧାର, ବିଭାଗରେ ପ୍ରତ୍ୟେକ ଦଳ ପାଇଁ ଟ୍ରାକ୍ ରକ୍ଷଣାବେକ୍ଷଣକାରୀଙ୍କ ନିର୍ଦ୍ଦିଷ୍ଟକରଣ ଆଦି ସଂଘ ପକ୍ଷରୁ ୧୨ ଦଫା ଦାବି ରହିଛି।




# ସମ୍ବଲପୁର ରେଳମଣ୍ଡଳରେ ସ୍ୱଚ୍ଛତା ପକ୍ଷ ଉଦ୍‌ଯାପିତ

**ସମ୍ବଲପୁର, ୧୫।୧୦ (ସମିସ)**

ଗତ ଅକ୍ଟୋବର ୧ରୁ ୧୫ ତାରିଖ ପର୍ଯ୍ୟନ୍ତ ସମ୍ବଲପୁର ରେଳମଣ୍ଡଳରେ 'ସ୍ୱଚ୍ଛତା ହିଁ ସେବା' ସ୍ୱଚ୍ଛତା ପକ୍ଷ-୨୦୨୫ ଆୟୋଜିତ ହୋଇଯାଇଛି। ଏହି ସ୍ୱଚ୍ଛତା ପକ୍ଷରେ ବିଭିନ୍ନ ଦିନରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ସମ୍ବଲପୁର ରେଳମଣ୍ଡଳ ପକ୍ଷରୁ ମଣ୍ଡଳ ରେଳ ପ୍ରବନ୍ଧକ ସୁବାସ ଚନ୍ଦ୍ର ଚୌଧରୀଙ୍କ ନେତୃତ୍ୱରେ ସମ୍ବଲପୁର ଷ୍ଟେସନ ପରିସରରେ ଏବଂ ରେଳ ନଗର, ସମ୍ବଲପୁରର ମଣ୍ଡଳ ରେଳ ହସ୍ପିଟାଲରେ ଅଧିକାରୀ ଏବଂ କର୍ମଚାରୀମାନଙ୍କ ସହିତ ଏକ ବିଶାଳ ସଫେଇ ଅଭିଯାନ କରାଯାଇଥିଲା। ସମ୍ବଲପୁରର ମଣ୍ଡଳ ରେଳ ପ୍ରବନ୍ଧକ 'ସ୍ୱଚ୍ଛ ସଚେତନତା' ଉପରେ ରେଳ ଅଧିକାରୀ ଏବଂ କର୍ମଚାରୀମାନଙ୍କୁ ସ୍ୱଚ୍ଛତା ଶପଥ ପାଠ କରାଇଥିଲେ। 'ସ୍ୱଚ୍ଛ ସମ୍ବାଦ' ଉପରେ ହାଉସକିପିଂ କର୍ମଚାରୀଙ୍କ ମଧ୍ୟରେ ଏକ ସେମିନାର ଆୟୋଜନ କରାଯାଇଥିଲା। 'ସ୍ୱଚ୍ଛ ଷ୍ଟେସନ' ଏହି ଅଭିଯାନ ସମୟରେ ବିଭିନ୍ନ ଷ୍ଟେସନରେ ସଫେଇ ଅଭିଯାନ, ଉପଯୁକ୍ତ ସଫେଇ ଯନ୍ତ୍ରପାତି ଏବଂ ସାମଗ୍ରୀର କାର୍ଯ୍ୟ ଏବଂ ଉପଲବ୍ଧତା, ସଫେଇ କର୍ମଚାରୀଙ୍କ ଦ୍ୱାରା ସୁରକ୍ଷା ଗିଅର ବ୍ୟବହାର ଇତ୍ୟାଦି ସୁନିଶ୍ଚିତ କରାଯାଇଛି। 'ସ୍ୱଚ୍ଛ ରେଳଗାଡ଼ି' ଅଧୀନରେ ଡିଭିଜନରୁ ଆସୁଥିବା ଟ୍ରେନଗୁଡ଼ିକ ଏବଂ ଡିଭିଜନ ଦେଇ ଯାଉଥିବା ଟ୍ରେନଗୁଡ଼ିକର ସଫେଇ, କୋଚ୍, ଶୌଚାଳୟ, ବର୍ଥ, ୱାଶ୍ ବେସିନ୍, ଦର୍ପଣ ଏବଂ ବୈଦ୍ୟୁତିକ ଉପକରଣ ସଫା କରିବା ସୁନିଶ୍ଚିତ କରାଯାଇଥିଲା। 'ସ୍ୱଚ୍ଛ ପଟ୍ରି' ଅଧୀନରେ ରେଳ ଟ୍ରାକ୍ ଏବଂ ସଂଲଗ୍ନ ଅଞ୍ଚଳଗୁଡ଼ିକର ସଘନ ସଫା କରାଯାଇଥିଲା। 'ସ୍ୱଚ୍ଛ ପରିସର' ଅଧୀନରେ ସମ୍ବଲପୁର ଡିଭିଜନର ବିଭିନ୍ନ କାର୍ଯ୍ୟାଳୟ, ରେଳ ହସ୍ପିଟାଲ, ସ୍ୱାସ୍ଥ୍ୟ ୟୁନିଟ୍, କୋଚିଂ ଡିପୋ, କ୍ରିଭ ଲବି, ରେଳ କଲୋନୀ, ରନିଂ ରୁମ୍, ପ୍ରତିକ୍ଷାଳୟ, ବିଶ୍ରାମ ଗୃହ ଇତ୍ୟାଦିରେ ସଘନ ସଫେଇ ଅଭିଯାନ କରାଯାଇଥିଲା। 'ସ୍ୱଚ୍ଛ ଆହାର' ଅଧୀନରେ କ୍ୟାଣ୍ଟିନ୍, ଖାଦ୍ୟ ଷ୍ଟଲ୍, ପ୍ୟାଣ୍ଟ୍ରି କାର, ଚା' ଷ୍ଟଲ୍ ଏବଂ ଅନ୍ୟାନ୍ୟ କ୍ୟାଟରିଂ ୟୁନିଟ୍ ଗୁଡ଼ିକରେ ସଘନ ସଫେଇ ଅଭିଯାନ କରାଯାଇଥିଲା। 'ସ୍ୱଚ୍ଛ ପ୍ରସାଦନ' ଅଧୀନରେ ଶୌଚାଳୟଗୁଡ଼ିକର ସଘନ ସଫେଇ ଆୟୋଜନ କରାଯାଇଥିଲା। 'ସ୍ୱଚ୍ଛ ନୀର' ଅଧୀନରେ ବିଭିନ୍ନ ଷ୍ଟେସନରେ ଯୋଗାଣ ହେଉଥିବା ପାଣିର ଗୁଣବତ୍ତା ସୁନିଶ୍ଚିତ କରିବା ପାଇଁ ସମସ୍ତ ଜଳ ସ୍ଥାପନ, ଫିଲ୍ଟର ପ୍ଲାଣ୍ଟ, ଜଳ ଯୋଗାଣର ଉତ୍ସର ସଘନ ଯାଞ୍ଚ କରାଯାଇଥିଲା। 'ସ୍ୱଚ୍ଛ ପ୍ରତିଯୋଗିତା' ଅଧୀନରେ କର୍ମଚାରୀଙ୍କ ପିଲାମାନଙ୍କ ମଧ୍ୟରେ ଏକ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ପ୍ଲାଷ୍ଟିକର ଏକକ ବ୍ୟବହାର ଉପରେ ନିଷେଧ ଉଲ୍ଲଙ୍ଘନ କରିଥିବାରୁ ବିଭିନ୍ନ ରେଳ ଷ୍ଟେସନରେ ବିକ୍ରେତା ଷ୍ଟଲଗୁଡ଼ିକୁ ଦଣ୍ଡିତ କରାଯାଇ ବିଶେଷ ଅଭିଯାନ କରାଯାଇଥିଲା।




# ବାଇଏଥେଲ ଚାମ୍ପିଅନସିପ୍‌ରେ ଅମୀୟଙ୍କୁ ବ୍ରୋଞ୍ଜ ପଦକ

**ନାକଟିଦେଉଳ, ୧୫।୧୦(ସମିସ):** ନାକଟିଦେଉଳ ବ୍ଲକ ଉପରମୁଣ୍ଡାନିବାସୀ ଅନ୍ତର୍ଯ୍ୟାମୀ ପ୍ରଧାନଙ୍କ କନିଷ୍ଠ ପୁତ୍ର ଅମୀୟ କୁମାର ପ୍ରଧାନ ମଧ୍ୟପ୍ରଦେଶର ଇନ୍ଦୋରରେ ଗତ ୪ରୁ ୭ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ଜାତୀୟ ଦୌଡ଼ ଯୁକ୍ତ ସନ୍ତରଣ ବା ବାଇଏଥେଲ ଚମ୍ପିୟାନସିପ୍ ପ୍ରତିଯୋଗିତାରେ ପ୍ରଣବ ଦାସ ଓ ରାୟଗୁରୁ ସୂର୍ଯ୍ୟାଂଶ ମହାପାତ୍ରଙ୍କ ସହିତ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଏହା ସହିତ ଆସନ୍ତା ଡିସେମ୍ବର ମାସରେ ଅମୀୟ ଦକ୍ଷିଣ ଆଫ୍ରିକା ହେବାକୁ ଥିବା ବିଶ୍ୱ ଚମ୍ପିୟାନସିପ୍ ପ୍ରତିଯୋଗୀତାରେ ଭାଗ ନେବା ପାଇଁ ମନୋନୀତ ହୋଇଛନ୍ତି। ଅମୀୟଙ୍କ ସଫଳତା ପାଇଁ ଅବସରପ୍ରାପ୍ତ ପ୍ରଧାନଶିକ୍ଷୟତ୍ରୀ ରଶ୍ମିତା ମହାନ୍ତି, ଖେଳ ଶିକ୍ଷକ ସୁଜିତ କୁମାର ସାହୁ, ବିଜାଗଡ଼ ଉଚ୍ଚପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଗୀତାରାଣୀ ସାହୁ, ବଞ୍ଜା ଗୋଳା ଉଚ୍ଚପ୍ରାଥମିକ ବିଦ୍ୟାଳୟ ର ପ୍ରଧାନଶିକ୍ଷକ ବ୍ରଜ ଚନ୍ଦ୍ର ସାହୁ, ହୁସେନ୍ କୁମାର୍ ସାହୁ, କ୍ରୀଡ଼ା ପ୍ରଶିକ୍ଷକ ବିଭୁତି ଭୁଷଣ ପ୍ରଧାନଙ୍କ ସମେତ ଉପରମୁଣ୍ଡା ଗ୍ରାମବାସୀ ଅଭିନନ୍ଦନ ଜଣାଇଛନ୍ତି। ଅମୀୟ ସମ୍ବଲପୁର ଓ ଭୁବନେଶ୍ୱରର ସ୍ପୋର୍ଟ୍ସ ହଷ୍ଟେଲରୁ ଶିକ୍ଷା ତଥା ପ୍ରଶିକ୍ଷଣ ସମାପ୍ତ କରି ଅଧୁନା ଟିଟିଲାଗଡ଼ର ଓମ୍‌ଭେଲି ଆବାସିକ ବିଦ୍ୟାଳୟରେ ସନ୍ତରଣ ପ୍ରଶିକ୍ଷକ ଭାବରେ କାର୍ଯ୍ୟ କରୁଛନ୍ତି।



# ହାଇୱା-ଟ୍ରକ୍ ଧକ୍କା



**ସମ୍ବଲପୁର, ୧୫।୧୦(ସମିସ):** ସମ୍ବଲପୁର ଜିଲ୍ଲା ଯୁଯୋମୁରା ବ୍ଲକ ମୁଣ୍ଡେରଠାରେ ଆଜି ଏକ ସଡ଼କ ଦୁର୍ଘଟଣାରେ ଦୁଇଟି ଯାକ ଗାଡ଼ି କ୍ଷତିଗ୍ରସ୍ତ ହୋଇଛି। ସୂଚନା ଅନୁଯାୟୀ, ଆଜି ମୁଣ୍ଡେର ନିକଟରେ ଏକ ପାଉଁଶ ବୋଝେଇ ହାଇୱା ଏବଂ ଗୋଟିଏ ଜିପ୍‌ସମ୍ ବୋଝେଇ ଟ୍ରକ୍ ମଧ୍ୟରେ ଧକ୍କା ହୋଇଥିଲା। ଏହି ଧକ୍କା ଏତେ ବଡ଼ ଧରଣର ଥିଲା ଯେ ଉଭୟ ଗାଡ଼ି ଭାଙ୍ଗିରୁଜି ଯାଇଛି। ତେବେ, ସୌଭାଗ୍ୟବଶତଃ ଚାଳକ ବା ସହକାରୀ ବର୍ତ୍ତି ଯାଇଛନ୍ତି। ଉଭୟ ଗାଡ଼ି ବୋଝେଇ ହୋଇ ଓଜନିଆ ହୋଇଥିବାରୁ ସେଗୁଡ଼ିକ ସେହିଭଳି ରାସ୍ତାକଡ଼ରେ ପଡ଼ିରହିଛି। ଏନେଇ ଯୁଯୋମୁରା ଥାନାରେ କୌଣସି ଅଭିଯୋଗ ହୋଇନାହିଁ।

# ହିଣ୍ଡାଲ୍‌କୋ ଓ ସମନ୍ୱିତ ଶିଶୁ ବିକାଶ ବିଭାଗ ପକ୍ଷରୁ ପୋଷଣ ମାସ ପାଳନ



**ସମ୍ବଲପୁର, ୧୫।୧୦ (ସମିସ) :** ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍, ହୀରାକୁଦର ପାରିପାର୍ଶ୍ୱିକ ଉନ୍ନୟନ ବିଭାଗ ଓ ସମନ୍ୱିତ ଶିଶୁ ବିକାଶ ବିଭାଗର ମିଳିତ ସହଯୋଗରେ 'ପୋଷଣ ମାସ ପାଳନ ୨୦୨୫' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସ୍ଥାନୀୟ ପାୱାର କଲୋନୀ କମ୍ୟୁନିଟି ସେଣ୍ଟରଠାରେ ହୀରାକୁଦ ସେକ୍ଟରର ସମସ୍ତ ଅଙ୍ଗନବାଡ଼ି କର୍ମୀ ମାନଙ୍କୁ ନେଇ 'ଉତ୍ତମ ପୋଷଣ - ସୁସ୍ଥ ଜୀବନ' ଏକ ସଭାର ଆୟୋଜନ କରାଯାଇଥିଲା। ହିଣ୍ଡାଲକୋ ହୀରାକୁଦର ମାନବ ସମ୍ବଳ ମୁଖ୍ୟ ବିଶ୍ୱାସ ସିନ୍ଦେ୍ଧ, ଶୟନ୍ତୀ ଭୋଇ, ରୁଦ୍ରାଣୀ ମହାପାତ୍ର, ବିଳାସିନୀ ନାଥଶର୍ମା ଏବଂ ପାରିପାର୍ଶ୍ୱିକ ଉନ୍ନୟନ ବିଭାଗର ପ୍ରବନ୍ଧକ ଆନନ୍ଦ ଚକ୍ରବର୍ତ୍ତୀ, ଜିତେଶ ରଥ, ଉପଦେଷ୍ଟା ସୁକାନ୍ତ ମହାପାତ୍ର ମିଳିତ ଭାବରେ ଦୀପ ପ୍ରଜ୍ୱଳନ କରି ଉଦଘାଟନ କରିଥିଲେ। ଶୟନ୍ତୀ ଭୋଇ ପୋଷଣ ମାସ ଉପରେ ଆଲୋକପାତ କରି ଉତ୍ତମ - ପୋଷଣ ସୁସ୍ଥ ଜୀବନ ବିଷୟରେ କହିଥିଲେ ଏବଂ ହିଣ୍ଡାଲକୋ ହୀରାକୁଦ ଏହି କାର୍ଯ୍ୟକ୍ରମକୁ ସହଯୋଗ କରିଥିବାରୁ ହିଣ୍ଡାଲକୋକୁ ସାଧୁବାଦ ଦେଇଥିଲେ। ଆନନ୍ଦ ଚକ୍ରବର୍ତ୍ତୀ ରକ୍ତହୀନତା ବିଷୟରେ ସଚେତନତା, ଏହାର ପରୀକ୍ଷା ଏବଂ ଚିକିତ୍ସା ବିଷୟରେ ଆଲୋଚନା କରିଥିଲେ। ଜିତେଶ ରଥ ଦୈନନ୍ଦିନ ଖାଦ୍ୟରେ ବିବିଧତା ଆଣିବାପାଇଁ ଆଞ୍ଚଳିକ କ୍ଷୁଦ୍ର ଖାଦ୍ୟଶସ୍ୟ ସାମିଲ କରିବାପାଇଁ ଆହ୍ୱାନ ଦେଇଥିଲେ। ପୋଷଣର ବ୍ଲକ ସଂଯୋଜକ ଅକ୍ଷୟ ସୁନା କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ରାଧେଶ୍ୟାମ ପଣ୍ଡା ଏବଂ ତାଙ୍କ ଦଳ ଲୋକକଳା-ପାଲା ମାଧ୍ୟମରେ 'ସ୍ୱାସ୍ଥ୍ୟ ସଚେତନତା' ଉପରେ ସଚେତନ କରିଥିଲେ। ପାରିପାର୍ଶ୍ୱିକ ଉନ୍ନୟନ ବିଭାଗର ସରୋଜ ଆଚାର୍ଯ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଜୟଶ୍ରୀ ରାଓ, ସନ୍ତୋଷ ତ୍ରିପାଠୀ, ମିଳନ ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ବରିଷ୍ଠ ସାମ୍ବାଦିକଙ୍କ ପରଲୋକ


**ଝାରବନ୍ଧ, ୧୫।୧୦(ସମିସ):** ଝାରବନ୍ଧ ଅଞ୍ଚଳର ବରିଷ୍ଠ ସାମ୍ବାଦିକ ତଥା ଝାରବନ୍ଧର ପୂର୍ବତନ ସକାଳ ଖବରକାଗଜ ପ୍ରତିନିଧି ରମେଶ ଚନ୍ଦ୍ର ବାରିକଙ୍କ ବୁଧବାର ପରଲୋକ ହୋଇଯାଇଛି। କିଛି ଦିନ ତଳେ ଦିଲ୍ଲୀ ଏମ୍ସରୁ ଚିକିତ୍ସା ସାରି ଝାରବନ୍ଧସ୍ଥିତ ବାସଭବନକୁ ଫେରିଥିଲେ। ତେବେ ଗତକାଲି ଠାରୁ ହଠାତ ସ୍ୱାସ୍ଥ୍ୟାବସ୍ଥା ବିଗିଡି ଯାଇଥିଲା। ଆଜି ସକାଳେ ତାଙ୍କର ମୃତ୍ୟୁ ହୋଇଥିଲା। ତାଙ୍କ ବିୟୋଗରେ ଝାରବନ୍ଧ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି। ପଛକୁ ଦୁଇ ଝିଅ ଓ ପତ୍ନୀଙ୍କୁ ଛାଡି ଚାଲି ଯାଇଛନ୍ତି। ଆଜି ତାଙ୍କ ବାସସ୍ଥାନ କୋତନା ଠାରେ ଶେଷକୃତ୍ୟ କରାଯାଇଛି। ପୁତୁରା ଆଶିଷ ବାରିକ ମୁଖାଗ୍ନି ଦେଇଥିଲେ। ତାଙ୍କ ଶେଷକୃତ୍ୟରେ ଶହ ଶହ ଲୋକଙ୍କ ସହ ଜିଲ୍ଲା ପରିଷଦ ସଭ୍ୟ ସନ୍ତୋଷ ବେହେରା, ବିଜେପି ନେତା ତଥା ପୂର୍ବତନ ଜିଲ୍ଲା ପରିଷଦ ହରିହର ସାହୁ, ବୀରଦୈତ୍ୟ ସାହୁ, ଗୋବିନ୍ଦ ପଟେଲ, ଗଗନ ବିହାରୀ ତନସନା, ଡାକ୍ତର ମୋହନ ପ୍ରସାଦ ନାୟକ ତଥା ବରଗଡ଼ ସାମ୍ବାଦିକ ସଂଘ ଏବଂ ଜାବରୁ ରବି ନାରାୟଣ ପଣ୍ଡା, ଉମେଶ ବିଶ୍ୱାଳ, ଲଲାଟେନ୍ଦୁ ଦାସ, ରଞ୍ଜନ ଦେବତା ତଥା ପଦ୍ମପୁର ଉପଖଣ୍ଡର ସମସ୍ତ ସାମ୍ବାଦିକ, ଝାରବନ୍ଧ ସାମ୍ବାଦିକ ସଂଘର ଯୋହନ କୁମ୍ଭାର, ଶିବ ପଟେଲ ପ୍ରମୁଖ ଶେଷ ଦର୍ଶନ କରିଥିଲେ। ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା, ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ, ଅତାବିରା ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ, ସାମ୍ବାଦିକ ସୁରେନ୍ଦ୍ର ହୋତା, ସକାଳ ଖବରକାଗଜ ଜିଲ୍ଲା ପ୍ରତିନିଧି ସରୋଜ ଷଡଙ୍ଗୀ, ସମାଜସେବୀ ଜୟ ନିଗମଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ଆତ୍ମାର ସଦ୍‌ଗତି କାମନା କରିଛନ୍ତି।




# ପାଇକମାଳ ହାଇସ୍କୁଲରେ ପ୍ରଶିକ୍ଷଣ ଶିବିର

**ପାଇକମାଳ, ୧୫।୧୦(ସମିସ):** ବରଗଡ଼ ଜିଲ୍ଲା ପାଇକମାଳ ହାଇସ୍କୁଲରେ ଖାନ୍ ଏକାଡେମୀର କାସକେଡ ପ୍ରଶିକ୍ଷଣ ପ୍ରଧାନଶିକ୍ଷକ ଡ.ଦ୍ୱାଦଶ ପଧାନଙ୍କ ଅଧ୍ୟକ୍ଷତାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପାଇକମାଳ ବନାଞ୍ଚଳ ହୃଦାନନ୍ଦ ମିଶ୍ର, ପାଇକମାଳ ଏବିଇଓ ଚକାମନ ସୁନା ଏବଂ ଦୁବରାଜ ବେଶ୍ରା ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଖାନ୍ ଏକାଡେମୀ ପକ୍ଷରୁ ଗଣିତ ଓ ବିଜ୍ଞାନ ବିଷୟରେ ପ୍ରଶିକ୍ଷଣ ଦିଆ ହୋଇଥିଲା ବେଳେ ୨ ଜଣ ଆରପି ଲଳିତ ବିଶ୍ୱାଳ ଏବଂ ବିକାଶ ଚନ୍ଦ୍ର ରଣାଙ୍କ ସହିତ ୫୨ ଜଣ ଶିକ୍ଷକ ପ୍ରଶିକ୍ଷଣରେ ଅଂଶଗ୍ରହଣ କରିଥିଲେ।













ସକାଳ
THE SAKALA

# ସମ୍ପାଦକୀୟ




ଗଣତନ୍ତ୍ରରେ ଏକ ଦୃଢ଼ ବିରୋଧୀ ଦଳ ଅପରିହାର୍ଯ୍ୟ।
-ନବୀନ ପଟ୍ଟନାୟକ

## ରାଜନୀତିରେ 'ନବୀନ-ସିଦ୍ଧାନ୍ତ'

ଆଗାମୀ ଦିନରେ ଯେତେବେଳେ ଏକବିଂଶତାବ୍ଦୀର ରାଜନୈତିକ ଇତିହାସ ଲେଖାଯିବ, ଐତିହାସିକ, ଗବେଷକ ଓ ପାଠକମାନେ ଜାଣି ଆଶ୍ଚର୍ଯ୍ୟ ହେବେ ଯେ ନିରାଡ଼ମ୍ବର ଜୀବନଯାପନ କରୁଥିବା ସଫେଦ୍ କୁର୍ତ୍ତାପାଇଜାମା ଓ ହାୱାଇ ଚପଲ୍ ପରିହିତ ଜଣେ ବ୍ୟକ୍ତିତ୍ୱ କିଭଳି ପ୍ରଥମ ଅଢ଼େଇ ଦଶନ୍ଧି ଧରି ଜାତୀୟ ରାଜନୀତିକୁ ଆଚ୍ଛନ୍ନ କରି ରଖିଥିଲେ। ତେବେ କ'ଣ ଥିଲା ସେ ଶାସନର ଆଧାର ଓ ପ୍ରକାର? ଏ ପ୍ରଶ୍ନର ଉତ୍ତର ଖୋଜିବା ବେଳେ ରାଜନୀତିଜ୍ଞ ଓ ଐତିହାସିକମାନଙ୍କୁ ଆହୁରି ଆଶ୍ଚର୍ଯ୍ୟଚକିତ ହେବାକୁ ପଡ଼ିବ ଯେ ସେହି ଶାସନକାଳ କୌଣସି ନିର୍ଦ୍ଦିଷ୍ଟ ବାଦ(ଇଜିମ୍), ଆଦର୍ଶ(ଆଇଡୋଲଜି), ଦର୍ଶନ(ଫିଲୋସଫି), ବ୍ୟବସ୍ଥା(ଫର୍ମ ଅଫ୍ ଗଭର୍ଣ୍ଣମେଣ୍ଟ) ଆଦିରେ ପରିଚାଳିତ ନଥିଲା, ବରଂ ସେ ସବୁର ଊର୍ଦ୍ଧ୍ୱରେ ଅଥଚ ସାରସଂଗ୍ରହରେ ଜନ୍ମ ନେଇଥିବା 'ନବୀନ ଥିଓରି' ବା 'ନବୀନ ସିଦ୍ଧାନ୍ତ' ଥିଲା ସେ ଶାସନର ମୂଳାଧାର।

ରାଜନୀତିରେ 'ନବୀନ ସିଦ୍ଧାନ୍ତ' ଏଭଳି ଏକ ପ୍ରୟୋଗାତ୍ମକ ତତ୍ତ୍ୱ, ଯେଉଁଥିରେ ସମାହିତ ହୋଇରହିଛି କୃଷି ବିକାଶରୁ ଶିଳ୍ପାୟନ, ଦାରିଦ୍ର୍ୟ ଦୂରୀକରଣରୁ ବୁଭୁକ୍ଷା ନିବାରଣ, ଏନ୍ତୁଡ଼ିଶାଳରୁ ଶ୍ମଶାନ, ବିଦ୍ୟାଳୟରୁ କ୍ରୀଡ଼ାଙ୍ଗନ, ଗ୍ରାମ୍ୟ ବିକାଶରୁ ସଂଯୋଗୀକରଣ, ଜନଜାତି କଲ୍ୟାଣରୁ ନଗର ଉନ୍ନୟନ, କେନ୍ଦୁପତ୍ରରୁ ଶ୍ରୀଅନ୍ନ, ଆର୍ଥିକ ବିକାଶରୁ ସାମାଜିକ ଅନ୍ତର୍ଭୁକ୍ତୀକରଣ, କୁଟୀର ଶିଳ୍ପରୁ ଖାଦ୍ୟ ପ୍ରକ୍ରିୟାକରଣ, ଦିବ୍ୟାଙ୍ଗ ଓ ମହିଳା ସଶକ୍ତୀକରଣ, ସ୍ୱାସ୍ଥ୍ୟ କଲ୍ୟାଣ, ଧର୍ମ ସମ୍ପ୍ରଦାୟ ନିର୍ବିଶେଷରେ ଧର୍ମାନୁଷ୍ଠାନର ଉତ୍ତରଣ। ସମାଜର କୌଣସି ବର୍ଗ 'ନବୀନ ସିଦ୍ଧାନ୍ତ'ରୁ ବଞ୍ଚିତ ନୁହନ୍ତି। ବିଶ୍ୱ ରାଜନୀତିରେ ଏଭଳି ପ୍ରଗତିର ପରିଭାଷା ଓ ବିକାଶର ବ୍ୟାକରଣ ବୋଧହୁଏ ବିରଳ।

'ନବୀନ ସିଦ୍ଧାନ୍ତ'ର ଜନକ ନବୀନ ପଟ୍ଟନାୟକ ୨୪ ବର୍ଷର ମୁଖ୍ୟମନ୍ତ୍ରିତ୍ୱ କାଳରେ ଆର୍ଥିକ ଓ ପ୍ରାକୃତିକ ବିପର୍ଯ୍ୟୟ ପ୍ରପୀଡ଼ିତ ଓଡ଼ିଶାକୁ ଯେଉଁଭଳି ପ୍ରଶମନ ପରିଚାଳନା ଓ ବିକାଶର ମଡେଲ୍ କରି ବିଶ୍ୱ ଦରବାରରେ ଉପସ୍ଥାପନା କରିପାରିଛନ୍ତି ତାହା ତ ଅଭୂତପୂର୍ବ ନିଶ୍ଚୟ; ସର୍ବୋପରି ଶାନ୍ତି, ସହାବସ୍ଥାନ ଓ ସର୍ବଧର୍ମସମନ୍ୱୟର ଯେଉଁ ଉଦାହରଣଟିଏ ସୃଷ୍ଟି କରିଛନ୍ତି ତାହା ନୋବେଲ୍ ଆଶାୟୀ ଗବେଷକଙ୍କ ପାଇଁ ଉତ୍କୃଷ୍ଟ ବିକଳ୍ପଟିଏ ସୃଷ୍ଟି କରିସାରିଛି। ଗାନ୍ଧୀ ଦର୍ଶନ ଓ ସର୍ବୋଦୟ ଅର୍ଥନୀତିକୁ ସେ ହିଁ ଠିକ୍ ରୂପେ ବୁଝି ପାରିଛନ୍ତି, ଯିଏ ମନ୍ତ୍ରୀ ଓ ସଚିବମାନଙ୍କ କାର୍ଯ୍ୟାଳୟକୁ 'ଲୋକସେବା ଭବନ' ନାମରେ ନାମିତ କରିପାରନ୍ତି ଏବଂ ସମ୍ବିଧାନର ମୁଖବନ୍ଧରେ 'ଅହିଂସା' ଶବ୍ଦକୁ ଯୋଡ଼ିବାର ପ୍ରସ୍ତାବ ବାରମ୍ବାର ଉପସ୍ଥାପନା କରିପାରନ୍ତି। ଓଡ଼ିଆ ଭାଷା ଓ ଓଡ଼ିଶୀ ସଙ୍ଗୀତର ଶାସ୍ତ୍ରୀୟ ମାନ୍ୟତା ପାଇଁ ସେଭଳି ଜଣେ ଓଡ଼ିଆପ୍ରାଣ ସେବାସାଧକ ହିଁ ସଂଗ୍ରାମ କରିପାରନ୍ତି, ଯିଏ ଶାସନ ପ୍ରଶାସନକୁ ଓଡ଼ିଆ ଅସ୍ମିତାରେ ଅଭିମନ୍ତ୍ରିତ କରିବାର ସଂକଳ୍ପ ନିଅନ୍ତି। ଏ ସବୁ ବୈଶିଷ୍ଟ୍ୟ ନବୀନ ପଟ୍ଟନାୟକଙ୍କ ରାଜନୈତିକ ବ୍ୟକ୍ତିତ୍ୱ, ଚିନ୍ତନ ଓ ଆଦର୍ଶକୁ ଆହୁରି ଋଦ୍ଧିମନ୍ତ କରିଛି ଏବଂ ଉପସ୍ଥାପିତ ହୋଇଛି ତାଙ୍କ ନିରବତାର ଭାଷାରେ। ବୈଷୟିକ ଜ୍ଞାନକୌଶଳ, ସହଯୋଗିତା, ଶୃଙ୍ଖଳା ବିନା ଆଧୁନିକ ବିକାଶର ପ୍ରତିଯୋଗିତା ଜିତା ଯାଇପାରିବ ନାହିଁ। ତେଣୁ ସେ ଶାସନ-ପ୍ରଶାସନକୁ ୫-ଟି ଆଧାରରେ ବିବର୍ତ୍ତନ କରିଛନ୍ତି ଏବଂ ଦକ୍ଷତା ବିକାଶକୁ ପ୍ରାଧାନ୍ୟ ଦେଇଛନ୍ତି, ଯାହା ଏକବିଂଶ ଶତାବ୍ଦୀର ଶାସନ-ପ୍ରଶାସନର ସର୍ବଶ୍ରେଷ୍ଠ ଓ ସର୍ବଗ୍ରାହ୍ୟ ବିକଳ୍ପ ହୋଇସାରିଛି।



ମୁଖ୍ୟମନ୍ତ୍ରୀର ପଦ ଓ ଦାୟିତ୍ୱର ଊର୍ଦ୍ଧ୍ୱରେ ନବୀନ ପଟ୍ଟନାୟକ ଆଧୁନିକ ଓଡ଼ିଶା ରାଜନୀତିର ଏଭଳି ଏକ ସଂଜ୍ଞା ଲେଖିସାରିଛନ୍ତି, ଯାହାର ବ୍ୟୁତ୍ପତ୍ତିରେ ପ୍ରତିଫଳିତ ହୋଇଛି - ସମନ୍ୱୟୀ ସଂଘୀୟ ଭାବନା, ବୈଷମ୍ୟରହିତ ରାଷ୍ଟ୍ରବାଦ, ଆଞ୍ଚଳିକ ସ୍ୱାର୍ଥକୈନ୍ଦ୍ରିକ ସମର୍ଥନ, ସମଦୂରତ୍ୱର ସମୀକରଣ ଓ ସହଯୋଗର ସନ୍ତୁଳନ। ସାମାଜିକ ସୁରକ୍ଷାର ବଳୟ ଭିତରେ ଅର୍ଥନୈତିକ ଉତ୍‌ଥାନର ଯେଉଁ ନବସୂତ୍ର ସେ ପ୍ରତିଷ୍ଠା କରିଛନ୍ତି, ତାହା ସାମାଜିକ-ଅର୍ଥନୀତିରେ ଏକ ନବଯୁଗ ପ୍ରତିଷ୍ଠା କରିଛି। ସେ କହନ୍ତି ଗଣତନ୍ତ୍ରରେ ଜନତା ହିଁ ନିର୍ଦ୍ଧାରକ, ନିର୍ବାଚନ ଏକ ପ୍ରକ୍ରିୟା ମାତ୍ର। ଶାସକ ଓ ଶାସନ ବ୍ୟବସ୍ଥାରେ କ୍ଷମତା ସଦା ପରିବର୍ତ୍ତନଶୀଳ। ତେଣୁ ଜଣେ ରାଜନେତାର ଆଦର୍ଶ ଜନକୈନ୍ଦ୍ରିକ ହେବା ଆବଶ୍ୟକ। ରାଜନୀତିକୁ ସେ କେବେ ମଧ କ୍ଷମତା ଲିପ୍‌ସାର ଦୃଷ୍ଟିରେ ଦେଖିନାହାନ୍ତି। ଏଣୁ ତ ସେ ବିରୋଧୀଙ୍କ ପ୍ରତି ବ୍ୟକ୍ତିଗତ ପ୍ରତିକ୍ରିୟାଶୀଳ ନୁହନ୍ତି। ତାଙ୍କ ଉକ୍ତିରେ 'ମୁଁ ବାସ୍ତବରେ କ୍ଷମତା ବିଷୟରେ ଚିନ୍ତା କରେ ନାହିଁ, ବରଂ ରାଜ୍ୟବାସୀଙ୍କ ସେବାକୁ ପ୍ରାଧାନ୍ୟ ଦିଏ।' ...'କ୍ଷମତା ଲିପ୍‌ସାକୁ ମୁଁ ଭଲ ପାଏ ନାହିଁ।'

ଗଣତନ୍ତ୍ର-ସମାଜବାଦ-ସାମ୍ୟବାଦର ସମ୍ମିଶ୍ରଣରେ ନବୀନ ବାବୁ ଗଣତନ୍ତ୍ରର ଯେଉଁ ଏକ ଭିନ୍ନ ପନ୍ଥା ନିର୍ଦ୍ଧାରଣ କରିଥିଲେ ତାହାର ଆଧାର ଥିଲା 'ଥ୍ରିପି' ସୂତ୍ର - ପ୍ରୋ-ପୋର(ଦରିଦ୍ର କଲ୍ୟାଣ), ପ୍ରୋଗ୍ରେସିଭ୍(ପ୍ରଗତିଶୀଳ), ପିପୁଲ୍ ଓରିଏଣ୍ଟେଡ୍(ଜନକୈନ୍ଦ୍ରିକ)। ଜନତାଙ୍କ ଦ୍ୱାରା ନିର୍ବାଚିତ ସରକାରର ପ୍ରଥମ ଓ ପ୍ରମୁଖ କର୍ତ୍ତବ୍ୟ ଓ ଦାୟିତ୍ୱ ହେଉଛି ଜନକଲ୍ୟାଣ। ଗଣତନ୍ତ୍ରର ଏହି ଗୂଢ଼ସୂତ୍ରକୁ ବୁଝି ସେ ଲୋକସେବା ଭବନରେ ପ୍ରତିଷ୍ଠା କଲେ ମହାତ୍ମା ଗାନ୍ଧୀଙ୍କ ପରିକଳ୍ପିତ 'ଟାଲିସ୍‌ମ୍ୟାନ', ଯାହା ନୀତି ନିର୍ଦ୍ଧାରକଙ୍କ ପାଇଁ ଆଲୋକବର୍ତ୍ତିକା ସଦୃଶ ସୂଚାଇ ଦିଏ ଯେ ଯୋଜନା କିମ୍ବା ନୀତିନିର୍ଦ୍ଧାରଣ ବେଳେ ପ୍ରଥମେ ଏହି ଭାବନା ଆସିବା ଆବଶ୍ୟକ - 'ତାହା ଦ୍ୱାରା ସମାଜର ସବୁଠାରୁ ଗରିବ ବର୍ଗର ଲୋକଟି କେତେମାତ୍ରାରେ ଉପକୃତ ହେବ।'

ନବୀନ ବାବୁ ଶାସନ କ୍ଷମତାରେ ରୁହନ୍ତୁ କି ବିରୋଧୀ ଦଳରେ, ସବୁବେଳେ ଗୋଟିଏ ଦୃଢ଼ୋକ୍ତି କରନ୍ତି - 'ଓଡ଼ିଶାର ସାଢ଼େ ଚାରିକୋଟି ଅଧିବାସୀ ମୋ ପରିବାରର ସଦସ୍ୟ। ମୁଁ ଓଡ଼ିଶାବାସୀଙ୍କୁ ବିଶ୍ୱାସ କରେ, ମୋ ପ୍ରତି ସେମାନଙ୍କ ଭଲ ପାଇବା ଓ ସ୍ନେହ ମୋତେ ସବୁଦିନ ସେବା ପାଇଁ ପ୍ରେରଣା ଦିଏ। ଜୀବନର ଶେଷନିଃଶ୍ୱାସ ପର୍ଯ୍ୟନ୍ତ ଓଡ଼ିଶାବାସୀଙ୍କ ସେବା ପାଇଁ ମୁଁ ଉତ୍ସର୍ଗୀକୃତ।'

ଗୋଟିଏ ବାକ୍ୟରେ ନବୀନ ପଟ୍ଟନାୟକଙ୍କ ରାଜନୈତିକ ଆଦର୍ଶ ବା 'ନବୀନ ସିଦ୍ଧାନ୍ତ'କୁ ବର୍ଣ୍ଣନା କରିବାକୁ ହେଲେ ଏତିକି କହିଲେ ଯଥେଷ୍ଟ ହେବ ଯେ ସେ ହିଁ ପ୍ରକୃତ ଶାସକ, ଯିଏ ଜନତାଙ୍କୁ ଶାସିତ ଭାବରେ ନୁହେଁ, ବରଂ ପରିବାରର ସଦସ୍ୟ ରୂପେ ବିବେଚନା କରେ। ନବୀନ ପଟ୍ଟନାୟକଙ୍କ ବ୍ୟତୀତ ଏଭଳି ରାଜଯୋଗୀ ଆଜିର ଦିନରେ ତ ବିରଳ, ଆଗାମୀ କିଛି ବର୍ଷ ଭିତରେ ଜନ୍ମ ନେବେ କି ନାହିଁ ସନ୍ଦେହ। ●

## ଦେଶର ବୌଦ୍ଧିକ ସମ୍ପଦ

**ବୈକୁଣ୍ଠନାଥ ମିଶ୍ର**

ସଭ୍ୟତାର ଗତି ଯେତେ ପ୍ରଖର, ଆମ ମାନସିକତାର ଗତି ତତୋଧିକ ନିମ୍ନଗାମୀ ହେବାରେ ଲାଗିଛି। ନିଜ ବ୍ୟତୀତ ଅନ୍ୟକଥା ଭାବିବାକୁ ଆଜିର ଯୁବପିଢ଼ି ପାଖରେ ସମୟ ନାହିଁ। ଯୁବବର୍ଗ ଆଜି ସାଜିଛି ଲିଓ ଟଲ୍‌ଷ୍ଟୟଙ୍କ କାହାଣୀର ନାୟକ ପାହୋମ୍, ଯାହାକୁ କୁହାଯାଇଥିଲା ଯେ ସୂର୍ଯ୍ୟାସ୍ତ ପୂର୍ବରୁ ସେ ଯାତ୍ରା ଆରମ୍ଭ କରିଥିବା ସ୍ଥାନରେ ପହଞ୍ଚିବା ଦ୍ୱାରା ଯେତେ ଜମି ସେ ଅତିକ୍ରମ କରିଥିବ ସେତକ ଜମି ତା'ର ହେବ। କିନ୍ତୁ ଅତ୍ୟଧିକ ଲୋଭର ବଶୀଭୂତ ହୋଇ ଜମି ତ ଦଖଲ କରିପାରିଲା ନାହିଁ, ଅକାଳରେ ତା' ଜୀବନ ସୂର୍ଯ୍ୟ ଅସ୍ତ ହୋଇଗଲା। ଲେଖକଙ୍କ ଗଳ୍ପର ଶେଷକଥା ହେଲା ଅନ୍ତିମକାଳରେ ମଣିଷ ପାଇଁ ମାତ୍ର ଛ'ହାତ ଭୂମି ଦରକାର। ତା'ଠାରୁ ଅଧିକ ନୁହେଁ। ଆଜିର ଯୁବବର୍ଗ ଧନ ପାଇଁ ଯେପରି ଅଣନିଃଶ୍ୱାସୀ ହୋଇ ଧାଉଁଛି ସେଥିରେ ଅନ୍ୟକଥା ଛାଡ଼ନ୍ତୁ ନିଜ ବୃଦ୍ଧ ପିତାମାତାଙ୍କୁ ଧ୍ୟାନ ଦେବାକୁ ତା' ପାଖରେ ସମୟ ନାହିଁ। ଯେଉଁ ବାପା ମା' ଦିନେ ପୁଅଝିଅଙ୍କୁ ମଣିଷ କରିବାକୁ ଗଣ୍ଡେ ଖାଇ ଦଣ୍ଡେ ଜିଇଁ ଦିନରାତି ଏକକରି ଦେଉଥିଲେ ସେମାନେ ଆଜି ଅଲୋଡ଼ା ଅଖୋଜା। ପୁଅ ଆଜି ଉଚ୍ଚପଦସ୍ଥ ଅଧିକାରୀ ହୋଇ ଧନର ପାହାଡ଼ ସୃଷ୍ଟି କରିଥିଲେ ମଧ ବାପାମା' ଆଜି ନିଃସ୍ୱ, କାଙ୍ଗାଳ। କେବଳ ଏତିକି ଆତ୍ମସନ୍ତୋଷ ଯେ ପିଲାମାନଙ୍କୁ ଆଜି ଗଣରେ ଜଣେ କରିପାରିଛନ୍ତି।

୨୦୧୧ ଜନଗଣନା ଓ ବର୍ତ୍ତମାନର ଆକଳନ ଅନୁସାରେ ଭାରତ ଏକ ଯୁବବର୍ଗର ଦେଶ। କିନ୍ତୁ ମିଳିତ ଜାତିସଂଘ ଜନସଂଖ୍ୟା ପାଣ୍ଠି (ପପୁଲେସନଫଣ୍ଡ)ର ସଦ୍ୟ ଆକଳନ ଅନୁଯାୟୀ ୨୦୫୦ ସୁଦ୍ଧା ଭାରତ ଆଉ ଯୁବ କିଶୋରଙ୍କ ଦେଶ ନ ହୋଇ ବୟସ୍କଙ୍କ ଦେଶଭାବେ ବିବେଚିତ ହେବ। ବର୍ତ୍ତମାନ ଭାରତର ୬୦ବର୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କ ସଂଖ୍ୟା ୧୪.୫ କୋଟି ବା ଏକ-ଦଶମାଂଶ। ୨୦୫୦ ମସିହା ସୁଦ୍ଧା ଏହା ୩୦କୋଟି ଛୁଇଁବ। ସମପରିମାଣରେ ୧୫ ରୁ ୫୯ବର୍ଷ ବୟସ୍କ ବ୍ୟକ୍ତିଙ୍କ ସଂଖ୍ୟା ହ୍ରାସ ପାଇଥିବ। ସେତେବେଳ ଭାରତ ଆଉ ଯୁବବର୍ଗର ଦେଶ ନହୋଇ ବୟସ୍କଙ୍କ ଦେଶରେ ପରିଣତ ହେବ। 'ଏଜ୍ ୱେଲ ଫାଉଣ୍ଡେସନ'ର ଜାତୀୟ ରିପୋର୍ଟ ଅନୁସାରେ ଦେଶର ବୟସ୍କଙ୍କ ଆୟ ଓ ବ୍ୟୟ ଧାରାରେ ପରିବର୍ତ୍ତନ ଆସିଛି। ପ୍ରାୟ ୬୦ ପ୍ରତିଶତ ବୃଦ୍ଧବୃଦ୍ଧାଙ୍କର ଆୟର ଉତ୍ସ ସେମାନଙ୍କ ପେନ୍‌ସନ। ଶତକଡ଼ା ୩୭ ବୟସ୍କ ଆର୍ଥିକ ଦୃଷ୍ଟିରୁ ସ୍ୱଚ୍ଛଳ। ମାସିକ ପେନସନ ବ୍ୟତୀତ ସେମାନଙ୍କ ଭିତରୁ ୧୯.୫ ପ୍ରତିଶତ ଜମିରୁ ଆୟ, ଘରଭଡ଼ା ଓ ଆର୍ଥିକ ନିବେଶରୁ ସୁଧ ପାଉଛନ୍ତି। ୪୮.୫ ପ୍ରତିଶତ ବୟସ୍କଙ୍କ ପାଖରେ ଅନ୍ୟାନ୍ୟ ମୂଲ୍ୟବାନ ସାମଗ୍ରୀ ରହିଛି। କିନ୍ତୁ ସେମାନଙ୍କ ମଧ୍ୟରେ ୭୦ପ୍ରତିଶତଙ୍କର ଆଣ୍ଠୁଗଣ୍ଠି ସମସ୍ୟା ଓ ୮୦ ପ୍ରତିଶତଙ୍କର ମଧୁମେହ ଓ ଉଚ୍ଚ ରକ୍ତଚାପ ରୋଗ ରହିଛି। ପ୍ରାୟ ୨୫ ପ୍ରତିଶତ ବୟସ୍କ ବିପତ୍ନୀକ କିମ୍ବା ବିଧବା। ୪୯ ପ୍ରତିଶତ ଜୀବନସାଥୀଙ୍କ ସହ ରହୁଛନ୍ତି। ମାତ୍ର ୨୯.୫ ପ୍ରତିଶତ ସେମାନଙ୍କ ସନ୍ତାନ ସହ ଏକତ୍ର ବାସରେ ଅଛନ୍ତି। ମୋଟାମୋଟି ଭାବେ ୭୫ ଭାଗରୁ ଊର୍ଦ୍ଧ୍ୱ ବୟସ୍କ ନିଜ ସନ୍ତାନଙ୍କ ଦ୍ୱାରା ଅବହେଳିତ। ଦୁଃଖ ଓ ପରିତାପର କଥା ଯେ କିଛି ବୟସ୍କଙ୍କର ସବୁଥାଇ ମଧ ସେମାନେ ଜରାଶ୍ରମରେ ରହୁଛନ୍ତି। ଜଣେ ଖ୍ୟାତନାମା ସନ୍ଥ ନିକଟରେ ଯେଉଁ ବକ୍ତବ୍ୟ ରଖିଛନ୍ତି ତାହା ଅତ୍ୟନ୍ତ ଆଶ୍ଚର୍ଯ୍ୟଜନକ। ତାଙ୍କ କହିବା କଥା ଯେ ଭାରତର ବୃଦ୍ଧାଶ୍ରମରେ ରହୁଥିବା ବ୍ୟକ୍ତିଙ୍କ ମଧ୍ୟରେ କେହି ମୁସଲମାନ ନାହାନ୍ତି। ଏହାର କାରଣ ଦର୍ଶାଇବାକୁ ଯାଇ ସେ କହିଛନ୍ତି ଯେ ମୁସଲମାନ ଶିଶୁମାନେ ତାଙ୍କ ଧର୍ମ ପୁସ୍ତକ ସହ ଓତପ୍ରୋତଃ ଭାବେ ଜଡ଼ିତ। କୌଣସି ଧର୍ମଶାସ୍ତ୍ରରେ ବୃଦ୍ଧ ପିତାମାତାଙ୍କୁ ଅବହେଳା କରବା ଏକ ପାପ ବୋଲି ବିବେଚନା କରାଯାଏ। ବାଲ୍ୟାବସ୍ଥାରୁ ସେମାନେ ଆଧ୍ୟାତ୍ମିକତା ସହ ଜଡ଼ିତ। ଅପରପକ୍ଷେ ହିନ୍ଦୁମାନଙ୍କ ମଧ୍ୟରୁ ପ୍ରାୟ ୯୦ପ୍ରତିଶତ ଗୀତା ଭାଗବତ ଭଳି ନୀତିଶାସ୍ତ୍ର ଅଧ୍ୟୟନ କରନ୍ତି ନାହିଁ। ସୁତରାଂ ସେମାନେ ନୀତି ନୈତିକତାଠାରୁ ଦୂରେଇ ଯାଉଛନ୍ତି। ଦ୍ୱିତୀୟତଃ ମୁସଲମାନ ଦମ୍ପତିଙ୍କର ଏକାଧିକ ସନ୍ତାନ ଥିବାରୁ ଜଣେ ନହେଲେ ଆଉ ଜଣେ ବୃଦ୍ଧ ପିତାମାତାଙ୍କର ଯତ୍ନ ନେଉଛନ୍ତି।

ପିଲାମାନେ ଉଚ୍ଚଶିକ୍ଷିତ ହୋଇ ସହରରେ ଅବସ୍ଥାନ କଲା ପରେ ପିତାମାତାଙ୍କୁ ଦୂରରେ ରଖି ନିଜ ସଂକ୍ଷିପ୍ତ ସଂସାର ମଧ୍ୟରେ ଆବଦ୍ଧ ରହିବାକୁ ପସନ୍ଦ କରନ୍ତି। ସେଥିରେ ପିତାମାତାଙ୍କ ସ୍ଥାନ କାହିଁ ? ଯେଉଁ କେତେ ଜଣ ଅନନ୍ୟୋପାୟ ହୋଇ ପିଲାଙ୍କ ପାଖରେ ରହୁଛନ୍ତି, ସେମାନଙ୍କ ଭିତରୁ ଅଧିକାଂଶଙ୍କର ଦୁଃଖ ଅବର୍ଣ୍ଣନୀୟ। ନା ସେମାନଙ୍କର କୌଣସି ମତାମତ ଦେବାର ଅଧିକାର ଅଛି କିମ୍ବା ନାତିନାତୁଣୀଙ୍କୁ ସ୍ନେହ କରିବାର ଅବସର। ଫକୀର ମୋହନଙ୍କ ଡାକମୁନ୍‌ସୀ ଗଳ୍ପରେ ସିନା ଗୋଟିଏ ଗୋପାଳର ଅବିଚାର କଥା ଆମେ ପଢ଼ିଥିଲୁ ; ହେଲେ ଆଜିର ସମାଜରେ ଗୋପାଳମାନଙ୍କର ଅଭାବ ନାହିଁ। ସହରୀ ସଭ୍ୟତା ସହ ତାଳ ଦେଇ ଚାଲି ପାରୁନଥିବା ଓ ପ୍ରଦୂଷିତ ବାୟୁମଣ୍ଡଳରେ ଅଣନିଃଶ୍ୱାସୀ ହୋଇଥିବା ବୟସ୍କ ଲୋକଟି ଝୁରି ହୁଏ ଗାଁର ସେ ପ୍ରାକୃତିକ ଶୋଭା ସୁଷମାକୁ, ଯେଉଁଠି ଦିନେ ସେ ଛାଡ଼ି ଆସିଥିଲା ଉନ୍ମୁକ୍ତ ବାତାବରଣ, ସୁଶୀତଳ ତରୁଛାୟା, ସୁବିସ୍ତୀର୍ଣ୍ଣ ଶସ୍ୟକ୍ଷେତ୍ର ଏବଂ ଗ୍ରାମ୍ୟ ତଟିନୀର ବାଲୁକା ବେଳାଭୂମି କିମ୍ବା ଆମ୍ବ ନଡ଼ିଆ ପଣସ ବୃକ୍ଷ ସମ୍ଭାର। ଆଜି ସେ ସବୁ ତା' ପାଇଁ ସାଜିଛି ସ୍ୱପ୍ନ।

ଇଂରାଜୀରେ ଏକ ପ୍ରବାଦ ଅଛି - 'ଏ ସେଟିଙ୍ଗ ସନ୍ ଇଜ୍ ନେଭର ଓରସିପଡ୍ ଆଣ୍ଡ ଏ ଡାଇଙ୍ଗ ହର୍ସ ଇଜ୍ ଲିଟିଲ୍ ଫେଡ।' ଅର୍ଥାତ ଅସ୍ତଗାମୀ ସୂର୍ଯ୍ୟଙ୍କୁ କେହି ପୂଜା କରନ୍ତି ନାହିଁ କିମ୍ବା ମୁମୂର୍ଷୁ ଘୋଡ଼ାକୁ କେହି ଦାନାଦିଏ ନାହିଁ। ସତରେ କ'ଣ ବୟସ୍କମାନେ ଅଲୋଡ଼ା? ଇଂଲିଶ ଲେଖକ ଜିନ୍ ଉରେଙ୍କ ଗଳ୍ପର ମର୍ମାଂଶ ଏଠାରେ ପ୍ରଣିଧାନଯୋଗ୍ୟ। ରୁମାନିଆ ନିକଟରେ ଥିବା ଗୋଟିଏ କ୍ଷୁଦ୍ର ଦେଶର ରାଜା ଘୋଷଣା କଲେ ଯେ, ବୃଦ୍ଧ ପିତାମାତାଙ୍କୁ ତାଙ୍କ ପିଲାମାନେ ନିଜ ହାତରେ ହତ୍ୟା କରନ୍ତୁ। କାରଣ ସେମାନେ ଅକର୍ମଣ୍ୟ ଓ ପରାଙ୍ଗପୁଷ୍ଟ। ସେମାନେ ଦେଶ ପ୍ରଗତିର ବାଧକ। ସବୁ ଯୁବକମାନେ ରାଜାଦେଶ ଗ୍ରହଣ କଲେ। ହେଲେ ଜଣେ ଯୁବକ ନିଜ ପିତାଙ୍କୁ ହତ୍ୟା କରି ନପାରି ମାଟିତଳେ କୋଠରିରେ ଲୁଚାଇ ରଖିଲା। ପୂର୍ବ ବର୍ଷ ମରୁଡ଼ି ଯୋଗୁଁ ଶସ୍ୟ ହାନି ଘଟିଥିଲା। ଏବର୍ଷ ବର୍ଷାଋତୁ ଆସିଥିଲେ ମଧ କାହାପାଖରେ ବିହନ ଗଣ୍ଡାଏ ବି ନଥିଲା। ପୁଅଟି ଅତି ବିମର୍ଷ ଓ କାତର ଥିବା ଦେଖି ବୃଦ୍ଧ ଏହାର କାରଣ ପଚାରିଲେ। ସବୁ ଶୁଣି ବୃଦ୍ଧ ନିଜ ଘର ସାମନା କଚାରାସ୍ତାକୁ ହଳ କରିବାକୁ କହିଲେ। ଯୁବକଟି ତାହାହିଁ କରିବାରୁ ଅନେକ ଶସ୍ୟ ଗଛ ଉଠିଲା ଏବଂ ଯୁବକ ତାକୁ ନେଇ କ୍ଷେତରେ ରୋପଣ କଲା। କିଛିଦିନ ପରେ ଯୁବକର କ୍ଷେତ ସବୁଜିମାରେ ଭରିଗଲା। ରାଜା ଯୁବକକୁ ଏହାର କାରଣ ପଚାରିଲେ। ଯୁବକ କିଛି ଉତ୍ତର ଦେବା ପୂର୍ବରୁ ପ୍ରଥମେ କହିଲା, 'ଆଜ୍ଞା ମୁଁ ରାଜାଦେଶ ଅବମାନନା କରି ପିତାଙ୍କୁ ହତ୍ୟା କରି ନଥିବାରୁ ମୋତେ ସମୁଚିତ ଦଣ୍ଡ ମିଳୁ। ପିତାଙ୍କ ପରାମର୍ଶ ଅନୁସାରେ କାମ କରିବାରୁ ଆଜି ଏ ଶସ୍ୟ କ୍ଷେତ୍ର ସମ୍ଭବ ହୋଇଛି।' ରାଜା ଯୁବକକୁ ଦଣ୍ଡ ଦେବେ କ'ଣ ବରଂ ଦେଶର ସମସ୍ତ ବୟସ୍କଙ୍କୁ ହତ୍ୟା କରାଯାଇଥିବା ଆତ୍ମଗ୍ଲାନିରେ ଜର୍ଜରିତ ହୋଇ ଯୁବକକୁ ଆଲିଙ୍ଗନ କରି କହିଲେ, 'ମୁଁ ଏକ ସାଂଘାତିକ ଭୁଲ କରିଛି। ମୁଁ ଅନ୍ଧ ହୋଇଯାଇଥିଲି। ତୁମେ ମୋର ଆଖି ଖୋଲି ଦେଇଛ। ଏବେ ମୁଁ ବୁଝୁଛି ବାସ୍ତବରେ ବୃଦ୍ଧମାନେ କେତେ ଆବଶ୍ୟକ ଏବଂ ତାଙ୍କ ଅଭିଜ୍ଞତା ସମ୍ପନ୍ନ ଉପଦେଶ କେତେ ମୂଲ୍ୟବାନ।'

ବୃଦ୍ଧମାନେ କେବେ ବି ଅଦରକାରୀ ନୁହନ୍ତି। ତାଙ୍କ ପ୍ରଜ୍ଞାଯୁକ୍ତ ଅଭିଜ୍ଞତା ସର୍ବାଦୌ ମୂଲ୍ୟବାନ। ସେମାନେ ଗୋଟିଏ ଦେଶର ବୌଦ୍ଧିକ ସମ୍ପଦ। ଏକଥା ସମସ୍ତ ନାଗରିକ ଓ ସର୍ବୋପରି ସରକାର ବୁଝିବା ଅତ୍ୟନ୍ତ ଜରୁରୀ। ●


ସିଦ୍ଧଳ(ଜଗତସିଂହପୁର),
ମୋ: ୯୯୩୭୪୫୦୫୪୦

## ଲେଖା ଓ ଲେଖକ

**ଅଞ୍ଜନ ଚାନ୍ଦ**

ଆଗରୁ ପୂଜା ପତ୍ରିକାଗୁଡ଼ିକ ପୂଜା ବେଳରେ ନହେଲେ ପୂଜା ପରେ ବାହାରୁଥିଲା। ଏବେ ସମ୍ପାଦକମାନେ ଅତ୍ୟଧିକ ସଚେତନ ହୋଇ ଦୁର୍ଗା ପୂଜାର ବହୁପୂର୍ବରୁ ପତ୍ରିକାଗୁଡ଼ିକୁ ଛାପି ଦେଉଛନ୍ତି। ଉନ୍ମୋଚନ ଉତ୍ସବ ପାଳନ କରୁଛନ୍ତି। ସାମାଜିକ ଗଣମାଧ୍ୟମରେ ବିଜ୍ଞାପିତ କରୁଛନ୍ତି। କିଛିଦିନ ପରେ କହୁଛନ୍ତି ବଜାରରୁ ଆମ ପତ୍ରିକା ଉଭାନ ହୋଇଯାଇଛି। ଅନ୍ୟମାନେ ଭାବୁଛନ୍ତି ଯେଉଁ ପତ୍ରିକା ଯେତେ ଆଗରୁ ବଜାରକୁ ଆସିବ ସେ ପତ୍ରିକା ସେତେ ପରିମାଣରେ ଅଧିକ ବିକ୍ରି ହେବ। ସେଥିପାଇଁ ସମ୍ପାଦକ/ପ୍ରକାଶକମାନେ ଏବେ ପୂଜା ପତ୍ରିକା କାମ ଶୀଘ୍ର ସାରିବାକୁ ଖୁବ ତରତର।

ଏଥର ପୂଜା ଆଗରୁ ମୁଁ ବନ୍ଧୁ ନଟବରଙ୍କ ଆବାସିକ କାର୍ଯ୍ୟାଳୟକୁ ଯାଇ ଦେଖିଲି ସେ ପୂରା ଦମରେ କାମରେ ଲାଗିଛନ୍ତି। ମୋତେ ଦେଖି କହିଲେ - 'ଭାଇ, ଟିକେ ଦେଖିଲ। ଆଜି ଦୁଇଟି ଲେଖା ଡାକରେ ଆସିଛି।' ମୁଁ ଲଫାପା ଖୋଲି ଦେଖିଲି ଦୁଇଟି ଗପ। ଜଣେ ବହୁ ପରିଚିତ ବରିଷ୍ଠ ଗାଳ୍ପିକ, ଅନ୍ୟ ଜଣେ ଅପରିଚିତ ଯୁବ ଗାଳ୍ପିକ। ଯୁବକଙ୍କ ଗପରେ ନୂତନତ୍ୱ ଓ ପାଠକୀୟତା ରହିଛି। ବରିଷ୍ଠ କେବଳ ଅନେକ ବାକ୍ୟ ସମନ୍ୱୟରେ କିଛି ଅଦ୍ଭୁତ କଥା ଲେଖିଛନ୍ତି, ଯାହା ପଢ଼ିବାକୁ ଭଲ ଲାଗୁନାହିଁ। ଡିଟିପି ଅପରେଟର କହିଲେ- 'ଆଉ ଗୋଟିଏ ଗପ ଯାଇପାରିବ।' ମୁଁ ଯୁବ ଗାଳ୍ପିକଙ୍କ ଗପଟିକୁ ବାଛିଲି। ନଟବର ପଚାରିଲେ - 'ଅନ୍ୟ ଗପଟି କାହାର?' ମୋ ଠାରୁ ବରିଷ୍ଠ ଗାଳ୍ପିକଙ୍କ ନାଁ ଶୁଣି ସେ ଚମକି ପଡ଼ିଲେ। କହିଲେ - 'ହେ ଭଗବାନ, କି ବୁଦ୍ଧି ଯେ ତୁମର! କାହାକୁ ଛାଡ଼ି କାହାକୁ



ଦେଉଛ।' ଗପଟିକୁ ନପଢ଼ି ସିଧା ଟାଇପ କରିବା ପାଇଁ ଦେଇଦେଲେ। ଯୁବ ଗାଳ୍ପିକଙ୍କ ଭଲ ଗପ ତାହାର ଉପଯୁକ୍ତ ସ୍ଥାନ ଡଷ୍ଟବିନକୁ ଚାଲିଗଲା।

ନଟବରଙ୍କ ପରି ଅନେକ ସମ୍ପାଦକ ଭାବନ୍ତି ନାହିଁ ଯେ, ସେମାନେ କେବଳ ନିଜ ପତ୍ରିକା ନୁହେଁ, ଓଡ଼ିଆ ସାହିତ୍ୟକୁ ସମ୍ପାଦନା କରୁଛନ୍ତି। ଏଇ ପତ୍ରପତ୍ରିକା ମାଧ୍ୟମରେ ହିଁ ଓଡ଼ିଆ ସାହିତ୍ୟ ନିଜ ପରିଚୟ ସୃଷ୍ଟି କରୁଛି। ଯେକୌଣସି ସାହିତ୍ୟ ତାହାର ରଚନା ବଳରେ ହିଁ ବିଭବଶାଳୀ ହୋଇଥାଏ। ଲେଖକଙ୍କ ନାମ ଯେତେ ବିଖ୍ୟାତ ହୋଇଥିଲେ ବି ଲେଖା ଭଲ ହୋଇ ନଥିଲେ ପାଠକ ତାହାକୁ ନାପସନ୍ଦ କରିଦିଏ। ଅଥଚ ଏବେ ଏଠାରେ ପ୍ରାୟ ପତ୍ରିକାରେ ଲେଖାକୁ ଛାଡ଼ି ଲେଖକଙ୍କୁ ଚୟନ କରିବାର ପ୍ରକ୍ରିୟା ଜାରିରହିଛି। ବରିଷ୍ଠ ଲେଖକ, ବିଶିଷ୍ଟ ଲେଖକ, ପୁରସ୍କୃତ ଲେଖକ, ପଦାଧିକାରୀ ଲେଖକ, ପୁଣି କିଏ ସାହିତ୍ୟ ସଙ୍ଗଠନର ବଡ଼ କର୍ମକର୍ତ୍ତା, ପତ୍ରିକା ସମ୍ପାଦକ, ଅର୍ଥ ସାହାଯ୍ୟ ଅଥବା ବିଜ୍ଞାପନ ଯୋଗାଇ ଦେଉଥିବା ଧନିକ - ଏମାନଙ୍କୁ ପତ୍ରିକାର ପ୍ରମୁଖ ସ୍ଥାନରେ ରଖାଯାଉଛି। ଯେଉଁମାନେ ଲେଖା ବାହାରିଲେ ସୌଜନ୍ୟ କପି ପାଇଁ ଦାବି କରିବେ ନାହିଁ, ବରଂ ନିଜେ ଆଠ ଦଶ କପି କିଣି ଅନ୍ୟମାନଙ୍କୁ ବାଣ୍ଟିବେ, ଡିଟିପି ହୋଇ ଆସିଥିବା ଲେଖା, ଯାହାକୁ ଟାଇପ ନକରି ସିଧାସଳଖ ଛପା ହୋଇ ପାରିବ; ଏମାନଙ୍କ ପ୍ରତି ମଧ ସମ୍ପାଦକମାନଙ୍କ ଦରଦ ରହୁଛି। ଏସବୁ ବାଦ ଯଦି କିଛି ସ୍ଥାନ ବଳିପଡ଼େ ତେବେ ହୁଏତ ଅନ୍ୟ ଲେଖାପ୍ରତି ଦୃଷ୍ଟି ଦିଆଯାଉଛି।

ଦିନେ ଜଣେ ବନ୍ଧୁ ପଚାରିଲେ - 'ମୁଁ ଏତେ ସାହିତ୍ୟସଭା, କବିତା ଆସରକୁ ଯାଉଛି, ସବୁଠାରେ ତ କେବଳ ପ୍ରଶଂସା ଶୁଣିଛି। ଆଲୋଚନା କି ସମାଲୋଚନା କିଛି ବି ନାହିଁ।' ମୁଁ କହିଲି - 'ତା'ର ଗୋଟିଏମାତ୍ର କାରଣ। ଧାଡ଼ିଏ ବି ଲେଖା ନପଢ଼ି ଗୁଡ଼ାଏ ପ୍ରଶଂସା କରିହେବ, କିନ୍ତୁ ଲେଖାଟିକୁ ସମ୍ପୂର୍ଣ୍ଣ ନପଢ଼ି ଧାଡ଼ିଏ ବି ଆଲୋଚନା କରି ହେବନାହିଁ। ସୁତରାଂ ଆଲୋଚନା ଅଥବା ସମାଲୋଚନା ପାଇଁ ନିଷ୍ଠାପର ପାଠକୀୟତା ତଥା ସତ୍‌ସାହସ ଅଭାବରୁ ଏବେ ଆମ ସାହିତ୍ୟରେ ଅତ୍ୟଧିକ ପ୍ରଶଂସା ହିଁ ଦେଖାଯାଉଛି।' ଏ ପ୍ରସଙ୍ଗରେ ଛୋଟ କଥାଟିଏ ଖୁବ ପ୍ରଯୁଜ୍ୟ। ଏକଦା ଜଣେ ରାଜା ଘୋଷଣା କଲେ- 'ଆଜି ଦରବାରରେ ସେ ସ୍ୱରଚିତ କବିତାଟିଏ ପଢ଼ି ଶୁଣାଇବେ। ସମସ୍ତେ ଖୁସିରେ ସମ୍ମତି ଜଣାଇଲେ। ରାଜା କବିତା ପଢ଼ିଲେ। ବାଃ, ବାଃ, କି ଚମତ୍କାର କବିତା, ଦରବାରୀମାନେ ପ୍ରଶଂସା କଲେ। କେବଳ ବିଦୂଷକ କିଛି ନକହି ନିରବରେ ବସିଥା'ନ୍ତି। ରାଜା ପଚାରିଲେ - 'ଆପଣ କିଛି କହୁନାହାନ୍ତି?' ବିଦୂଷକ କହିଲେ - 'ମଣିମା! ମୋତେ କବିତାଟି ଭଲ ଲାଗିଲାନାହିଁ।' ରାଜା ରାଗିଯାଇ ଆଦେଶ ଦେଲେ - 'ଏ ଅରସିକକୁ ସାତଦିନ କାରାଗାରରେ ରଖ।' କିଛିଦିନ ପରେ ରାଜା ପୁଣି ଗୋଟିଏ କବିତା ଲେଖିଲେ ଏବଂ ଦରବାରରେ ପଢ଼ିବେ ବୋଲି ଘୋଷଣା କଲେ। ସେଦିନ ବିଦୂଷକ ବିଳମ୍ବରେ ଦରବାରକୁ ଆସିଲେ। ରାଜା କାରଣ ପଚାରିବାରୁ ସେ କହିଲେ - 'ମଣିମା! ଆପଣଙ୍କ ଘୋଷଣା ଶୁଣିବା ପରେ ମୁଁ ବିପଣୀକୁ ଯାଇଥିଲି। ସାତ ଦିନର ସଉଦା କିଣି ଘରେ ରଖିଦେଇ ଆସିଛି।'

ଏବେ ସେପରି ସତ କହିବାର ସାହସ ରଖୁଥିବା ବିଦୂଷକଙ୍କ ଆତ୍ମା ବିଲୁପ୍ତପ୍ରାୟ; ଅଥଚ ସେହି ରାଜକୀୟ କବିଙ୍କ ଆତ୍ମା ବହୁଧା ବିଭକ୍ତ ହୋଇ ଆମ ଭିତରେ ବାଣ୍ଟିଯାଇଛି। ପ୍ରଶଂସାପ୍ରବଣତା ଓଡ଼ିଆ ସାହିତ୍ୟରେ ଲେଖକ ସଂଖ୍ୟା ଅତ୍ୟଧିକ ବଢ଼ାଇ ଦେଇଛି। ପରିଚୟ ସଙ୍କଟରେ ପଡ଼ିଥିବା କିଛିଲୋକ ପରିଚୟ ସୃଷ୍ଟି କରିବାର ସହଜ ବାଟ ଭାବି ସାହିତ୍ୟ ଭିତରକୁ ଧସେଇ ପଶୁଛନ୍ତି। ଅନେକ ପୁସ୍ତକ ରଚନା ହେଉଛି। ପ୍ରକାଶକମାନେ ଲେଖକଙ୍କ ଅର୍ଥରେ ଲାଭବାନ ହେଉଛନ୍ତି ଏବଂ ଆମ ସାହିତ୍ୟ ଦିନକୁ ଦିନ ମେଦବହୁଳ ରୋଗରେ ଆକ୍ରାନ୍ତ ହେଉଛି।

ସାହିତ୍ୟ ସଂରଚନା ଏକ ନୈସର୍ଗିକ ପ୍ରବୃତ୍ତି। ଏଥିରେ ଲେଖକ କେବଳ ମାଧ୍ୟମ। ଏକ ଅଦୃଶ୍ୟ ଶକ୍ତିର ପ୍ରେରଣାରେ କେଉଁ ଅଜ୍ଞାତ ସ୍ଥାନରୁ ଆସୁଥିବା ଭାବକୁ ସେ ଲେଖନୀ ମାଧ୍ୟମରେ ପ୍ରକାଶ କରନ୍ତି। ଏହି ଭାବନାର ସ୍ରୋତ ମଧ ନିୟତ ନୁହେଁ। ଯେଉଁଦିନ ତାହା ଆସିବା ବନ୍ଦ ହୋଇଯାଏ ଲେଖକ ପୁଣି ସାଧାରଣ ଲୋକ ହୋଇଯା'ନ୍ତି। ନିଜେ ଚେଷ୍ଟା କରି ଲେଖାଟିଏ ଲେଖିଲେ ତାହା ପାଠକଙ୍କ ନିକଟରେ ସମାଦୃତ ହୋଇପାରେ ନାହିଁ। ସୁତରାଂ ସାହିତ୍ୟରେ ଲେଖା ହିଁ ଗୁରୁତ୍ୱପୂର୍ଣ୍ଣ, କଦାଚିତ୍ ଲେଖକ ନୁହନ୍ତି। ●

ବାଲେଶ୍ୱର, ମୋ: ୬୩୭୦୬୬୧୧୪୭

## ଅଗ୍ରଗାମୀ ଚେତନାର ଦ୍ୟୋତନା: କବି ଅନ୍ନପୂର୍ଣ୍ଣା

**ପ୍ରଫେସର ମଣୀନ୍ଦ୍ର କୁମାର ମେହେର**

ସାହିତ୍ୟ ସରିତ୍

ନାରୀକବି ଅନ୍ନପୂର୍ଣ୍ଣା ନବଚେତନାର ଏକ ତେଜସ୍କ୍ରିୟ କିରଣ। ଉଚ୍ଚଶିକ୍ଷା ଲାଭ ନ କରି ସାଧାରଣ ଗ୍ରାମ୍ୟବଧୂ ଭାବରେ ଜୀବନ ଅତିବାହିତ କରି ମଧ ଜଣେ ନିଜସ୍ୱ ଅନ୍ତର୍ଚେତନାର ଦ୍ୟୁତିରେ ଉଦ୍ଭାସିତ କରି ଦେଇପାରେ ତା'ର ଚତୁର୍ଦ୍ଦିଗକୁ -ଏହାର ଦିବ୍ୟ ଦୃଷ୍ଟାନ୍ତ ଅନ୍ନପୂର୍ଣ୍ଣା। ମହାକାଶ ବକ୍ଷର ଏକ ନୀଳ ନକ୍ଷତ୍ର ସେ। ଧରିତ୍ରୀର ଆହ୍ୱାନରେ ସତେ କି ଅବତରଣ କରିଆସିଥିଲେ ମର୍ତ୍ତ୍ୟମଣ୍ଡଳକୁ। ସେଇ ଶୁଭ ଧରାବତରଣ ନଥିଲା ଆଦୌ ତାତ୍ପର୍ଯ୍ୟବିହୀନ। ଉତ୍କଳ ଭୂମିରେ ମାନବଚେତନାକୁ ଅଭିନ୍ନ ଉପଲବ୍ଧିରେ ଅଭିମନ୍ତ୍ରିତ କରିଦେବା ପାଇଁ ହିଁ ଓହ୍ଲାଇ ଆସିଥିଲେ ସେ ସ୍ୱର୍ଗର ଦେବୀ ଭାବରେ।

ରେନାସାଁ କ'ଣ ତାହା କ'ଣ ଜାଣିଥିଲେ ସେ ପୁସ୍ତକ ଅଧ୍ୟୟନ କରି? ସେ ଯାହା ଜାଣି ନଥିଲେ ତାଙ୍କ ଅନ୍ତରାତ୍ମା ତାହା ଯଥାର୍ଥ ଭାବରେ ଉପଲବ୍ଧି କରିସାରିଥିଲା। ଯେଉଁ ସମୟରେ ନାରୀଜୀବନ ଥିଲା ଗୃହପ୍ରାଚୀର ମଧ୍ୟରେ ସୀମାବଦ୍ଧ, ସେହି ସମୟରେ ଅନ୍ନପୂର୍ଣ୍ଣାଙ୍କ ଲେଖା ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶିତ ହେବା ଯୋଗୁଁ ସମାଜରେ ସୃଷ୍ଟି ହୋଇଥିଲା ଆଲୋଡ଼ନ। ବିଭିନ୍ନ ସଭା ସମିତିରେ ତାଙ୍କ ଯୋଗଦାନ ଓ ଆଧୁନିକ ଯୁଗର କବି ଲେଖକଙ୍କ ସହିତ ତାଙ୍କର ସାରସ୍ୱତ ସମ୍ପର୍କ ହୋଇଥିଲା ବହୁଚର୍ଚ୍ଚିତ ପ୍ରସଙ୍ଗ। ଅନ୍ନପୂର୍ଣ୍ଣା ଜାଣିଥିଲେ ଯେ ତାଙ୍କର ଏହି ସକ୍ରିୟ ସାହିତ୍ୟିକ କାର୍ଯ୍ୟକ୍ରମ ବିଭିନ୍ନ ବ୍ୟକ୍ତି ଭିନ୍ନ ଭିନ୍ନ ଦୃଷ୍ଟିରେ ଆଲୋଚନା କରିବେ। ମାତ୍ର ସେଥିପାଇଁ ସେ ଅଟକି ଯିବାର ପ୍ରଶ୍ନ ଉଠୁନଥିଲା। ତାଙ୍କ ପରମପୂଜ୍ୟ ସ୍ୱାମୀଙ୍କ ନଥିଲା ଏ ବିଷୟରେ କୌଣସି ଆପତ୍ତି। ସେ ହୃଦୟଙ୍ଗମ କରିପାରିଥିଲେ ଯେ ଅନ୍ନପୂର୍ଣ୍ଣା ବିଭୁଆଶିଷରୁ ଉତଥିତା ଏକ ଅସାମାନ୍ୟ ସୃଜନ ସଳିତା। ତାଙ୍କୁ ଲିଭାଇ ଦେବାର ଶକ୍ତି କାହାରି ପାଖରେ ନାହିଁ।

ଅନ୍ନପୂର୍ଣ୍ଣାଙ୍କ ଅବିଚଳିତ ଇଚ୍ଛାଶକ୍ତି ତାଙ୍କ କବିତାରେ ମଧ ପ୍ରତିବିମ୍ବିତ ହୋଇଉଠିଛି ସାର୍ଥକ ଭାବରେ। ସ୍ୱରଚିତ 'ଦୃଢ଼ଶକ୍ତି'ଶୀର୍ଷକ କବିତାରେ ସେ ଲେଖିଛନ୍ତି - 'ସତ୍ୟ ସତ୍ୟ ସର୍ବସତ୍ୟ ନାହିଁ କିଛି ଭୟ, ସତ୍ୟର ସାଧନା ସଂଗେ ସକଳ ବିଜୟ/ ସତ୍ୟଜ୍ୟୋତି ବ୍ୟାପୀ ଅଛି କାହିଁ ଅନ୍ଧକାର, ସତ୍ୟପ୍ରେମେ ପୂର୍ଣ୍ଣାକ୍ଷର ନାହିଁ ମୋ ବିଚାର।' ସତ୍ୟ ସହ ଯେଉଁ ଆତ୍ମାର ସମ୍ପର୍କ ଯେତିକି ଘନିଷ୍ଠ, ସିଏ ସେତିକି ନିର୍ଭୟ। ଅନ୍ନପୂର୍ଣ୍ଣା ସତ୍ୟର ଆରାଧନାରେ ଜୀବନ ସମର୍ପିତ କରିଥିବାରୁ ସେ ଥିଲେ ସର୍ବଦା ଭୟଶୂନ୍ୟ। ଜନ୍ମଭୂମି ଉତ୍କଳ ତାଙ୍କ ପାଇଁ ଥିଲା ପ୍ରେରଣାଦାୟିନୀ ଜନନୀ। 'ଉତ୍କଳ ଭୂମି' ନାମକ କବିତାରେ ସେ ଢାଳି ଦେଇଛନ୍ତି ତାଙ୍କ ହୃଦୟର ପରିପୂର୍ଣ୍ଣ ଶ୍ରଦ୍ଧା ଓ ଭକ୍ତି। ପଣ୍ଡିତ ନୀଳମଣି ବିଦ୍ୟାରତ୍ନଙ୍କ ଉତ୍ସାହରେ ପ୍ରକାଶିତ ହୋଇଥିଲା ତାଙ୍କ 'ପଦ୍ୟମାଳା' ପ୍ରଥମ ଓ ଦ୍ୱିତୀୟ ଭାଗ। ପରେ ଆଲୋକ ଦେଖିଲା 'ପକ୍ଷୀଘରା'। 'ସହକାର' ପତ୍ରିକାର ସମ୍ପାଦିକା ଭାବରେ ସେ ସେତେବେଳେ କାର୍ଯ୍ୟନିର୍ବାହ କରିବା କ'ଣ କମ ସାହସିକତାର ପରିଚୟ! 'କଳ୍ପକୁଞ୍ଜ', 'ଆଶାହାଟ', 'ମନଶ୍ରୀ', ବିବିଧ କବିତା ତଥା ଗଦ୍ୟସମ୍ଭାରକୁ ନେଇ ତାଙ୍କର ପ୍ରକାଶିତ ହୋଇଛି 'ନାରୀକବି ଅନ୍ନପୂର୍ଣ୍ଣା ରଚନାଶ୍ରୀ।' ଜୀବନାନୁଭବର ବ୍ୟାପକତା କି ସରଳ, ମଧୁର ଓ କୋମଳ ଭାବରେ ପ୍ରକାଶିତ ହୋଇପାରେ, ତାହା ପ୍ରତିଟି ଅନୁରାଗୀ ପାଠକ ଏଥିରେ ନିଶ୍ଚୟ ଲକ୍ଷ୍ୟ କରିପାରିବେ। 'ନିଜ ହୃଦୟକୁ ଦେଖ, ତା'ପରେ କବିତା ଲେଖ' ବୋଲି ଫିଲିପ ସିଡନୀ ଯାହା କହିଛନ୍ତି, ତାହାର ପ୍ରାଣୋଚ୍ଛଳ ପରିପ୍ରକାଶ ହେଉଛି ଅନ୍ନପୂର୍ଣ୍ଣାଙ୍କ କବିତା ଏବଂ ସାମଗ୍ରିକ ଭାବରେ ତାଙ୍କ ସାହିତ୍ୟର ଆବେଦନ।

କଷ୍ଟ, ଯାତନା ଓ ବେଦନା ସତ୍ତ୍ୱେ ସ୍ୱକୀୟ ସାଧନାରେ ଥିଲେ ସେ ସର୍ବଦା ଅବିଚଳିତ। ସମାଜରେ ବ୍ୟାପ୍ତ ଅଚେତନତା ଦୂର କରିବାରେ ବିରାଜିତା ଏକ ଅଗ୍ନିଶିଖା। ପାଠକ ପ୍ରାଣର ଅହଂକୈନ୍ଦ୍ରିକ ସମସ୍ତ ଆବର୍ଜନାକୁ ଧୋଇ ନେବାରେ ଏକ ନିର୍ମଳ ନିର୍ଝରିଣୀ। ସକଳ ବିରୁଦ୍ଧ ପରିସ୍ଥିତି ସହ ସଂଘର୍ଷ କରି ଆଗକୁ ଅଗ୍ରସର ହୋଇଯିବା ନିମନ୍ତେ ସେ ମେଘାବୃତ୍ତ ଆକାଶ ବକ୍ଷର ଏକ ବିଜୁଳିରେଖା। ଶାନ୍ତି, ଆଶା, ନିରାଶା, ଦୁଃଖ, ମୃତ୍ୟୁ, ଅଶ୍ରୁ, ଗର୍ବ, ବିଚ୍ଛେଦ- ଏପରି ବହୁ ମାନବିକ ଅନୁଭବକୁ ସେ ବ୍ୟକ୍ତ କରିଛନ୍ତି ସହଜ, ସରଳ ଲାଳିତ୍ୟ ସଂଯୋଗ ସହିତ। କବିତାର ସାରଲ୍ୟରେ କିପରି କବି ହୃଦୟର ନମନୀୟତା ପ୍ରସ୍ଫୁଟିତ ହୋଇପାରେ ସୁବାସିତ ପୁଷ୍ପର ମସୃଣତା ନେଇ, ତାହା ଅନୁଭବ କରିବାକୁ ଯିଏ ଆକୁଳ, ତାଙ୍କ ଆତ୍ମାରେ ଏହା ପ୍ରଦାନ କରିପାରିବ ସାନ୍ତ୍ୱନାର ଚନ୍ଦନ ପ୍ରଲେପ। ●

ଭୁବନେଶ୍ୱର, ମୋ: ୭୦୭୭୫୫୩୭୦୭

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।





# ଭାରତର ରାଜନୀତିରେ 'ନବୀନ' ସିଦ୍ଧାନ୍ତ

■ ରାମଶଙ୍କର

ମହାତ୍ମା ଗାନ୍ଧୀଙ୍କ ଜନ୍ମ ଶତବାର୍ଷିକୀ ପାଳନ ଅବସରରେ ଭାରତ ସରକାରଙ୍କର ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ଦ୍ୱାରା ୨୪ ସେପ୍ଟେମ୍ବର ୧୯୬୯ ରେ ମହାବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରଛାତ୍ରୀଙ୍କ ନିମନ୍ତେ 'ରାଷ୍ଟ୍ରୀୟ ସେବା ଯୋଜନା' ସ୍ଥାପିତ ହୋଇଛିଫ ସାମାଜିକ ସମସ୍ୟା ସମାଧାନ ଦିଗରେ ଜନସାଧାରଣଙ୍କର ଭାଗିଦାରିତା ସୃଷ୍ଟି କରିବା ନିମନ୍ତେ ଆବଶ୍ୟକ 'ନେତୃତ୍ୱକାରୀ ସାମର୍ଥ୍ୟକୁ' ବିଦ୍ୟାର୍ଥୀମାନଙ୍କ ମଧ୍ୟରେ ପ୍ରୋତ୍ସାହିତ କରିବା ଏହି ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ। ଏକ ବେସରକାରୀ ସଂଗଠନ ଜିଲ୍ଲା ସଦର ମହକୁମାରେ ୫୦ଜଣ ବିଦ୍ୟାର୍ଥୀଙ୍କୁ ନେଇ ୫ଦିନିଆ ଶିବିର ଆୟୋଜନ କରିଥା'ନ୍ତି। ଅନ୍ଧବିଶ୍ୱାସ ମୁକ୍ତ ଓ ବୈଜ୍ଞାନିକ ଚିନ୍ତାଧାରାଯୁକ୍ତ ଜୀବନ ସଫଳତାର ପ୍ରଥମ ପାହାଚ ଏବଂ ସମ୍ବିଧାନର ଧାରା -୫୧(କ) ଅନ୍ତର୍ଗତ ନାଗରିକଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ ସମ୍ପର୍କରେ ବିଦ୍ୟାର୍ଥୀମାନଙ୍କୁ ପ୍ରଶିକ୍ଷଣ ଦେବା କାର୍ଯ୍ୟ ମୁଁ କରୁଥାଏ। ତେଣୁ ଉକ୍ତ ବେସରକାରୀ ସଂଗଠନ ମୋତେ ନିମନ୍ତ୍ରଣ କରିଥା'ନ୍ତି। ମହାବିଦ୍ୟାଳୟରେ 'ରାଷ୍ଟ୍ରୀୟ ସେବା ଯୋଜନା' ଦାୟିତ୍ୱରେ ଥିବା ଅଧ୍ୟାପକ ବିଦ୍ୟାର୍ଥୀମାନଙ୍କୁ ନେତୃତ୍ୱ ଦେବାକୁ ଆବଶ୍ୟକ ଦୁଇଟି ଯୋଗ୍ୟତା ସମ୍ପର୍କରେ ବୁଝାଉଥା'ନ୍ତି। ପ୍ରଥମ, ଜନତାଙ୍କ ସହ ବ୍ୟକ୍ତିଗତ ପ୍ରତ୍ୟକ୍ଷ ସମ୍ପର୍କ। ଦ୍ୱିତୀୟରେ ଜନସାଧାରଣଙ୍କ ସହ ଭାବର ଆଦାନ ପ୍ରଦାନ ନିମନ୍ତେ ବାକ୍-ପଟୁତା। ସିଧାସଳଖ ସମ୍ପର୍କ ଓ ଭଲ କହିଲା ବାଲା ନହେଲେ ସଫଳ ନେତା ହୋଇ ପାରିବ ନାହିଁ। ଅଧ୍ୟାପକଙ୍କ ପାଠ ପଢ଼ା ସରିବା ପରେ ମୋ ପାଳି ଆସିଲା। ମାତ୍ର ମୁଁ ମୋ ବିଷୟକୁ ନ ଯାଇ ବିଦ୍ୟାର୍ଥୀ ଓ ଅନ୍ୟ ଅଧ୍ୟାପକଙ୍କ ଉପସ୍ଥିତିରେ ମୋର ଗୋଟିଏ ପ୍ରଶ୍ନ ଥିଲା, ଓଡ଼ିଶାରେ ଜନପ୍ରିୟତାର ଶୀର୍ଷରେ ଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନସମ୍ପର୍କ ଓ ବାକ୍‌ପଟୁତା। ବିଦ୍ୟାର୍ଥୀମାନଙ୍କ ଅପେକ୍ଷା ଅଧ୍ୟାପକବନ୍ଧୁମାନେ ସ୍ତବ୍ଧ। ବିରୋଧୀ ରାଜନୈତିକ ଦଳ ଓ ରାଜନୈତିକ ସମୀକ୍ଷକ ନବୀନ ବାବୁଙ୍କ ବିରୁଦ୍ଧରେ ଅପପ୍ରଚାର କରୁଥିଲେ ଯେ ତାଙ୍କର ଜନସାଧାରଣଙ୍କ ସହିତ ଆଦୌ ସମ୍ପର୍କ ନାହିଁ ଏବଂ ନବୀନ ବାବୁ ଭାଷଣ କଥା ଛାଡ଼ନ୍ତୁ ଅନ୍ୟ ପକ୍ଷରେ ବହୁତ କମ୍ କଥା କହନ୍ତି। ତେବେ କେଉଁ ଆଧାରରେ ସେ ଓଡ଼ିଶାବାସୀଙ୍କ ହୃଦୟ ଜିଣିଥିଲେ? ଯାହାଙ୍କୁ ଦେଖିବା ପାଇଁ ରାସ୍ତାକଡ଼ରେ ହଜାର ହଜାର ଆବାଳ ବୃଦ୍ଧ ବନିତା ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରୁଥିଲେ? ଭାରତର ରାଜନୀତିରେ ଏକ ନୂତନ ସିଦ୍ଧାନ୍ତ ସୃଷ୍ଟି କରିଥିଲେ ନବୀନ ବାବୁ। ଜନସାଧାରଣଙ୍କ ସହ ପ୍ରତ୍ୟକ୍ଷ ସମ୍ପର୍କର ସେତୁ ସୃଷ୍ଟି କରିଥିଲେ 'ଜନ କଲ୍ୟାଣ ଯୋଜନା'ର ସୁଫଳ ଜରିଆରେ ଓଡ଼ିଶାବାସୀଙ୍କ ମୁହଁରେ ହସ ଫୁଟାଇ। ମିଥ୍ୟା ପ୍ରତିଶ୍ରୁତି ଓ ଲମ୍ବା ଭାଷଣ ପରିବର୍ତ୍ତେ ତିନୋଟି ଶବ୍ଦ ମାଧ୍ୟମରେ କୋଟିକୋଟି ଓଡ଼ିଶାବାସୀଙ୍କ ହୃଦୟକୁ ଜିତିଥିଲେ - 'ଆପଣମାନେ ଖୁସି ତ' ? ସାଢ଼େ ଚାରିକୋଟି ଓଡ଼ିଶାବାସୀ କେବଳ ନୁହନ୍ତି ଦେଶବାସୀ ଜାଣିଛନ୍ତି ଯେ ଗତ ବିଧାନସଭା ନିର୍ବାଚନରେ ଭାରତର ପ୍ରଧାନମନ୍ତ୍ରୀ, ଗଣ୍ଡା ଗଣ୍ଡା କେନ୍ଦ୍ରମନ୍ତ୍ରୀ, ଭାଜପା ଶାସିତ ରାଜ୍ୟର ମୁଖ୍ୟମନ୍ତ୍ରୀ, ଓଡ଼ିଶାବାସୀଙ୍କୁ ମିଥ୍ୟା ପ୍ରତିଶ୍ରୁତି ଦେଇ ଭୋଟ ନେଇଛନ୍ତି। ମାତ୍ର ଏକ ବର୍ଷ ମଧ୍ୟରେ ତାହା ପ୍ରମାଣ ହୋଇସାରିଛି। ଭାରତର ରାଜନୈତିକ ଇତିହାସରେ ନବୀନବାବୁ ନୂଆ ସିଦ୍ଧାନ୍ତର ପ୍ରତୀକ ପାଲଟିଛନ୍ତି। ■


**ଅଧ୍ୟକ୍ଷ,**
**ବିଶ୍ୱାମିତ୍ର ଜନସେବା ଟ୍ରଷ୍ଟ, ଖୋର୍ଦ୍ଧା,**
**ମୋ: ୯୩୩୭ ୭୨୧୪୫୫**


# ଅନନ୍ୟ ନବୀନ

■ ଡ.ବିମ୍ବାଧର ବେହେରା

ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ସଂପ୍ରତି ଓଡିଶା ବିଧାନସଭାର ବିରୋଧୀଦଳ ନେତା ମାନ୍ୟବର ନବୀନ ପଟ୍ଟନାୟକଙ୍କର ଜନ୍ମ ଜୟନ୍ତୀ ଆକ୍ଟୋବର ୧୬ ତାରିଖ। ଏହି ପରିପ୍ରେକ୍ଷୀରେ କୌଣସି ରାଜନୈତିକ ବାଦ ବିସମ୍ବାଦର ଉର୍ଦ୍ଧ୍ୱରେ ତାଙ୍କ ମହାନ ବ୍ୟକ୍ତିତ୍ୱର ଆକଳନ କରାଯାଇପାରେ। ଓଡ଼ିଶାର ମାଟି କଟକରେ ୧୯୪୬ ମସିହା ଅକ୍ଟୋବର ୧୬ ତାରିଖରେ ସେ ଭୂମିଷ୍ଟ ହୋଇଥିଲେ ଓଡ଼ିଶାର ପ୍ରବାଦପୁରୁଷ ପୂର୍ବତନ ମୁଖ୍ୟମନ୍ତ୍ରୀ, ପୂର୍ବତନ କେନ୍ଦ୍ର ଇସ୍ପାତ ମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ପରିବାରରେ। ସମୟ ସ୍ରୋତରେ ଦୀର୍ଘ ୨୪ ବର୍ଷ କାଳ କେବଳ ଓଡ଼ିଶାରେ ନୁହଁ ଜାତୀୟ ରାଜନୀତିରେ ନବୀନବାବୁ ଥିଲେ ଜଣେ ନିଆରା ବ୍ୟକ୍ତିତ୍ୱ। ଓଡ଼ିଶାର ସାମାଜିକ, ଅର୍ଥନୈତିକ ବିକାଶ ସହ ରାଜ୍ୟର ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ କେତେକ ସ୍ୱତନ୍ତ୍ର ପଦକ୍ଷେପ ନେଇଥିଲେ ସେ। ଆଜି ମୋର ମନେପଡ଼େ ଜୁଲାଇ ପଚିଶ ୨୦୧୩ ମସିହାର ଏକ ସ୍ମରଣୀୟ ସନ୍ଧ୍ୟା ସ୍ଥାନ ରବୀନ୍ଦ୍ରମଣ୍ଡପ ଭୁବନେଶ୍ୱର, ଓଡ଼ିଶା ସାହିତ୍ୟ ଏକାଡେମୀର ପ୍ରତିଷ୍ଠା ଦିବସ ତଥା ସାରସ୍ୱତ ସମ୍ବର୍ଦ୍ଧନା ଉତ୍ସବ। ମଞ୍ଚ ଉପରେ ବହୁ ଉଚ୍ଚପଦସ୍ଥ କର୍ମକର୍ତ୍ତା, ମନ୍ତ୍ରୀଙ୍କ ସହ ମୁଖ୍ୟଅତିଥି ଥିଲେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ମାନ୍ୟବର ନବୀନ ପଟ୍ଟନାୟକ ମହୋଦୟ, ତାଙ୍କ ସ୍ୱହସ୍ତରୁ ଉତ୍ତରୀୟ ତଥା ତାମ୍ର ଫଳକ ସହ ବରିଷ୍ଠ ସାରସ୍ୱତ ସାଧକ ଭାବେ ସମ୍ବର୍ଦ୍ଧିତ ହେବା ମୋ ପାଇଁ ଜୀବନର ନିଶ୍ଚିତ ଭାବେ ଏକ ଅଭୁଲା ମୁହୂର୍ତ୍ତ। ସେହି ରୋମାଞ୍ଚିତ ସଞ୍ଚୟ ଆଜିବି ସ୍ମୃତି ପେଟିକାରୁ ଭାସି ଆସେ।

ଦ୍ୱିତୀୟଥର ମାର୍ଚ୍ଚ ୫ ତାରିଖ ୨୦୧୭ ମସିହା ପଞ୍ଚାୟତରାଜ ଦିବସ ପାଳିତ ହେଉଥାଏ ଭୁବନେଶ୍ୱରସ୍ଥ ଆଦିବାସୀ ପଡିଆରେ, ସେଦିନ ପ୍ରବାଦପୁରୁଷ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କର ଜୟନ୍ତୀ ମଧ୍ୟ ଥାଏ, ସାରାଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ବରିଷ୍ଠ ନାଗରିକ ତଥା ସାମାଜିକ ସମ୍ପୃକ୍ତି ଥିବା ବ୍ୟକ୍ତିମାନଙ୍କୁ ସମ୍ବର୍ଦ୍ଧିତ କରିବାର କାର୍ଯ୍ୟକ୍ରମ ଥାଏ। ସରକାରଙ୍କ ତରଫରୁ ବସ୍ ଯୋଗେ ସେମାନଙ୍କୁ ନେଇ ଭୁବନେଶ୍ୱରସ୍ଥ ବିଭିନ୍ନ ହୋଟେଲରେ ବିଶ୍ରାମ ସୁଯୋଗ ଦେବା ସହ ସୁନ୍ଦର ଆତିଥେୟତା ପ୍ରଦାନ କରାଯାଇଥିଲା ଏବଂ ସେମାନଙ୍କ ମଧ୍ୟରେ କେନ୍ଦୁଝରରୁ ଆଉ କେତେଜଣଙ୍କ ସହିତ ମୁଁ ମଧ୍ୟ ସେ ସୁଯୋଗ ଲାଭ କରିଥିଲି। ବିରାଟ ସୁସଜ୍ଜିତ ମଞ୍ଚରେ ମୁଖ୍ୟଅତିଥି ଥିଲେ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ମହୋଦୟ, ତାଙ୍କ ଉପସ୍ଥିତିରେ ତତ୍କାଳୀନ ମନ୍ତ୍ରୀ ଅରୁଣ କୁମାର ସାହୁ ଉତ୍ତରୀୟ ସହ ଆମକୁ ସମ୍ବର୍ଦ୍ଧିତ କରିଥିଲେ। ସେଇବେଳର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମହୋଦୟଙ୍କର ଭାବଗମ୍ଭୀର ସଂକ୍ଷିପ୍ତ ବକ୍ତବ୍ୟ ମଧ୍ୟରେ ବରିଷ୍ଠ ନାଗରିକମାନଙ୍କ ପ୍ରତି ତାଙ୍କର ଥିଲା ଶ୍ରଦ୍ଧା ଓ ସମ୍ମାନ, ସେହି ଅପରାହ୍ଣର ମଧୁର ସ୍ମୃତି ଏବେଯାଏ ଜୀବିତ ଅଛି।

ରାଜନୈତିକ ପରିସରରେ ପ୍ରବେଶ କରିବା ପୂର୍ବରୁ ମାନନୀୟ ନବୀନ ପଟ୍ଟନାୟକ ଜଣେ ଲେଖକ ଭାବେ ପ୍ରତିଷ୍ଠା ଅର୍ଜନ କରିଥିଲେ। ଇଂରାଜୀରେ ଅନେକ ଗ୍ରନ୍ଥର ପ୍ରଣେତା ସହ ବିଭିନ୍ନ ରୋଗ ନିରାକରଣ ପାଇଁ ଭାରତରେ ଥିବା ଔଷଧୀୟ ବୃକ୍ଷ ଉପରେ ତାଙ୍କର ସୃଜନୀ ପ୍ରତିଭା ବେଶ ଦୃଷ୍ଟିଆକର୍ଷଣ କରେ, ତାହା ଥିଲା 'ଗାର୍ଡେନ ଅଫ ଲାଇଫ', 'ଆନ ଇଣ୍ଟ୍ରୋଡକ୍ସନ ଟୁ ଦି ହିଲିଙ୍ଗ ପ୍ଲାଣ୍ଟସ ଅଫ ଇଣ୍ଡିଆ', ନିଶ୍ଚିତ ଭାବେ ଆରଣ୍ୟକ ପରିବେଶ ପ୍ରତି ତାଙ୍କ ହୃଦୟରେ ଆବେଗ ଥିଲା, ଯାହା ଏଥିରେ ପ୍ରତିଫଳିତ। ତାଙ୍କର ଭାଷଣଗୁଡ଼ିକ ଖୁବ୍ ସଂକ୍ଷିପ୍ତ ଥିଲେ ମଧ୍ୟ ବିନ୍ଦୁ ଭିତରେ ସିନ୍ଧୁ ଦର୍ଶନର ଅବକାଶ ଥିଲା। ଦୀର୍ଘବର୍ଷ ଧରି ଓଡ଼ିଶାର ଶାସନ ଡୋରିକୁ ନିୟନ୍ତ୍ରିତ କରିଥିବା ଏପରି ମହାଦ୍ରୁମଙ୍କ ବ୍ୟକ୍ତିତ୍ୱର ସାରବତ୍ତା ସଂକ୍ଷିପ୍ତ ପରିସରରେ ଆକଳନ କରିବା ଅନ୍ଧଙ୍କ ହାତୀ ଦେଖା ସହ ସମାନ। ■


**ଜନଜାତି ଗବେଷକ ତଥା ଅବସରପ୍ରାପ୍ତ ପ୍ରାଧ୍ୟାପକ,**
**ଧରଣୀଧର ସ୍ୱୟଂ ଶାଶିତ ମହାବିଦ୍ୟାଳୟ,**
**କେନ୍ଦୁଝର**





ବିଜୁ ଜନତା ଦଳ

୧୬ ଅକ୍ଟୋବର, ୨୦୨୫

ନବ ଉତ୍କଳର ବିଶ୍ୱକର୍ମା,
ସାଢ଼େ ଚାରିକୋଟି ଓଡ଼ିଆଙ୍କ ହୃଦୟର ସ୍ପନ୍ଦନ,
ଆମ ସମସ୍ତଙ୍କ ପ୍ରିୟ ମାନ୍ୟବର ପୂର୍ବତନ ମୁଖ୍ୟମନ୍ତ୍ରୀ
ତଥା ବିଜୁ ଜନତା ଦଳର ରାଜ୍ୟ ସଭାପତି

**ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ**
**ଶୁଭ ଜନ୍ମଦିନ**
ଅବସରରେ
**ହାର୍ଦ୍ଦିକ ଶୁଭେଚ୍ଛା ଓ ଶୁଭକାମନା**


ଏହି ଶୁଭ ଜନ୍ମଦିନରେ
ଜଗତର ନାଥ ଜଗନ୍ନାଥ ମହାପ୍ରଭୁଙ୍କ
ନିକଟରେ ଆପଣଙ୍କର ଦୀର୍ଘ
ଓ ନିରାମୟ ଜୀବନ ପାଇଁ ପ୍ରାର୍ଥନା କରୁଛି।

**ସୁବାସିନୀ ଜେନା**
ବିଧାୟିକା, ବସ୍ତା ନିର୍ବାଚନ ମଣ୍ଡଳୀ



# ଯାହାଙ୍କ ପାଇଁ ଓଡ଼ିଶା ଏବେ ଆଦର୍ଶ ରାଜ୍ୟ

■ ମହମ୍ମଦ ହିଫ୍‌ଜୁର ରହେମାନ୍



ନବୀନ ପଟ୍ଟନାୟକ । ରାଜନୀତି ତାଙ୍କ ପାଇଁ କ୍ଷମତା ଆହରଣ ନୁହେଁ, ଲୋକଙ୍କ ସେବା ଓ ରାଜ୍ୟର ବିକାଶ ହିଁ ଏକମାତ୍ର ବ୍ରତ । କ୍ଷମତାରେ ଥାଆନ୍ତୁ କି ନ ଥାଆନ୍ତୁ, ନିଷ୍ଠା ଓ ଆନ୍ତରିକତା ସହ ସାଢେ ଚାରି କୋଟି ଓଡ଼ିଶାବାସୀଙ୍କ ସେବାରେ ନିଜକୁ ନିୟୋଜିତ କରିଛନ୍ତି । ୧୯୯୭ରେ ପ୍ରଥମ ଥର ପାଇଁ ଆସିକା ଲୋକସଭା ଆସନରୁ ସାଂସଦ ଭାବେ ନିର୍ବାଚିତ ହେବା ଠାରୁ ଆଜି ପର୍ଯ୍ୟନ୍ତ ସେ ନିଜର ଜୀବନକୁ ସମ୍ପୂର୍ଣ୍ଣ ଭାବେ ଓଡିଶାବାସୀଙ୍କ ବିକାଶ ପାଇଁ ଉତ୍ସର୍ଗ କରିଦେଇଛନ୍ତି । ନିଜର ସ୍ୱଚ୍ଛ ଓ ନିର୍ମଳ ଭାବମୂର୍ତ୍ତି ପାଇଁ ଗତ ୨୫ ବର୍ଷରୁ ଅଧିକ ସମୟ ତାଙ୍କର ନିରନ୍ତର ସେବା ଅନ୍ୟମାନଙ୍କ ପାଇଁ ଉଦାହରଣ ହୋଇଛି ।

କ୍ଷମତାରେ ଥିବା ସମୟରେ ଓଡ଼ିଶାର ଚିତ୍ରକୁ ବଦଳାଇ ଦେଇଥିଲେ ନବୀନ ପଟ୍ଟନାୟକ । ଭୋକର ଭୂଗୋଳରୁ ଓଡିଶା ଆଜି ଶସ୍ୟ ସମୃଦ୍ଧ । ଅଭାବ ଅନଟନ, ଦାରିଦ୍ର୍ୟ, ଅନାହାର, ଅନଗ୍ରସର ଭଳି ଶବ୍ଦ ଯାହା ଓଡିଶାକୁ ସବୁବେଳେ ବିଶ୍ୱ ଦରବାରରେ ନନ୍ଦିତ କରୁଥିଲା, ତାହା ଆଜି ଇତିହାସ ପାଲଟିଯାଇଛି । ବିଶ୍ୱ ଦରବାରରେ ଓଡିଶା ଅନେକ କ୍ଷେତ୍ରରେ ମଡେଲ ରାଜ୍ୟର ମାନ୍ୟତା ପାଇଛି । ବିପର୍ଯ୍ୟୟ ମୁକାବିଲା ହେଉ କି ଓଡିଆଙ୍କ ପାଇଁ ଖାଦ୍ୟ ସୁରକ୍ଷା ସୁନିଶ୍ଚିତ କରିବା, ସାରା ବିଶ୍ୱ ଓଡିଶା ମଡେଲକୁ ପ୍ରଶଂସା କରୁଛି । ମିସନ ଶକ୍ତି ଜରିଆରେ ୭୦ ଲକ୍ଷ ମହିଳାଙ୍କ ସଶକ୍ତୀକରଣ ଠାରୁ ଆରମ୍ଭ କରି ଅଭେଦ୍ୟ ମାଓ ଗଡକୁ ସ୍ୱାଭିମାନ ଅଞ୍ଚଳରେ ରୂପାନ୍ତରିତ କରିବା, ଚାଷୀଙ୍କ ପାଇଁ କାଳିଆ ଯୋଜନା, ଓଡିଶାକୁ ବିଶ୍ୱସ୍ତରରେ ପୁଞ୍ଜିନିବେଶର ହବ୍ ଭାବେ ଗଢି ତୋଳିବା, ବିଶ୍ୱ ଦରବାରରେ ଓଡିଶାକୁ କ୍ରୀଡା ରାଜଧାନୀ ଭାବେ ପ୍ରତିଷ୍ଠିତ କରିବା, ଦକ୍ଷତା ବିକାଶ ଜରିଆରେ ଲକ୍ଷ ଲକ୍ଷ ଓଡିଆ ଯୁବକ ଯୁବତୀଙ୍କୁ ଆତ୍ମନିର୍ଭରଶୀଳ କରିବା, ଜାଗା ମିସନ ଜରିଆରେ ବସ୍ତିବାସିନ୍ଦାଙ୍କୁ ଜମି ଅଧିକାର ପ୍ରଦାନ ଭିଳି ଲୋକାଭିମୁଖୀ ଯୋଜନା ଥିଲା ନୂଆ ଓଡିଶାର ବିନ୍ଧାଣୀ ରୂପେ ପରିଚିତ ନବୀନଙ୍କ ଅବଦାନ ।

ଅର୍ଥ ଅଭାବରୁ କାହାର ଜୀବନ ଯିବ ନାହିଁ । ଚିକିତ୍ସା ପାଇଁ ଜମିବାଡ଼ି, ଗହଣା ବିକିବାକୁ ପଡ଼ିବ ନାହିଁ । ରାଜ୍ୟବାସୀଙ୍କ ପାଇଁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ସ୍ମାର୍ଟ କାର୍ଡ ପ୍ରଚଳନ କରି ନବୀନ ଅନ୍ୟମାନଙ୍କ ପାଇଁ ରାସ୍ତା ଦେଖାଇଥିଲେ । ଚିକିତ୍ସା କ୍ଷେତ୍ରରେ ଏହା ଆଣିଥିଲା ବୈପ୍ଳବିକ ପରିବର୍ତ୍ତନ । ନୂଆ ସରକାର କ୍ଷମତାକୁ ଆସିଲା ପରେ ମଧ୍ୟ ଆୟୁଷ୍ମାନ ସ୍ୱାସ୍ଥ୍ୟ କାର୍ଡରେ ରହିଛି ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ଛାପ । ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ହେଉ କି କୋଣାର୍କ ସୂର୍ଯ୍ୟ ମନ୍ଦିର, ଲିଙ୍ଗରାଜ ମନ୍ଦିର ଠାରୁ ଆରମ୍ଭ କରି ତାରାତାରିଣୀ ଓ ସମଲେଶ୍ୱରୀ ପୀଠ । ଏସବୁ ଐତିହ୍ୟ କ୍ଷେତ୍ରର ବିକାଶ ପାଇଁ ତାଙ୍କର ଅବଦାନ ମଧ୍ୟ ଅତୁଳନୀୟ ।

ସେହିଭଳି କୋଭିଡ ମୁକାବିଲାରେ ମଧ୍ୟ ଓଡିଶା ସାରା ଦେଶ ପାଇଁ ସାଜିଥିଲା ମଡେଲ । ଅଦୃଶ୍ୟ ଭୂତାଣୁ ବିରୋଧରେ ଲଢିବାକୁ ଯେତେବେଳେ କେହି ଚିନ୍ତା କରିପାରୁନଥିଲେ ସେତେବେଳେ ନବୀନ ଦେଇଥିଲେ ମୁକାବିଲାର ସୂତ୍ର । ସଂକ୍ରମଣ ଚେନ୍ ରୋକିବା ସହ ପ୍ରତ୍ୟେକ ଜୀବନ ମୂଲ୍ୟବାନ ଲକ୍ଷ୍ୟ ରଖି ଆରମ୍ଭ କରିଥିଲେ ମୁକାବିଲା । ରାଜ୍ୟରେ ସମସ୍ତଙ୍କୁ ମାଗଣା କୋଭିଡ ଚିକିତ୍ସା ପ୍ରଦାନ କରାଯାଇଲା ।

ନବୀନ ପଟ୍ଟନାୟକଙ୍କ ସଫଳତାରେ ଯୋଡ଼ି ହୋଇ ରହିଛି ଜନହିତକର କାର୍ଯ୍ୟକ୍ରମର ଏଭଳି ଲମ୍ବା ତାଲିକା । ଜଣେ ନମ୍ର ନେତା ଭାବେ ପରିଚିତ ନବୀନଙ୍କ କାର୍ଯ୍ୟଧାରା ଅନ୍ୟମାନଙ୍କ ପାଇଁ ଉଦାହାରଣ ହୋଇଛି ।

ନବୀନ ଏବେ କ୍ଷମତାରେ ନାହାନ୍ତି ସତ, କିନ୍ତୁ ରାଜ୍ୟବାସୀଙ୍କ ସେବାରେ ସେ ଏବେ ବି ଉତ୍ସର୍ଗୀକୃତ । ସାଢ଼େ ଚାରି କୋଟି ଓଡ଼ିଆ ଏବେ ବି ତାଙ୍କର ପରିବାର । ଏବେ ବି ସେମାନଙ୍କ ସୁଖଦୁଃଖ ସହିତ ନିଜକୁ ଯୋଡ଼ି ହୋଇ ରଖିଛନ୍ତି । କାହାରି ଟିକିଏ ଅସୁବିଧା ହେଲେ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରି ଏହାର ସମାଧାନ ପାଇଁ ପରାମର୍ଶ ଦେଉଛନ୍ତି । ବିରୋଧୀ ଦଳ ନେତାଙ୍କ ଭୂମିକା କେମିତି ହୁଏ, ତାହା ସେ ତାଙ୍କର ଆଚରଣ ଜରିଆରେ ଉଦାହରଣ ସୃଷ୍ଟି କରିଛନ୍ତି । ରାଜ୍ୟ ବିଧାନସଭାର ୫୦ରୁ ଅଧିକ ବିଧାୟକ ଥିଲେ ମଧ୍ୟ ସେ କେବେହେଲ ନିର୍ବାଚିତ ସରକାରକୁ ଅସ୍ଥିର କରିବାକୁ ପ୍ରୟାସ କି ନାହାନ୍ତି । ଜାତୀୟ ଗଣମାଧ୍ୟମରେ ଚାଲିଥିବା ଚର୍ଚ୍ଚା ଅନୁଯାୟୀ ନବୀନ ଚାହିଁଲେ ରାଜ୍ୟରେ ବିଜେପି ସରକାରକୁ ଦୋହଲାଇ ଦେଇପାରିବେ । କିନ୍ତୁ କ୍ଷମତାଲୋଭୀ ନ ହୋଇ ଲୋକମାନଙ୍କର ମତାମତକୁ ସମ୍ମାନ ଜଣାଇ ବିରୋଧୀ ଦଳର ନେତା ଭାବେ ନିଜର ଗଠନମୂଳକ ଦାୟିତ୍ୱକୁ କିପରି ନିର୍ବାହ କରେ ତାହା ସେ ଦେଖାଇ ଦେଇଛନ୍ତି । ତାଙ୍କର ନିନ୍ଦୁକ ମଧ୍ୟ ଏହା ସ୍ୱୀକାର କରିବାକୁ ବାଧ ହେଉଛନ୍ତି । ■


# ବିରଳ ବ୍ୟକ୍ତିତ୍ୱ

■ ବିଜୟ କୁମାର ମହାନ୍ତି

ନବୀନ ପଟ୍ଟନାୟକଙ୍କୁ ମୁଁ ୨୦୦୨ ମସିହାରେ ନବୀନ ନିବାସରେ ପ୍ରତ୍ୟକ୍ଷ ଭାବରେ ଦେଖିବା ଏବଂ ଆଲୋଚନା କରିବାର ସୁଯୋଗ ପାଇଥିଲି । ସେତେବେଳେ ମୁଁ କୁଚିଣ୍ଡାର ଆମ ଭାତପୁରା ଗ୍ରାମରେ ଥିଲି । ଆମ ଘରେ ଲାଗିଥିବା ଲ୍ୟାଣ୍ଡଫୋନ୍‌ରେ ନବୀନ ନିବାସରୁ ଫୋନ୍ ଆସିଲା ଯେ, ମୁଖ୍ୟମନ୍ତ୍ରୀ ଆପଣଙ୍କ ସହ କଥା ହେବା ପାଇଁ ଚାହାନ୍ତି । ସେ ରେଢ଼ାଖୋଲ ଉପନିର୍ବାଚନରେ ମୋର ସହଯୋଗ ଲୋଡ଼ିବା ସହ ନବୀନ ନିବାସ ଆସି ଆଲୋଚନା କରିବାକୁ ଅନୁରୋଧ କରିଥିଲେ । ମୁଁ ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘର ସଭାପତି ଭାବରେ ସେହିବର୍ଷ ନିର୍ବାଚିତ ହୋଇଥିଲି । ରେଢ଼ାଖୋଲରେ ଆମ ସଂଘର ସଂଗଠନ ସୁଦୃଢ଼ ଥିଲା ଏବଂ ମୋର ରାଜନୈତିକ ସମ୍ପର୍କ ମଧ୍ୟ ଭଲ ଥିଲା । ନବୀନ ନିବାସରେ ରେଢ଼ାଖୋଲ ନିର୍ବାଚନ ମଣ୍ଡଳୀରେ ଥିବା ସମସ୍ୟା ଏବଂ ନିର୍ବାଚନରେ ବିଷୟରେ ମୋ ସହିତ ଆଲୋଚନା କରିଥିଲେ ଏବଂ ପରାମର୍ଶ ମଧ୍ୟ ଲୋଡ଼ିଥିଲେ । ସେତେବେଳେ ରେଢ଼ାଖୋଲ ନିର୍ବାଚନ ମଣ୍ଡଳୀରେ ଅତିଶୟ ବର୍ଷା ବିପ୍ୱାତ, ବନ୍ୟା, ଧମା ଅଞ୍ଚଳରେ ବନ୍ୟାଜନିତ ବ୍ୟାପକ କ୍ଷୟକ୍ଷତି ସମ୍ପର୍କରେ ମୁଁ ମୁଖ୍ୟମନ୍ତ୍ରୀଙ୍କର ଦୃଷ୍ଟି ଆକର୍ଷଣ କରି ତା'ର ପ୍ରତିକାର ପାଇଁ କେତେକ ପ୍ରସ୍ତାବ ଦେଇଥିଲି । ସେ ମୋ ମତାମତକୁ ଶୁଣି ନିଜେ ହାତରେ ଲେଖି ସେଗୁଡ଼ିକୁ କାର୍ଯ୍ୟକାରୀ କରିବାକୁ ଆଶ୍ୱାସନା ଦେଇଥିଲେ । ଏଥିସହିତ ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘର ସହଯୋଗ ମଧ୍ୟ କାମନା କରିଥିଲେ । ମୋର ଏହି ପ୍ରଥମ ପରିଚୟ ଓ ଆଲୋଚନାରେ ନବୀନ ପଟ୍ଟନାୟକଙ୍କ ସରଳତା, ସମସ୍ୟା ଜାଣିବାର ଉତ୍ସୁକତା ଓ ସମାଧାନ ପାଇଁ ପ୍ରଚେଷ୍ଟା ଏବଂ ସର୍ବୋପରି ପ୍ରଥମ ପରିଚୟରୁ ହିଁ ଆତ୍ମୀୟତାର ଏକ ବଡ଼ ଝଲକ ମୁଁ ପାଇଲି । ତାଙ୍କର ପ୍ରଥମ ପରିଚୟରେ ଆଲୋଚନାର ବୈଶିଷ୍ଟ୍ୟ ମୋତେ ତାଙ୍କ ବ୍ୟକ୍ତିତ୍ୱ ପ୍ରତି ଆକୃଷ୍ଟ କରିଥିଲା । ୨୦୦୨-୦୩ ମସିହାର କଥା । ସେତେବେଳେର କେନ୍ଦୁପତ୍ର ତୋଳାଳିମାନଙ୍କର ଆର୍ଥିକ ସଙ୍କଟ ଏତେ ଉତ୍କଟ ଥିଲା ଯେ ଚପଲ କିଣିବା ସମସ୍ତଙ୍କ ପାଇଁ ସମ୍ଭବପର ହେଉନଥିଲା । ଠିକ୍ ସମୟରେ ସରକାର ନିଜେ ଚପଲ କିଣି ହଜାର ହଜାର ସଂଖ୍ୟାରେ ତୋଳାଳିଙ୍କୁ ବଣ୍ଟନ କଲେ । ଏହା ଦରଦୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବ୍ୟକ୍ତିତ୍ୱର ଅନ୍ୟ ଏକ ପରିଚୟ । ସେହିପରି ୧ପଇସାରେ ଗୋଟିଏ ପତ୍ର ଦର ନିର୍ଦ୍ଧାରଣ ସେତେବେଳେ ଉଚ୍ଚ ସରକାରୀ ସ୍ତରରେ ଏବଂ ଅର୍ଥ ବିଭାଗରେ ଘୋର ବିରୋଧ ହେଲା । ଏହାସତ୍ତ୍ୱେ ନିଷ୍ପତ୍ତିକୁ ଦୃଢ଼ତାର ସହ କାର୍ଯ୍ୟକାରୀ କରିବା ସେତେବେଳର ତାଙ୍କର ଅନ୍ୟ ଏକ ସାହସିକ ପଦକ୍ଷେପ ଥିଲା । ଏହା ଏକ ସ୍ମରଣୀୟ ଘଟଣା । ଆମ ସଂଘ କେନ୍ଦୁପତ୍ର ତୋଳାଳିଙ୍କ କଲ୍ୟାଣ ପାଇଁ ବିଭିନ୍ନ ଦାବି ଓ ଆନ୍ଦୋଳନ କରିଛି । କିନ୍ତୁ ମୁଖ୍ୟମନ୍ତ୍ରୀ ଭାବେ ନବୀନ ପଟ୍ଟନାୟକ ଅସହିଷ୍ଣୁ ମନୋଭାବ ନ ରଖି ଯଥାସମ୍ଭବ ଆମର ଅନେକ ଦାବି ପୂରଣ କରିଛନ୍ତି । ଜଙ୍ଗଲ ଅଧିକାର ଆଇନ ପ୍ରଚଳନ ପରେ କେନ୍ଦୁପତ୍ର ସଂସ୍ଥାର ସମସ୍ତ ଲାଭକୁ କେନ୍ଦୁପତ୍ର ଶ୍ରମିକମାନଙ୍କ ମଧ୍ୟରେ ବଣ୍ଟନ ଯୋଜନା ମଧ୍ୟ କାର୍ଯ୍ୟକାରୀ ହେଲା । କେନ୍ଦୁପତ୍ର ତୋଳାଳି ଓ ଶ୍ରମିକମାନଙ୍କ ପ୍ରତି ତାଙ୍କର ସ୍ନେହ ଓ ସମର୍ଥନ ଥିଲା ଅନନ୍ୟ ।

୨୦୧୪ରେ ବୁର୍ଲା ଏନଏସି ଅଧ୍ୟକ୍ଷାଙ୍କ ବିରୋଧରେ କେତେକ କାଉନସିଲ ଅନାସ୍ଥା ପ୍ରସ୍ତାବ ଆଣିଥିଲେ । ଏହାଜାଣି ସେ ଅନାସ୍ଥା ପ୍ରସ୍ତାବ ଆଗତକାରୀମାନଙ୍କ ଉପରେ ବିରକ୍ତ ହେଲେ ଏବଂ ଏଥିରୁ ବିଚ୍ୟୁତ ହେବା ପାଇଁ ନିର୍ଦ୍ଦେଶ ଦେଲେ । ସେହିପରି ସମ୍ବଲପୁରରେ ମହିଳା ଜିଲ୍ଲାପାଳଙ୍କୁ ଦୁର୍ବ୍ୟବହାର ଘଟଣାକୁ ମଧ୍ୟ କଡ଼ା ଶବ୍ଦରେ ନିନ୍ଦା କରିଥିଲେ । ୧୯୯୯-୨୦୦୦ ମସିହାରେ ଓଡ଼ିଶାରେ ଭୟାବହ ବାତ୍ୟା ଓ ବନ୍ୟାଗ୍ରସ୍ତ ଓଡ଼ିଶାରେ ଘୋର ଆର୍ଥିକ ଦୁରବସ୍ଥା ସମୟରେ ସେ ୨୦୦୦ ମସିହାରେ ମୁଖ୍ୟମନ୍ତ୍ରୀ ଦାୟିତ୍ୱ ନେବା ଏବଂ ଅର୍ଥନୀତିକୁ ସଜାଡ଼ିବା ଏକ ବିଶେଷ ଘଟଣା । ଖାଦ୍ୟ ନିରାପତ୍ତା ଆଇନ୍ ଲାଗୁ ହୋଇ ନ ଥିବା ବେଳେ ଓଡ଼ିଶାରେ ଦରିଦ୍ର ସୀମାରେଖା ତଳେ ଥିବା ସମସ୍ତ ରାଜ୍ୟବାସୀଙ୍କୁ କିଲୋ ପ୍ରତି ଟ. ୨/- ରେ ଚାଉଳ ଯୋଗାଇବା ସେତେବେଳର ଯୁଗାନ୍ତକାରୀ ଘଟଣା ।

ସେହିପରି ବିଭିନ୍ନ ରାଜ୍ୟ ଯୋଜନା ଯଥା - ବିଜୁ ପକ୍କା ଘର ଯୋଜନା, ଗୋପବନ୍ଧୁ ରାଜ୍ୟ ଯୋଜନା, ମଧୁବାବୁ ପେନସନ ଯୋଜନା, ସ୍କୁଲ ଛାତ୍ରଛାତ୍ରୀମାନଙ୍କୁ ପୋଷାକ ଯୋଜନା, ମଧ୍ୟାହ୍ନ ଭୋଜନ ଯୋଜନା ଏବଂ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଆଦି ସାମାଜିକ ନ୍ୟାୟ ପ୍ରତିଷ୍ଠା ସକାଶେ ତାଙ୍କର ସାହସିକ ପଦକ୍ଷେପ ଯୋଗୁଁ ଓଡ଼ିଶା ସମଗ୍ର ଦେଶରେ ଉଦାହରଣ ସୃଷ୍ଟି କରିଥିଲା । ୨୦୧୩ ମସିହାରେ ଏକ ସମାବେଶରେ ମୁଁ ଏସଡିଏର ଅଧ୍ୟକ୍ଷ ଭାବରେ ନବୀନ ପଟ୍ଟନାୟକଙ୍କୁ ମହାନଗର ନିଗମ ଗଠନ ପାଇଁ ଏକ ମାନଚିତ୍ର ଓ ବିବରଣୀ ଦେଇ ସମ୍ବଲପୁରକୁ ମହାନଗର ନିଗମ କରିବାକୁ ଅନୁରୋଧ କରିଥିଲି । ସେହିଦିନ ହିଁ ସେ ସମ୍ବଲପୁରକୁ ମହାନଗର ନିଗମ ଘୋଷଣା କରିଥିଲେ । ଏହା ମୋ ମନରେ ଆଜିପର୍ଯ୍ୟନ୍ତ ସ୍ମରଣୀୟ ହୋଇରହିଛି । ମୁଁ ଜିଲ୍ଲା ସଭାପତି, ରାଜ୍ୟ ହସ୍ତଶିଳ୍ପ ନିଗମର ଅଧ୍ୟକ୍ଷ, ରାଜ୍ୟ ଅର୍ଥ ଆୟୋଗର ସଦସ୍ୟ ଓ ସମ୍ବଲପୁର ଉନ୍ନୟନ ପ୍ରାଧିକରଣ ଅଧ୍ୟକ୍ଷ ଭାବରେ ବିଭିନ୍ନ ସମୟରେ ନବୀନ ବାବୁଙ୍କୁ ସାକ୍ଷାତ କରିଛି । ତାଙ୍କଠାରେ ଏକ ସରଳ, ଅମାୟିକ ତଥା ଏକ ବିରଳ ବ୍ୟକ୍ତିତ୍ୱର ଭାବମୂର୍ତ୍ତି ମୁଁ ଦେଖିଛି । ଆହୁରି ଅନେକ ପ୍ରତ୍ୟକ୍ଷ ଘଟଣା ଥିଲେ ମଧ୍ୟ ଅଧିକ ଏଥିରେ ବର୍ଣ୍ଣନା କରିବା ସମ୍ଭବପର ନୁହେଁ । ଏଣୁ କିଛି ସ୍ୱତନ୍ତ୍ର ଘଟଣାର ଅବତାରଣା କରିଛି । ଏଥିରୁ ତାଙ୍କର ବିରଳ ବ୍ୟକ୍ତିତ୍ୱର ପରିଚୟ ଯଥେଷ୍ଟ । ■



ଡି - ୮, ସରସ୍ୱତୀ ଏନକ୍ଲେଭ, ସମ୍ବଲପୁର,
ମୋ: ୯୪୩୭୮୦୭୫୨୭

# ଜନକଲ୍ୟାଣକାରୀ ଯୋଜନାର ଦୀର୍ଘ ଯାତ୍ରା

■ ସୋନାଲି ବେହେରା


ଦୀର୍ଘ ଦୁଇ ଦଶନ୍ଧିରୁ ଅଧିକ ସମୟ ଧରି ଓଡ଼ିଶାର ସବୁଠୁ ପ୍ରିୟ ନେତା ହେଲେ ନବୀନ ପଟ୍ଟନାୟକ । ଲଗାତାର ପାଞ୍ଚ ଥର ମୁଖ୍ୟମନ୍ତ୍ରୀ ଆସନରେ ବସିଥିଲେ ନବୀନ । ତାଙ୍କର ଦୂରଦୃଷ୍ଟି ଏବଂ ସୁଦକ୍ଷ ନେତୃତ୍ୱ ବଳରେ ଓଡ଼ିଶା ରୂପାନ୍ତରଣ ଆଜି ଶିଖର ଛୁଇଁଛି । ରାଜନୀତିରେ ନବୀନଙ୍କ ପ୍ରବେଶ ଓଡ଼ିଶା ରାଜନୀତିର ଏକ ଯୁଗାନ୍ତକାରୀ ପରିବର୍ତ୍ତନ ।

ରାଜ୍ୟର ସମସ୍ତ ଗ୍ରାମାଞ୍ଚଳରେ ଉନ୍ନତ ଭିତ୍ତିଭୂମିର ବିକାଶ ଥିଲା ନବୀନ ପଟ୍ଟନାୟକଙ୍କ ମୂଳ ଲକ୍ଷ୍ୟ । ଏହା ଅଧୀନରେ ପ୍ରାୟ ୬୭୯୪ ଗ୍ରାମ ପଞ୍ଚାୟତରେ ବିଭିନ୍ନ ପ୍ରକଳ୍ପ ପାଇଁ ପାଣ୍ଠି ଖର୍ଚ୍ଚ ହେଉଛି । ଏହି ଯୋଜନାରେ ରାଜ୍ୟର ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଉନ୍ନତ ଏବଂ ସୁଲଭ ସାଧାରଣ ସେବା ଯୋଗାଇ ଦିଆଯାଉଛି । ଏହି କଲ୍ୟାଣମୂଳକ ଯୋଜନାର ଏକ ସେବା ହେଉଛି 'ଆମ ଓଡ଼ିଶା ନବୀନ ଓଡ଼ିଶା' ଯାହାର ମୂଳ ଲକ୍ଷ୍ୟ ଥିଲା ଗ୍ରାମାଞ୍ଚଳର ବିକାଶ ସହ ଓଡ଼ିଆ ସଂସ୍କୃତି ତଥା ଜଗନ୍ନାଥ ସଂସ୍କୃତିର ପ୍ରଚାର ଓ ପ୍ରସାର । ଏହି ସେବା ଦ୍ୱାରା ଆର୍ଥିକ ସହାୟତା ମିଳିଛି । ଯାହା ଫଳରେ ବିଭିନ୍ନ ପଞ୍ଚାୟତକୁ ଉନ୍ନୟନ କାର୍ଯ୍ୟ ପାଇଁ ଅନୁଦାନ ମିଳିଛି । ସେହିପରି ଭାବରେ ଅନ୍ୟ ଏକ ସେବା 'ମହିଳା ସଶକ୍ତୀକରଣ' । ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ମହିଳା ସଶକ୍ତୀକରଣ ଏବଂ ସ୍ୱାବଲମ୍ବୀ କରିଛି 'ମିଶନ ଶକ୍ତି' । ଗ୍ରାମଗୁଡ଼ିକରେ ସଡ଼କ ସଂଯୋଗ ପାଇଁ ରାଜ୍ୟ ସରକାରଙ୍କ ଏକ ସୁଫଳ ଯୋଜନା ହେଉଛି MMSY-CUUDA । ଏହି ଯୋଜନା ମାଓବାଦୀ ପ୍ରଭାବିତ ଓ ଚ୍ୟାଲେଞ୍ଜପୂର୍ଣ୍ଣ ଅଞ୍ଚଳରେ ଲାଗୁ ହୋଇଥିଲା । ବିଭିନ୍ନ ଗ୍ରାମପଞ୍ଚାୟତସ୍ତରରୁ ବ୍ଲକ୍ ଏବଂ ଜିଲ୍ଲା ପର୍ଯ୍ୟନ୍ତ ଏକ ସୁଗମ, ସୁଲଭ ଜନ ପରିବହନ ବ୍ୟବସ୍ଥା ହେଉଛି 'ଲକ୍ଷ୍ମୀ ବସ୍' ସେବା । ମହିଳା, ଛାତ୍ରଛାତ୍ରୀ ଏବଂ ଦିବ୍ୟାଙ୍ଗମାନେ ମାତ୍ର ୫ ଟଙ୍କାରେ ଯାତ୍ରା କରିପାରିବେ । ଓଡ଼ିଶାର ଏକ ସ୍ମାର୍ଟ ତଥା ଅତ୍ୟାଧୁନିକ ସାର୍ବଜନୀନ ପରିବର୍ତ୍ତନ ହେଉଛି 'ମୋ ବସ' (ଯାହାକି ବର୍ତ୍ତମାନ 'ଆମ ବସ୍' ନାମରେ ପରିଚିତ) ନବୀନଙ୍କ ପାଇଁ ସଫଳ ହୋଇପାରିଛି । ଏହି ସେବାରେ ରାଜ୍ୟର ସହରାଞ୍ଚଳର ଯାତାୟାତ ସୁରକ୍ଷା, ସହଜ ଓ ସୁଲଭରେ ପରିବର୍ତ୍ତନ ଆଣିପାରିଛି । ଭୁବନେଶ୍ୱର, କଟକ, ଖୋର୍ଦ୍ଧା, ପୁରୀ, ପିପିଲି, କୋଣାର୍କ ସହିତ ଅନ୍ୟାନ୍ୟ ପ୍ରମୁଖ ସହର ତଥା ରାଉରକେଲା, ସମ୍ବଲପୁର, ବ୍ରହ୍ମପୁର ମଧ୍ୟ ଏହି ସେବା ଲାଭ କରୁଛି । Mo-E-Ride ଭଳି ଇ-ରିକ୍ସା ସେବାଗୁଡ଼ିକ ଯୋଗୁ ଯାତ୍ରୀମାନେ ଦୂରସ୍ଥାନରୁ ମୁଖ୍ୟ ବସ୍ ଷ୍ଟପ୍ ପର୍ଯ୍ୟନ୍ତ ସହଜରେ ପହଞ୍ଚି ପାରୁଛନ୍ତି । 'ମୋ ସେବା କେନ୍ଦ୍ର' ଦ୍ୱାରା ସମସ୍ତ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ଓ ଜନସାଧାରଣ ପାଇଁ ମାଗଣା ୱାଇଫାଇ ହଟ୍‌ସ୍ପଟ ବ୍ୟବସ୍ଥା କରାଯାଇଛି । 'କାଳିଆ ଯୋଜନା' ଦ୍ୱାରା କୃଷକମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି । ଋଣ ଜାଲରୁ ଚାଷୀମାନଙ୍କୁ ମୁକ୍ତ କରିବା ଓ ଯେଉଁମାନେ ବାର୍ଦ୍ଧକ୍ୟ, ଅକ୍ଷମତା ବା ରୋଗ ହେତୁ ଚାଷ କାମ କରିପାରନ୍ତି ନାହିଁ, ସେମାନଙ୍କ ପରିବାରକୁ ଜୀବିକା ନିର୍ବାହ ପାଇଁ ସହାୟତା ଯୋଗାଇ ଦିଆଯାଏ । 'ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା' ହେଉଛି ନବୀନ ସରକାରଙ୍କ ଦ୍ୱାର ଆରମ୍ଭ କରାଯାଇଥିବା ଏକ ବଡ଼ ଧାରଣର ସ୍ୱାସ୍ଥ୍ୟ ଯୋଜନା । 'ଆହାର ଯୋଜନା' ଦ୍ୱାରା ସହରାଞ୍ଚଳରେ ଗରିବମାନଙ୍କୁ ୫ ଟଙ୍କିଆ ମୂଲ୍ୟରେ ଆହାର ମିଳିପାରୁଛି । 'ବିଜୁ ସଶକ୍ତିକରଣ ଯୋଜନା' ମାଧ୍ୟମରେ ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ଲାପ୍‌ଟପ୍ କିଣିବା ପାଇଁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି । ସହରାଞ୍ଚଳରେ ଥିବା ଗରିବ ଲୋକଙ୍କୁ ଜୀବିକା ପାଇଁ ସହାୟତା ପ୍ରଦାନ କରିବା ଏବଂ ସହରାଞ୍ଚଳ ଭିତ୍ତିଭୂମିର ବିକାଶ ପାଇଁ 'ମୁକ୍ତ ଯୋଜନା' କାର୍ଯ୍ୟକାରୀ ହୋଇଛି । 'ବନିଶ୍ରୀ ଯୋଜନା' ଦ୍ୱାରା ଦିବ୍ୟାଙ୍ଗ ଛାତ୍ରଛାତ୍ରୀମାନଙ୍କ ନିମନ୍ତେ ଶିକ୍ଷା ପାଇଁ ସହାୟତା ହେଉଛି ଛାତ୍ରବୃତ୍ତି । ନବୀନ ସରକାରଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ଯୋଜନା ଥିଲା ' 5T ଯୋଜନା' । ସରକାର ସେବା ପ୍ରଦାନରେ 'ଟାଇମ୍' (Time), 'ଟ୍ରାନ୍ସଫରମେସନ୍' (Transformation), 'ଟେକ୍ନୋଲୋଜି' (Technology), 'ଟ୍ରାନ୍ସପରସି' (Trancpercy), 'ଟିମ୍‌ୱାର୍କ' (Teamwork) ମାଧ୍ୟମରେ ପରିବର୍ତ୍ତନ ଆଣିବା ଏହାର ମୂଳ ଲକ୍ଷ ।



ରାଜ୍ୟ ରାଜନୀତିର ଏହି ଗୁରୁତ୍ୱପୂର୍ଣ୍ଣ ସମୟ ନବୀନ ପଟ୍ଟନାୟକଙ୍କ ଗୁରୁତ୍ୱ ସାବ୍ୟସ୍ତ କରିଛି । ବିଭିନ୍ନ କ୍ଷେତ୍ରରେ ତାଙ୍କର ଦୂରଦୃଷ୍ଟି ସଂପନ୍ନ ନେତୃତ୍ୱ ଯୋଗୁ ଓଡ଼ିଶା ଆଜି ଦେଶ ତଥା ବିଶ୍ୱ ଦରବାରରେ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଛି । ଶିକ୍ଷାଠାରୁ ସ୍ୱାସ୍ଥ୍ୟ ଏବଂ ମାତୃଶକ୍ତିର ବିକାଶ ପର୍ଯ୍ୟନ୍ତ ନବୀନଙ୍କ କଲ୍ୟାଣକାରୀ ଯୋଜନା ଓଡ଼ିଶାର ରୂପାନ୍ତରଣ ଦିଗରେ ଏକ ମୂଳଦୁଆ ସ୍ଥାପନ କରିଛି । ଏହି ଯୋଜନାଗୁଡ଼ିକ କେବଳ ରାଜନୈତିକ ପ୍ରତିଶ୍ରୁତି ନୁହେଁ, ମାତ୍ର ଓଡ଼ିଶାର କୋଟି କୋଟି ଗରିବ ଓ ଦୁର୍ବଳ ଶ୍ରେଣୀର ଲୋକଙ୍କ ଜୀବନର ଏକ ସ୍ଥାୟୀ ପରିବର୍ତ୍ତନ ଆଣିଛି । ■

ସାମ୍ବାଦିକତା ଓ ଗଣଯୋଗାଯୋଗ,
ଭୁବନେଶ୍ୱର





# ରାଜନୀତିର ଭିନ୍ନ ସ୍ୱର ନବୀନ

■ ମହେଶ୍ୱର ସାହୁ

ପ୍ରଜାମାନଙ୍କର ଶୃଙ୍ଖଳିତ ଜୀବନଯାପନ ପାଇଁ ଶାସନ ଗାଦିରେ ବସିଥିବା ବ୍ୟକ୍ତିବିଶେଷ ଦ୍ୱାରା ପ୍ରଣୀତ ଅନୁଶାସନ ଧାରାକୁ ରାଜନୀତି କୁହାଯାଇଥାଏ। ପୁରାଣ ବର୍ଣ୍ଣିତ ରାଜା ହେଉ କି ଅବତାରୀ ପୁରୁଷ ଅବା ଇତିହାସର କେଉଁ ସମ୍ରାଟ - ସମସ୍ତେ ନିଜ ନିଜର ସ୍ୱତନ୍ତ୍ର ନୀତିରେ ଶାସନ କରିଆସିଛନ୍ତି। ଏହି ନୀତିରେ କିଏ ପ୍ରଜାନୁରଞ୍ଜକର ଆଖ୍ୟା ପାଇଛି ତ କିଏ ବ୍ୟଭିଚାରୀ ବା ସ୍ୱେଚ୍ଛାଚାରୀ ଶାସକର ଟୀକା ପିନ୍ଧି ଜନମାନସରେ ରେଖାଙ୍କିତ ହୋଇ ରହିଯାଇଛି। ଆଜିର ଗାଣତନ୍ତ୍ରିକ ବ୍ୟବସ୍ଥାରେ ମଧ୍ୟ ସମାନ ନୀତି ଅନୁସରଣରେ ଶାସନ ଚାଲିଛି। ଫରକ୍ ଏତିକି ହୋଇଛି ଯେ, ଶାସନ ଗାଦିରେ ବସୁଥିବା ବ୍ୟକ୍ତିବିଶେଷ ବା ଦଳକୁ ସାଧାରଣଜନତା ସେମାନଙ୍କର ସାମ୍ବିଧାନିକ ଅଧିକାର ସାବ୍ୟସ୍ତ କରି ଦେଶ ବା ରାଜ୍ୟ ଶାସନର ଅଧିକାର ବା କ୍ଷମତା ଦେଉଛନ୍ତି, ଯାହା ସମୟାନ୍ତରରେ ପରିବର୍ତ୍ତନଶୀଳ।

ରାଜ୍ୟ ବା ପ୍ରଜା ଶାସନର ଧାରା ବା ନୀତିକୁ ରାଜନୀତି କୁହାଯାଉଥିଲେ ହେଁ, ସାଧାରଣ ଭାବେ କପଟତାର ଦାଓପେଞ୍ଚ ହିଁ ରାଜନୀତିର ପ୍ରକୃତ ପରିଭାଷାକୁ ବୁଝାଇଥାଏ। ଶାସନ ଗାଦି ଅକ୍ତିଆର କରିବା ପାଇଁ କଳ-ବଳ-କୌଶଳର ନୀତି ହିଁ ରାଜନୀତିର ଏକ ବିପକ୍ଷ ବା ବିପରୀତ ପରିଚୟ ସୃଷ୍ଟି କରିଛି। ଆଜିର ଗଣତନ୍ତ୍ରରେ ଖୁବ୍ କମ୍ ନେତା ଦେଖାଯା'ନ୍ତି, ଯେଉଁମାନେ କି ଏହି ଭିନ୍ନ ରାଜନୀତିର ସ୍ୱର ଓ ସ୍ୱାକ୍ଷରଠୁ ବହୁ ଦୂରରେ। ସେମାନେ ଶାସନ କ୍ଷମତାରେ ଥା'ନ୍ତୁ କି ନ ଥାଆନ୍ତୁ, ପ୍ରଜାନୁରଞ୍ଜକର ମାଳା ପିନ୍ଧି ଜନତାଙ୍କ ମାନସପଟରେ ସର୍ବଦା ଝଟକୁଥା'ନ୍ତି। ସେମାନେ ନିଜ ଦଳ, ନିଜ ପରିବାର, ନିଜ ସଂପର୍କୀୟ କିମ୍ବା ନିଜ ଅନୁଗତ - କାହାକୁ ବି ଖୁସି କରିବା ବଦଳରେ ଜନକଲ୍ୟାଣର ମନ୍ତ୍ରରେ ଦୀକ୍ଷିତ ହୋଇ ନିନ୍ଦା-ପ୍ରଶଂସାର ଊର୍ଦ୍ଧ୍ୱରେ ରହି ଜୀବନ ବିତାଉଥା'ନ୍ତି। ଏମିତି ଅନେକଙ୍କ ମଧ୍ୟରୁ ଜଣେ ହେଉଛନ୍ତି, ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଦୀର୍ଘ ୨୪ ବର୍ଷର ନିରଂକୁଶ ଶାସନ ଗାଦିରେ ଥିବା ବିଜୁ ଜନତା ଦଳର ସର୍ବମାନ୍ୟ ସଭାପତି ନବୀନ ଏବେ ବିରୋଧୀ ଦଳ ନେତା। ଭୋଟ ରାଜନୀତିରେ ନବୀନ ଆଜି ମୁଖ୍ୟମନ୍ତ୍ରୀ ଆସନରୁ ଅପସରି ଯାଇଛନ୍ତି ସତ; ଓଡ଼ିଶାର କୋଟି କୋଟି ଜନତା ଆଜି ବି ତାଙ୍କୁ ମୁଖିଆ ଭାବେ ଗଣୁଛନ୍ତି।



ଦୁର୍ଭିକ୍ଷ, ଅନାହାର, ନିରକ୍ଷରତା, ବେକାରୀ, ପ୍ରାକୃତିକ ବିପର୍ଯ୍ୟୟର ତାଡ଼ନାରେ ଜର୍ଜରିତ ଓଡ଼ିଶାର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାର ପଣ ନେଇ ନବୀନ ଓଡ଼ିଶା ରାଜନୀତିରେ ପ୍ରବେଶ କରିଥିଲେ। ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ଦେହାନ୍ତ ପରେ ବିଜୁଙ୍କ ପ୍ରତି ଓଡ଼ିଶାବାସୀଙ୍କ ଅକୁଣ୍ଠ ଭଲ ପାଇବାକୁ ଆଧାର କରି ୧୯୯୭ ମସିହା ଡିସେମ୍ବର ୨୬ ତାରିଖରେ ଜନ୍ମ ନେଇଥିବା ବିଜୁ ଜନତା ଦଳର ମଙ୍ଗ ଧରିଥିଲେ ବିଜୁ ପଟ୍ଟନାୟକଙ୍କ କନିଷ୍ଠ ପୁତ୍ର ନବୀନ। ୨୦୦୦ ମସିହା ମାର୍ଚ୍ଚ ମାସ ୫ ତାରିଖରେ ନବୀନ ଓଡ଼ିଶାର ୧୪ତମ ମୁଖ୍ୟମନ୍ତ୍ରୀ ପଦ ଅଳଙ୍କୃତ କରିବା ପୂର୍ବରୁ ୧୯୯୮ ମସିହା ସାଧାରଣ ନିର୍ବାଚନରେ ଓଡ଼ିଶାରୁ ସାଂସଦ ନିର୍ବାଚିତ ହୋଇ ଅଟଳ ବିହାରୀ ବାଜପେୟୀଙ୍କ ନେତୃତ୍ୱାଧୀନ ଏନ୍‌ଡିଏ ମେଣ୍ଟ ସରକାରରେ ଖଣି ମନ୍ତ୍ରୀ ଭାବେ କେନ୍ଦ୍ର କ୍ୟାବିନେଟରେ ସ୍ଥାନ ପାଇଥିଲେ। ଏହାପରେ ୨୦୦୦ ମସିହାର ସାଧାରଣ ନିର୍ବାଚନ ଜିତି ନବୀନ ବିଜେଡି-ବିଜେପି ମେଣ୍ଟର ନେତା ଭାବେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଆସନ ଅଳଙ୍କୃତ କରିଥିଲେ। ୨୦୦୪ ମସିହା ସାଧାରଣ ନିର୍ବାଚନରେ କେନ୍ଦ୍ରରେ ଏନ୍‌ଡିଏର ନିର୍ବାଚନ ପରାଜୟ ସତ୍ତ୍ୱେ ଓଡ଼ିଶାରେ ନବୀନଙ୍କ ଦୂରଦର୍ଶୀ ଶାସନ ନୀତି ପାଇଁ ରାଜ୍ୟବାସୀ ପୁଣି ଥରେ ବିଜେଡି-ବିଜେପି ମେଣ୍ଟକୁ ଜିତାଇଲେ ଏବଂ ନବୀନ ପୁଣିଥରେ ମୁଖ୍ୟମନ୍ତ୍ରୀ ହେଲେ। କିନ୍ତୁ ରାଜ୍ୟରେ ଧର୍ମୀୟ ବିଭେଦ କାରଣକୁ ନେଇ ବିଜେପିଠାରୁ ଦୂରେଇ ଯାଇ ୨୦୦୯ ସାଧାରଣ ନିର୍ବାଚନରେ ବିଜୁ ଜନତା ଦଳ ଏକାକୀ ଲଢ଼ିଲା ଏବଂ ଓଡ଼ିଶାବାସୀ ନବୀନଙ୍କ ଉପରେ ଆସ୍ଥା ପ୍ରକଟ କରି ତାଙ୍କୁ ପୁଣି ଥରେ ମୁଖ୍ୟମନ୍ତ୍ରୀ ଆସନରେ ବସାଇଲେ।

ସୁତରାଂ ୨୦୦୦ ମସିହାରୁ ୨୦୨୪ ମସିହା ପର୍ଯ୍ୟନ୍ତ ଦୀର୍ଘ ୨୪ବର୍ଷ ଧରି ଓଡ଼ିଶାର ମୁଖ୍ୟମନ୍ତ୍ରୀ ଭାବେ ନବୀନ ଏଭଳି ଏକ ପରିବେଶ ସୃଷ୍ଟି କରିଛନ୍ତି, ଏବେ ଏବେ ନୂଆକରି ସାବାଳକ ହୋଇ ଭୋଟ ଦେଇଥିବା ଯୁବକଯୁବତୀମାନେ ତାଙ୍କ ଜୀବନକାଳ ଭିତରେ କେବଳ ଗୋଟିଏ ଚେହେରାକୁ ହିଁ ମୁଖ୍ୟମନ୍ତ୍ରୀ ଭାବେ ଦେଖି ଆସିଛନ୍ତି। ଆଜି ଅନ୍ୟ ଜଣେ ମୁଖ୍ୟମନ୍ତ୍ରୀ ଆସନରେ ବସିଥିଲେ ହେଁ, ଏବେବି ଓଡ଼ିଶାର ମୁଖ୍ୟମନ୍ତ୍ରୀ କିଏ ପଚାରିଲେ କିଛି ଲୋକଙ୍କ ପାଟିରୁ ଅଜାଣତରେ ବା ଅଭ୍ୟାସଗତରେ ନବୀନ ପଟ୍ଟନାୟକ ବୋଲି ବାହାରି ଆସୁଛି। ଏହା କେବଳ ନବୀନଙ୍କ ଦୀର୍ଘବର୍ଷର ଶାସନ ଅବଧି ପାଇଁ ନୁହେଁ; ଚିରାଚରିତ ରାଜନୀତିକ ଦାଓପେଞ୍ଚ ବା କପଟତାରୁ ଦୂରେଇ ନବୀନ ଓଡ଼ିଶା ରାଜନୀତିରେ ଛାଡ଼ିଯାଇଥିବା ଅଲିଭା ଛାପ ଯୋଗୁଁ।

କହିବାକୁ ଗଲେ, ନବୀନ କୌଣସି ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ନୁହେଁ; ତାଙ୍କ ନିର୍ବିବାଦୀୟ ନେତୃତ୍ୱ, ସ୍ୱଳ୍ପଭାଷୀ, ସୁବିଚାର ଓ ଜନକଲ୍ୟାଣକାରୀ ଦୂରଦର୍ଶୀ ଶାସନ ପାଇଁ ଆଜି ଓଡ଼ିଶାର ଘରେ ଘରେ ଜଣେ ପରିଚିତ ଓ ପୂଜନୀୟ ବ୍ୟକ୍ତିତ୍ୱ। ଦଳୀୟ ଭାବନା ନେଇ କୁତ୍ସାରଟନା କରୁଥିବା ଅନ୍ୟଦଳର ଲୋକଟିଏ ନବୀନଙ୍କୁ ସମ୍ମୁଖରେ ଦେଖିଲେ ଲଜ୍ଜାବୋଧ କରେ, ଆଉ ତାଙ୍କୁ ଯଥୋଚିତ ସମ୍ମାନ ଜଣାଇବାକୁ କୁଣ୍ଠାବୋଧ କରେ ନାହିଁ। କେବଳ ଓଡ଼ିଶାର ରାଜନୈତିକ ଦୃଶ୍ୟପଟରେ ନୁହେଁ; କେନ୍ଦ୍ରରେ ମଧ୍ୟ ସର୍ବଦଳୀୟ ଗ୍ରହଣୀୟତା ନବୀନଙ୍କୁ ଜଣେ ସର୍ବମାନ୍ୟ ଲୋକପ୍ରିୟ ରାଜନେତାର ମାନ୍ୟତା ଦେଇଛି।

ଏସବୁ ସତ୍ତ୍ୱେ ବିବାଦୀୟ ପ୍ରସଙ୍ଗରେ ସମଦୂରତା ବଜାୟ ରଖି ନବୀନ ରାଜ୍ୟସ୍ୱାର୍ଥକୁ ସର୍ବାଦୌ ଗୁରୁତ୍ୱ ଦେଇ ଆସିଛନ୍ତି। ତାଙ୍କ ଶାସନକାଳରେ ଅନୁସୃତ ନୀତି ଯୋଜନାକୁ ଆଜି ଅନେକ ରାଜ୍ୟ ଏବଂ କେନ୍ଦ୍ର ସରକାର ଅନୁସରଣ କରୁଛନ୍ତି। ଦୀର୍ଘ ୨୪ ବର୍ଷର ଶାସନ ଭିତରେ ଓଡ଼ିଶାକୁ ବିକାଶର ଶିଖରରେ ପହଞ୍ଚାଇବା ପାଇଁ ନବୀନ ଏମିତି କିଛି ପ୍ରସଙ୍ଗ ଅଛୁଆଁ ରଖିଯାଇ ନାହାନ୍ତି, ଯାହାକୁ ନେଇ ଏବର ନୂଆ ସରକାର ଲୋକଙ୍କ ଦୃଷ୍ଟି ଆକର୍ଷଣ କରିପାରିଛି।

ସବୁ ପ୍ରକାର ପ୍ରତିକୂଳ ସ୍ଥିତିରୁ ସୁଧୁରି ଓଡ଼ିଶା ବିକାଶ ଦିଗରେ ଆଗେଇ ଯାଉଥିବାବେଳେ ଆଉ କିଛି ନୂଆ ସମ୍ଭାବନାର ସ୍ୱପ୍ନ ଅବା ଭେଳିକିରେ ରାଜ୍ୟବାସୀ ଭାରତୀୟ ଜନତା ପାର୍ଟି- ବିଜେପି ହାତରେ ରାଜ୍ୟ ଶାସନକୁ ଟେକି ଦେଇଛନ୍ତି। ହେଲେ ନୂଆ ସରକାରଙ୍କ ସତର ମାସ ଶାସନର ସ୍ଥିତି ଓ ଗତିରୁ ରାଜ୍ୟବାସୀ ସେଭଳି କିଛି ଆଭାସ କି ଆଶା-ଆଶ୍ୱାସନା ପାଇପାରୁ ନାହାନ୍ତି, ଯାହା ନବୀନଙ୍କଠାରୁ ମିଳିଥିଲା।

ଅଳ୍ପରେ ସନ୍ତୁଷ୍ଟ ଓଡ଼ିଶାବାସୀ ଶାନ୍ତିପ୍ରିୟ। କିନ୍ତୁ ଆଜି ଓଡ଼ିଶାର କୋଣଅନୁକୋଣରେ ଅଶାନ୍ତିର କଳରବ। ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ। ପୁଲିସକୁ ଅପରାଧୀଙ୍କ ଭୟ ନାହିଁ। କାଳରାତ୍ରିର ଭୟଠାରୁ ଦିନର ସାଧାରଣ ଜୀବନଯାତ୍ରା ଅଧିକ ବିପନ୍ନ ହୋଇପଡ଼ିଛି। ପାରସ୍ପରିକ ସୌହାର୍ଦ୍ଦ୍ୟପୂର୍ଣ୍ଣ ସଂପର୍କ ଆଜି ଅବିଶ୍ୱାସର ଅନ୍ଧକାରରେ କବଳିତ।

ଏଭଳି ସ୍ଥିତିରେ ରାଜନୈତିକ ଫାଇଦା ଉଠାଇବା ବଦଳରେ ନବୀନ କିନ୍ତୁ ରାଜ୍ୟବାସୀଙ୍କୁ ଶାନ୍ତି ବଜାୟ ରଖିବାକୁ ନିବେଦନ କରିବା ସହ ରାଜ୍ୟସ୍ୱାର୍ଥ ଓ ଜନସ୍ୱାର୍ଥକୁ ଗୁରୁତ୍ୱ ଦେବା ପାଇଁ ରାଜ୍ୟ ସରକାରଙ୍କୁ ସଜାଗ କରୁଛନ୍ତି। ରାଜ୍ୟର ଗରିମାକୁ ଅକ୍ଷୁଣ୍ଣ ରଖିବା ପାଇଁ ଅପରାଧିକ ତତ୍ତ୍ୱମାନଙ୍କ ପ୍ରତି ସତର୍କ ରହିବା ସହ କଠୋର ନୀତି ଆପଣାଇବାକୁ ଶାସନମୁଖ୍ୟଙ୍କୁ ଚେତାଇ ଦେଉଛନ୍ତି।

ଆଜିର ସମୟରେ ରାଜନୈତିକ ବିରାଦରୀ ବା ରାଜନୈତିକ ପୃଷ୍ଠପୋଷକତାରୁ କ୍ଷମତାକେନ୍ଦ୍ରର ଅଂଶୀଦାର ହୋଇପାରିଥିବା ଅନେକ ରାଜନେତା ବିବାଦୀୟ ଓ ବିତର୍କିତ। କ୍ଷମତା ହାସଲ ପରେ ଜନକଲ୍ୟାଣ ପାଇଁ ଚିନ୍ତା କରିବା ବଦଳରେ ସ୍ୱ-ସ୍ୱାଚ୍ଛନ୍ଦ୍ୟକୁ ଗୁରୁତ୍ୱ ଦେଇ ଲୋକପ୍ରିୟତା ହରାଇ ବସୁଛନ୍ତି। ତେଣୁ ଏବର ରାଜନୈତିକ ଚିତ୍ରପଟରେ ନବୀନଙ୍କ ଭଳି ଜଣେ ସର୍ବାଜନାଦୃତ ନେତା ନିଶ୍ଚିତ ଭାବେ ବିରଳ। ଆଜି ତାଙ୍କର ୭୯ତମ ଜନ୍ମଦିନରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଶତାୟୁ କାମନା ସହ ପ୍ରଣିପାତ। ■

# ସାଇକ୍ଲୋନ୍ ହିରୋ

■ ସ୍ୱାଧୀନିକା ସାମଲ

ପ୍ରାକୃତିକ ବିପର୍ଯ୍ୟୟ ଆଗରେ ଯେତେବେଳେ ସବୁ ରାଜ୍ୟ ତାହାର ହାତ ଟେକିଦେଉ ଥିଲା, ସେତେବେଳେ ଏପରି ଜଣେ ମୁଖ୍ୟମନ୍ତ୍ରୀ ଥିଲେ, ଯିଏ କି ଏପରି ସମୟରେ ପ୍ରାକୃତିକ ବିପର୍ଯ୍ୟୟକୁ ମାତ୍ ଦେଇଥିଲେ ନିଜର ବୁଦ୍ଧି ବଳରେ। ସେ ହେଉଛନ୍ତି ଆମର ପ୍ରିୟ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ସମୁଦ୍ର ତଟୀୟ ରାଜ୍ୟ ହୋଇଥିବାରୁ ଓଡ଼ିଶାକୁ ପ୍ରତିବର୍ଷ ବାତ୍ୟାର ସାମ୍ନା କରିବାକୁ ହୁଏ। କିନ୍ତୁ ନବୀନ ପଟ୍ଟନାୟକଙ୍କ ଶାସନ ସମୟରେ ଓଡ଼ିଶା ବାତ୍ୟାକୁ ମାତ୍ ଦେବାରେ ରୋଲ୍ ମଡେଲ୍ ପାଲଟିଥିଲା ସମସ୍ତ ଦେଶ ପାଇଁ। ଏପରିକି ନବୀନ ପଟ୍ଟନାୟକଙ୍କୁ 'Cyclone Man' ବା 'Cyclone Hero' ଭାବରେ ଆଖ୍ୟା ଦିଆଯାଇଛି। ଭୌଗୋଳିକ ଦୃଷ୍ଟିକୋଣରୁ ଦେଖିଲେ ଓଡ଼ିଶା ବାତ୍ୟା ସମ୍ବେଦନଶୀଳ ରାଜ୍ୟ। ଓଡ଼ିଶାର ଜଣେ ପ୍ରତିଷ୍ଠିତ ନେତା, ଯିଏ କି ନିଜ ରାଜନୈତିକ ଯାତ୍ରାରେ ନିଜର ନାମକୁ ଶୀର୍ଷରେ ରଖିଛନ୍ତି ତାଙ୍କର ଦୃଢ଼ ସଂକଳ୍ପ ଓ ସାମାଜିକ ସେବା ଯୋଗୁଁ। ତାଙ୍କର ସମସ୍ତ ଯୋଜନାରେ ମାନବ ଜୀବନ ଏବଂ ଆର୍ଥିକ ସମ୍ପଦକୁ ଅଧିକ ଗୁରୁତ୍ୱ ଦିଆଯାଇଥାଏ। ୧୯୯୯ ମସିହା ଅକ୍ଟୋବର ୨୯ ଏକ ଭୟାବହ ଦିନ ଥିଲା ସମଗ୍ର ଓଡ଼ିଶାବାସୀଙ୍କ ପାଇଁ। ଏହି ପ୍ରାକୃତିକ ବିପର୍ଯ୍ୟୟରେ ୧୦,୦୦୦ରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଥିଲା। ସେତେବେଳେ ରାଜ୍ୟରେ ଯଥେଷ୍ଟ ପ୍ରସ୍ତୁତି ନ ଥିଲା। ସେହି ସମୟରେ ନବୀନ ପଟ୍ଟନାୟକ ଏ ପ୍ରସଙ୍ଗରେ ଅଧିକ ଗୁରୁତ୍ୱ ଦେଇଥିଲେ। ୨୦୦୧ ମସିହାରେ ନବୀନ ପଟ୍ଟନାୟକ OSDMA (Odisha State Disaster Management Authority) ଗଠନ କରିଥିଲେ। ଏହି ସଂସ୍ଥା ପ୍ରାକୃତିକ ବିପର୍ଯ୍ୟୟ ପୂର୍ବ ପ୍ରସ୍ତୁତି, ଜନସଚେତନତା, ଉଦ୍ଧାର କରିବା ଉପରେ ଅଧିକ ଗୁରୁତ୍ୱ ଦେଉଥିଲା। ୨୦୧୩ ମସିହାରେ 'ଫାଇଲିନ' ବାତ୍ୟା ସମୟରେ ନବୀନଙ୍କ ସଠିକ୍ ନେତୃତ୍ୱ ଓ ଶାସନ ବଳରେ ୧୦ ଲକ୍ଷ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ନିଆଯାଇଥିଲା। ମାତ୍ର ୨୧ ଜଣଙ୍କ ମୃତ୍ୟୁ ହୋଇଥିଲା ଯାହାକି ସମଗ୍ର ବିଶ୍ୱରେ ବଡ଼ ରେକର୍ଡ ଥିଲା। ଏଥିପାଇଁ ଜାତିସଂଘ ଓ ବିଶ୍ୱ ବ୍ୟାଙ୍କ ଓଡ଼ିଶାକୁ 'Model in disaster management' ବୋଲି କହିଥିଲେ। ସେହିପରି ୨୦୧୪ ମସିହାରେ 'ହୁଦ୍‌ହୁଦ୍' ବାତ୍ୟା ହୋଇଥିଲା ଓଡ଼ିଶାରେ। ଯାହାର ପ୍ରଭାବ କମ୍ ଥିଲା, ଯାହାକି ନବୀନଙ୍କ ସର୍ବୋତ୍ତମ ନେତୃତ୍ୱର ଜ୍ୱଳନ୍ତ ଉଦାହରଣ ଥିଲା।

୨୦୧୮ ମସିହାରେ 'ତିତ୍‌ଲି' ବାତ୍ୟା ଓଡ଼ିଶାରେ ହେଇଥିଲା ନବୀନ ନିଜ ତତ୍ତ୍ୱାବଧାନରେ ସବୁ ନିରୀକ୍ଷଣ କରିଥିଲେ। ସେହି ସମୟରେ ଗ୍ରାମ ସ୍ତରରେ ଉଦ୍ଧାର ଟିମ୍ ଏବଂ ବ୍ଲକ୍ ସ୍ତର ନିୟନ୍ତ୍ରଣ କକ୍ଷ ଖୋଲା ଯାଇଥିଲା। ଦୀର୍ଘ ୨୦ ବର୍ଷ ପରେ ସବୁଠୁ ବଡ଼ ବାତ୍ୟା ଥିଲା 'ଫନି'। ଏହି ବାତ୍ୟାରେ ୧୨,୦୦୦ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରିତ କରାଯାଇଥିଲା।

UNESCO ଓ UN ପକ୍ଷରୁ ଓଡ଼ିଶାକୁ 'Heroic disaster preparedness' ଭାବେ ସମ୍ମାନିତ ମଧ କରାଯାଇଥିଲା। ଏପରିକି କୋଭିଡ୍‌ର ଭୟାବହ ସମୟରେ ମଧ ବାତ୍ୟା ପରିଚାଳନା ସଠିକ୍ ଭାବେ ହୋଇଥିଲା। ଏହି ସମୟ ତାଙ୍କ ଦୃଢ଼ ପରିଚାଳନା ଏବଂ ଉତ୍ତମ ଶାସନକୁ ଦେଖାଏ। ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ୯୦୦ ରୁ ଅଧିକ ବାତ୍ୟା ଶିବିର ଗଠନ କରିବା ସଙ୍ଗେ ସଙ୍ଗେ ୫୦,୦୦୦ ରୁ ଅଧିକ ବାତ୍ୟା ସ୍ୱେଚ୍ଛାସେବୀଙ୍କୁ ଉଚିତ୍ ପ୍ରଶିକ୍ଷଣ ଦିଆଯାଇଥିଲା। ଏପରିକି ଅନେକ ରାଜ୍ୟ ଏବଂ ଦେଶ ତାଙ୍କର ଏହି ନେତୃତ୍ୱକୁ ଅନୁସରଣ କରିଥିଲେ। ନବୀନ ପଟ୍ଟନାୟକ ନିଜେ 'Zero Casualty policy' ଆରମ୍ଭ କରିଥିଲେ, ଯାହାର ଅର୍ଥ ହେଉଛି ଦୁର୍ଘଟଣାରେ ମୃତ୍ୟୁ ସଂଖ୍ୟା ଶୂନ। ନବୀନ ପଟ୍ଟନାୟକ ଓଡ଼ିଶାକୁ ଦୁର୍ଘଟଣା ସହନଶୀଳ ରାଜ୍ୟ ଭାବେ ସମଗ୍ର ଦେଶରେ ପରିଚିତ କରିଥିଲେ। ସେ କେବଳ ରାଜନେତା ନ ଥିଲେ ସେ ଥିଲେ ଆଦର୍ଶ ନେତୃତ୍ୱର ଜ୍ୱଳନ୍ତ ଉଦାହରଣ ସମଗ୍ର ଦେଶ ପାଇଁ। ଏପରିକି ତାଙ୍କୁ 'Best CM' ବୋଲି ମଧ କୁହାଯାଏ। ■

ସାମ୍ବାଦିକତା ଏବଂ ଗଣଯୋଗାଯୋଗ ବିଭାଗ
ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ,
ଭୁବନେଶ୍ୱର

ନୂତନ ଓଡିଶାର ବିନ୍ଧାଣୀ, ସାଢେ ୪କୋଟି ଓଡିଶାବାସୀଙ୍କ ପ୍ରିୟ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜୁ ଜନତା ଦଳର ସଭାପତି
ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ୭୯ତମ
ଜନ୍ମଦିନ ଅବସରରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ତାଙ୍କର ଦୀର୍ଘ ଓ ନିରାମୟ ଜୀବନ କାମନା କରୁଛି।

ଶୁଭାଶିଷ୍ ଖୁଣ୍ଟିଆ
ରାଜ୍ୟସଭା ସାଂସଦ, ଓଡ଼ିଶା

# ଓଡ଼ିଶା ରାଜନୀତିର ମହାନାୟକ

■ ମିହିର ରାୟ

ଭାରତୀୟ ରାଜନୀତିର ବିଶାଳ ମଞ୍ଚରେ କିଛି ବିରଳ ବ୍ୟକ୍ତିତ୍ୱ ଏମିତି ଥାଆନ୍ତି, ଯେଉଁମାନେ ନିଜର ନମ୍ରତା, ନିଷ୍ଠା ଓ କର୍ମନିର୍ଭର ଦୃଷ୍ଟିକୋଣ ଦ୍ୱାରା ଇତିହାସରେ ଅମର ହୋଇ ରହନ୍ତି। ଏମିତି ଏକ ଅନନ୍ୟ ବ୍ୟକ୍ତିତ୍ୱ ହେଉଛନ୍ତି ନବୀନ ପଟ୍ଟନାୟକ, ଯିଏ ଓଡ଼ିଶାରେ ୨୪ ବର୍ଷ ଧରି ମୁଖ୍ୟମନ୍ତ୍ରୀ ଭାବେ ଶାସନ କରି ପାଞ୍ଚଟି ନିରନ୍ତର କାର୍ଯ୍ୟକାଳରେ ବିଜୟୀ ହୋଇ ଏକ ଅସାଧାରଣ ରେକର୍ଡ ସୃଷ୍ଟି କରିଛନ୍ତି। ତାଙ୍କର ନମ୍ରତା, କମ୍ କଥାବାର୍ତ୍ତା ଶୈଳୀ, କର୍ମନିଷ୍ଠା ଓ ସଂସ୍କାରବାଦୀ ଚିନ୍ତାଧାରା ତାଙ୍କୁ ଓଡ଼ିଶା ତଥା ଭାରତୀୟ ରାଜନୀତିରେ ଏକ ପ୍ରେରଣାଦାୟୀ ଆଲୋକସ୍ତମ୍ଭରେ ପରିଣତ କରିଛି। ନବୀନଙ୍କ ଶାସନକାଳରେ ଓଡ଼ିଶାର ବିକାଶ, ସାମାଜିକ ସଂସ୍କାର ଓ ରାଷ୍ଟ୍ରୀୟ ରାଜନୀତିରେ ତାଙ୍କର ଅବଦାନ ଏକ ସ୍ୱର୍ଣ୍ଣିମ ଅଧ୍ୟାୟ ରଚନା କରିଛି। ତାଙ୍କର ଅସାଧାରଣ ସଫଳତା, ମହାନ ବ୍ୟକ୍ତିତ୍ୱ ଓ ଐତିହାସିକ ମହତ୍ତ୍ୱକୁ ଅବଲୋକନ କଲେ ଏକ ପ୍ରେରଣାଦାୟୀ କାହାଣୀ ସାମ୍ନାକୁ ଆସେ।


ନବୀନ ପଟ୍ଟନାୟକଙ୍କ ଶାସନ ଓଡ଼ିଶାକୁ ଏକ ନୂତନ ଦିଗନ୍ତରେ ପହଞ୍ଚାଇଛି। ତାଙ୍କର ପ୍ରଥମ କାର୍ଯ୍ୟକାଳରୁ ହିଁ ଦୁର୍ନୀତି ବିରୋଧୀ ଅଭିଯାନ ଏକ ନଜିର ସୃଷ୍ଟି କରିଥିଲା। ୨୦୦୦ ରୁ ୨୦୧୨ ମଧ୍ୟରେ ୨୬ ଜଣ ମନ୍ତ୍ରୀଙ୍କୁ ଦୁର୍ନୀତି ଅଭିଯୋଗରେ ବରଖାସ୍ତ କରି ସେ ପାରଦର୍ଶୀ ପ୍ରଶାସନର ଏକ ଆଦର୍ଶ ସ୍ଥାପନ କରିଥିଲେ। ବିପର୍ଯ୍ୟୟ ପରିଚାଳନାରେ ଓଡ଼ିଶାକୁ ବିଶ୍ୱ ମାନଚିତ୍ରରେ ପ୍ରତିଷ୍ଠିତ କରିବାରେ ତାଙ୍କର ଦୂରଦୃଷ୍ଟି ଅନନ୍ୟ। ୧୯୯୯ର ସୁପର୍ ସାଇକ୍ଲୋନ୍‌ର ଭୟାବହ ଧ୍ୱଂସ ପରେ ସେ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ (ଓଏସ୍‌ଡିଏମ୍‌ଏ) ଗଠନ କରିଥିଲେ। ଏହା ଫାଇଲିନ, ହୁଡ଼ହୁଡ଼ ଓ ଫନି ଭଳି ବିପର୍ଯ୍ୟୟରେ ଲକ୍ଷାଧିକ ଜୀବନ ରକ୍ଷା କରିବାରେ ସଫଳ ହୋଇଥିଲା। ଏହି ପ୍ରୟାସ ପାଇଁ ଜାତିସଂଘ ସମେତ ବିଶ୍ୱବ୍ୟାପୀ ସଂସ୍ଥାଗୁଡ଼ିକ ଓଡ଼ିଶାକୁ ପ୍ରଶଂସା କରିଛନ୍ତି।

ଦାରିଦ୍ର୍ୟ ନିରାକରଣରେ ନବୀନଙ୍କର ଯୋଜନାଗୁଡ଼ିକ ଏକ ବିପ୍ଳବ ଆଣିଛି। ନୀତି ଆୟୋଗର ରିପୋର୍ଟ ଅନୁଯାୟୀ, ୨୦୦୫-୦୬ ରୁ ୨୦୨୨-୨୩ ମଧ୍ୟରେ ଓଡ଼ିଶାର ବହୁଆୟାମୀ ଦାରିଦ୍ର୍ୟ ୬୩.୮୪% ରୁ ୧୧.୦୭% କୁ ହ୍ରାସ ପାଇଛି, ଯାହାଦ୍ୱାରା ୧୦୨.୭୮ ଲକ୍ଷ ଲୋକ ଦାରିଦ୍ର୍ୟରୁ ମୁକ୍ତି ପାଇଛନ୍ତି। 'ମମତା ଯୋଜନା' ଗର୍ଭବତୀ ମହିଳାମାନଙ୍କୁ ସଶକ୍ତ କରିଛି ଓ ରାଜ୍ୟର ମାତୃ ମୃତ୍ୟୁ ହାର ଓ ଶିଶୁ ମୃତ୍ୟୁ ହାରକୁ ନିୟନ୍ତ୍ରଣ ସ୍ତରକୁ ଆଣିବାରେ ସକ୍ଷମ ହୋଇଛି। 'କାଳିଆ ଯୋଜନା' କୃଷକମାନଙ୍କୁ ଆର୍ଥିକ ସ୍ୱାବଲମ୍ବୀ କରିଛି, 'ମିଶନ୍ ଶକ୍ତି' ମାଧ୍ୟମରେ ରାଜ୍ୟର ପ୍ରାୟ ସତୁରି ଲକ୍ଷ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀରେ ସାମିଲ ହୋଇ ଆର୍ଥିକ ସ୍ୱାଧୀନତା ହାସଲ କରିଛନ୍ତି, ଓ 'ଜାଗା ମିଶନ୍' ସହରୀ ଗରିବମାନଙ୍କୁ ଆବାସ ଯୋଗାଇଛି। ମହିଳା ସଶକ୍ତୀକରଣରେ ତାଙ୍କର ଅବଦାନ ଅତୁଳନୀୟ। ପଞ୍ଚାୟତରେ ୫୦% ମହିଳା ସଂରକ୍ଷଣ ଏବଂ ମିଶନ୍ ଶକ୍ତି ମାଧ୍ୟମରେ ମହିଳାମାନଙ୍କୁ ନେତୃତ୍ୱ ପ୍ରଦାନ କରିବାରେ ସେ ଏକ ନୂତନ ଦୃଷ୍ଟାନ୍ତ ସ୍ଥାପନ କରିଛନ୍ତି। ସ୍ୱାସ୍ଥ୍ୟ ଓ ଶିକ୍ଷା କ୍ଷେତ୍ରରେ ନବୀନଙ୍କର ପଦକ୍ଷେପ ଓଡ଼ିଶାକୁ ଏକ ଆଧୁନିକ ରାଜ୍ୟରେ ପରିଣତ କରିଛି। 'ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା' ମାଧ୍ୟମରେ ଲକ୍ଷାଧିକ ଲୋକଙ୍କୁ ମାଗଣା ଚିକିତ୍ସା ଯୋଗାଇ ଦିଆଯାଇଛି। 'ମୋ ସ୍କୁଲ୍' ଓ '୫ଟି' ଯୋଜନା ମାଧ୍ୟମରେ ସ୍କୁଲ୍‌ଗୁଡ଼ିକରେ ଆଧୁନିକ ଅନ୍ତର୍ଗଠନ ଓ ଶିକ୍ଷାର ଗୁଣବତ୍ତା ବୃଦ୍ଧି କରିଛି। ଉପଜାତି କଲ୍ୟାଣ ଓ ଆଦିବାସୀ ବିକାଶରେ ମଧ୍ୟ ତାଙ୍କର ଯୋଜନାଗୁଡ଼ିକ ଫଳପ୍ରଦ ହୋଇଛି।

ଅର୍ଥନୈତିକ ବିକାଶରେ ନବୀନଙ୍କର ଦୂରଦୃଷ୍ଟି ଓଡ଼ିଶାକୁ ଏକ ଶକ୍ତିଶାଳୀ ରାଜ୍ୟରେ ପରିଣତ କରିଛି। ଖଣିଜ ସମ୍ପଦର ସଦୁପଯୋଗ ମାଧ୍ୟମରେ ରାଜ୍ୟର ଋଣ ହ୍ରାସ କରାଯାଇଛି। ନୀତି ଆୟୋଗଙ୍କ ରିପୋର୍ଟ ଅନୁଯାୟୀ, ଏକଦା ଋଣଗ୍ରସ୍ତ ହୋଇ ପଡ଼ିଥିବା ଓଡିଶା, ମୁଣ୍ଡପିଛା ଋଣଭାର କ୍ଷେତ୍ରରେ ଦେଶର ସମସ୍ତ ରାଜ୍ୟ ମାନଙ୍କ ଭିତରେ ସବୁଠାରୁ ନିମ୍ନରେ ରହିଥିଲା। ଏହାଛଡା, ଆର୍ଥିକ ଶୃଙ୍ଖଳା କ୍ଷେତ୍ରରେ ନୀତି ଆୟୋଗଙ୍କ ୨୦୨୩ମସିହାର ରିପୋର୍ଟ ଅନୁଯାୟୀ, ଓଡିଶା ଦେଶର ରାଜ୍ୟ ମାନଙ୍କ ଭିତରେ ପ୍ରଥମ ସ୍ଥାନ ହାସଲ କରିଥିଲା। ନବୀନଙ୍କ ନୂତନ ଶିଳ୍ପନୀତି ଯୋଗୁ ଶିଳ୍ପ ପ୍ରତିଷ୍ଠା କ୍ଷେତ୍ରରେ, ଓଡିଶା ବିଶ୍ୱର ପ୍ରତିଷ୍ଠିତ ଶିଳ୍ପ ଅନୁଷ୍ଠାନ ମାନଙ୍କୁ ଆକୃଷ୍ଟ କରିବାରେ ସଫଳ ହୋଇଥିଲା। ଏହି କାରଣରୁ, ଓଡିଶା ପୁଞ୍ଜି ନିବେଶ କ୍ଷେତ୍ରରେ, ୨୦୨୧-୨୨, ୨୦୨୨-୨୩ ଓ ୨୦୨୩-୨୪ ମସିହାରେ ଦେଶରେ ଯଥାକ୍ରମେ ତୃତୀୟ, ଦ୍ୱିତୀୟ ଓ ପ୍ରଥମ ସ୍ଥାନ ହାସଲ କରିଥିଲା। ରାଜ୍ୟର ସାମାଜିକ ବ୍ୟୟ ୧୫.୧% କମ୍ପାଉଣ୍ଡ ବାର୍ଷିକ ବୃଦ୍ଧି ହାରରେ ବଢ଼ିଛି, ଯାହା ପୂର୍ବ ଭାରତରେ ଓଡ଼ିଶାକୁ ଶୀର୍ଷସ୍ଥାନରେ ରଖିଛି। କ୍ରୀଡ଼ା କ୍ଷେତ୍ରରେ ଓଡ଼ିଶାକୁ ଏକ ଆନ୍ତର୍ଜାତୀୟ ହବ୍ କରିବାରେ ତାଙ୍କର ଅବଦାନ ଅତୁଳନୀୟ। ଭାରତୀୟ ହକି ଟିମ୍‌ର ସ୍ପନ୍‌ସରଶିପ୍ ଓ କଳିଙ୍ଗ ଷ୍ଟାଡିୟମ୍‌ର ଆଧୁନିକୀକରଣ, ରାଉରକେଲାରେ ବିଶ୍ୱର ସର୍ବ ବୃହତ ହକି ଷ୍ଟାଡିଅମ ନିର୍ମାଣ ଓଡ଼ିଶାକୁ କ୍ରୀଡ଼ା ଜଗତରେ ଏକ ନୂତନ ପରିଚୟ ଦେଇଛି।

ନବୀନଙ୍କ ନମ୍ରତା, କର୍ମନିଷ୍ଠା ଓ ସଂସ୍କାରବାଦୀ ଦୃଷ୍ଟିକୋଣ ଭାରତୀୟ ରାଜନୀତିରେ ଏକ ନୂତନ ଆଦର୍ଶ ସ୍ଥାପନ କରିଛି। ନବୀନ ପଟ୍ଟନାୟକ କେବଳ ଜନନେତା ନୁହଁନ୍ତି, ସେ ଓଡ଼ିଶାର ଏକ ଜୀବନ୍ତ କିମ୍ବଦନ୍ତୀ କହିଲେ ଅତ୍ୟୁକ୍ତି ହେବନାହିଁ। ତାଙ୍କର ସଫଳତା, ନମ୍ରତା ଓ ଜନସେବାର ଅଙ୍ଗୀକାର ଭବିଷ୍ୟତ ପିଢ଼ିକୁ ପ୍ରେରଣା ଦେବ। ତାଙ୍କର ଶାସନ ଓଡ଼ିଶାକୁ ଏକ ନୂତନ ପରିଚୟ ଦେଇଛି, ଯାହା ଦେଶ ଓ ବିଦେଶରେ ସମ୍ମାନର ସହ ଉଲ୍ଲେଖ କରାଯାଏ। ନବୀନ ପଟ୍ଟନାୟକଙ୍କ କାହାଣୀ ହେଉଛି ଏକ ସଫଳତାର ଗାଥା, ଯେଉଁଥିରେ ନମ୍ରତା, ନିଷ୍ଠା ଓ ଜନସେବାର ମିଶ୍ରଣ ଓଡ଼ିଶାକୁ ଏକ ଉଜ୍ଜ୍ୱଳ ଭବିଷ୍ୟତର ପଥ ଦେଖାଇଛି। ରାଜନୀତି କ୍ଷେତ୍ରରେ ନବୀନଙ୍କ ଆବିର୍ଭାବ, ପ୍ରଭାବଶାଳୀ ପ୍ରଦର୍ଶନ, ନିରନ୍ତର ଜନସାଧରଣଙ୍କ ଆଶୀର୍ବାଦ ହାସଲ ଇତ୍ୟାଦି ତାଙ୍କୁ ଓଡିଶା ରାଜନୀତିର ମହାନାୟକ ପରିଚୟ ପ୍ରଦାନ କରିଛି। ■

-ରାଉରକେଲା

ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନ୍ମ ଜୟନ୍ତୀ ଅବସରରେ ଅନେକ ଅନେକ ଶୁଭେଚ୍ଛା ଆପଣଙ୍କ ଦୀର୍ଘ ନିରାମୟ ଜୀବନ ନିରାମୟ କାମନା କରୁଛୁ, ଆପଣଙ୍କ ଚଲାପଥ କୁସୁମିତ ହେଉ ଏହା ହିଁ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା
୭୯ତମ ଜନ୍ମଦିନର ହାର୍ଦ୍ଦିକ ଅଭିନନ୍ଦନ


ପ୍ରଭାତ ବିଶ୍ୱାଳ
ପୂର୍ବତନ ବିଧାୟକ, ଚୌଦ୍ୱାର-କଟକ

ସୌଭିକ ବିଶ୍ୱାଳ
ବିଧାୟକ, ଚୌଦ୍ୱାର-କଟକ



# ଶୁଭକାମନା

**■ ଅମିତ୍ ମଲ୍ଲିକ**

୧
ଏକବିଂଶ ଶତାବ୍ଦୀରେ ନେଲେ ଶାସନ ଭାର
ପ୍ରଗତି ପଥରେ ବଦଳିଗଲା ଛବି ଓଡ଼ିଶାର
ତାଙ୍କରି ଶାସନ ଆଣିଦେଲା ଶାନ୍ତି ଓ ପ୍ରଗତି
ନବୀନ ନିର୍ମାତାଙ୍କୁ ଜନ୍ମଦିନର ଶୁଭେଚ୍ଛା ସବୁରି
୨
ବାତ୍ୟାଠାରୁ ବିପର୍ଯ୍ୟୟ ଯାଏଁ କଲେ ଅଟୀରେ ଦମନ
ଜିତିଲେ ଚାରିକୋଟି ଓଡ଼ିଆଙ୍କ ମନ
ବିପର୍ଯ୍ୟୟ କବଳରୁ କଲେ ଓଡ଼ିଶା ସୁରକ୍ଷା
ସାରାବିଶ୍ୱ ପାଇଁ ଆଣିଦେଲେ 'ନବୀନ' ଶିକ୍ଷା
୩
ଭୋକିଲାଙ୍କ ପେଟ ପ୍ରତି ଦରଦ ତାଙ୍କର
ଗରିବଙ୍କୁ ତୁଷ୍ଟ ପାଇଁ କଲେ ପାଞ୍ଚ ଟଙ୍କାରେ ଆହାର
ବିଜୁ ସ୍ୱାସ୍ଥ୍ୟ କାର୍ଡ ଅମୋଘ ଅସ୍ତ୍ର
ତାଙ୍କ ପାଇଁ ଉଲ୍ଲସିତ ସ୍ୱାବଲମ୍ବୀ ମା'
ଘରେ ଘରେ ପହଞ୍ଚିଛି ବିକାଶର ରାହା,
୪
ହକି ବିକାଶରୁ ରାଜ୍ୟର ବିକାଶ, ଓଡ଼ିଶା ପ୍ରଗତିରେ ତାଙ୍କ ଛବି ପ୍ରକାଶ
କଥାରେ ନୁହେଁ; କାମରେ ଦେଖାଇଲେ 'ଗରିବ ହଟାଅ'
ସାରା ଓଡ଼ିଶାରୁ ହଟିଲେ ଦୁସ୍ଥ ଅସହାୟ
୫
କହନ୍ତି ଅଳପ କଥା, କରନ୍ତି ବେଶୀ କାମ
ଶାନ୍ତ ଓ ସଚ୍ଚୋଟ କହିଲେ ନବୀନ ହିଁ ନାମ
ତାଙ୍କ ପାଇଁ ବଦଳିଛି ଓଡ଼ିଶା ଓ ଓଡ଼ିଆଙ୍କ ଛବି
ଓଡ଼ିଶାର ଆକାଶରେ ନବୀନ ହିଁ ଏକମାତ୍ର ରବି
ଜୀବନ ବଦଳାନ୍ତି, ନିରବରେ ଧୀରେ,
ନବୀନଙ୍କ ପାଇଁ ଶୁଭକାମନା ସବୁରି ହୃଦରେ ।

–ମୁଦ୍ରାକର ଓ ପ୍ରକାଶକ 'ସକାଳ'

# ହକି ଜଗତକୁ ନବୀନଙ୍କ ଅବଦାନ

**■ ଜ୍ଞାନେଶ୍ୱରୀ ପାତ୍ର**

ଓଡ଼ିଶା ଆଜି ଭାରତର ହକିର ହୃଦୟ କେନ୍ଦ୍ର ଭାବେ ପରିଚିତ । ଏହି ଗୌରବର ପଛରେ ଅଛନ୍ତି ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଯିଏ ରାଜ୍ୟରେ ହକିକୁ ଏକ ଉଚ୍ଚ ସୋପାନକୁ ନେଇ ଯାଇଛନ୍ତି । ତାଙ୍କ ଦୃଷ୍ଟିଭଙ୍ଗୀ, ପ୍ରତିଶ୍ରୁତି ଓ ଖେଳାଳିମାନଙ୍କ ପ୍ରତି ସହାନୁଭୂତି ଫଳରେ ଓଡ଼ିଶା ଏବେ ଭାରତର ହକି ମାନଚିତ୍ରରେ ଏକ ଅଗ୍ରଗାମୀ ରାଜ୍ୟ ହୋଇଯାଇଛି । ନବୀନ ପଟ୍ଟନାୟକ ହକିକୁ ନିଜ ଶାସନରେ ଏକ ପ୍ରାଥମିକତା ଭାବରେ ଗ୍ରହଣ କରିଥିଲେ । ତାଙ୍କ ନେତୃତ୍ୱରେ ଭୁବନେଶ୍ୱରରେ ବିଶ୍ୱସ୍ତରୀୟ କଳିଙ୍ଗ ଷ୍ଟାଡିୟମ୍ ଏବଂ ରାଉରକେଲାରେ ବିର୍ସା ମୁଣ୍ଡା ହକି ଷ୍ଟାଡିୟମ୍ ନିର୍ମିତ ହୋଇଛି । ଯାହା ବିଶ୍ୱର ସବୁଠୁ ବଡ଼ ହକି ଷ୍ଟାଡିୟମ୍ ମଧ୍ୟରୁ ଗଣ୍ୟ । ଏହି ଦୁଇଟି ଷ୍ଟାଡିୟମ୍ ଓଡ଼ିଶାକୁ ହକିର ମହାନଗରୀ ଭାବେ ପରିଚିତ କରାଇଛି । ୨୦୧୮ ଓ ୨୦୨୩ ମସିହାରେ ଓଡ଼ିଶା ଦୁଇ ଥର 'ହକି ବିଶ୍ୱ କପ୍' ଆୟୋଜନ କରି ବିଶ୍ୱର ମଞ୍ଚରେ ଗୌରବ ସୃଷ୍ଟି କରିଛି । ଏହା ଦ୍ୱାରା ଓଡ଼ିଶା ମାତ୍ର ଭାରତର ନୁହେଁ, ବିଶ୍ୱ ହକି ଜଗତର ମଧ୍ୟ ଏକ ମହତ୍ତ୍ୱପୂର୍ଣ୍ଣ କେନ୍ଦ୍ର ହୋଇଯାଇଛି । ନବୀନ ପଟ୍ଟନାୟକ ହକିକୁ ଗ୍ରାମାଞ୍ଚଳରୁ ଆଣି ବିଭିନ୍ନ ଜିଲ୍ଲାରେ ହକି ଏକାଡେମୀ, ଖେଳ ପ୍ରଶିକ୍ଷଣ କେନ୍ଦ୍ର ଓ ସୁବିଧା ସୃଷ୍ଟି କରିଛନ୍ତି । ଓଡ଼ିଶା ସରକାର 'ହକି ଇଣ୍ଡିଆ'ର ଅଧିକୃତ ସଂସ୍ଥା ଭାବେ ଭାରତୀୟ ପୁରୁଷ ଓ ମହିଳା ହକି ଦଳକୁ ଆର୍ଥିକ ସହାୟତା ଓ ପ୍ରୋତ୍ସାହନ ଦେଇଆସୁଛି । ଏହି ସମର୍ଥନ ଫଳରେ ଭାରତୀୟ ହକି ଦଳ ଅଲମ୍ପିକ ଓ ଅନ୍ତର୍ଜାତୀୟ ମଞ୍ଚରେ ଉଲ୍ଲେଖ୍ୟନୀୟ ସଫଳତା ଲାଭ କରିପାରିଛି । ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଓଡ଼ିଶାର ଯୁବ ସମାଜ ମଧ୍ୟରେ ହକି ପ୍ରତି ଅପାର ଆଗ୍ରହ ଦେଖାଯାଉଛି । ସେ ମାତ୍ର ଖେଳକୁ ପ୍ରୋତ୍ସାହନ ଦେଇନାହାଁନ୍ତି । ଏହାକୁ ଏକ ସାମାଜିକ ଓ ଆର୍ଥିକ ସୁଦୃଢ଼ତାର ମାଧ୍ୟମ ଭାବେ ପରିଣତ କରିଛନ୍ତି । ନବୀନ ପଟ୍ଟନାୟକଙ୍କ ଦୃଢ଼ ପ୍ରୟାସ, ଦୃଷ୍ଟିଭଙ୍ଗୀ ଓ ଖେଳ ପ୍ରତି ସେମାନଙ୍କ ଭଲ ପାଇବା ଫଳରେ ଓଡ଼ିଶା ଆଜି ହକି ମାନଚିତ୍ରରେ ଏକ ଗୌରବମୟ ସ୍ଥାନ ଅଧିକାର କରିଛି । ଓଡ଼ିଶାର ହକି ଦଳ ଏବଂ ଯୁବ ପିଢ଼ି ତାଙ୍କୁ ନିଜେ ମନୋବଳ ଓ ପ୍ରେରଣାର ଉତ୍ସ ଭାବେ ଦେଖନ୍ତି । ଓଡ଼ିଶାକୁ ଖେଳ ଜଗତରେ ଏକ ଉଦାହରଣ ସୃଷ୍ଟି କରିଦେଇଛନ୍ତି ନବୀନ ପଟ୍ଟନାୟକ । ଯେଉଁଠି ହକି କେବଳ ଏକ ଖେଳ ନୁହେଁ, ଏହା ଏକ ଗୌରବ ଓ ଆତ୍ମସମ୍ମାନର ପ୍ରତୀକ । ■

–ସାମ୍ବାଦିକତା ଏବଂ ଗଣଯୋଗାଯୋଗ ବିଭାଗ
ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର

# କୋଟି ହୃଦୟର ମଣି: ନବୀନ

**■ ଡାକ୍ତର ସାଗର ରଂଜନ ତ୍ରିପାଠୀ**

ଲେଖକ ଜୀବନରୁ ପ୍ରବୀଣ ରାଜନେତା ଭାବେ ବିରଳ ବ୍ୟକ୍ତିତ୍ୱ ନବୀନ ପଟ୍ଟନାୟକଙ୍କ ଅନେକ କୃତି କୀର୍ତ୍ତି ରହିଛି ଏହା ପ୍ରତ୍ୟେକ ଓଡ଼ିଆ ସ୍ୱୀକାର କରିବେ । ଖୁବ ସରଳ, ଅମାୟିକ, ଅଳ୍ପଭାଷୀ, ନମ୍ର ସ୍ୱଭାବ ମଣିଷ ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ପଦ ଭାର ଗ୍ରହଣ କରି ଓଡ଼ିଶାରେ ଦୀର୍ଘ ପଚିଶି ବର୍ଷ ଧରି ନିରବଚ୍ଛିନ୍ନ ଶାସନ କରି ଏକ ଇତିହାସ ସୃଷ୍ଟି କରିଛନ୍ତି । ବର୍ତ୍ତମାନ ବିରୋଧୀ ଦଳର ନେତା ନବୀନ ପଟ୍ଟନାୟକ ନିଜ ଆନୁଷ୍ଠାନିକ ପରିଚୟ ଦେଲେ ସୁଦ୍ଧା ସେ ଏବେ ବି ଚାରିକୋଟି ଓଡ଼ିଆଙ୍କ ହୃଦୟରେ ଉର୍ଜସ୍ୱଳ ସ୍ଥାନ ଅଧିକାର କରୁଛନ୍ତି ଏଥିରେ ଦ୍ୱିମତ ନାହିଁ । ସେ ସବୁ ବେଳେ କହିବା ଅପେକ୍ଷା ସେ ନିଜ କାମ କରିବା ଉପରେ ଗୁରୁତ୍ୱ ଦେବା ତାଙ୍କର ବ୍ୟକ୍ତିତ୍ୱର ସ୍ୱତନ୍ତ୍ରତା । ରାଜନୀତି କ୍ଷେତ୍ରରେ ଆସନ ପଦ ଦଖଲ କରିବା ଏବଂ ପୁଣି ସେହି ପଦ ଆସନରୁ ଅପସରି ଯିବା ସତ୍ତ୍ୱେ ବ୍ୟକ୍ତି ନିଜର ନୈସର୍ଗିକ ବ୍ୟକ୍ତିତ୍ୱ ବଳରେ ଶାସିତଙ୍କ ଠାରୁ ଦୂରେଇ ଯାଇ ନ ଥାଏ ତାହା ନିଜ ବିଦ୍ୱତ୍ତା, ଗୁଣବତ୍ତା ତଥା ମହତ୍ତ୍ୱ ପୂର୍ଣ୍ଣ ଗୁଣ ସମୁଚୟର ପ୍ରଭାବରେ ସେ ନିଜ ମର୍ଯ୍ୟାଦା ଅକ୍ଷୁଣ୍ଣ ରଖିଥାଏ । ନବୀନ ପଟ୍ଟନାୟକ ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କ କନିଷ୍ଠ ସନ୍ତାନ ଯିଏ କ୍ଷମତାରୁ ଦୂରେଇ ଗଲା ପରେ ମଧ୍ୟ ଆଜି ତାଙ୍କ ପରି ବ୍ୟକ୍ତିତ୍ୱ ଯେ ଲୋକଙ୍କ ହୃଦୟରୁ ଅପସରି ଯାଇନାହିଁ ଏ କଥା ମଧ୍ୟ ଆଜି ଆମକୁ ସ୍ୱୀକାର କରିବାକୁ ପଡ଼ିବ ।

ରାଜନୀତିର ପରିପକ୍ୱ ସ୍ୱର ଓଡ଼ିଶାର ପୂର୍ବତନ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଜି ୭୯ତମ ଜୟନ୍ତୀରେ ତାଙ୍କର ଜୀବନୀ ସଂପର୍କରେ ଆଲୋଚନା ସହିତ ବିଭିନ୍ନ କାର୍ଯ୍ୟକ୍ରମ ସାରା ରାଜ୍ୟରେ ନବୀନ ପଟ୍ଟନାୟକଙ୍କୁ ଭଲ ପାଉଥିବା ବ୍ୟକ୍ତି, ଅନୁଷ୍ଠାନ, ଏବଂ ବିଜୁ ଜନତା ଦଳର କାର୍ଯ୍ୟକର୍ତ୍ତାଙ୍କ ଦ୍ୱାରା ଆୟୋଜନ କରାଯାଉଛି ଅଭିନନ୍ଦନୀୟ । ନବୀନ ପଟ୍ଟନାୟକ ଜଣେ ଉଚ୍ଚକୋଟୀର ଇଂରାଜୀ ଲେଖକ ଭାବେ ନିଜ ନିଷ୍ଠା ଓ ସାଧନା ବଳରେ ଦେଶ ଓ ଦେଶ ବାହାରେ ଅଜସ୍ର ଶ୍ରଦ୍ଧା ଓ ସମ୍ମାନ ଲାଭ କରି ଥିଲେ । ଭାରତୀୟ ଜଡ଼ି ବୁଟି ବୃକ୍ଷ ଲତା ଗୁଡିକର ଔଷଧୀୟ ଗୁଣ ସଂପର୍କରେ ପୁସ୍ତକ The garden of Life ନବୀନ ବାବୁଙ୍କ ଅନେକ ରଚନା ଭିତରୁ ଅନ୍ୟତମ । ଲୋକ ପ୍ରିୟ ଲେଖକ ଭାବରେ ନବୀନ ପଟ୍ଟନାୟକଙ୍କ ପାଇଁ ପ୍ରତିଷ୍ଠା ଓ ପ୍ରସିଦ୍ଧି ସବୁ ବେଳେ ଚର୍ଚ୍ଚା ରହି ଆସିଥିଲା କିନ୍ତୁ ରାଜନେତା ଭାବେ ପ୍ରବେଶ ହୁଏ ୧୯୯୭ ରେ ଯେତେବେଳେ ତାଙ୍କ ପିତା ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ବିୟୋଗ ହୁଏ । ୧୭ ଏପ୍ରିଲ ୧୯୯୭ରେ ବିଜୁ ବାବୁଙ୍କ ବିୟୋଗ ପରେ ରାଜନୀତିରେ ତରୁଣ ନବୀନ ପଟ୍ଟନାୟକ ଓଡ଼ିଶା ମାଟି ସହ ପରିଚିତ ହେଲେ । ବିଜୁ ପଟ୍ଟନାୟକ ତାଙ୍କ ଜୀବଦ୍ଦଶାରେ କେବେବି ନିଜ ପୁଅଙ୍କୁ ରାଜନୀତିରେ ଆଣିବା ପାଇଁ ଇଚ୍ଛା ପ୍ରକାଶ କରି ନ ଥିଲେ । ବଡ ବିସ୍ମୟ ବିଷୟ ଯେ ,ଓଡ଼ିଆ ଭାଷା ସଂସ୍କୃତି ଓ ଜୀବନ ଶୈଳୀ ସହିତ ଅଭ୍ୟସ୍ତ ନଥିବା ଜଣେ ମଣିଷ ଯେ ସଫଳ ରାଜନେତା ର ପରିଚୟରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଭାବେ ଲୋକ ପ୍ରିୟତାର ଶୀର୍ଷକୁ ଛୁଇଁ ପାରିଥିଲେ ଏବଂ ଏହା ମଧ୍ୟ ଅନୁଶୀଳନ ଓ ଗବେଷଣା ବିଷୟ । ନବୀନ ପଟ୍ଟନାୟକଙ୍କ ରାଜନୀତି ର ସମୃଦ୍ଧ ସ୍ୱର ଏବଂ ବିରଳ ବ୍ୟକ୍ତିତ୍ୱ ଅଧିକାରୀ ଭାବରେ ସାରା ଭାରତ ବର୍ଷ ରେ ଜଣେ ଅମାୟିକ ରାଜନେତା ଭାବେ ପ୍ରସିଦ୍ଧି ଅର୍ଜନ କରି ଛନ୍ତି ।

ତାଙ୍କର ବିନମ୍ର ବ୍ୟବହାର ଗୋଟିଏ ଭଲ ଗୁଣ । ଚେହେରାରେ ସ୍ମିତହାସ ଓ ମୁଖମଣ୍ଡଳ କାନ୍ତିର ଆକର୍ଷଣ ନିଆରା । ସାଂପ୍ରତିକ ସମାଜରେ ରାଜନୀତିରେ ନମ୍ରତା ଏବଂ ଉଦାରତା ଭାବର ମଣିଷ ବିରଳ । ସରଳ ସ୍ୱଚ୍ଛ ଶୁଭ୍ର ପରିଧାନ ରେ ସେ ଯେପରି ଆକର୍ଷଣୀୟ,ଖୁବ୍ କମ୍ କଥା କହିବା ମଣିଷ ନବୀନ ପଟ୍ଟନାୟକ ଜଣେ ସ୍ଥିତପ୍ରଜ୍ଞ ଭାବେ ତାଙ୍କ ବ୍ୟକ୍ତିତ୍ୱ ବଳରେ ଅନେକଙ୍କୁ ଆକର୍ଷଣ କରିବାରେ ନିଆରା ମଣିଷ ଲୋକ ପ୍ରିୟ ରାଜନେତା ପରିଚୟ ସୃଷ୍ଟି କରି ପାରିଛନ୍ତି । ଭାରତ ରାଜନୀତିର ଇତିହାସରେ ହୁଏତ ନବୀନ ପଟ୍ଟନାୟକ ହିଁ ଏକମାତ୍ର ବ୍ଯକ୍ତି ରହିଛନ୍ତି ଯିଏ ଖୁବ୍ କମ୍ କଥା କହି ସମସ୍ତଙ୍କ ହୃଦୟ ଜିଣିବା କଳା ଶିଖି ପାରିଛନ୍ତି ।

ଓଡ଼ିଶା ରାଜନୀତିର ଇତିହାସରେ ଅନେକ ନେତାଙ୍କ ଅନେକ କାହାଣୀ ସଂପର୍କରେ ଆମେ ଜାଣିଥାଉ ଓ ପଢିଥାଉ ।ଓଡ଼ିଆଙ୍କ ସ୍ୱାଭିମାନ ପାଇଁ କିଏ ଲଢେଇ କରିଛି, କିଏ ପୁଣି ଆମ ଓଡ଼ିଶାର ଭାଷା ସାହିତ୍ୟ ସଂସ୍କୃତି ସ୍ୱାଭିମାନ ସୁରକ୍ଷା ଓ ଅସ୍ମିତା ପାଇଁ ଲଢେଇ କରି ସଫଳ ହୋଇ ପାରିଛି ।ଓଡ଼ିଶା ରାଜନୀତିର ଇତିହାସ ବଡ଼ ଚମତ୍କାର ଘଟଣାବଳୀର ମୁକସାକ୍ଷୀ । କାଳଖଣ୍ଡର ପ୍ରବାହ ମାନ ଧାରାରେ ଅନେକ ନେତା ନେତୃତ୍ୱ ନେବା ପାଇଁ ଆସିଛନ୍ତି ଏବଂ ଶାସନ ଗାଦି ରୁ ଫେରିଯାଇ ଛନ୍ତି କିନ୍ତୁ ଜଣେ ଉଦାର ରାଜନେତା ଭାବେ ନବୀନ ପଟ୍ଟନାୟକଙ୍କ ଶାସନର କଳା ଓ କୌଶଳ କାହାଣୀ କେବଳ ଭିନ୍ନ ନୁହଁ ବରଂ ଅନେକ ସ୍ୱତନ୍ତ୍ରତାର ସ୍ୱାକ୍ଷର ବହନ କରି ଓଡିଶାବାସୀଙ୍କ ହୃଦୟ ଜିଣିଛି । ଓଡ଼ିଶା ମାଟିର ଜଣେ ଜଣେ ବରପୁତ୍ରଙ୍କ ବିଷୟରେ ଏବଂ ଓଡ଼ିଶା ପ୍ରଦେଶ ଗଠନ ପାଇଁ ତାଙ୍କର ଅବଦାନ ସଂପର୍କରେ ଆଲୋଚନା କରୁ । ସମୃଦ୍ଧ ଓଡିଶା ଗଢ଼ିବା ପାଇଁ ଏମାନଙ୍କ ଯୋଗଦାନ ମଧ୍ୟ ସ୍ମରଣୀୟ କିନ୍ତୁ ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ଏବଂ ଲୋକଙ୍କ ସହ ବିଶେଷ ଭାବରେ ପରିଚୟ ନ ଥିବା ବ୍ୟକ୍ତି ଆକସ୍ମିକ ରାଜନୀତି ରେ ପ୍ରବେଶ ସହ ରାଜନୈତିକ ଦଳ ବିଜୁ ଜନତା ଦଳର ସର୍ବୋଚ୍ଚ ନେତା ଭାବେ ନବୀନ ପଟ୍ଟନାୟକ ଅପ୍ରତିଦ୍ୱନ୍ଦ୍ୱୀ କୀର୍ତ୍ତିମାନ ସ୍ଥାପନ କରି ସକ୍ଷମ ହେଲେ ଏହା କହିବା ବେଳେ ତାଙ୍କ ରାଜନୈତିକ ଇତିହାସ ସମ୍ପର୍କରେ ଅବଗତ କରାଇବା ଉଚିତ୍ ମନେ କରେ ।


ସେ ଯେତେବେଳେ ଆସିକା ସଂସଦୀୟ କ୍ଷେତ୍ରରୁ ନିର୍ବାଚନ ପ୍ରଚାର ପାଇଁ ଆସିଥିଲେ ସାକ୍ଷାତ ହୁଏ ଏହି ଲେଖକର । ମୋ ଗାଁ ପୋଲସରାରେ ନିର୍ବାଚନ ପ୍ରଚାର ସମୟ । ଖୁବ୍ ସରଳ ନମ୍ର ଓ ଶାନ୍ତ ନବୀନ ପଟ୍ଟନାୟକଙ୍କୁ ଦେଖି ଖୁସି ହେବା ସହ ଦୁଇ ପଦ କଥା ହେବା ସୁଯୋଗ ମଧ୍ୟ ମୁଁ ପାଇଥିଲି ତାଙ୍କ ସହ ଥିଲେ ଗଞ୍ଜାମ ମାଟିର ଗର୍ବ ଗୌରବ ଧୁରୀଣ ରାଜନେତା ରାମକୃଷ୍ଣ ପଟ୍ଟନାୟକ ଯିଏ କି ଓଡ଼ିଶାର ବେଶ୍ ଲୋକ ପ୍ରିୟ ପ୍ରଭାବଶାଳୀ ନେତା ଭାବେ ପରିଚିତ ଥିଲେ ଏବଂ ବିଜୁ ଜନତା ଦଳର ପ୍ରତିଷ୍ଠା ପାଇଁ ତାଙ୍କ ଅବଦାନ ସ୍ମରଣୀୟ । ନବୀନ ପଟ୍ଟନାୟକ ଆସିକା ସଂସଦୀୟ କ୍ଷେତ୍ରରୁ ନିର୍ବାଚନ ବିଜୟ ହୋଇ ଆସିକା ସାଂସଦ ଓ କେନ୍ଦ୍ରରେ ପ୍ରଧାନ ମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ନେତୃତ୍ୱରେ ଏନ୍‌ଡିଏ ସରକାରଙ୍କ ମନ୍ତ୍ରୀ ମଣ୍ଡଳରେ ମନ୍ତ୍ରୀ ହେଲେ । ଏହାପରେ ୧୯୯୯ ରେ ଚାରି କୋଟି ଓଡ଼ିଆଙ୍କ ପ୍ରିୟ ମୁଖ୍ୟମନ୍ତ୍ରୀ ହୋଇ ଦୀର୍ଘବର୍ଷ ଶାସନ କାଳର ଅନୁଭବ ସାଉଁଟି ଆଣିବାରେ ଜଣେ ଅପ୍ରତିଦ୍ୱନ୍ଦ୍ୱୀ ନେତା ଭାବେ ନବୀନ ପଟ୍ଟନାୟକ ଅମଳିନ କୀର୍ତ୍ତି ଅର୍ଜନ କରିଛନ୍ତି । ଗୋଟିଏ ପରେ ଗୋଟିଏ ନିର୍ବାଚନ ରେ ଅଧିକରୁ ଅଧିକ ଲୋକପ୍ରିୟ ଏବଂ ପ୍ରଭାବଶାଳୀ ନେତା ହୋଇ ଗୋଟିଏ ରାଜ୍ୟର ନେତୃତ୍ୱ ନେବାର ଯେଉଁ ବିରଳ କୀର୍ତ୍ତି ମାନ ନବୀନ ପଟ୍ଟନାୟକ ତିଆରି କରି ଜଣେ ସଫଳ ପ୍ରବୀଣ ଏବଂ ପରିପକ୍ୱ ଅନୁଭବୀ ରାଜନେତା ଭାବେ ଗ୍ରହଣୀୟ ହୋଇଥିଲେ ଏହା ମଧ୍ୟ ସ୍ମରଣୀୟ ଯେତିକି ବିସ୍ମୟ ସେତିକି । ଓଡ଼ିଶାରେ ବିଭିନ୍ନ କ୍ଷେତ୍ରରେ ସଂସ୍କାର ଆଣି ଉଲ୍ଲେଖନୀୟ କାର୍ଯ୍ୟ କରିଛନ୍ତି ନବୀନ ପଟ୍ଟନାୟକ । ଓଡ଼ିଶା ଇତିହାସରେ ସେ ସ୍ୱୟଂ ଗୋଟିଏ ରାଜନୀତି ସଂସ୍କୃତିର ଇତିହାସ ଲେଖିବା ପାଇଁ ଯେ ସମର୍ଥ । ଓଡ଼ିଶା ରାଜନୀତି ରେ ରାଜ୍ୟ ତଥା ଦେଶର ରାଜନୈତିକ ବିଚାର ମଂଚ ରେ ସେ ସମସ୍ତ ଙ୍କ ପାଇଁ ଚର୍ଚ୍ଚାରେ ରହିବା କ୍ୱଚିତ ବ୍ୟକ୍ତିର ଭାଗ୍ୟରେ ହିଁ ଦେଖାଯାଏ । ସବୁବେଳେ ସମସ୍ତଙ୍କୁ ଆଚମ୍ବିତ କରି ବିଜୁ ଜନତା ଦଳର ସର୍ବୋଚ୍ଚ ନେତା ମାନନୀୟ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ୨୫ ବର୍ଷ ମଧ୍ୟରେ ରାଜ୍ୟ ଶାସନରେ ଅପ୍ରତିଦ୍ୱନ୍ଦ୍ୱୀ ହେଲେ କିପରି ଯଦି ଆଲୋଚନା କରାଯାଏ ଏହା ବିରୋଧୀ ଦଳର ଦୁର୍ବଳ ବିଧି ବ୍ୟବସ୍ଥା ନା ନବୀନ ପଟ୍ଟନାୟକଙ୍କ ଶାସନ ରଣ କୌଶଳ ଏହି କଥା ମଧ୍ୟ ଗବେଷଣା ବିଷୟ ରାଜନୀତିର ପଣ୍ଡିତମାନେ ବାରମ୍ବାର କହି ଆସିଥିଲେ ଯେ ନବୀନ ଖୁବ୍ କମ୍ କଥା କହି ହୃଦୟ ଜିଣିବା ସହିତ ସେ ହିଁ ବାଜିଗର ବୋଲି ବାରମ୍ବାର ପ୍ରମାଣିତ କରି ଆସୁଥିଲେ । ନବୀନ ପଟ୍ଟନାୟକ ସ୍ପଷ୍ଟ ଭାବେ ବିଶୁଦ୍ଧ ଓଡ଼ିଆ କହିବା ପାଇଁ ଅସମର୍ଥ ଥିଲେ ଏ କଥା ମଧ୍ୟ ଅସ୍ୱୀକାର କରି ହେବ ନାହିଁ ତଥାପି ଶାସନ କଳା ଓ ରଣ କୌଶଳ ରେ ଶ୍ରେଷ୍ଠ ଏବଂ ସିଦ୍ଧ ହସ୍ତ ହେଲେ ।


## ● ନବୀନ ବାବୁଙ୍କ ଶାସନ ସମୟରେ


ଓଡ଼ିଆ ଭାଷାର ବିକାଶ ପ୍ରଚାର ପ୍ରସାର ପାଇଁ ଯେଉଁ ବିରଳ କୃତି ସ୍ଥାପନ କରିଛନ୍ତି ଅନୁଶୀଳନୀୟ । ଐତିହାସିକ ସତ୍ୟବାଦୀ ପୀଠରେ ଓଡ଼ିଆ ଭାଷା ବିଶ୍ୱ ବିଦ୍ୟାଳୟ ସ୍ଥାପନ,ଓଡ଼ିଆ ଭାଷା ଶାସ୍ତ୍ରୀୟ ଭାଷାର ମାନ୍ୟତା ପାଇବା ତାଙ୍କ ଶାସନ ଅବଧିର ଶ୍ରେୟ ନିଶ୍ଚୟ ଯିବ । ବିଶେଷ ଭାବେ ଓଡ଼ିଆ ଭାଷାର ମର୍ଯ୍ୟାଦା ବିଶ୍ୱ ସ୍ତରରେ ସ୍ଥାପନ କରିବା ପାଇଁ ଓଡିଶା ଭୁବନେଶ୍ୱର ଜନତା ମଇଦାନରେ ବିଶ୍ୱ ଭାଷା ସମ୍ମିଳନୀ ପାଞ୍ଚ ଦିନ ସଫଳତା ସହିତ ଆୟୋଜନ ଥିଲା ଗୋଟିଏ ଅବିଶ୍ୱସନୀୟ ଅକଳ୍ପନୀୟ ଆୟୋଜନ । ଏହି ତାଙ୍କ ରାଜନୈତିକ ଇତିହାସ ରେ ଯେତେ ସବୁ କାର୍ଯ୍ୟକ୍ରମ ଥିଲା ସେଥି ମଧ୍ଯରୁ ଗୋଟିଏ ଶ୍ରେଷ୍ଠ କାର୍ଯ୍ୟକ୍ରମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ।


ବିଶ୍ୱ ଭାଷା ସମ୍ମିଳନୀ ସଫଳତା ସହିତ ସଂପନ୍ନ କରିବା ପଛରେ ଭାଷା ଆନ୍ଦୋଳନ ଓଡ଼ିଶାର,ସ୍ୱରକୁ ଗୌଣ କରି ହେବ ନାହିଁ । ବିଶ୍ୱ ଭାଷା ସମ୍ମିଳନୀ ଅନୁଷ୍ଠିତ ହେବା ସମୟ ରେ ନବୀନ ପଟ୍ଟନାୟକଙ୍କୁ ନବୀନ ନିବାସରେ ସାକ୍ଷାତ କରିବା ମୋର ସୌଭାଗ୍ୟ ପ୍ରାପ୍ତ ହୋଇ ଥିଲା ଏବଂ ଭାଷା ଆନ୍ଦୋଳନ ଓଡିଶା ଆବାହକ ପବିତ୍ର ମହାରଥା ଙ୍କ ଦ୍ଵାରା ସଂକଳିତ"ବିଧାନ ସଭାରେ ଭାଷା ଆଇନ" ପୁସ୍ତକ ନବୀନ ନିବାସ ରେ ଲୋକାର୍ପଣ କରି ଥିଲେ ନବୀନ । ଓଡ଼ିଶାରେ ଓଡ଼ିଆ ଭାଷା ରେ ଶାସନ କରିବା ପାଇଁ ଓଡ଼ିଆ ଭାଷାର ସମସ୍ତ ନଥିପତ୍ର ହିଁ କରାଯିବ ଏହି ବିଧେୟକ ପାରିତ କରିବା ସହ ଭାଷା ଆଇନ ଖିଲାପ କଲେ ଦଣ୍ଡ ବ୍ୟବସ୍ଥା ନବୀନ ପଟ୍ଟନାୟକଙ୍କ ଶାସନ ସମୟର ସରକାରଙ୍କ ଏକ ଯୁଗାନ୍ତକାରୀ ପଦକ୍ଷେପ କହିଲେ ଅତ୍ୟୁକ୍ତି ହେବ ନାହିଁ ।ଏହି ଭାଷା ଆଇନ୍ ରାଜ୍ୟପାଳଙ୍କ ଦ୍ୱାରା ଅନୁମୋଦନ ଲାଭ କରି ଥିଲା । ଓଡ଼ିଶା ପର୍ଯ୍ୟଟନ ବିକାଶ ଓ ଶ୍ରୀ କ୍ଷେତ୍ର ପରିକ୍ରମା ପ୍ରକଳ୍ପ ସହିତ ବିଭିନ୍ନ ଐତିହାସିକ ଓ ସାଂସ୍କୃତିକ ଆଧ୍ୟାତ୍ମିକ କ୍ଷେତ୍ର ଗୁଡିକର ବିକାଶରେ ବହୁ ଉନ୍ନୟନ କାର୍ଯ୍ୟ ସଂସ୍କାର ଅଣାଯାଇଥିବା ବିଷୟ ରେ ସେ ଜଣେ ଦକ୍ଷ ପ୍ରଶାସକ ତଥା ମୁଖ୍ୟମନ୍ତ୍ରୀ ପ୍ରମାଣ ଦେଇଥିଲେ ନବୀନ ପଟ୍ଟନାୟକ । ଦୀର୍ଘ ବର୍ଷ ଶାସନ କରିବାରେ ପ୍ରଭାବଶାଳୀ ବ୍ୟକ୍ତିତ୍ୱର ଅଧିକାରୀ ଭାବରେ ଖୁବ୍ ଗ୍ରହଣୀୟ ହୁଅନ୍ତି । ଓଡ଼ିଶାବାସୀଙ୍କ ପାଇଁ ଅତି ପ୍ରିୟ ନେତା ନବୀନ ପଟ୍ଟନାୟକ ଗୋଟିଏ ଗୋଟିଏ ଏମିତି କିଛି ସଂସ୍କାର ମୂଳକ ଯୋଜନା ଏବଂ କାର୍ଯ୍ୟ କରି ଭିନ୍ନ ଏକ ସନ୍ଦେଶ ଦେଇଛନ୍ତି ଯାହା ବିରଳ । ସମସ୍ତ କଳ୍ପନା ଜଳ୍ପନାର ଅବସାନ ଘଟାଇ ଅନେକ ଥର ବହୁ ଗୁରୁତ୍ୱପୂର୍ଣ୍ଣ ବିଷୟର ନିର୍ଣ୍ଣୟ କରୁଥିବା ମଣିଷଟି ଲୋକଙ୍କ ନିକଟକୁ ପହଞ୍ଚି ଯାଇ ଆପଣ ମାନେ ଖୁସି ତ? ପ୍ରଶ୍ନ ପଚାରିବା ଗୋଟିଏ ଆଲୋଚନା କେନ୍ଦ୍ର ଥିଲା । ସମସ୍ତଙ୍କୁ ଖୁସି ବୋଲି କହି ଯେଉଁ ସ୍ୱତନ୍ତ୍ର କଥା କହିବାରେ ଆନନ୍ଦ ଦେଉି ଥିଲେ ଏହା ମଧ୍ୟ ତାଙ୍କର ଲୋକ ପ୍ରିୟ ନେତା ହେବାର ବଳିଷ୍ଠ ପ୍ରମାଣ ସ୍ୱର ବୋଲି କୁହାଯାଏ । କହିବାକୁ ଗଲେ ଭାଗ୍ୟବାନ ସେହି ଲୋକ ଯେଉଁ ମାନଙ୍କ ଭାଗ୍ୟରେ ତାଙ୍କ ରାଜନୀତି ପଥ ଦୀର୍ଘ ସମୟର ଅନୁଭବ ଦିଏ ଏବଂ ନବୀନ ପଟ୍ଟନାୟକ ହେଉଛନ୍ତି ସେହି ଭାଗ୍ୟବାନ ବ୍ୟକ୍ତି ମଧ୍ଯରୁ କେବଳ ଜଣେ ମାତ୍ର ବ୍ୟକ୍ତି ଚାରି କୋଟି ଓଡ଼ିଆଙ୍କ ଆଶୀର୍ବାଦରୁ ଖୁସିରେ କ୍ଷମତାରେ ରହିବା ସହିତ ଲୋକପ୍ରିୟ ନେତା ଭାବେ ଶୀର୍ଷରେ ଥିଲେ କାରଣ ତାଙ୍କ ପାଇଁ ବିନମ୍ରତା ହିଁ ବଡ଼ ସଂପଦ ଥିଲା । ଏହା ଆଜିର ଯୁଗରେ କୌଣସି ନେତାଙ୍କ ବ୍ୟବହାରରେ ଖୁବ୍ କମ୍ ଦେଖିବାକୁ ମିଳେ । ନବୀନ ପଟ୍ଟନାୟକ ଦୀର୍ଘଜୀବୀ ହୁଅନ୍ତୁ ଏବଂ ତାଙ୍କର ଚଲାପଥରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅପାର କରୁଣା ଦୃଷ୍ଟି ରହିଥାଉ । ନବୀନ ପଟ୍ଟନାୟକଙ୍କ ସୁସ୍ଥ ସୁଦୀର୍ଘ ନିରାମୟ ଜୀବନ ପ୍ରଭୁଙ୍କ ନିକଟରେ କାମନା କରି ପ୍ରାର୍ଥନା । ■

ସାହିତ୍ୟିକ ସ୍ତମ୍ଭକାର,ଭାଷା ଆନ୍ଦୋଳନ ଓଡ଼ିଶା
ସଭାପତି, ବ୍ରହ୍ମପୁର,
ନିବାରିଣୀ, ଲୋଚାପଡା ବ୍ରହ୍ମପୁର
୮୮୪୭୮୦୯୫୩୪



# ଅବଶିଷ୍ଟାଂଶ

## ଟ୍ରେନ୍‌ରେ ଯାଇଥିଲେ...

ହୋଇଯିବାରୁ ବସ୍‌ରେ ଯାଇପାରି ନ ଥିବା ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଛି । ଦଲାଲ୍‌ଙ୍କ ସଂସ୍ପର୍ଶରେ କିଛି କନେଷ୍ଟବଳ ନିୟମିତ ଯୋଗାଯୋଗରେ ରହି ପିଲା ଯୋଗାଡ଼ କରିଥିବା ମଧ୍ୟ ଜଣା ପଡ଼ିଛି । ଏହି ସମସ୍ତେ ପରୀକ୍ଷା ଏସ୍‌ଆଇ ପରୀକ୍ଷା ଥିବା ଦର୍ଶାଇ ଛୁଟିରେ ରହିଥିଲେ । ଫଳରେ ପରୀକ୍ଷା ଦେବାକୁ ଛୁଟି ଆବେଦନ କରିଥିବା କନେଷ୍ଟବଳମାନେ ମଧ୍ୟ କ୍ରାଇମ୍‌ବ୍ରାଞ୍ଚ ସ୍କାନର୍‌କୁ ଆସିଛନ୍ତି ।

## ଆଗୁଆ ଜାମିନ...

ପହଞ୍ଚିଥିଲା । ସେଠାରୁ ବିମାନ ଯୋଗେ ଦୁବାଇ ପଳାଇଥିବା କ୍ରାଇମବ୍ରାଞ୍ଚ ଜାଣିବାକୁ ପାଇଛି । ଅନୁରୂପ ଭାବେ ମୁନା ମହାନ୍ତିର ମଧ୍ୟ ପତ୍ତା ପାଇପାରୁ ନାହିଁ କ୍ରାଇମ୍‌ବ୍ରାଞ୍ଚ । ଏଣୁ ମୁନା ଯେପରି ଦେଶ ଛାଡ଼ି ପଳାଇବାରେ ସକ୍ଷମ ନ ହେବ, ସେଥିପାଇଁ ଉଭୟ ଶଙ୍କର ଓ ମୁନା ନାମରେ ଲୁକ୍ ଆଉଟ୍ ସର୍କୁଲାର ଜାରି କରାଯାଇଛି । ପୂର୍ବରୁ ଶଙ୍କର ଓ ମୁନାର ବ୍ୟାଙ୍କ ଆକାଉଣ୍ଟ ଫ୍ରିଜ୍ କରିଥିଲା ତଦନ୍ତକାରୀ ସଂସ୍ଥା । ଲୁକ୍‌ଆଉଟ୍ ସର୍କୁଲାର୍ ଜାରି କରିବା ପରେ ତାଙ୍କୁ ଧରିବାରେ ସଫଳ ହେବ ବୋଲି ତଦନ୍ତକାରୀ ସଂସ୍ଥା ଆଶା ବାନ୍ଧିଛି ।

## ସ୍ନେହାଙ୍ଗିନୀ ପ୍ରାର୍ଥୀ...

କହିଛନ୍ତି ଯେ ପଶ୍ଚିମ ଓଡ଼ିଶାର ଜଣେ ଟାଣୁଆ ନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ ଅତୀତରେ ବିଜେଡି ସରକାରରେ ଏକାଧିକ ବିଭାଗରେ ମନ୍ତ୍ରୀ ରହିବା ସହ ବହୁ ଗୁରୁତ୍ୱପୂର୍ଣ୍ଣ ପଦବୀ ସମ୍ଭାଳିଛନ୍ତି । ସେ ସବୁବେଳେ ଗରିବ, ତଳସ୍ତରରେ ଥିବା ଲୋକ ବିଶେଷକରି ମହିଳାଙ୍କ ପାଇଁ ଲଢ଼େଇ କରି ଆସିଛନ୍ତି । ସେଥିପାଇଁ ଆମେ ତାଙ୍କୁ ବିଜେଡିର ପ୍ରାର୍ଥୀ ରୂପେ ଚୟନ କରିଛୁ । ମୁଁ ତାଙ୍କୁ ହୃଦୟରୁ ଅଭିନନ୍ଦନ ଜଣାଉଛି । ଅତୀତରେ ସେ ରାଜ୍ୟବାସୀଙ୍କ ପାଇଁ ବହୁ ଭଲ କାମ କରିଛନ୍ତି । ବିଶେଷକରି ଗରିବ ତଥା ମହିଳାଙ୍କ ପାଇଁ ତାଙ୍କ କାମ ବେଶ୍ ପ୍ରଶଂସନୀୟ । ଆମେ ସମସ୍ତେ ତାଙ୍କୁ ସହଯୋଗ କରିବାକୁ ପ୍ରସ୍ତୁତ ଅଛୁ ବୋଲି ନବୀନ କହିଛନ୍ତି ।

ନିଜ ବକ୍ତବ୍ୟରେ ସ୍ନେହାଙ୍ଗିନୀ କହିଛନ୍ତି ଯେ ଦଳର ସଭାପତି ନବୀନ ପଟ୍ଟନାୟକ ମୋ ଉପରେ ଭରସା ଓ ବିଶ୍ୱାସ କରି ମୋତେ ପ୍ରାର୍ଥୀ ଭାବେ ଘୋଷଣା କରିଥିବାରୁ ମୁଁ ତାଙ୍କୁ ହୃଦୟରୁ ଧନ୍ୟବାଦ ଜଣାଉଛି । ଏହି ଅବସରରେ ମୁଁ ସମସ୍ତ ନୂଆପଡ଼ାବାସୀଙ୍କୁ ପ୍ରଣାମ ଜଣାଉଛି । ନୂଆପଡ଼ାରେ ୪ ବର୍ଷ ଧରି ଦଳର ପର୍ଯ୍ୟବେକ୍ଷକ ଭାବେ କାମ କରିଛି । ନୂଆପଡ଼ାବାସୀଙ୍କ ଆଶୀର୍ବାଦ ମୋ ଉପରେ ରହିବା ସହ ସେମାନେ ମୋତେ ବିପୁଳ ସଂଖ୍ୟାରେ ବିଜୟୀ କରିବେ ବୋଲି ମୋର ବିଶ୍ୱାସ ରହିଛି । ଆଜିଦିନଠାରୁ ନୂଆପଡ଼ାବାସୀଙ୍କ ସୁଖ, ଦୁଃଖ ସମୟରେ ମୁଁ ଜୀବନର ଶେଷ ନିଶ୍ୱାସ ପର୍ଯ୍ୟନ୍ତ ରହିବି,ସେବା କରିବି । ନୂଆପଡ଼ାରେ ବିଚାରଧାରା, ନୀତି, ଆଦର୍ଶ ଏବଂ ଧର୍ମର ଲଢ଼େଇ ହେବ । ଏହି ନିର୍ବାଚନରେ ଧର୍ମ ଏବଂ ନ୍ୟାୟ ସଂସ୍ଥାପନ ହେବ । ଯେଉଁମାନେ ନୀତି, ଆଦର୍ଶ ବାହାରେ ରାଜନୀତି କରିବାକୁ ଚାହୁଁଛନ୍ତି, ନୂଆପଡ଼ାବାସୀ ଠିକଣା ସମୟରେ ସେମାନଙ୍କୁ ଜବାବ୍ ଦେବେ ବୋଲି ସ୍ନେହାଙ୍ଗିନୀ କହିଛନ୍ତି । ଏହି ଅବସରରେ ନୂଆପଡ଼ା ଜିଲ୍ଲା ବିଜେଡି ସଭାପତିଙ୍କ ସମେତ ଦଳର ବହୁ ବରିଷ୍ଠ ନେତା ଉପସ୍ଥିତ ଥିଲେ ।

ଏଠାରେ ଉଲ୍ଲେଖଯୋଗ୍ୟ ଯେ ସ୍ନେହାଙ୍ଗିନୀ ଅତାବିରା ନିର୍ବାଚନମଣ୍ଡଳୀରୁ ୨ଥର ବିଧାନସଭାକୁ ପ୍ରତିନିଧିତ୍ୱ କରିଛନ୍ତି । ବିଜେଡିର ପଞ୍ଚମ ପାଳି ଶାସନରେ ସେ ଏକାଧିକ ବିଭାଗର ମନ୍ତ୍ରୀପଦ ସମ୍ଭାଳିଥିଲେ । ବର୍ତ୍ତମାନ ସେ ବିଜୁ ମହିଳା ଜନତା ଦଳର ସଭାନେତ୍ରୀ ଭାବେ କାର୍ଯ୍ୟ କରୁଛନ୍ତି । ୪ଟି ବିଧାନସଭା ନିର୍ବାଚନ ଲଢ଼ିଥିବାର ଅଭିଜ୍ଞତା ରଖିଥିବା ସ୍ନେହାଙ୍ଗିନୀଙ୍କ ନିକଟରେ ପ୍ରଚୁର ସାଂଗଠନିକ ଦକ୍ଷତା ରହିଛି । ସେହିପରି ସେ ନୂଆପଡ଼ାରେ ପର୍ଯ୍ୟବେକ୍ଷକ ଭାବେ କାର୍ଯ୍ୟ କରିଥିବାରୁ, ଜିଲ୍ଲାବାସୀ ତଥା ସ୍ଥାନୀୟ ବିଜେଡି ନେତାଙ୍କ ସହ ମଧ୍ୟ ସୁସମ୍ପର୍କ ରହିଛି । ସେହିଦୃଷ୍ଟିରୁ ତାଙ୍କ ପ୍ରାର୍ଥିତ୍ୱ ଦଳକୁ ଫାଇଦା ଦେଇପାରେ ବୋଲି ରାଜନୈତିକ ମହଲରେ ଆଲୋଚନା ଆରମ୍ଭ ହୋଇଛି ।

## କିନ୍ନର ଓ ଯୁବକଙ୍କ...

ତଦନ୍ତ ଆରମ୍ଭ କରିଛି । ପ୍ରାଥମିକ ତଦନ୍ତରୁ ୨ ଜଣ ଆତ୍ମହତ୍ୟା କରିଥିବା କୁହାଯାଉଛି । ପୁଲିସ ସାଇଣ୍ଟିଫିକ ଦଳ ଏବଂ ଟାଉନଥାନା ପୁଲିସ ମିଳିତ ଭାବେ ତଦନ୍ତ କରୁଥିବା ଏସଡିପିଓ ପାର୍ଥ କଶ୍ୟପ ସୂଚନା ଦେଇଛନ୍ତି । ପ୍ରଥମିକ ତଦନ୍ତ ବେଳେ ଉଭୟଙ୍କ ମଧ୍ୟରେ ଘନିଷ୍ଠ ବନ୍ଧୁତାରୁ ପ୍ରେମ ସମ୍ପର୍କ ଥିବା କୁହାଯାଉଛି । ତେବେ କେଉଁ କାରଣରୁ ସେମାନେ ଆତ୍ମହତ୍ୟା କରିଛନ୍ତି ତାହା ସ୍ପଷ୍ଟ ହୋଇନାହିଁ । ମୃତ୍ୟୁର ଅନ୍ୟ କାରଣ ନେଇ ମଧ୍ୟ ଅଞ୍ଚଳରେ ଆଲୋଚନା ହେଉଛି ।

## ସପ୍ତାହରେ ଅତିରିକ୍ତ...

ଆସିବାକୁ ଥିବା କ୍ରାଇମବ୍ରାଞ୍ଚର ଅତିରିକ୍ତ ଏସପି ସତ୍ୟବିକାଶ ଭୂୟାଁଙ୍କର ବଦଳି ମଧ୍ୟ ବାତିଲ କରି ଦିଆଯାଇଛି । ଫଳରେ ଶ୍ରୀ ଦ୍ୱିବେଦୀ ଓ ଶ୍ରୀ ଭୂୟାଁ ପୂର୍ବଭଳି ସେହି ସ୍ଥାନରେ କାର୍ଯ୍ୟ କରିବେ ।

ସେପଟେ ନୂଆକରି ପଦୋନ୍ନତି ପାଇଥିବା ଡିଏସପି ମାନଙ୍କୁ ଗୃହ ବିଭାଗ ଏଯାଏଁ ନିଯୁକ୍ତି ଦେଇ ପାରିନାହିଁ । କିଛି ଅଧିକାରୀଙ୍କର ବଦଳି ହୋଇଥିବା ବେଳେ ସେମାନେ ପୂର୍ବ ପଦବୀରେ କାମ କରୁଥିବା ବେଳେ ୯୯ ଜଣ ଡିଏସପି ନିଯୁକ୍ତି ଅପେକ୍ଷାରେ ରହିଛନ୍ତି । ୫ ମାସ ହେବ ଡିଏସପିଙ୍କୁ ନିଯୁକ୍ତି ନଦେବା ଓ ମାତ୍ର ୭ ଦିନରେ ଅତିରିକ୍ତ ଏସପିଙ୍କ ବଦଳି ବାତିଲ୍ କରିବା ମୁଖିଆଙ୍କ ନିଷ୍ପତ୍ତି ନେବାର ଅପରିଣାମଦର୍ଶୀକୁ ପଦାରେ ପକାଇଛି । ଆଉ ଏ ସବୁ ପଛରେ ରାଜନୈତିକ ଚାପ ରହିଥିବା ସନ୍ଦେହ କରାଯାଉଛି । ଯଦି ରାଜନୈତିକ ଚାପ କଥା ସତ ହୁଏ, ତେବେ ସାଙ୍ଘାତିକ । କାରଣ ରାଜ୍ୟ ଗୃହ ବିଭାଗ ଖୋଦ୍ ମୁଖ୍ୟମନ୍ତ୍ରୀଙ୍କ ଅଧିନରେ ରହିଥିବା ବେଳେ ତାଙ୍କ ଉପରେ କିଏ ଚାପ ପକାଉଛି, ତାକୁ ନେଇ ପ୍ରଶ୍ନ ଉଠିଛି ।

## ଏଫସିଆଇ ଉଠାଉନି...

ଦେଇଥିଲେ । ମିଳିଥିବା ସୂଚନା ଅନୁଯାୟୀ ଏଯାବତ୍ ଏହି ବଳକା ଚାଉଳକୁ ଏଫସିଆଇ ଉଠାଇ ନାହିଁ । ଚାଉଳ ନଷ୍ଟ ହେବାକୁ ବସିଥିବା ବେଳେ ଏହାକୁ କିଣିବା ପାଇଁ ମଧ୍ୟ ସେମିତି କେହି ଆଗ୍ରହ ପ୍ରକାଶ କରୁନାହାନ୍ତି । ତେଣୁ ସରକାର ଏହାକୁ ରାଜ୍ୟର ରାସନ ହିତାଧିକାରୀଙ୍କୁ ଅତିରିକ୍ତ ୫ କେଜି ଚାଉଳ ପ୍ରଦାନ ପାଇଁ ବିଚାର କରୁଛନ୍ତି । ଆଜି ମନ୍ତ୍ରୀ ଏନେଇ ଗଣମାଧ୍ୟମରେ ସୂଚନା ଦେବା ପରେ ସାଧାରଣରେ ଥିବା ଅନୁମାନ ସତ ହେବାକୁ ବସିଛି । ସୂଚନାଯୋଗ୍ୟ ଯେ ଏଫସିଆଇ ଚାଉଳ ନନେବାରୁ କିଛି ମାସ ତଳେ ରାଜ୍ୟ ସରକାର ୧୧ଟି ଆଦିବାସୀ ଅଧ୍ୟୁଷିତ ଜିଲ୍ଲାରେ ଅତିରିକ୍ତ ୩ ମାସ ଚାଉଳ ପ୍ରଦାନ କରିଥିଲେ । ଏବେ ଏହି ଚାଉଳ ବଣ୍ଟନ ଯୋଜନାକୁ ସରକାର ସମ୍ପ୍ରସାରିତ କରିବାକୁ ଚାହୁଁଥିବା ଜଣାପଡ଼ିଛି । କେବଳ ବଳକା ଚାଉଳ ଏଫସିଆଇ ଓଡ଼ିଶାରୁ ନେଇଥିବା ଚାଉଳ ବାବଦକୁ କେନ୍ଦ୍ର ପାଖରେ ଦୀର୍ଘ ଦିନ ଧରି ୮୦୦୦ କୋଟି ବକେୟା ଗଡୁଛି । ବକେୟା ପ୍ରଦାନ କରିବାକୁ କେନ୍ଦ୍ର ସହ ଆଲୋଚନା ଚାଲିଛି । ମାତ୍ର କେନ୍ଦ୍ର ସରକାର ରାଜି ହେଉନାହାନ୍ତି ବୋଲି ମନ୍ତ୍ରୀ ନିଜେ କହିଥିଲେ । ଡବଲ ଇଞ୍ଜିନରେ ଓଡ଼ିଶାର ସ୍ୱାର୍ଥ ଏପରି ଅଣଦେଖା ହେଉଥିବା ବେଳେ ଏହାକୁ ନେଇ ସାଧାରଣରେ କଡ଼ା ପ୍ରତିକ୍ରିୟା ପ୍ରକାଶ ପାଉଛି ।

## ପୀତବାସଙ୍କ ହତ୍ୟା...

ନିଆଯାଇଥିବା ସ୍ପଷ୍ଟ ହୋଇଛି । ହତ୍ୟାକାଣ୍ଡ ଦିନ ଆତତାୟୀଙ୍କ ପକ୍ଷରୁ ସହରରେ ବିଭିନ୍ନ ସ୍ଥାନରେ ପ୍ରାୟ ୧୦ଥର ରେକି କରାଯାଇଥିବା ସିସିଟିଭି ଫୁଟେଜ ଯାଞ୍ଚ ବେଳେ ଜଣାପଡିଥିଲା । ଯାହା ଗତ ରବିବାର ରାତିରେ ଏସ୍‌ପିଙ୍କ ସମୀକ୍ଷା ବୈଠକରେ ସ୍ପଷ୍ଟ କରାଯାଇଥିଲା । ୩ଟି ବାଇକ୍‌ରେ ୬ଜଣ ସହରରେ ପୀତବାସଙ୍କ ଘର ଠାରୁ ଚାମ୍ବର ଓ ବିଭିନ୍ନ ଗନ୍ତବ୍ୟସ୍ଥଳକୁ ପିଛା କରିଥିଲେ । ଏଥିପାଇଁ ୩ଟି ରେକି ଟିମ ହୋଇଥିବା ବେଳେ ବାଇକ୍‌ରେ ଆରୋହୀ ରାଜ୍ୟ ବାହାରର ଏବଂ ବାଇକ ଚାଳକ ସ୍ଥାନୀୟ ଅଞ୍ଚଳର ବୋଲି କୁହାଯାଉଛି । ଏଥିରେ ଏରେଣ୍ଡ୍ରା ଅଞ୍ଚଳର କିଛି ଅପରାଧୀଙ୍କ ସମ୍ପୃକ୍ତି ଥିବା ସୂଚନା ମିଳିଛି । ମାଷ୍ଟର ମାଇଣ୍ଡ ଧରାପଡ଼ିବା ପରେ ପୀତବାସଙ୍କ ହତ୍ୟା ଘଟଣାର ପ୍ରକୃତ ରହସ୍ୟ ଉନ୍ମୋଚିତ ହୋଇପାରିବ ବୋଲି ପୁଲିସ ଆଶା ରଖିଛି ।

ସେପଟେ ହତ୍ୟାକାଣ୍ଡ ଘଟଣାରେ ସ୍ଥାନୀୟ ପୁଲିସର ମଧ୍ୟ ବିଭିନ୍ନ ଦିଗକୁ ନେଇ ତନାଘନା ଜାରି ରହିଛି । ଅଭିଯୁକ୍ତଙ୍କୁ ଧରିବାକୁ ବିଭିନ୍ନ ସ୍ଥାନରେ ଚଢ଼ଉ କରି ଏକାଧିକ ବ୍ୟକ୍ତିଙ୍କୁ ଉଠାଇ ଆଣୁଛି ପୁଲିସ । ଖାସ୍ କରି ଦିଗପହଣ୍ଡି ଅଞ୍ଚଳରେ ପୁଲିସ ଡେରା ପକାଇଥିବା ଜଣାପଡିଛି । ବ୍ରହ୍ମପୁରରେ ଅନୁରୂପ ଭାବେ ସ୍ୱର୍ଗତ ଆଇନଜୀବୀ ପୀତବାସଙ୍କ ଘନିଷ୍ଠ ସହଯୋଗୀ ବାଲାଜୀ ରେଡୀଙ୍କୁ ୫ମ ଥର ପାଇଁ ଜେରା କରାଯାଇଥିବା ବେଳେ ଅନ୍ୟଜଣେ ମଦ ବ୍ୟବସାୟୀଙ୍କୁ ମଧ୍ୟ ବରିଷ୍ଠ ପୁଲିସ ଅଧିକାରୀମାନେ ମାରାଥନ ଜେରା କରୁଛନ୍ତି । ଆସନ୍ତା ୧୭ତାରିଖରେ ସ୍ୱର୍ଗତ ପୀତବାସ ପଣ୍ଡାଙ୍କର ଦ୍ୱାଦଶାହ କାର୍ଯ୍ୟକ୍ରମ ଥିବାବେଳେ ପରିବାର ଓ ଦଳ ପକ୍ଷରୁ ସ୍ୱତନ୍ତ୍ର ଶ୍ରଦ୍ଧାଞ୍ଜଳୀ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି । କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କୁ ପୀତବାସଙ୍କ ପରିବାର ଓ ଦଳ ପକ୍ଷରୁ ନିମନ୍ତ୍ରଣ କରାଯାଇଥିଲେ ହେଁ ଆସନ୍ତା ୧୭ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ସମ୍ଭାବ୍ୟ ଗସ୍ତ କାର୍ଯ୍ୟକ୍ରମ ଚୂଡ଼ାନ୍ତ ହୋଇପାରିନାହିଁ । ଯଦି ପୀତବାସଙ୍କ ଦ୍ୱାଦଶାହ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଯୋଗ ଦିଅନ୍ତି ତେବେ ତାହା ପୂର୍ବରୁ ଘଟଣା ସମ୍ପର୍କରେ ପୁଲିସ ଖୁଲାସ କରିପାରେ ବୋଲି ସାଧାରଣରେ ଆଲୋଚନା ହେଉଛି ।

## ଦୁଟୁନି ଦୀପାବଳି...

ଉପସଭାପତି ଉମାବଲ୍ଲଭ ମହାପାତ୍ର, ଯୁଗ୍ମ ସମ୍ପାଦକ ଲୋକନାଥ ମିଶ୍ର, ସଦସ୍ୟ ପଣ୍ଡିତ ଦୁର୍ଗାପ୍ରସାଦ ମିଶ୍ର, ରବି ପ୍ରସାଦ ରଥ, ଜଗନ୍ନାଥ ରଥ, ଜ୍ୟୋତିର୍ବିତ୍ ନୀଳମାଧବ ଦାସ, ଜ୍ୟୋତିର୍ବିତ୍ ଜ୍ୟୋତି ପ୍ରସାଦ ଦାସ ପ୍ରମୁଖ ।

ଅନ୍ୟପକ୍ଷରେ ଏହି ସାମ୍ବାଦିକ ସମ୍ମିଳନୀସ୍ଥଳରେ ପାଞ୍ଜି ସମୀକ୍ଷକ ହରିଶଙ୍କର ମିଶ୍ର ପହଞ୍ଚି ମୁକ୍ତିମଣ୍ଡପ ପଣ୍ଡିତଙ୍କ ଉକ୍ତିକୁ ଖଣ୍ଡନ କରିଥିଲେ । ସେ କହିଥିଲେ, ୨୦ ତାରିଖରେ ରିକ୍ତା ତିଥି (ଚତୁର୍ଦ୍ଦଶୀ) ହେତୁ ସେହିଦିନ ପୟାଶ୍ରାଦ୍ଧ ଓ ଦୀପଦାନ ନ କରି ୨୧ ତାରିଖରେ କରିବାକୁ ମତ ରଖିଛନ୍ତି । ଯେଉଁ ତିଥିରେ ସୂର୍ଯ୍ୟ ଉଦୟ ହୁଅନ୍ତି ସେଇ ପର୍ବ ଶ୍ରୀଜଗନ୍ନାଥ ମନ୍ଦିରରେ ପାଳନ ହେବାର ବିଧି ରହିଛି । ସେଥିପାଇଁ ୨୧ ତାରିଖରେ ଶ୍ରୀମନ୍ଦିରରେ ଅମାବାସ୍ୟା ତିଥି ରହିଥିବାରୁ ସେହିଦିନ ଅମାବାସ୍ୟା ନାରାୟଣଙ୍କ ସାଗରବିଜେ ହେବ । ସେହିଦିନ ମଧ୍ୟ ସରକାରୀ ଛୁଟି ରହିଛି । ୨୦ରେ ଶ୍ୟାମାକାଳୀ ପୂଜାରେ କୌଣସି ଦ୍ୱିରୁକ୍ତି ନାହିଁ । ଓଡ଼ିଶାର ଜନସାଧାରଣ ଅଦିନରେ ପୟା ବା ଦୀପଦାନ ଶ୍ରାଦ୍ଧ ଓ ବଡ଼ବଡୁଆ ଡାକ ମାଧ୍ୟମରେ ପିତୃପୁରୁଷଙ୍କୁ ବିଦାୟ ଦେଲେ ସେମାନେ ଅସୁଖି ହେବାର ଶାସ୍ତ୍ରୀୟ ବିଧାନରେ ୨୧ ତାରିଖରେ ତାହା ପାଳନ କରନ୍ତୁ ବୋଲି ପାଞ୍ଜି ସମୀକ୍ଷକ ଶ୍ରୀ ମିଶ୍ର ଯୁକ୍ତି ରଖିଛନ୍ତି । ତେବେ ଏହାରି ଭିତରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ତୁଳା ମାସର ନୀତି ପ୍ରକାଶ ପାଇଛି । ୨୦ ତାରିଖ ଚତୁର୍ଦ୍ଦଶୀରେ ଦୀପାବଳି ଅମାବାସ୍ୟା, ପ୍ରୟାଶ୍ରାଦ୍ଧ ଓ କାଳୀପୂଜା ଉଲ୍ଲେଖ କରାଯାଇଥିବାବେଳେ ୨୧ରେ ଅମାବାସ୍ୟା ଏବଂ ସାଗରବିଜେ ନୀତି ଥିବା ସ୍ପଷ୍ଟ କରାଯାଇଛି ।

## ଆଜିର ରାଶିଫଳ

- ମେଷ: ସକରାତ୍ମକ ଦୃଷ୍ଟିରୁ ଦିନଟି ଭଲରେ କଟିବ । ପୂର୍ବର ଭୁଲ୍‌କୁ ଅନୁଧ୍ୟାନ କରି ଆଗକୁ ବଢ଼ିବାକୁ ଚେଷ୍ଟା କରିବେ । ଯାତାୟତ ସମୟରେ ସତର୍କତା ଅବଲମ୍ବ କରନ୍ତୁ । ବ୍ୟବସାୟରେ ସଫଳତା ପାଇବେ ।
- ବୃଷ: ଅଟକି ଥିବା କାର୍ଯ୍ୟରେ ସଫଳତା ମିଳିବ । ପିଠି ଯନ୍ତ୍ରଣା ଅନୁଭବ କରିପାରନ୍ତି । କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ । ମହିଳାମାନେ ଉଚ୍ଚାଭିଳାଷି ହେବେ । ମାନ ସମ୍ମାନ ବୃଦ୍ଧି ପାଇବ ।
- ମିଥୁନ: ଆର୍ଥିକ ସ୍ଥିତି ଠିକ୍ ରହିବ । ବିଦ୍ୟାର୍ଥୀମାନେ ଭଲ ପ୍ରଦର୍ଶନ କରିବେ । ଅଫିସ୍ ସହକର୍ମୀଙ୍କ ସହଯୋଗ ମିଳିବ । ଅଯଥା କଥାରେ ଯୁକ୍ତି କରନ୍ତୁନି । ଗୁରୁଜନଙ୍କ ସ୍ୱାସ୍ଥ୍ୟସମସ୍ୟାକୁ ଚିନ୍ତିତ ରହିପାରନ୍ତି ।
- କର୍କଟ: ମାନସିକ ଶାନ୍ତି ମିଳିବ । କୋର୍ଟ କଚେରୀ ମାମଲାର ଶୁଣାଣି ହୋଇପାରେ । ଅଟକି ଥିବା କାର୍ଯ୍ୟ ପୂରା ହେବାର ସମ୍ଭାବନା ରହିଛି । କର୍ମକ୍ଷେତ୍ରରେ ସମସ୍ତଙ୍କ ସହ ଭଲ ଆଚରଣ ଦେଖାନ୍ତୁ ।
- ସିଂହ: ଅନ୍ୟମାନଙ୍କୁ ଅଧିକ ବିଶ୍ୱାସ କରନ୍ତୁନି । ନିଜ ଲୋକ ଶତ୍ରୁ ସାଜିପାରନ୍ତି । ସମସ୍ୟାରେ ପଡ଼ିବାର ଆଶଙ୍କା ଅଧିକ । ଦାମ୍ପତ୍ୟ ଜୀବନ ସୁଖମୟ ହେବ । ଅତିଥି ସତ୍କାର କରିପାରନ୍ତି ।
- କନ୍ୟା: ପରିବାର ସହିତ ସମୟ ବିତାନ୍ତୁ । ଆଇଟି କର୍ମଚାରୀଙ୍କ ପାଇଁ ଦିନଟି ଭଲ । ଦାମ୍ପତ୍ୟ ଜୀବନ ସୁଖମୟ ହେବ । ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ହୋଇପାରେ । ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ ।
- ତୁଳା: ଅଫିସ କାମକୁ ନେଇ ଚିନ୍ତାରେ ରହିପାରନ୍ତି । ଅନ୍ୟମାନଙ୍କ କଥାରେ ପରିଚାଳିତ ହୁଅନ୍ତୁ ନାହିଁ । ଆଧ୍ୟାତ୍ମିକ କାର୍ଯ୍ୟରେ ସମୟ ବିତାନ୍ତୁ । କୋର୍ଟ କଚେରୀ ମାମଲାର ଶୁଣାଣି ହେବ ।
- ବିଛା: ପ୍ରତ୍ୟେକ କ୍ଷେତ୍ରରେ ନିଷ୍ପତ୍ତି ନିଜେ ନିଅନ୍ତୁ । ଯୋଜନା ଅନୁସାରେ କାମ କରିବା ଭଲ । ସ୍ୱାସ୍ଥ୍ୟ ପ୍ରତି ଅଣଦେଖା କରନ୍ତୁନି । ରାଜନୀତିରେ ସକ୍ରିୟ ରହିପାରନ୍ତି । ମନ ମୁତାବକ କାମ କରନ୍ତୁ ।
- ଧନୁ: ସ୍ୱାସ୍ଥ୍ୟ ସମସ୍ୟା ଦୂର ହେବ । ପିଲାମାନଙ୍କ ନକାରାତ୍ମକ ଗତିବିଧିକୁ ନେଇ ଚିନ୍ତାରେ ରହିବେ । କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ । ଲୋକସମ୍ପର୍କ ବଢ଼ିବ । ହାତେ ମାପି ଚାଖଣ୍ଡେ ଚାଲିବା ଭଲ ।
- ମକର: ଧାର୍ମିକ ଏବଂ ଆଧ୍ୟାତ୍ମିକ କାର୍ଯ୍ୟରେ ସମୟ ବିତିବ । ଦାମ୍ପତ୍ୟ ଜୀବନ ସୁଖମୟ ହେବ । ପେଟଜନିତ ସମସ୍ୟା ହେବାର ଆଶଙ୍କା ରହିଛି । ନୂତନ ବ୍ୟବସାୟ ପାଇଁ ଅନୁକୂଳ ସମୟ ।
- କୁମ୍ଭ: ତରବରିଆ ଭାବେ କୌଣସି ନିଷ୍ପତ୍ତି ନିଅନ୍ତୁ ନାହିଁ । ଅଟକି ଥିବା ଅର୍ଥ ଫେରିପାଇବେ । ଅତିଥି ସତ୍କାରରେ ଦିନ ବିତିବ । କର୍ମଚାରୀଙ୍କ ପାଇଁ ଦିନଟି ଭଲ । ଚାକିରିରେ ପଦୋନ୍ନତି ହୋଇପାରେ ।
- ମୀନ: ପରିବାର ପାଇଁ ସମୟ କାଢ଼ନ୍ତୁ । ବିପଦରେ ପଡ଼ିଥିବା ଲୋକଙ୍କୁ ସାହାଯ୍ୟର ହାତ ବଢ଼ାନ୍ତୁ । କର୍ମକ୍ଷେତ୍ରରେ କାର୍ଯ୍ୟର ଚାପ ବଢ଼ିବ । ପାରିବାରିକ ଜୀବନରେ ଝଡ଼ ସୃଷ୍ଟି ହେବାର ଆଶଙ୍କା ରହିଛି ।


**ADVERTISEMENT FOR ENGAGEMENT OF GUEST FACULTIES FOR MODEL DEGREE COLLEGE, RAYAGADA (GOVT. COLLEGE)**

**Office of the Principal**
**Model Degree College, Rayagada**
At- Amlabhatta, Po.: Penta, Dist- Rayagada (Odisha) Pin.: 765017
Contact No: 7008779251, E-mail- mdcravagada@gmail.com
Website: www. mdcr.ac.in

A walk-in-Interview will be held for the department of Anthropology teaching post in the College on dt. 18.10.2025 at 10.00 am. The Candidates with 55% mark in PG or equivalent should appear in this interview. All other details will be available in the College website - **www.mdcr.ac.in and in District Ponal of NIC, Rayagada.**

**Sd/- Principal**
**Model Degree College**
**Rayagada**



**GOVERNMENTOFODISHA** O-900
**OFFICE OF THE SUPERINTENDING ENGINEER, RURAL WORKS DIVISION-II, MALKANGIRI**
E-mail-ruralworksdivisioniimalkangiri@yahoo.in

INVITATION FOR BIDS
**NATIONAL COMPETITIVE BIDDING**

**Bid Identification No: RWDSE_MKG_II_ONLINE_09/2025-26**

The Superintending Engineer, Rural Works Division-II, Malkangiri on behalf of Governor of Odisha invites from bidders of eligible class registered with the State Government and bidders of equivalent Grade / Class registered with Central Government / MES / Railways according to the norm of "e" Procurement system in online mode for the works detailed in the table below on turnkey basis.

1 Name of the Work: : Building Repair works
2 No. of Works : **02Nos**
3 Estimated Cost : **Rs. 2.52 lakhs and Rs. 3.36 Lakhs**
4 Tender Paper Cost : Rs. 2,000/-
5 Class of Contractor :

| Estimated cost up to ₹20.00 lakhs | Estimated cost up to ₹40.00 lakhs | Estimated cost more than ₹20.00 lakhs & within ₹300.00 lakhs |
|---|---|---|
| 'D' | 'C' | 'B' |

6 Period of Completion : 02(Two) Calendar months
7. **Critical dates** :

| Procurement Officer | Bid Identification No. | Availability of Tender Online for Bidding | | Last Date of Seeking tender Clarification | Date of opening of Tender |
|---|---|---|---|---|---|
| | | From | To | | |
| **Superintending Engineer, Rural Works Division-II, Malkangiri** | **RWDSE_MKG_II_ ONLINE_09 of 2025-26** | **17.10.2025 at 11.00AM** | **31.10.2025 up to 05.30PM** | **30.10.2025 up to 3.00 P.M.** | **01.11.2025 up to 11.00 A.M** |

- Further details can be seen in the bidding documents, which is available in thee-procurement portal **https://www.tendersorissa.gov.in.**
- Subsequent corrigendum if required shall be appeared in the web site.
- Authority reserves the right to reject any or all tenders without assigning any reason thereof.

OIPR-25079/11/0032/2526
Superintending Engineer
Rural Works Divsion-II, Malkangiri



ସ୍ୱଚ୍ଛ ଭାରତ
ଏକ ପାଦ ସ୍ୱଚ୍ଛତା ଅଭିମୁଖେ

# ଜିଲ୍ଲା ପରିଷଦ,ନୟାଗଡ
## (ଜିଲ୍ଲା ଜଳ ଓ ପରିମଳ ମିଶନ )
## ସ୍ୱଚ୍ଛତା ବାର୍ତ୍ତା

ଶୁଭ ଦୀପାବଳି ଓ ଧନ୍ୱନ୍ତରୀ ଜୟନ୍ତୀ ଉପଲକ୍ଷେ ଜିଲ୍ଲା ଜଳ ଓ ପରିମଳ ମିଶନ, ଜିଲ୍ଲା ପରିଷଦ, ନୟାଗଡ ତରଫରୁ ଜିଲ୍ଲା ବାସୀ ଙ୍କୁ ଶୁଭେଚ୍ଛା ଓ ଶୁଭ କାମନା । ଏହି ଶୁଭ ଅବସରରେ ଆସନ୍ତୁ ଆମେ ସମସ୍ତେ ଆମ ଜିଲ୍ଲାକୁ ପ୍ଲାଷ୍ଟିକ ମୁକ୍ତ କରିବା ପାଇଁ ଶପଥ ନେବା । ଜଳ, ବାୟୁ ଏବଂ ମାଟିକୁ ପ୍ଲାଷ୍ଟିକ ପ୍ରଦୂଷିତ କରିବା ସହିତ ସ୍ୱାସ୍ଥ୍ୟ ଓ ପରିବେଶ ପ୍ରତି କ୍ଷତିକାରକ । ତେଣୁ ଆମେ ନିମ୍ନଲିଖିତ ପଦକ୍ଷେପ ଆପଣାଇବା :-

- ଏକକ ବିଶିଷ୍ଟ ପ୍ଲାଷ୍ଟିକ ବ୍ୟବହାର ବନ୍ଦ କରିବା
- ପ୍ଲାଷ୍ଟିକ ବ୍ୟବହାର କମ କରିବା ଏବଂ ପ୍ଲାଷ୍ଟିକର ପୁନଃ ଚକ୍ରଣ ପଦ୍ଧତି ଆପଣାଇବା ।
- ପ୍ଲାଷ୍ଟିକ ବ୍ୟବହାରର ଅପକାରିତା ଉପରେ ନିଜ ପରିବାରକୁ ସଚେତନ କରେଇବା ସହିତ ଅନ୍ୟମାନଙ୍କୁ ସଚେତନ କରାଇବା ।

ଅଧ୍ୟକ୍ଷ,
ଜିଲ୍ଲା ପରିଷଦ, ନୟାଗଡ

ମୁଖ୍ୟ ଉନ୍ନୟନ ଅଧିକାରୀ ତଥା
କାର୍ଯ୍ୟ ନିର୍ବାହୀ ଅଧିକାରୀ,
ଜିଲ୍ଲା ପରିଷଦ, ନୟାଗଡ



**AFFIDAVIT**
By virtue of an affidavit sworn before Executive Magistrate, Bhubaneswar CF No- 86 on dated 14-10-2025 I, **SUKANTI BEHERA,** W/o Ramesh Kumar Behera permanent resident of Vill- Badasahara, PO- Badasahara, Baliapata, PS- Fategarh, Dist- Nayagarh, State- Odisha, Pin- 752063, declare that I have changed my son's name from **AMIT KUMAR BEHERA** (Old name) to **BEHERA AMITKUMAR RAMESH** (New name), Henceforth, he shall be known as **BEHERA AMITKUMAR RAMESH** for all future purposes.
Sd-(**SUKANTI BEHERA**)

**AFFIDAVIT**
I, Rajanikantha Puhan, aged about 36 years, S/o- Umakanta Puhan, resident of At- Sudarsanpur, Po- Suan, Ps- Basudebpur, Dist- Bhadrak, Odisha, PIN- 756162, declare by this affidavit No. 2091, dtd. 15/10/2025, that now onwards I shall be known as **RAJANIKANTA PUHAN** for all future purposes.

**AFFIDAVIT**
By virtue of an affidavit sworn before Executive Magistrate, Bhubaneswar on Dated: 14.10.2025, **I, Niharika Mohanty,** aged about 38 years, W/o.: Rajesh Kumar Das, resident of At: Kunarpur, PO.: Jahangar, P.S./ Dist.: Kendrapara, Odisha, PIN- 754208 declare that I have changed my name from Niharika Das to **Niharika Mohanty**. Henceforth, I will be known as **Niharika Mohanty** for all purposes.
**Niharika Mohanty**

**AFFIDAVIT**
By virtue of an affidavit sworn before in the court of the Executive magistrate, Rairangpur Sl No - 4191 on dtd.14/10/2025. I, SARAT CHANDRA KISKU(New name) formerly called as SARAT CH KISKU(Old name), S/O - Late Chandu kisku, at- Chhamudia, PO- Jamukeswar, PIN - 757034, PS- Jashipur, DIST-Mayurbhanj declared that I have changed my name from SARAT CH KISKU(Old name) to SARAT CHANDRA KISKU(New name) .Henceforth in all records, deeds and writing in all proceeding,dealing and transaction private as well as public and upon all occasion I shall be known as (new name)for all purpose.
**SD/- Sarat Chandra Kisku**



**ପୂର୍ବ ତଟ ରେଳପଥ**
ଇ-ଟେଣ୍ଡର ବିଜ୍ଞପ୍ତି ସଂ.**ETELCONBBST-375E,** ତା.10.10.2025ରିଖ

**କାର୍ଯ୍ୟର ନାମ :** ପୁରୀ ରେଳ ଷ୍ଟେସନ ଠାରେ ବର୍ତ୍ତମାନର ଇଞ୍ଜିନ୍ ସ୍ଥାୟୀ ଲାଇନ୍-**110 M**ର ସମ୍ପ୍ରସାରଣ ଏବଂ **Rt.1A-300 M, 1B-300 M** ମଧ୍ୟରେ ଗୋଟିଏ ନୂଆ ଆଇଲ୍ୟାଣ୍ଡ ପ୍ଲାଟଫର୍ମର ବ୍ୟବସ୍ଥା ତଥା ପ୍ଲାଟଫର୍ମ ନଂ.**2** ରୁ **8** ନିମନ୍ତେ ପୁରୀ ଷ୍ଟେସନ ୟାର୍ଡ଼ ଠାରେ ବାଲାଷ୍ଟ ବିହୀନ ଟ୍ରାକ୍‌ର ନିର୍ମାଣ ସମ୍ବନ୍ଧୀୟ ଇଲେକ୍ଟ୍ରିକାଲ ଜେନେରାଲ କାର୍ଯ୍ୟ ଏବଂ ବନ୍ଧନ(**Bonding**) କାର୍ଯ୍ୟ ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : 345.84** ଲକ୍ଷ, EMD (ଟଙ୍କାରେ) : **3,22,900/-**, କାର୍ଯ୍ୟ ଶେଷ ହେବା ଅବଧି : **09** ମାସ ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.**04.11.2025** ରିଖ **1500** ଘଣ୍ଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ଇ-ଟେଣ୍ଡର ନଥିପତ୍ର ସହିତ ସମ୍ପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ **www.ireps.gov.in** ରେ ଉପଲବ୍ଧ ଅଟେ । ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟ୍‌କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି । ଟେଣ୍ଡରଦାତା ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ । କେବଳ ପଞ୍ଜୀକୃତ ଟେଣ୍ଡରଦାତା ବିଡ଼ରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ ।

ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ଗଟର୍ଡ଼ ଆକାଉଣ୍ଟାଣ୍ଟଙ୍କ ଦ୍ୱାରା ବିଧିବଦ୍ଧ ଭାବେ ଯାଞ୍ଚ ଏବଂ ସ୍ୱାକ୍ଷର ହୋଇଥିବା ଅନୁଲଗ୍ନକ-B,G ଏବଂ G1ର ଦାଖଲ ସହିତ, ଟେଣ୍ଡର ନଥିପତ୍ର ଖଣ୍ଡ 2 ର ଅନୁଲଗ୍ନକ-I, ଟେଣ୍ଡର ଫର୍ମ (ଦ୍ୱିତୀୟ ସିଟ୍) ର ଯାଞ୍ଚ ସୂଚୀ, ପାରା 3.1 (ଯାଞ୍ଚ ସୂଚୀ) ସହିତ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ ।

ଉପ ମୁଖ୍ୟ ବିଦ୍ୟୁତ୍ ଯନ୍ତ୍ରୀ/ ନିର୍ମାଣ-III/ ଭୁବନେଶ୍ୱର
PR-134/CI/25-26



**AFFIDAVIT**
I, Apurba Naik, W/o-late Gura Naik, resident Village- Naranakhunta, Po- Naranakhunta, PS-Badasahi, Dist-Mayurbhanj, Pin-757075, Odisha declare by this Affidavit No-296/2025, dt.10.10.2025, that now onwards, I known as APURBA NAIK for all future purposes.
**Apurba Naik**

**AFFIDAVIT**
By virtue of an affidavit sworn before Executive Magistrate, Bhubaneswar on Dated: 14.10.2025, **I, Rajesh Kumar Das,** aged about 41 years, S/o.: Sachidananda Das, resident of At: Kunarpur, PO.: Jahangar, P.S./Dist.: Kendrapara, Odisha, PIN-754208 declare that I have changed the name of my son's name Bhabyansh Das to **Bhavyansh Das**. Henceforth, he will be known as **Bhavyansh Das** for all purposes.
**Rajesh Kumar Das**

**AFFIDAVIT**
I, Bimla Nandi, W/O Late- Ram Chandra Nandi, resident of Chhancha, Ward No.25, Po/Ps-Baripada Town, Dist.-Mayurbhanj, Pin.No.-757001, Odisha, declared by this affidavit No- 1043 dtd. 14.10.2025 that now onwards I shall be known as Bimala Nandi (67) for all future purposes.

**AFFIDAVIT**
By virtue of an Affidavit before Notary Public, Malkangiri, I, **Ujala Mandal**, aged about 24 years, W/o.:Sarajit Mandal, D/o: Jagjeevan Markam, resident of Village: M.P.V-57, PO.: Malabharam, P.S.: Motu, Dist: Malkangiri, Odisha, declare by this Affidavit No.: 1718/25, Dated: 15.10.2025 that I have changed my name from Ujala Markam to **Ujala Mandal**. Henceforth I shall be known as **Ujala Mandal** for all future purposes.

**AFFIDAVIT**
By virtue of an Affidavit before Notary Public, Malkangiri, I, **Jagadis Sodi**, aged about 31 years, S/o.: Anda Sodi, resident of Village: Orkelguda, PO.: Matapaka, P.S./Dist: Malkangiri, Odisha, declare by this Affidavit No.: 1533/2025, Dated: 14.10.2025 that I have changed my name from Jaga Sodi to **Jagadis Sodi**. Henceforth I shall be known as **Jagadis Sodi** for all future purposes.

**AFFIDAVIT**
By virtue of an affidavit Sl. No. - 6610, dtd.13.10.2025 in the court of the Executive Magistrate, Chandbali, Dist.- Bhadrak, I, Damayanti Rout, have changed my minor daughter's name from Tallisohni Rout to Tejoswoni Rout. Henceforth she will be known as Tejoswoni Rout for all purposes.
**Sd/- Damayanti Rout**

**AFFIDAVIT**
By virtue of an affidavit before Notary Public, Bhubaneswar, Affidavit No. 357 on dated 15.10.2025. I, Renubala Mishra, D/o- Sitaram Nayak, Resident of Flat No. E-403, 4th Floor, Baishnab Vihar, Phase-2, Near Durga Mandap, Bomikhal, Plot No- 220/ 3175, Po- Bhubaneswari Colony, Ps- Mancheswar, Bhubaneswar – 751006, Dist- Khordha, Odisha, I have change my name from Renu Mishra to Renubala Mishra. I shall be known as **RENUBALA MISHRA** for all future purposes.

**AFFIDAVIT**
I, Ruby Singh, W/o- Sanjib Singh, Resident of Plot No- 201/9, Road No- 8, Unit-9, Po- Bhoinagar, Ps- Kharvela Nagar, Dist- Khordha, Odisha, PIN- 751022 declares by this affidavit No.962 dated 14.10.2025 that now onwards I shall be known as **RUBI SINGH** for all future purposes.

**AFFIDAVIT**
By virtue of an affidavit No- 4338 sworn before Notary Public Swampatna, Keonjhar on dtd- 15/10/2025. I, **Rosan Kumar Sahu,** S/o Rahas Bihari Sahu, resident of At/Po- Kapundi, Ps- Patna, Dist- Keonjhar, Odisha I am the deponent I have changed my son's name from **Omm Sahu,** S/o Roshan Sahu to **Omm Prakash Sahu,** S/o Rosan kumar Sahu. Both the names are of one and same person. Henceforth my above son shall be known as **Omm Prakash Sahu,** S/o- Rosan Kumar Sahu in all purposes in future.
**Rosan Kumar Sahu**

**AFFIDAVIT**
I, Pitambar Padhy, aged about 48 years, S/o- Adikanda Padhy, resident of Plot No. AA-107, Subhadra Appartment, Patia, Bhubaneswar, Khordha, Odisha, PIN- 751024 declared by this affidavit CF No. 62, dtd- 10/10/2025 that now onwards I shall be known as **PEETAMBAR PADHY** for all future purposes.

**PUJA OFFER**
**SALE**
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
**9437015112**

**AFFIDAVIT**
I, Shyama Dakua, Father of Kartika Dakua, resident of AT -Plot No -5545/9698, Kanyabeda Kandasar, Nalco Nagar, Dist - Angul, Pin- 759145, declare by this affidavit No - 34246, dated - 15.10.2025, that now onwards I shall be known as **SHYAM DAKUA** for all future purposes.

**AFFIDAVIT**
By virtue of an affidavit before the Notary Public, Titilagarh, on dated- 14/10/2025. I, **Pichharu Bag** (applicant name), S/o Ratnakara Bag, permanent resident of AT/PO- Ridgol, PS- Titilagarh, Dist- Balangir, (Odisha), PIN- 767033 now residing at the same place declare that I have changed my minor son's name from **Rusan Bag** (old name) to **Roshan Bag** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion he shall be known as **Roshan Bag** (new name) for all purposes.
**Pichharu Bag**

**AFFIDAVIT**
By virtue of an affidavit sworn before The Executive Magistrate, Bhubaneswar, vide CF No. 57, dated- 15/10/2025. I, **A. Kumar,** S/o A. Ghanashyam, Address: Godarapalli, Po- Durbandha, Ps- Hinjilicut, Dist- Ganjam, PIN-761101, Odisha declare that I have changed my minor son's name from **Ala Kalap** to **Ala Jashank**. Henceforth, he shall be known as **Ala Jashank** (new name) for all future purposes.
**A. Kumar**

**AFFIDAVIT**
I, Phulamani Murmu (Aadhaar No: 7751 7613 7758) D/o- Sridhar Soren, residing at At- Debala, Po- Gadigan, Ps- Khunta, Dist- Mayurbhanj, Odisha, Pin- 757087, have changed my name to **Phulamani Soren** by an Affidavit sworn before the Executive Magistrate, Baripada on 14.10.2025. Henceforth, I shall be known as **PHULAMANI SOREN** for all future purposes.
**PHULAMANI SOREN**

**AFFIDAVIT**
By virtue of an affidavit no-3281 sworn before the Executive Magistrate, Kujang on dtd- 13/10/2025, I **Siba Narayan Das,** S/o- Late Anam Charan Das, resident of At- Dardia, Po- Potanai, Ps- Tritol, Dist- Jagatsinghpur, Pin-754140, Odisha, My Aadhar Card bearing No- 8059 1857 0097. I have changed my name from **Shiba Narayan Das** (old name) to **Siba Narayan Das** (new name). Henceforth both name **Shiba Narayan Das** and **Siba Narayan Das** is one & same person he will be known as **Siba Narayan Das** for all future purposes.
**Siba Narayan Das**

**AFFIDAVIT**
By virtue of an affidavit sworn before The Notary Public, Bhubaneswar dated 09.10.2025, I Bishnu Charan Nayak, S/o- Basudev Nayak permanent resident of At: O.S.E.B colony School Campus Gridco Colony, Bhoi Nagar Bhubaneswar, Dist- Khordha, Odisha – 751022 declare that I have changed my Son's Name from Punya Sankalp Nayak to Purnya Sankalp Nayak, he shall be known as Purnya Sankalp Nayak for all purposes.
**SD/- Bishnu Kumar Nayak**

# ବିଧାୟକଙ୍କ ମନ୍ତବ୍ୟକୁ ବିରୋଧ

## ସାହୁ ସମାଜ ପ୍ରତିନିଧି ମଣ୍ଡଳୀ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

ବରଗଡ଼, ୧୫।୧୦(ସମିସ)



ସାହୁ ସମାଜକୁ ଆକ୍ଷେପ କରି ବରଗଡ଼ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ ଦେଇଥିବା ଏକ ବୟାନକୁ ନେଇ ବିରୋଧର ସ୍ୱର ଉଠିଛି। ବୁଧବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବରଗଡ଼ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ଦେଇଛନ୍ତି ସାହୁ ସମାଜର ପ୍ରତିନିଧି ମଣ୍ଡଳୀ। ବିଧାୟକଙ୍କ ଦ୍ୱାରା ସାହୁ ସମାଜକୁ ବିକାଶ ବିରୋଧୀ ଭଳି ଚିତ୍ରଣ କରାଯିବା ଦୁର୍ଭାଗ୍ୟର କଥା ବୋଲି ଶୁଭେନ୍ଦୁ ସାହୁ କହିଛନ୍ତି। ସେହିପରି ଜଣେ ଜନପ୍ରତିନିଧି ଏପରି ବୟାନ ଦେବା ଉଚିତ ନଥିଲା ବୋଲି ଶ୍ରୀ ସାହୁ କହିଛନ୍ତି। ଏହି ପ୍ରତିନିଧି ମଣ୍ଡଳୀର ଭବାନୀ ସାହୁ ବିଧାୟକ ସମସ୍ତ ସାହୁ ସମାଜକୁ କ୍ଷମା ପ୍ରାର୍ଥନା କରନ୍ତୁ ବୋଲି କହିଛନ୍ତି। ସୋମବାର ଜିଲ୍ଲାପାଳ ଅଫିସରେ ଧନୁଯାତ୍ରା ସମ୍ପର୍କିତ ପ୍ରସ୍ତୁତି ବୈଠକରେ ସାମ୍ବାଦିକ ମାନଙ୍କୁ ସମ୍ବୋଧନ କରୁଥିବା ବେଳେ "ଏତିକିରେ ଥାଉ ଇତି ଚକ୍ର ସାହୁ" ବୋଲି ବିଧାୟକ ବୟାନ ଦେଇଥିଲେ। ଯାହାକି ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ଏହି ପ୍ରତିନିଧି ମଣ୍ଡଳୀରେ ସାହୁ ବର୍ଗ ଲେଖୁ ଥିବା ଜାତି ଯଥା କୁଲିତା, ତୈଳିକ, ଗୁଡ଼ିଆ, କଂସାରୀ, ସୁନାରି, ଶୁଣ୍ଢୀ ପରି ଅନେକ ଅନ୍ୟାନ ପଛୁଆ ବର୍ଗ (ଓବିସି) ଲୋକ ଉପସ୍ଥିତ ଥିଲେ। ସାମାନଙ୍କ ମଧ୍ୟରୁ ସୁଶାନ୍ତ ସାହୁ, ସୁଦାମ ସାହୁ, ଶ୍ରୀପତି ଭୋଇ, ବିବେକାନନ୍ଦ ଭୋଇ, ନକୁଳ ସାହୁ, ଲଳିତ ପଧାନ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# ପୋଷଣ ମାସ ପାଳନର ଜିଲ୍ଲାସ୍ତରୀୟ ଶୁଭାରମ୍ଭ



ବରଗଡ଼, ୧୫।୧୦(ସମିସ): ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ସ୍ଥିତ ସମ୍ମିଳନୀ କକ୍ଷଠାରେ ଜିଲ୍ଲାସ୍ତରୀୟ ଅଷ୍ଟମ ପୋଷଣ ମାସ ୨୦୨୫ ପାଳନର ଶୁଭାରମ୍ଭ ହୋଇଯାଇଛି। ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସନ୍ଧ୍ୟାରାଣୀ ନେପାକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାରୋହରେ ଅତିଥି ଭାବେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଲୋଚନ ଚନ୍ଦ୍ର ମାଝୀଙ୍କ ସମେତ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସରୋଜ ଭୋଇ, ଅତିରିକ୍ତ କୃଷି ଉଦ୍ୟାନ ଅଧିକାରୀ ଗୋବିନ୍ଦ ଚନ୍ଦ୍ର ପଣ୍ଡା, ଡ.ବି ଯୋଶୀ, ଡିପିଏଚଓ, ଅତିରିକ୍ତ କୃଷି ଅଧିକାରୀ ଡ.ଅଞ୍ଜନ ନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ମାଁ ମାନେ ଶିଶୁ ମାନଙ୍କୁ କିପରି ଉତ୍ତମ ପୋଷଣ ଖାଦ୍ୟ ସହ ପିଲାମାନଙ୍କୁ ଶିକ୍ଷା ପ୍ରଦାନ କରିବା ତା ଉପରେ ଆଲୋଚନା କରିଥିଲେ। ଏକ ପେଡ୍ ମାଁ କେ ନାମ ସଭାରେ ଉପସ୍ଥିତ ଜନସାଧାରଣ ଓ କର୍ମଚାରୀ ମାନଙ୍କୁ ଗଛ ଟିଏ ଲଗାଇବା ପାଇଁ ଆହ୍ୱାନ କରିଥିଲେ। ଲୋକଙ୍କୁ ସଚେତନ କରିବା ପାଇଁ ମାଣ୍ଡିଆରେ ତିଆରି ବିଭିନ୍ନ ପୁଷ୍ଟିକର ଖାଦ୍ୟ ପ୍ରଦର୍ଶିତ କରାଯାଇଥିଲା। ପୋଷଣ ମାସର କାର୍ଯ୍ୟକ୍ରମ ଉପରେ ବିଭିନ୍ନ ସ୍କୁଲ କଲେଜ ଗୁଡିକୁ ନେଇ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲ୍ଲାର ସମସ୍ତ ଆଇସିଡିଏସ ସିଡିପିଓ, ଏଲଏସ, ପୋଷଣ କୋଡିନେଟର ଏବଂ ଅଙ୍ଗନବାଡି କର୍ମୀ ଯୋଗ କରିଥିଲେ। ଶେଷରେ ତରୁଣସେନ୍ ପୃଷ୍ଟେଠ ସିଡିସି ସଭାରେ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

# ଦୁର୍ଘଟଣାରେ ବାଇକ ଆରୋହୀ ଗୁରୁତର

## ● ଦେବଦୂତ ସାଜିଲେ ପଦ୍ମନାଭ

ଅମ୍ବାଭୋନା, ୧୫।୧୦(ସମିସ): ବରଗଡ଼ ଜିଲ୍ଲାର ଅମ୍ବାଭୋନା ବ୍ଲକ ଅଧୀନ ବଡ ଦର୍ଲିପାଲି ନିକଟରେ ଗତକାଲି ବିଳମ୍ବିତ ରାତିରେ ଏକ ବାଇକ ଦୁର୍ଘଟଣା ଘଟିଥିଲା। ଦୁର୍ଘଟଣାରେ ଜଣେ ବାଇକ ଆରୋହୀ ଗୁରୁତର ଆହତ ହୋଇଛନ୍ତି। ଆହତ ଯୁବକଙ୍କ ଜଡାମୁଡା ଗାଁର ଦୀପକ ଖଡିଆ (୨୧) ବୋଲି ଜଣା ପଡ଼ିଛି। ଦୀପକ ତାଙ୍କ ଗାଁର ଆଉ ଦୁଇ ଯୁବକଙ୍କ ସହିତ ଛତିଶଗଡ଼ର ସରିଆ ଅଞ୍ଚଳକୁ ଯାତ୍ରା ଦେଖିବା ପାଇଁ ବାଇକରେ ଯାଉଥିଲେ। ବାଟରେ ବୁଲାଣି ରାସ୍ତା ପାଖରେ ନିୟନ୍ତ୍ରଣ ହରାଇବାରୁ ଗଛରେ ତାଙ୍କ ବାଇକ ପିଟି ହୋଇଥିଲା। ଫଳ ସ୍ୱରୂପ ଦୀପକଙ୍କ ମୁଣ୍ଡରେ ଗୁରୁତର ଆଘାତ ହୋଇ, ମୁହଁ, ଆଖି ଓ ଗୋଡ, ହାତରୁ ପ୍ରଚୁର ରକ୍ତସ୍ରାବ ହୋଇଥିଲା। ଏହି ସମୟରେ ଯାତ୍ରା ଦେଖିବାକୁ ଯାଉଥିବା ଅଟଳ ପରିବାରର ସଦସ୍ୟ ଅମ୍ବାଭୋନା ଗାଁର ପଦ୍ମନାଭ ତନସନା ଆହତ ଦୀପକଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ସାହାଯ୍ୟରେ ଭୁକ୍ତା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ଗୁରୁତର ହେବାରୁ ଡାକ୍ତର ତାଙ୍କୁ ବରଗଡ଼ ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ। ପଦ୍ମନାଭ ଆହତଙ୍କ ସମ୍ପର୍କୀୟଙ୍କ ସହ ଯୋଗାଯୋଗ କରି ଘଟଣା ବିଷୟରେ ସୂଚନା ଦେଇଥିଲେ ଓ ପୁଲିସକୁ ବାଇକ ଦୁର୍ଘଟଣା ବିଷୟରେ ଖବର କରିଥିଲେ।

# ଚୁଲଧର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଶ୍ରେଣୀ ଗୃହ ଶିଳାନ୍ୟାସ

ବରଗଡ଼, ୧୫।୧୦(ସମିସ): ଖରମୁଣ୍ଡା ଅତାବିରା ବ୍ଲକ ଅଧୀନ ଚୁଲଧର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଅତିରିକ୍ତ ଶ୍ରେଣୀ କୋଠରୀ ନିର୍ମାଣ ସକାଶେ ଶିଳାନ୍ୟାସ ହୋଇଯାଇଛି। ଏମସିଏଲ (ସିଏସଆର) ପାଣ୍ଠିରୁ ୩୫ ଲକ୍ଷ ଟଙ୍କା ବ୍ୟୟରେ ହେବାକୁ ଥିବା ଶ୍ରେଣୀ ଗୃହ ନିର୍ମାଣ ପାଇଁ ବରଗଡ଼ ଲୋକସଭା ସାଂସଦ ପ୍ରଦୀପ ପୁରୋହିତ ମୁଖ୍ୟ ଅତିଥି ଭାବେ ଶିଳାନ୍ୟାସ କରିଥିଲେ। ଅତାବିରା ବିଧାୟକ ନିହାର ରଞ୍ଜନ ମହାନନ୍ଦ, ଅତାବିରା ଗୋଷ୍ଠୀ ଶିକ୍ଷା ଅଧିକାରୀ ମିଶ୍ରାଣୀ କୁମ୍ଭାର, ଜିଲ୍ଲା ଯୋଜନା ସଂଯୋଜକ ରାଜେଶ ସାହୁ, ଏମସିଏଲର ଡେପୁଟି ଜେନେରାଲ ମ୍ୟାନେଜର ଶୁଭ୍ରଜ୍ୟୋତି ସାହୁ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଭଗବାନ ପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପ୍ରଧାନଶିକ୍ଷକ ରଣଜିତ ସାହୁ ବିବରଣୀ ପାଠ କରିଥିବା ବେଳେ ସହକାରୀ ଶିକ୍ଷକ ସୁଶୀଲ ପତି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଗାଁର ଶିକ୍ଷା ପ୍ରେମୀ ପୃଥ୍ୱୀରାଜ ପାତ୍ର ସଭା ସଂଯୋଜନା କରିଥିଲେ। ଅନ୍ୟ ଅତିଥି ଭାବେ ସିଏସଆର ଆସିଷ୍ଟାଣ୍ଟ ମ୍ୟାନେଜର ସୋନୀ କୁମାରୀ ତଥା ସ୍ଥାନୀୟ ସରପଞ୍ଚ କଳାସାହେବ ଭୋଇ, ସମିତି ସଭ୍ୟ ଆଦିତ୍ୟ ରାଉତ ମଞ୍ଚାସୀନ ଥିଲେ। ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା ଓ ଶିକ୍ଷକ ସୁଶୀଲ ପତି ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଦିଲ୍ଲୀପ ପଟ୍ଟନାୟକ, ଗଣେଶରାମ ସାହୁ, ତରଣୀସେନ ସାହୁ, ଜଗଦୀଶ ପ୍ରଧାନ, ଅକ୍ଷୟ ସାହୁ, ହିମାଂଶୁ ବାରିକ, ସୁଶାନ୍ତ ସାହୁ, ଧର୍ମରାଜ ପାତ୍ରଙ୍କ ସମେତ ଅନ୍ୟ ମାନେ ସହଯୋଗ କରିଥିଲେ।

# ଦୃଷ୍ଟି ବାଧିତ ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଶ୍ୱ ଧଳାବାଡ଼ି ଦିବସ



ବରଗଡ଼, ୧୫।୧୦(ସମିସ): ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟ ବରଗଡ଼ ଦୃଷ୍ଟି ବାଧିତ ବିଦ୍ୟାଳୟ ପକ୍ଷରୁ ବିଶ୍ୱ ଧଳାବାଡି ଦିବସ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷକ ଅଭୟ ପଧାନ ଓ ମୋବିଲିଟି ଇନଷ୍ଟ୍ରକ୍ଟର ସୁଶାନ୍ତ ତ୍ରିପାଠୀ, ଶିକ୍ଷକ ତେଜରାଜ ସେଠ, ଲଡୁକିଶୋର ବେହେରାଙ୍କ ତତ୍ତ୍ୱାବଧାନରେ ଧଳାବାଡ଼ିର ଉପଯୋଗୀତା ଓ ଦିବସ ପାଳନର ତାତ୍ପର୍ଯ୍ୟ ଉପରେ ସମସ୍ତଙ୍କୁ ସଚେତନ ହେବା ପାଇଁ ଆହ୍ୱାନ ଦିଆଯାଇଥିଲା। ବଧିର ବିଦ୍ୟାଳୟର ପ୍ରଧାନଶିକ୍ଷକ କିଶୋର ଚନ୍ଦ୍ର ସାହୁ, ମାନସିକ ଅନଗ୍ରସର ବିଦ୍ୟାଳୟର ପ୍ରଧାନଶିକ୍ଷକ ନେପାଳ ଦୁଆନ ଦିବସ ପାଳନ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ବରଗଡ଼ ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଅମ୍ବୁଜ ପଧାନ ଅତିଥି ଭାବେ ଏକ ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ।

# କ୍ଲଷ୍ଟରସ୍ତରୀୟ 'ସୁରଭି' ଶିଶୁ ପ୍ରତିଭା ମହୋତ୍ସବ





ବିଜେପୁର, ୧୫।୧୦(ସମିସ): ବରଗଡ଼ ଜିଲ୍ଲା ବିଜେପୁର ବ୍ଲକର ବିଭିନ୍ନ କ୍ଲଷ୍ଟରରେ ଶିଶୁ ପ୍ରତିଭା ମହୋତ୍ସବ ସୁରଭି ଅନୁଷ୍ଠିତ ହୋଇଯାଇଛି। ବାନ୍ଧୁପାଲି କ୍ଲଷ୍ଟରର ବଲଣ୍ଡା ସେବାଶ୍ରମ ବିଦ୍ୟାଳୟରେ ସିଆରସିସି ସୀତାରାମ ଦୀପଙ୍କ ଆବାହକତ୍ୱରେ ତଥା ସ୍କୁଲର ପ୍ରଧାନଶିକ୍ଷକ ନିଳାମ୍ବର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ଦିବାକର ବରିହା ମୁଖ୍ୟ ଅତିଥି, ସନ୍ତୋଷ ବାଗ, କୈଳାସ ରାଜହଂସ, ଅନିରୁଦ୍ଧ ସାହୁ, ଗୌତମ କନ୍ହେଧର ପ୍ରମୁଖ ସମ୍ମାନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ବିଶିଷ୍ଟ ହାସ୍ୟ ଅଭିନେତା ବିନ୍ଦୁ ମଲ୍ଲିକ ସମସ୍ତଙ୍କୁ ହସାଇ ହସାଇ ବେଦମ କରିଥିଲେ। ଯୋଖିପାଲି କ୍ଲଷ୍ଟରର ପୁଞ୍ଜିପଥର ପଞ୍ଚାୟତ ଉଚ୍ଚବିଦ୍ୟାଳୟରେ ସିଆରସିସି ତ୍ରିନାଥ ସେଠଙ୍କ ଆବାହକତ୍ୱରେ ତଥା ପ୍ରଧାନଶିକ୍ଷକ ସୀତାକାନ୍ତ ବଢ଼େଇଙ୍କ ଅଧ୍ୟକ୍ଷତାରେ ଡୁଙ୍ଗୁରିପାଲି କଲେଜର ପ୍ରାକ୍ତନ ଅଧ୍ୟକ୍ଷ ସାମନ୍ତ ସାହୁ, ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ଦିବାକର ବରିହା, ପଞ୍ଚମ ତନସନା, ସିଆରସିସି ରାଜେଶ୍ୱର ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷକ କୃଷ୍ଣ ଚନ୍ଦ୍ର ନାଏକ ସଭାକୁ ପରିଚାଳନା କରିଥିଲେ। ବଡବାଉଁଶେନ କ୍ଲଷ୍ଟରର ମହୁଲପାଲି ସରକାରୀ ପ୍ରାଥମିକ ବିଦ୍ୟାଳୟରେ ସିଆରସିସି ଦୁର୍ବାଦଳ ବଡଗୋଛିଆଙ୍କ ଆବାହକତ୍ୱରେ ତଥା ପ୍ରଧାନଶିକ୍ଷକ ଧର୍ମରାଜ ବାରିକଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ସରପଞ୍ଚ ମଙ୍ଗଲୁ ସାହୁ, ଯୋଖିପାଲି ସରପଞ୍ଚ ସବିତା ସାହୁ ଅତିଥି ଭାବେ ଯୋଗ ଦେଇଥିଲେ। ଟିଗଣ୍ଡପାଲି କ୍ଲଷ୍ଟରର ଧୁମାପାଲି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସିଆରସିସି ପ୍ରଭାତ ରଞ୍ଜନ ସାହୁଙ୍କ ଅବାହକତ୍ୱ ତଥା ପ୍ରଧାନଶିକ୍ଷକ ମୁକୁନ୍ଦ ପାଣ୍ଡେଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବ ସ୍କୁଲ ଚେୟାରମ୍ୟାନ ଦୁର୍ଯ୍ୟୋଧନ ମେହେର ମୁଖ୍ୟ ଅତିଥି, ଶଶି ଭୂଷଣ ସାହୁ, ସିଆରସିସି ସୀତାରାମ ଦୀପ ଅତିଥି ଭାବେ ଯୋଗ ଦେଇଥିଲେ। ଦଳଗତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଟିଗଣ୍ଡପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଥମ, ଚାରପାଲି ଉଚ୍ଚ ବିଦ୍ୟାଳୟ ଦ୍ୱିତୀୟ ଓ ଧୁମାପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ତୃତୀୟ ହୋଇଥିଲେ। ଶିକ୍ଷକ ସଂଘର ସଭାପତି ସନ୍ତୋଷ ବାଗ, ବାଲାଜୀରାଓ ମୋରେ, କଳାକାର ରାଜେଶ୍ୱର ବେହେରା ବିଚାରକ ଦାୟିତ୍ୱ ସମ୍ପାଦନ କରିଥିଲେ। ଶିକ୍ଷକ ଦୁର୍ଲ୍ଲଭ ମେହେର ସମାରୋହକୁ ସଂଯୋଜନା କରିଥିଲେ। ସୌମ୍ୟରଞ୍ଜନ ପଧାନ ଅମୀୟ ପ୍ରସାଦ ଭୋଇ, ସିଆରସିସି ଡୋଳାମଣି କୁମ୍ଭାର, ପଦ୍ମନାଭ ଦାଶଙ୍କ ସମେତ ଶିକ୍ଷକ ଶିକ୍ଷୟିତ୍ରୀ ଗଣ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ● ଚନ୍ଦ୍ରମଣିପୁର କ୍ଲଷ୍ଟର

ଝାରବନ୍ଧ: ବରଗଡ଼ ଜିଲ୍ଲା ଝାରବନ୍ଧ ବ୍ଲକ ଅଧୀନ ଚନ୍ଦ୍ରମଣିପୁର କ୍ଲଷ୍ଟରର ସମସ୍ତ ବିଦ୍ୟାଳୟକୁ ନେଇ ସୁରଭି ୨୦୨୫ କାର୍ଯ୍ୟକ୍ରମ ସରକାରୀ ଉପ୍ରା ବିଦ୍ୟାଳୟ ଡୁଡୁକିଦାଦର ଠାରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷୟିତ୍ରୀ ଲୀଳା ମହାନନ୍ଦଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କନ୍ଦାଡଙ୍ଗର ସରପଞ୍ଚ ସୁନୀଲ ରାୟ ଯୋଗଦେଇ ଥିବା ବେଳେ ସିଆରସିସି ରାଜେନ୍ଦ୍ର ମହାକୁର ଆୟୋଜକ, ଏବିଇଓ ଦୟାନିଧି କୈବର୍ତ୍ତ, ଲେରଗାଁ ସିଆରସିସି ଜଗଦିଶ ସେଠ, ସ୍କୁଲ ଚେୟାରମ୍ୟାନ ରୋହିତ ମହାନନ୍ଦ, ଏମଏସଏ ସଭାପତି ବିନୋଦ ବିହାରୀ ବାଗ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଏବିଇଓ ବିଶିକେସନ ଶତପଥୀ ଯୋଗ ଦେଇଥିଲେ। ସମସ୍ତ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରତ୍ୟୁଷ ରଞ୍ଜନ ଭୋଇ, ମଧୁସୂଦନ ସାହୁ ଓ ଦୁଖନାଶନ ସାହୁ ମଞ୍ଚ ପରିଚାଳନା କରିଥିବା ବେଳେ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ବିଭିନ୍ନ ଦାୟିତ୍ୱ ତୁଲାଇଥିଲେ। ଶେଷରେ ପ୍ରଧାନ ଶିକ୍ଷୟିତ୍ରୀ ଲୀଳା ମହାନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

# ନୃସିଂହନାଥରେ ବିଶ୍ୱ ଖାଦ୍ୟ ଦିବସ



ପାଇକମାଳ, ୧୫।୧୦(ସମିସ): ଅହିଂସା କ୍ଲବ୍ ରାଇଜ ଏଗେନ୍ଷ୍ଟ ହଙ୍ଗର ଇଣ୍ଡିଆ ତଥା ସହଯୋଗୀ ଅନୁଷ୍ଠାନ ଆରସିଡିଶି, ନିର୍ମାଣ, ଭିତିଭୂମି, ପ୍ରଗତି କୋରାପୁଟ, ଆସ୍ଥା, କ୍ରପ ଫର୍ ଏଚଡିଓ ଓଡ଼ିଶା ବିହନ ସୁରକ୍ଷା ମଞ୍ଚ ତରଫରୁ ମାର୍ଯ୍ୟାର କେଶରୀ ଧର୍ମଶାଳା ନୃସିଂହନାଥ ଠାରେ ବିଶ୍ୱ ଖାଦ୍ୟ ଦିବସ ଆରମ୍ଭ ହୋଇଯାଇଛି। ଦୁଇ ଦିନ ଧରି ବିଶ୍ୱ ଖାଦ୍ୟ ଦିବସ ପାଳନ ଅବସରରେ ବୁଧବାର ପ୍ରଥମ ଦିନରେ ଗୋପୂଜା କାର୍ଯ୍ୟକ୍ରମ ରଖାଯାଇଥିଲା। ଗୋପୂଜକ ଭାବେ ସ୍ୱାମୀ କ୍ରୀଷ୍ଟାନନ୍ଦ ମହାରାଜ ହରିହରାନନ୍ଦ ଗୋକୁଳାଶ୍ରମ ପୁରୀରୁ ଆସିଥିଲେ। ଗୋ ପୂଜାରେ କର୍ତ୍ତା ଭାବେ ରାମ ଗୁପ୍ତା, ତପନ ବଢ଼େଇ ଓ, ରୁକ୍ମଣ ଶତପଥୀ, ଫୁଲେଶ୍ୱର ରଣା, ଦିଶ୍ରି, ଓମ୍ ପ୍ରକାଶ ମେହେର ଯୋଗ ଦେଇଥିଲେ। ଅତିଥି ମାନଙ୍କ ମଧ୍ୟରେ ଡି.ନାରାୟଣ ବ୍ରହ୍ମପୁର, ଦ୍ୱାଦଶ ପ୍ରଧାନ, ସ୍ୱର୍ଣ୍ଣପ୍ରଭା ପାଢ଼ୀ, ସୁଶାନ୍ତ ସାହୁ ଓ ସଙ୍ଗୀତା ସାହୁ ପ୍ରମୁକ ଉପସ୍ଥିତ ଥିଲେ। ଅହିଂସା କ୍ଲବ୍ ସମ୍ପାଦକ ଶିବ ପ୍ରସାଦ ସାହୁ ସଭାକାର୍ଯ୍ୟ ଆରମ୍ଭ କରିଥିଲେ। କ୍ରିଷ୍ଟା ନନ୍ଦ ମହାରାଜ ଗୋ ସେବା ଓ ତାହାର ମହତ୍ତ୍ୱ ବିଷୟରେ ଚାଷୀଙ୍କୁ ଉଦ୍‌ବୋଧନ ଦେଇଥିଲେ। ପାଇକମାଳ ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ଛାତ୍ରଛାତ୍ରୀଙ୍କୁ ନେଇ କୁଇଜ୍, ବକ୍ତୃତା ଓ ଗଳ୍ପ ଲିଖନ କାର୍ଯ୍ୟକ୍ରମ କରାଯାଇଥିଲା। ଅହିଂସା କ୍ଲବ୍‌ର ସଦସ୍ୟ ଗୌରଚରଣ ସାହୁ, ବିଦ୍ୟାଚରଣ ପିଞ୍ଜରା, ତୁଳସୀରାମ ବିଶ୍ୱାଳ, ଯମୁନା ବାଗ, ପାର୍ବତୀ ସାହା, ପୁରନ୍ଦର ରଣା, ଡମ୍ବରୁଧର ବଛା, କ୍ଷମା ଭୋଇ, ରାକେଶ ପ୍ରଧାନ, ନୀଳମଣି ପୁରୋହିତ ପ୍ରମୁଖ ସହଯୋଗ କରିଥିଲେ।

# ବିଶ୍ୱ ହାତଧୂଆ ଦିବସ

## ● ନୂଆଗଡ଼ ହାଇସ୍କୁଲ

ଭଟଲି, ୧୫।୧୦(ସମିସ): ଭଟଲି ବ୍ଲକ୍ ଅଧୀନ ନୂଆଗଡ଼ ଲକ୍ଷ୍ମୀ ନାରାୟଣ ଉଚ୍ଚ ବିଦ୍ୟାଳୟରେ ବିଶ୍ୱ ହାତଧୂଆ ଦିବସ ପାଳିତ ହୋଇଛି। ଶିକ୍ଷକ ଗଜାନନ ବେହେରାଙ୍କ ଅଧ୍ୟକ୍ଷତାରେ ଓ ଆନନ୍ଦ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଦୟାନିଧି ପ୍ରଧାନ ମୁଖ୍ୟ ଅତିଥି ଭାବେ ବିଶ୍ୱ ହାତଧୂଆ ଦିବସ ପାଳନର ପୃଷ୍ଠଭୂମି ଓ ଏ ଦିଗରେ ସଂକ୍ରମଣ ନିୟନ୍ତ୍ରଣର ଜନକ ଡ.ଇଗନାଜ୍‌ଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ବିଶ୍ୱ ହାତଧୂଆ ଦିବସର ପ୍ରସଙ୍ଗ 'ହାତ ଧୋଇବାରେ ନାୟକ ହୁଅନ୍ତୁ' ଉପରେ ଆଲୋଚନା ଚକ୍ରରେ ଶିକ୍ଷକ ରାଜେଶ ପଟେଲ, ଆନନ୍ଦ ସାହୁ, ଶିକ୍ଷୟିତ୍ରୀ ସୁମିତ୍ରା ପଟେଲ, ଜୁଲି ସରାଫ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ପାଣ୍ଡବ ପ୍ରଧାନ, ଓକିଲ ଖମାରୀ ଓ ଅଶୋକ ସାହୁ ସହଯୋଗ କରିଥିଲେ।

## ● ପଞ୍ଚାୟତ ଉଚ୍ଚବିଦ୍ୟାଳୟ

ପଦ୍ମପୁର: ରାଜବୋଡାସମ୍ବର ବ୍ଲକ ଅଧୀନ ପଞ୍ଚାୟତ ଉଚ୍ଚବିଦ୍ୟାଳୟ ପୁରେନା ପରିସରରେ ଜିଲ୍ଲା ଜଳ ଓ ପରିମଳ ମିଶନ ବରଗଡ଼ ସୌଜନ୍ୟରୁ ରାଜବୋଡାସମ୍ବର ବ୍ଲକ ଆନୁକୂଲ୍ୟରେ ବିଶ୍ୱ ହାତଧୂଆ ଦିବସ ପାଳିତ ହୋଇଛି। ସ୍ଥାନୀୟ ସରପଞ୍ଚ ଡଲି ବେହେରା ମୁଖ୍ୟ ଅତିଥି ଓ ପଞ୍ଚସଖା ଶିକ୍ଷାସେତୁର ସଭାପତି ସଞ୍ଜୀବ ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ପ୍ରଧାନଶିକ୍ଷକ ପ୍ରମୋଦ ନାଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଜିଲ୍ଲା ଜଳ ଓ ପରିମଳ ମିଶନର ବ୍ଲକ ସଂଯୋଜକ ବିଜୟ ମହଲା ଓ ମାଷ୍ଟର ଟ୍ରେନର ସୁଶାନ୍ତ ମହପାତ୍ର ଯୋଗଦେଇ ହାତ ଧୋଇବାର ଉପାଦେୟତା ବୁଝାଇବା ସହ ହାତଧୂଆର ପ୍ରଣାଳୀ ନିଜେ ଛାତ୍ରଛାତ୍ରୀଙ୍କୁ ଅଭ୍ୟାସ କରାଇଥିଲେ।

# ବୁରୋମୁଣ୍ଡା ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକଙ୍କ ସମ୍ବର୍ଦ୍ଧନା ସମାରୋହ

ଗାଇସିଲେଟ, ୧୫।୧୦(ସମିସ): ବରଗଡ଼ ଜିଲ୍ଲା ଗାଇସିଲେଟ ବ୍ଲକ ବୁରୋମୁଣ୍ଡାରାଜ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ବୁରୋମୁଣ୍ଡାରେ ପ୍ରଧାନଶିକ୍ଷକଙ୍କ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଛି। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଅର୍ଜୁନ ତାଣ୍ଡିଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ପ୍ରଣୟ ସାହୁ, ସମ୍ମାନିତ ଅତିଥି ଏବିଓ ଧବଳେଶ୍ୱର ବରିହା, ବୁରୋମୁଣ୍ଡା ବଡିସି ସରୋଜ ଭୂଷଣ ସାହୁ, ଅଧ୍ୟକ୍ଷ ଆଶୁତୋଷ ସାହୁ, ନିମନ୍ତ୍ରିତ ଅତିଥି ରଜେସ ବଳିଆ, ଜମରତଳା ପ୍ରଧାନଶିକ୍ଷକଙ୍କ ସ୍ମୃତି ଚାରଣ କରିଥିଲେ। ଦିବ୍ୟ କିଶୋର ପଣ୍ଡା, ଦଶମଣି ସାହୁ, ପ୍ରଧାନଶିକ୍ଷକ ଡାପ୍ରେମାନନ୍ଦ ବେହେରାଙ୍କ ବଦଳି ପରିପ୍ରେକ୍ଷୀରେ ସ୍ମୃତିଗାଥା ଭାବ ବିହ୍ୱଳ କରିଥିଲା। ଅତିଥି ପରିଚୟ ହିନ୍ଦୀ ଶିକ୍ଷକ ରାମ ପଟେଲ, ସଂଯୋଜନା ପଞ୍ଚାନନ ମାଝୀ, ସୁବଳ ଠାକୁର, ମୋହନ ପ୍ରଧାନ, ନିବେଦିତା ପାଣିଗ୍ରାହୀ, ମାମୀ ପ୍ରଧାନ, ନିହାରୀକା ଯୋଷୀ, ମୋନାଲିସା ଠାକୁର, ରଜତ ଚୈହାନ, ବୈଲୋଚନ ସେଠ, ତିଲୋତ୍ତମ ବିଶି, ମନୋଜ ପାଢ଼ୀ ପ୍ରମୁଖ କାବ୍ୟ କବିତା ମାଧ୍ୟମରେ ଯଶକୀର୍ତ୍ତୀ ଗାନ କରିଥିଲେ। ସମ୍ବର୍ଦ୍ଧିତ ଶିକ୍ଷକମାନଙ୍କୁ ପୁଷ୍ପଗୁଚ୍ଛ, ଉପଢୌକନ ପ୍ରଦାନ କରାଯାଇଥିଲା। ଆଖ ପାଖ ହାଇସ୍କୁଲ ସହକାରୀ ଶିକ୍ଷକ, ପ୍ରଧାନଶିକ୍ଷକ ମଧ୍ୟ ଅଭିଭାଷଣ ରଖିଥିଲେ।

# ଡୁମାଲ ମହାସଭା ପାଇଁ ପ୍ରସ୍ତୁତି ବୈଠକ

ବରଗଡ଼, ୧୫।୧୦(ସମିସ): ବରଗଡ଼ ଜିଲ୍ଲା ଡୁମାଲ ପରିଷଦ ପକ୍ଷରୁ ବୁଧବାର ପତ୍ରାପାଲି କେନ୍ଦ୍ର ଠାରେ ଏକ ଜିଲ୍ଲା ସ୍ତରୀୟ ବୈଠକ ଜିଲ୍ଲା ସଭାପତି ଗଣେଶ ପାଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ମୁଖ୍ୟ ଅତିଥି ଭାବେ ରାଜ୍ୟ ସଭାପତି ଦୟାସାଗର ମେଣ୍ଡଲି ଯୋଗ ଦେଇଥିଲେ। ଜିଲ୍ଲାର ୧୨ଟି କେନ୍ଦ୍ରରୁ ସଭାପତି, ସମ୍ପାଦକ ଯୋଗ ଦେଇଥିଲେ। ସର୍ବ ପ୍ରଥମେ ମାଁ ମହେଶ୍ୱରୀଙ୍କ ପୂଜାର୍ଚ୍ଚନା ପରେ ପତ୍ରାପାଲି କେନ୍ଦ୍ର ତରଫରୁ ଅତିଥି ମାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ତାପରେ ଆଗାମୀ ଦିନରେ ଜିଲ୍ଲା ସ୍ତରୀୟ ଓ ରାଜ୍ୟ ସ୍ତରୀୟ ମହାସଭା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଜାତିର ପରିବାର ସର୍ଭେ କାମର ପୂର୍ଣ୍ଣତା ଓ ସବୁ କେନ୍ଦ୍ରର ଗ୍ରାମ୍ୟ କମିଟି ମାନ ଗଠନ ପ୍ରତି ଜୋର୍ ଦିଆଯାଇଥିଲା। ଅନ୍ୟ ମାନଙ୍କ ମଧ୍ୟରେ ରାଜ୍ୟ ସଭାନେତ୍ରୀ ହେମାବତି କରନ, ଜିଲ୍ଲା ସମ୍ପାଦକ ସୁବାସ ଚନ୍ଦ୍ର ଥାଟୀ, କୋଷାଧ୍ୟକ୍ଷ ଲୋକନାଥ ଖେତି, ଭୁବନେଶ୍ୱର ମହାକୁର, ମଙ୍ଗନ୍ ଖମାରୀ, ଧ୍ୱଜ ମହାକୁର, ଜିତେନ୍ ବେହେରା, କରମଚାନ୍ଦ ପ୍ରଧାନ, ମଣ୍ଟୁ ଛନ୍ଦ, ଶିବ କର୍ଣ୍ଣ, ସୁରେଶ ଗେଜୋରାମ ଗେକୋ ଓ ମାହେଶ୍ୱରୀ ସେନାର ଆଶିଷ ମହାକୁର, ଦିବସ ପଧାନ, ରିକନ୍ ମେଣ୍ଡଲି ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ ଜିତେନ ବେହେରା ଧନ୍ୟବାଦ ଜ୍ଞାପନ କରିଥିଲେ।

## ସୁପ୍ରିୟା ସ୍ମାରକୀ ଜିଲ୍ଲା ଆନ୍ତଃ କ୍ଲବ୍ ନକଆଉଟ୍ ଫୁଟବଲ ପ୍ରତିଯୋଗିତା

# ପ୍ରଥମ ସେମି: ବରାହଗୋଡ଼ାକୁ ହରାଇ ଗର୍ଭନା ଦଳ ଫାଇନାଲରେ

ବରଗଡ଼, ୧୫।୧୦(ସମିସ)



ବରଗଡ଼ ଜିଲ୍ଲା କ୍ରୀଡା ସଂସଦ ଆନୁକୂଲ୍ୟରେ ସ୍ଥାନୀୟ ଲେଙ୍ଗୁ ମିଶ୍ର ମିନି ଷ୍ଟାଡିୟମରେ ଚାଲିଥିବା ସୁପ୍ରିୟା ସ୍ମାରକୀ ଜିଲ୍ଲା ଆନ୍ତଃ କ୍ଲବ୍ ନକଆଉଟ୍ ଫୁଟବଲ ପ୍ରତିଯୋଗିତାର ଆଜି ପ୍ରଥମ ସେମି ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଛି। ଏଥିରେ ବରାହଗୋଡା ଦଳକୁ ହରାଇ ଗର୍ଭନା ଦଳ ପ୍ରତିଯୋଗିତାର ପ୍ରଥମ ଦଳ ଭାବେ ଫାଇନାଲରେ ପ୍ରବେଶ କରିଛି। ଆଜିର ମ୍ୟଚକୁ ଗର୍ଭନା ଦଳ ବରାହଗୋଡା ଦଳ ବିପକ୍ଷରେ ୪-୧ ଗୋଲରେ ଜିତି ନେଇଥିଲା। ଦଳ ପକ୍ଷରୁ ନରେନ୍ଦ୍ର ପାତ୍ର ୨ଟି ଗୋଲ ଦେଇଥିବା ବେଳେ ଉମା ଶଙ୍କର ମୁକ୍ତିଆ, ବଳିଆ ମଲ୍ଲିକ ଗୋଟିଏ ଲେଖାଁଏ ଗୋଲ ଦେଇଥିଲେ। ବରାହଗୋଡା ଦଳ ପକ୍ଷରୁ ଆଦିତ୍ୟ ସେଟ୍ ଏକମାତ୍ର ଗୋଲଟି ଦେଇଥିଲେ। ଆଜିର ଖେଳ ସୁନିଲ ବାଗ ପରିଚାଳନା କରିଥିବା ବେଳେ ତାଙ୍କୁ ଲାଇନରେ ଅଜୟ ପ୍ରଧାନ, ସଚିନ ଭୁଏ ସହଯୋଗ କରିଥିଲେ। ଚତୁର୍ଥ ରେଫରୀ ଥିଲେ ଶଙ୍କର୍ଷଣ ପ୍ରଧାନ। ମ୍ୟାଚ୍ କମିଶନର ଅଛନ୍ତି ସଚ୍ଚିଦାନନ୍ଦ ପଣ୍ଡା। ମ୍ୟାଚ୍ ପରେ ଗର୍ଭନା ଦଳର ବଳିଆ ମଲ୍ଲିକଙ୍କୁ ଗାଗାରିନ ମିଶ୍ର, ଗୋକୁଳ ଗହୀର, ଜୟ ମେହେର ଓ ରମାକାନ୍ତ ବେହେରା ପ୍ରମୁଖ ଅତିଥି ଭାବେ ଯୋଗଦେଇ ପୁରସ୍କୃତ କରିଥିଲେ। ଗୁରୁବାର ଦିନ ଦ୍ୱିତୀୟ ସେମି ଫାଇନାଲରେ ୟୁନାଇଟେଡ ସ୍ପୋର୍ଟସ କ୍ଲବ୍ ଦଳକୁ କଦଳୀପାଲି ଦଳ ଭେଟିବ।

# ଜିଲ୍ଲାସ୍ତରୀୟ ବାଳିକା ଖୋ ଖୋ ଚାମ୍ପିଅନସିପ୍

## ● ବାଳିକା ବର୍ଗରେ ଗାଇସିଲେଟ ବ୍ଲକ୍ ଚାମ୍ପିଅନ

ବରଗଡ଼, ୧୫।୧୦(ସମିସ): ଜିଲ୍ଲା ଶିକ୍ଷା ବିଭାଗ ଆନୁକୂଲ୍ୟରେ ୧୪ ଓ ୧୭ ବର୍ଷରୁ କମ ବାଳିକା ବିଭାଗର ବାଳିକା ଖୋ ଖୋ ଚାମ୍ପିଅନସିପ ଅନୁଷ୍ଠିତ ହୋଇଯାଇଛି। ପିଏମଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ସିମେଣ୍ଟ ନଗର ଠାରେ ଦୀର୍ଘ ୩ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ପ୍ରତିଯୋଗିତାକୁ ବରଗଡ଼ ବିଧାୟକ ଅଶ୍ୱିନୀ ଷଡଙ୍ଗୀ ଉଦ୍‌ଘାଟନ କରିଥିଲେ। ଜିଲ୍ଲା ଶିକ୍ଷା ଅଧିକାରୀ ଜ୍ୟୋତିକାନ୍ତ ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଦ୍ୱିତୀୟ ଦିବସରେ ପ୍ରତିଯୋଗିତାର ପୁରସ୍କାର ବିତରଣୀ ଉତ୍ସବକୁ ଜ୍ୟୋତିଷ ପଧାନ ଓ ସମ୍ପୂର୍ଣ୍ଣ ଭୋଇ ସଂଯୋଜନା କରିଥିବା ବେଳେ ବରଗଡ଼ ବ୍ଲକ ଶିକ୍ଷା ଅଧିକାରୀ ଡ.ସୁରେନ୍ଦ୍ର ସାହୁ ଅଧ୍ୟକ୍ଷତା କରିଥିଲେ। ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ସରୋଜ ଭୁଏ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ସୁରେନ୍ଦ୍ର ମହାପାତ୍ର, ଯୁବ ନେତା ଈଶ୍ୱର ବାଗ, ଆମ୍ବାପାଲି ସମଲେଶ୍ୱରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ସର୍ବେଶ୍ୱର ରଥ ପ୍ରମୁଖ ଉପସ୍ଥିତ ଥିଲେ। ୧୪ ବର୍ଷରୁ କମ ବାଳିକା ବିଭାଗରେ ଗାଇସିଲେଟ ବ୍ଲକ ଚାମ୍ପିଅନ ଘୋଷିତ ହୋଇଥିବା ବେଳେ ଝାରବନ୍ଧ ବ୍ଲକ ଉପ ବିଜେତା ଘୋଷିତ ହୋଇଥିଲା। ୧୭ ବର୍ଷରୁ କମ ବାଳିକା ବିଭାଗରେ ଗାଇସିଲେଟ ବ୍ଲକ ଚାମ୍ପିଅନ ହୋଇଥିବା ବେଳେ ପଦ୍ମପୁର ବ୍ଲକ ଉପ ବିଜେତା ଘୋଷିତ ହୋଇଥିଲେ। ଏହି ଅବସରରେ ରେଫରୀ ଭାବେ କେଶବ ପ୍ରଧାନ, ବଳିଷ୍ଟ ମହାପାତ୍ର, ଦଶରଥ ଗଡ଼ତିଆ, ବେଦବ୍ୟାସ ସାହୁ, ସୁମନ୍ତ ବାବୁ ପ୍ରମୁଖ ଖେଳ ପରିଚାଳନା କରିଥିଲେ।



# ଯୌତୁକ ନିଷେଧ ଆଇନ ସମ୍ପର୍କିତ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ

ଦେବଗଡ଼,୧୫।୧୦(ସମିସ): ଜିଲ୍ଲା ସମାଜ ମଙ୍ଗଳ ବିଭାଗ ପକ୍ଷରୁ ବୁଧବାର ଅତିରିକ୍ତ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲା ସ୍ତରୀୟ ଯୌତୁକ ନିଷେଧ ଆଇନ ୧୯୬୧ର ଦିନିକିଆ ତାଲିମ୍ ଶିବିର ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ପଙ୍କଜିନି ସାହୁଙ୍କ ତତ୍ତ୍ୱାବଧାନରେ ଶିବିର ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ, ସମ୍ମାନିତ ଅତିଥି ଭାବେ ଆରକ୍ଷୀ ଅଧୀକ୍ଷକ ଅନିଲ ମିଶ୍ର, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଧୀରଜ୍ ଚୋପଦାର, ଓଡ଼ିଶା ଜୀବିକା ମିଶନ ଜିଲ୍ଲା ପରିଚାଳକ ଶିଶିର ଷଡଙ୍ଗୀ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର ପ୍ରମୁଖ ଶିବିରର ଶୁଭାରମ୍ଭ କରିଥିଲେ। ଶିବିରରେ ମହିଳା ମାନଙ୍କୁ କିପରି ଯୌତୁକ ନିର୍ଯାତନାରୁ ରୋକାଯାଇ ପାରିବ ଏବଂ ସରକାରଙ୍କର ଯୌତୁକ ନିରୋଧ ଆଇନ ବିଷୟରେ ବିଭିନ୍ନ ଆଇନଗତ ସହାୟତା ସମ୍ପର୍କୀତ ଆଲୋଚନା କରିଥିଲେ। ଶିବିରର ପ୍ରଶିକ୍ଷକ ଭାବେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଶ୍ରୀ ଚୋପଦାର, ଜିଲ୍ଲା ଆଇନ ସେବା ପ୍ରାଧିକରଣରୁ ଆଇନ ବିଶେଷଜ୍ଞ ରଞ୍ଜନ ସାହୁ, ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଜିତା'ରୁ ରୂପେଶ ବେହେରା ଓ ଶ୍ରଦ୍ଧାଞ୍ଜଳି ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଶିବିରରେ ସୁରକ୍ଷା ଅଧିକାରୀଣୀ ଜ୍ୟୋତ୍ସ୍ନା ତନ୍ତୀ, ମହିଳା ସଶକ୍ତି କେନ୍ଦ୍ର ପ୍ରୋଗ୍ରାମ ଅଧିକାରୀ ତାରାକାନ୍ତି ମହାନନ୍ଦିଆ, ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ମହାବିଦ୍ୟାଳୟର ଅଧ୍ୟକ୍ଷ, ସ୍ୱେଚ୍ଛାସେବୀ ଅନୁଷ୍ଠାନ, 'ସପୋର୍ଟ'ର ନିର୍ଦ୍ଦେଶକ, ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଜିତା' ସମ୍ପାଦକ, ସିଏସଡିଆର ସମ୍ପାଦକ ସକ୍ଷୀ ପରିଚାଳକ, ହବ୍ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ହବ ଜିଲ୍ଲା ସଂଯୋଜକ ସତ୍ୟବ୍ରତ ବେହେରା ସଂଯୋଜନା କରିଥିଲେ।

# ଜିଲ୍ଲାସ୍ତରୀୟ ବିଜ୍ଞାନ ନାଟକ ପ୍ରତିଯୋଗିତା

ଦେବଗଡ଼,୧୫।୧୦(ସମିସ): ଜିଲ୍ଲା ଶିକ୍ଷା ବିଭାଗ ଆନୁକୂଲ୍ୟରେ ବୁଧବାର ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଜିଲ୍ଲାସ୍ତରୀୟ ବିଜ୍ଞାନ ନାଟକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଜିଲ୍ଲା ବିଜ୍ଞାନ ନିରୀକ୍ଷିକା ଇପ୍ସିତା ପଟ୍ଟନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସ୍ଥାନୀୟ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ମହିମା ହେମ୍ବ୍ରମ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ପ୍ରତିଯୋଗିତାରେ ୩ଟି ବ୍ଲକ୍‌ରୁ ମୋଟ ୯ଟି ଉଚ୍ଚ ବିଦ୍ୟାଳୟ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ବିଚାରକ ଭାବେ ବରିଷ୍ଠ ନାଟ୍ୟକାର ପ୍ରଦୀପ ଅମାନ୍ତ, ନାଟ୍ୟ ଅଭିନେତା ରାକେଶ ଶତପଥୀ ଦାୟିତ୍ୱ ବହନ କରିଥିଲେ। ପିଏମଶ୍ରୀ ଉଚ୍ଚ ବିଦ୍ୟାଳୟ ସେଣ୍ଠୋ ବିଜ୍ଞାନ ଶିକ୍ଷକ ହେମନ୍ତ ହସ୍ତୀଙ୍କ ନିର୍ଦ୍ଦେଶିତ ନାଟକରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ନିଖୁଣ ଅଭିନୟ ହୋଇଥିଲା ଏବଂ ଜିଲ୍ଲାସ୍ତରରେ ପ୍ରଥମ ସ୍ଥାନ ଅଧିକାର କରି ଜୋନାଲ ସ୍ତରରେ ଭାଗ ନେବା ନିମନ୍ତେ ମନୋନୀତ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ଇପ୍ସିତା ପଟ୍ଟନାୟକଙ୍କ ସଭାପତିତ୍ୱରେ ଜିଲ୍ଲା ଶିକ୍ଷା ଅଧିକାରୀ ଗେନ୍ଦ୍ରା କୁଜୁର କୃତୀ ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ।

# ଜୁଆଖେଳ ଅଭିଯୋଗରେ ୫ କୋର୍ଟ ଚାଲାଣ

## ● ନଗଦ ଟଙ୍କା ସହ ବିଭିନ୍ନ ସାମଗ୍ରୀ ଜବତ

ଝାରସୁଗୁଡ଼ା,୧୫।୧୦(ସମିସ): ବେଆଇନ ଜୁଆ ଖେଳ ବେଳେ ବ୍ରଜରାଜନଗର ଥାନା ପୁଲିସ ମାଡ଼ି ବସିବା ସହ ୫ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ମାନେ ହେଲେ ବ୍ରଜରାଜନଗର ଥାନା ଅଞ୍ଚଳର ଧର୍ମେନ୍ଦ୍ର ଯାଦବ (୩୩), ସମୀର ଭାଇନା(୧୯), କିଶୋର ସିଂହ(୨୨), ରଞ୍ଜିତ ରାୟ(୨୮), ରୋହିତ ସିଂହ(୩୫) ବୋଲି ପୁଲିସ ତରଫରୁ ସୂଚନା ଦିଆଯାଇଛି। ଝାରସୁଗୁଡ଼ା ପୁଲିସ ପକ୍ଷରୁ ଅପରାଧ ନିୟନ୍ତ୍ରଣ ଏବଂ ବେଆଇନ କାର୍ଯ୍ୟକୁ ରୋକିବା ନେଇ 'ଅପରେସନ ନେତ୍ର' ଜାରି ରହିଛି। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ବିଳମ୍ବିତ ରାତିରେ ବ୍ରଜରାଜନଗର ଥାନା ଲମଟିବାହାଲ ରୋହିଦାସପଡା ଅଞ୍ଚଳରେ ବେଆଇନ ଜୁଆ ଖେଳ ଚାଲିଥିବା ନେଇ ପୁଲିସକୁ ସୂଚନା ମିଳିଥିଲା। ବ୍ରଜରାଜନଗର ପୁଲିସ ପକ୍ଷରୁ ଏକ ଟିମ ଜୁଆ ଖେଳ ଉପରେ ଚଢ଼ଉ କରି ୪ ଜଣ ଅଭିଯୁକ୍ତଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରାଯାଇଥିବା ନେଇ ବ୍ରଜରାଜନଗର ପୁଲିସ ତରଫରୁ ସୂଚନା ଦିଆଯାଇଛି। ଅଭିଯୁକ୍ତ ମାନଙ୍କ ନିକଟରୁ ୩୪୭୦ ନଗଦ ଟଙ୍କା, ୨ ବିଡା ତାସ, ୪ଟି ବାଇକ, ୬ଟି ମୋବାଇଲ ଫୋନ ଜବତ କରାଯାଇଛି।

# ଡ.ଅବଦୁଲ କଲାମଙ୍କ ଜନ୍ମ ଜୟନ୍ତୀ ଏବଂ ବିଶ୍ୱ ହାତଧୁଆ ଦିବସ



ଝାରସୁଗୁଡ଼ା,୧୫।୧୦(ସମିସ): ଡିଏଭି ପବ୍ଲିକ ସ୍କୁଲ ତରଫରୁ ଯୁବପୀଢ଼ି ପ୍ରେରଣା ସ୍ରୋତ ତଥା ଶୃଙ୍ଖଳା ଓ ସମର୍ପଣର ଆଦର୍ଶ ପୁରୁଷ ବୋଲି ବିବେଚିତ ଭାରତର ପୂର୍ବତନ ରାଷ୍ଟ୍ରପତି ତଥା ମିସାଇଲ ମ୍ୟାନ ଡ.ଏପିଜେ ଅବଦୁଲ କଲାମଙ୍କ ୯୫ତମ ଜନ୍ମଜୟନ୍ତୀ ପାଳିତ ହୋଇଯାଇଛି। ଡିଏଭି ଅଧ୍ୟକ୍ଷ ଲକ୍ଷ୍ମୀକାନ୍ତ ଦେବତାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଡ.କଲାମଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇ ତାଙ୍କ ସ୍ମୃତିଚାରଣ କରାଯାଇଥିଲା। ଏତଦ୍‌ବ୍ୟତୀତ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସ୍ୱାସ୍ଥ୍ୟ ସଚେତନତା ବୃଦ୍ଧି କରିବା ତଥା ହାତ ଧୋଇବାର ଯୁକ୍ତିଯୁକ୍ତ ପ୍ରକ୍ରିୟା ବିଷୟରେ ଜାଗୃତି ସୃଷ୍ଟି କରିବା ଉଦ୍ଦେଶ୍ୟରେ ବିଶ୍ୱ ହାତଧୂଆ ଦିବସ ପାଳିତ ହୋଇଯାଇଛି। ଛାତ୍ରଛାତ୍ରୀ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନଦ୍ୱାରା ଅନୁମୋଦିତ ହାତ ଧୋଇବା ପ୍ରକ୍ରିୟା ପରୀକ୍ଷାମୂଳକ ଭାବେ ପ୍ରଦର୍ଶନ କରି 'ପରିଷ୍କାର ହାତ ସୁସ୍ଥ ଜୀବନ'ର ବାର୍ତ୍ତା ଦେଇଥିଲେ। ଅଧ୍ୟକ୍ଷ ଶ୍ରୀ ଦେବତା ସମସ୍ତଙ୍କୁ ଶୁଭେଚ୍ଛା ଜଣାଇ ଥିଲେ। ଏହି ଅବସରରେ ବିଭିନ୍ନ ଶିକ୍ଷା ଓ ମନୋରଞ୍ଜନଧର୍ମୀ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ପୁରୁଣା ଚିକିତ୍ସାଳୟରେ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟସେବା ଦାବି

# ଯୁବ ଏକତା ମଞ୍ଚ ପକ୍ଷରୁ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରଉ





ଦେବଗଡ଼,୧୫।୧୦(ସମିସ)

ଦେବଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କୋଠା ସ୍ଥାନାନ୍ତର ପରଠାରୁ ଜିଲ୍ଲାରେ ଜନ ଅସନ୍ତୋଷ କୁହୁଳୁଛି। ସ୍ୱାସ୍ଥ୍ୟସେବା ଦାବିରେ ପୂର୍ବରୁ ପ୍ରତିବାଦ ହୋଇଆସୁଥିଲେ ମଧ୍ୟ ପ୍ରଶାସନ ଜନତାଙ୍କ ଅସୁବିଧା ପ୍ରତି ଭ୍ରୂକ୍ଷେପ ନ କରିବାରୁ ବୁଧବାର ଏନେଇ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରଉ ଆନ୍ଦୋଳନ ନାଟକୀୟ ଭାବେ ଶେଷ ହୋଇଛି। ଜିଲ୍ଲାପାଳଙ୍କ ଉପେକ୍ଷାରୁ ଜନସାଧାରଣ କଲବଲ ହୋଇଆସୁଥିବା ବେଳେ ଜନପ୍ରତିନିଧି ବିଧାୟକଙ୍କୁ ମଧ୍ୟ ଏଥିରୁ ନିସ୍ତାର ମିଳିନାହିଁ। ଜିଲ୍ଲାପାଳଙ୍କ ଅପେକ୍ଷାରେ ଶେଷରେ ବିଧାୟକଙ୍କୁ ମଧ୍ୟ ନିରାଶ ହେବାକୁ ପଡ଼ିଛି।

ପ୍ରକାଶ ଯେ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ନୁଆଁବାଲିରୋଇକୁ ସ୍ଥାନାନ୍ତର ପରଠାରୁ ଜନସାଧାରଣ ସ୍ୱାସ୍ଥ୍ୟସେବା ପାଇଁ ନାନା ଦୁର୍ଦ୍ଦଶା ଭୋଗୁଛନ୍ତି। ଏନେଇ ଜିଲ୍ଲା ପ୍ରଶାସନ ଠାରୁ ରାଜ୍ୟ ସରକାରଙ୍କ ପାଖରେ ଜିଲ୍ଲା ଯୁବ ଏକତା ମଞ୍ଚ ନେତୃତ୍ୱରେ ଜନସାଧାରଣ ବାରମ୍ବାର ଦାବି ଜଣାଇବା ସହ ବିକ୍ଷୋଭ ହୋଇଆସୁଛି। ମାତ୍ର ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନ ସମସ୍ୟା ସମାଧାନ ପରିବର୍ତ୍ତେ କେବଳ ଦିନ ଗଡ଼ାଇ ଚାଲିଛନ୍ତି। ଏପରିକି ପ୍ରଶାସନର ଅଣଦେଖାରୁ ଅତିଷ୍ଠ ହୋଇ ପୁରୁଣା ଚିକିତ୍ସାଳୟରେ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟସେବା ଦାବିରେ ଜିଲ୍ଲା ଯୁବ ଏକତା ମଞ୍ଚ ପକ୍ଷରୁ ଦେବଗଡ଼ ବନ୍ଦ ଆନ୍ଦୋଳନ ହୋଇଥିଲା। ଜନସାଧାରଣଙ୍କ ସମ୍ପୂର୍ଣ୍ଣ ସମର୍ଥନ ମଧ୍ୟ ମିଳିଥିଲା। ତେବେ ଜିଲ୍ଲା ପ୍ରଶାସନ ଏକ ମାସ ମଧ୍ୟରେ ସମାଧାନ ପାଇଁ ପ୍ରତିଶ୍ରୁତି ଦେଇ କେବଳ ଆନ୍ଦୋଳନକାରୀ ମାନଙ୍କୁ ଭୂଆଁ ବୁଲାଇ ବସି ରହିଥିଲା। ଫଳରେ ଗତକାଲି ଅପରାହ୍ଣରେ ଜିଲ୍ଲା ଯୁବ ଏକତା ମଞ୍ଚ ପକ୍ଷରୁ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ପ୍ରଶାସନକୁ ପୁଣିଥରେ ଗୋଟିଏ ସପ୍ତାହର ମହଲତ ଦେଇ ଚେତାଇ ଦେବା ପାଇଁ ଆଜିର ପ୍ରତିବାଦ ଶୋଭାଯାତ୍ରା ଓ ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରଉ ନିଷ୍ପତ୍ତି ହୋଇଥିଲା। ନିଷ୍ପତ୍ତି ଅନୁଯାୟୀ ଆଜି ପୂର୍ବାହ୍ନରେ ଯୁବ ଏକତା ମଞ୍ଚ ଆବାହକ ସୁରଞ୍ଜିତ ମହାପାତ୍ରଙ୍କ ଆହ୍ୱାନ କ୍ରମେ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ, କାଉନସିଲର ଧର୍ମେନ୍ଦ୍ର ଦେବତା, ସ୍ୱେଚ୍ଛାସେବୀ ପ୍ରଫୁଲ୍ଲ ନାଏକଙ୍କ ସମେତ ଶତାଧିକ ଜନସାଧାରଣ ପ୍ରତିବାଦ ଶୋଭାଯାତ୍ରାରେ ବାହାରିଥିଲେ। ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଧସେଇ ପଶିବା ଚେଷ୍ଟା ବେଳେ ପୁଲିସ ସହ ସାମାନ୍ୟ ଧସ୍ତାଧସ୍ତି ହୋଇଥିଲା। ପରେ କାର୍ଯ୍ୟାଳୟ ସମ୍ମୁଖରେ ଜିଲ୍ଲାବାସୀଙ୍କୁ ପୁରୁଣା ଚିକିତ୍ସାଳୟରେ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟ ସେବା ଯୋଗାଇବା ସହ ଖାଲି ପଡିଥିବା ଡାକ୍ତର ପଦବୀ ପୂରଣ ପାଇଁ ଧାରଣାରେ ବସିଥିଲେ। ଉପଜିଲ୍ଲାପାଳ ପରକ୍ଷିତ ସାହୁ ଆନ୍ଦୋଳନକାରୀଙ୍କୁ ବୁଝାସୁଝା କରି ପୁଲିସ ଭ୍ୟାନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଆଲୋଚନା ପାଇଁ ଡାକି ନେଇଥିଲେ। ସେଠାରେ ବିଧାୟକଙ୍କ ସମେତ ଯୁବ ଏକତା ମଞ୍ଚର ସଦସ୍ୟ ଓ ଆନ୍ଦୋଳନକାରୀ ମାନେ ଦୀର୍ଘ ସମୟ ଅପେକ୍ଷା କରିବା ପରେ ମଧ୍ୟ ଜିଲ୍ଲାପାଳ ଆଲୋଚନା ପାଇଁ ଆସି ନଥିଲେ। ତେବେ କେବଳ ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗଙ୍କୁ ପଠାଇଥିଲେ। ଏହାର ପ୍ରତିବାଦରେ ଜିଲ୍ଲାପାଳ ଆସିଲେ ହିଁ ଆଲୋଚନା ହେବା ଦାବିରେ ଆନ୍ଦୋଳନକାରୀ ଅଡ଼ି ବସିଥିଲେ। ଅନ୍ୟପକ୍ଷେ ଜିଲ୍ଲାପାଳ ମଧ୍ୟ ଆଲୋଚନା ପାଇଁ ନ ଆସିବା ଜିଦରେ ଅଟଳ ରହିବାରୁ ସେଠାରେ ପ୍ରବଳ ଉତ୍ତେଜନା ଦେଖା ଦେଇଥିଲା। ଶେଷରେ ଏକ ସପ୍ତାହ ମହଲତ ସମୟ ମଧ୍ୟରେ ଦାବି କାର୍ଯ୍ୟକାରୀ ନ ହେଲେ ଆଗାମୀ ଦିନରେ ଚରମ ଆନ୍ଦୋଳନ ମଞ୍ଚ ପକ୍ଷରୁ ଚେତାବନୀ ଦେଇ ଆନ୍ଦୋଳନକାରୀ ଫେରିଥିଲେ।

● ଆସିଲେନି ଜିଲ୍ଲାପାଳ, ବସି ରହିଲେ ବିଧାୟକ

● ବ୍ୟାପକ ଉତ୍ତେଜନା

## ଜିଲ୍ଲାପାଳଙ୍କ ବିରୋଧରେ ନିନ୍ଦା ପ୍ରସ୍ତାବ

ଦେବଗଡ଼: ଦେବଗଡ଼ ଜିଲ୍ଲାର ଯୁବ ଏକତା ମଞ୍ଚ ପକ୍ଷରୁ ଆଜି ଜିଲ୍ଲାପାଳ କବିନ୍ଦ୍ର କୁମାର ସାହୁଙ୍କ ବିରୁଦ୍ଧରେ ନିନ୍ଦା ପ୍ରସ୍ତାବ ପାରିତ କରାଯାଇଛି। ସ୍ଥାନୀୟ ଗୋପାଳଜୀଉ ମନ୍ଦିର ପ୍ରାଙ୍ଗଣରେ ମଞ୍ଚ ପକ୍ଷରୁ ଏକ ଜନସଭା ଆୟୋଜନ କରାଯାଇ ବିଭିନ୍ନ ସଂଗଠନ, ବୁଦ୍ଧିଜୀବୀ, ରାଜନୈତିକ ଦଳର ସଦସ୍ୟଙ୍କ ସମେତ ଶତାଧିକ ଜନତା ଏକତ୍ରିତ ହୋଇଥିଲେ। ଜିଲ୍ଲାର ସାମୂହିକ ସମସ୍ୟା ନେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଦାବି ପ୍ରଦାନ ସହ ଆଲୋଚନା ପାଇଁ ଯାଇଥିବା ବେଳେ ଜିଲ୍ଲାପାଳ କଥାଦେଇ ସେମାନଙ୍କ ନିକଟକୁ ନ ଆସିବା ସମଗ୍ର ଜିଲ୍ଲାବାସୀଙ୍କ ପାଇଁ ଅପମାନ ବୋଲି ମତ ପ୍ରକାଶ କରିଥିଲେ। ସେହିପରି ସରକାରୀ ଦଳର ଇଙ୍ଗିତରେ କାର୍ଯ୍ୟ କରୁଥିବା ଅଭିଯୋଗ କରି ଜିଲ୍ଲାପାଳ ଶ୍ରୀ ସାହୁ ଜିଲ୍ଲାପାଳ ପଦବୀର ମର୍ଯ୍ୟାଦା କ୍ଷୁର୍ଣ୍ଣ କରିଥିବା ସଭାରେ ମତ ପ୍ରକାଶ ପାଇଥିଲା। ଜିଲ୍ଲାପାଳ ନିଜ ପଦବୀର ଅପବ୍ୟବହାର କରି ଜିଲ୍ଲାବାସୀଙ୍କୁ ବେଖାତିର କରିଥିବାରୁ ଜିଲ୍ଲାବାସୀଙ୍କ ପକ୍ଷରୁ ମଞ୍ଚ ନିନ୍ଦା ପ୍ରସ୍ତାବ ଉପସ୍ଥାପନ କରିଛି।

# କଣ୍ଢେଇ ଲକ୍ଷ୍ମୀପୂଜା ଫୁଟବଲ ଟୁର୍ଣ୍ଣାମେଣ୍ଟରେ କତରାପାଲୀ ଚାମ୍ପିଅନ



ଦେବଗଡ଼,୧୫।୧୦(ସମିସ): ଜିଲ୍ଲାର ପ୍ରସିଦ୍ଧ କଣ୍ଢେଇ ଗଜଲକ୍ଷ୍ମୀ ପୂଜା ଅବସରରେ ଅଗ୍ରଗତି ସଙ୍ଘ ଆନୁକୂଲ୍ୟରେ ଆୟୋଜିତ ଲକ୍ଷ୍ମୀପୂଜା କପ ଫୁଟବଲ ଟୁର୍ଣ୍ଣାମେଣ୍ଟ ବୁଧବାର ଉଦ୍‌ଯାପିତ ହୋଇଛି। ଆଜିର ଫାଇନାଲ ମ୍ୟାଚ୍‌ରେ ଖଜୁରୀବାହାଲ ଦଳକୁ ୨-୦ ଗୋଲରେ ପରାସ୍ତ କରି କତରାପାଲୀ ଚାମ୍ପିଅନ ହୋଇଛି। ଅଗ୍ରଗତି ସଙ୍ଘ ସଭାପତି ଦୟାନିଧି ବେହେରାଙ୍କ ଅଧ୍ୟକ୍ଷତାରେ ଉଦ୍‌ଯାପନୀ ଅନୁଷ୍ଠିତ ହୋଇଥିଲା। ପୁରସ୍କାର ବିତରଣ ସଭାରେ ମୁଖ୍ୟ ଅତିଥି ଭାବେ ଦେବଗଡ଼ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ସମ୍ମାନିତ ଅତିଥି ଭାବେ ବିରଞ୍ଚି ନାରାୟଣ ବେହେରା, ବସନ୍ତ ସାହୁ ଓ ହର୍ଷବର୍ଦ୍ଧନ ସାହୁ ପ୍ରମୁଖ ମଞ୍ଚାସୀନ ରହିଥିଲେ। ଟୁର୍ଣ୍ଣାମେଣ୍ଟର ଚାମ୍ପିଅନ କତରାପାଲି ଦଳକୁ ଟ୍ରଫି ସହ ନଗଦ ୨୫ ହଜାର ଟଙ୍କା ଓ ଉପ ବିଜେତା ଖଜୁରୀବାହାଲ ଦଳକୁ ଟ୍ରଫି ସହ ନଗଦ ୨୦ ହଜାର ଟଙ୍କା ଅର୍ଥରାଶି ପ୍ରଦାନ କରିଥିଲେ। ପ୍ରତିଯୋଗିତାକୁ ପାପାଲି ପାଲ, କୃଷ୍ଣ ନାୟକ, ସୁମନ ରାଉତ, ବିପିନ ପାତ୍ର ଓ ସରୋଜ ଗଡନାୟକ ପରିଚାଳନା କରିଥିଲେ। ଶେଷରେ ରାଜକିଶୋର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ମହିଳାଙ୍କ ପାଇଁ ପାରିବାରିକ ହିଂସା ସୁରକ୍ଷା ଆଇନ୍ ତାଲିମ କାର୍ଯ୍ୟକ୍ରମ

ଝାରସୁଗୁଡ଼ା,୧୫।୧୦(ସମିସ): ସମାଜ ମଙ୍ଗଳ ବିଭାଗ ଆନୁକୁଲ୍ୟରେ ମହିଳା ମାନଙ୍କ ପାଇଁ ପାରିବାରିକ ହିଂସା ସୁରକ୍ଷା ଆଇନ୍ ୨୦୦୫ ଉପରେ ଦିନିକିଆ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ପୁଣ୍ୟବତି ହେଲେନ ଖେସ୍, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସମସ୍ତଙ୍କୁ ସ୍ୱାଗତ ଜଣାଇଥିଲେ। ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ କିଶୋର ଚନ୍ଦ୍ର ସ୍ୱାଇଁ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ମହିଳା ମାନଙ୍କ ପାଇଁ ପାରିବାରିକ ହିଂସା ସୁରକ୍ଷା ଆଇନ୍ ୨୦୦୫ ଉପରେ ଆଲୋକପାତ କରିଥିଲେ। ଏହା ପରେ ରେସକ୍ୟୁ ପର୍ସନ ଭାବେ ସେହାଡା ନିର୍ଦ୍ଦେଶିକା ଆନନ୍ଦିନି ପାଢ଼ୀ ପାରିବାରିକ ଆଇନ୍‌ର ଉଦ୍ଦେଶ୍ୟ, ପରିଧି, ପୀଡିତାଙ୍କ ପାଇଁ ନିରାପଦ ଯୋଜନା ଏବଂ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ବେଷ୍ଟ ପ୍ରାକ୍ଟିସ ଓ ବିଭିନ୍ନ କେସ୍‌ର ସଫଳ କାହାଣୀ ବର୍ଣ୍ଣନା କରିଥିଲେ। ଅନ୍ୟତମ ରେସକ୍ୟୁ ପର୍ସନ ଭାବେ ଯାଜ୍ଞସେନୀ ମହାନନ୍ଦ, ଆଇନଜୀବୀ ବୋନେଲା ନଗେଶ୍ୱରି ମହିଳା ସୁରକ୍ଷା ଆଇନ୍ ଅଧୀନ ଆଭ୍ୟନ୍ତରୀଣ ସହଯୋଗ, ପୋଲିସ, ୱାନ ଷ୍ଟପ୍ ସେଣ୍ଟର, ଶକ୍ତିସଦନ ରହିବା ଆଦି ବିଷୟରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ମହିଳା, ଶିଶୁ ଡେସ୍କ ଅଧିକାରୀ, ପାରା ଲିଗାଲ ଭଲେଣ୍ଟିଆର, ସିଡିପିଏ, ସୁପରଭାଇଜର, ୱାନ ଷ୍ଟପ୍ ସେଣ୍ଟର କର୍ମକର୍ତ୍ତା, ଶକ୍ତିସଦନ୍ କର୍ମକର୍ତ୍ତା ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ କ୍ରୀଷ୍ଟାପ୍ରିୟା ପ୍ରଧାନ ଧନ୍ୟବାଦ୍ ଅର୍ପଣ କରିଥିଲେ।

# ଶିକ୍ଷକଙ୍କ ଡଷ୍ଟର ମାଡ଼ରେ ଦ୍ୱିତୀୟ ଶ୍ରେଣୀ ଛାତ୍ରୀ ଆହତ

ଝାରସୁଗୁଡ଼ା,୧୫।୧୦(ସମିସ): ଝାରସୁଗୁଡ଼ାର ଏକ ଘରୋଇ ସ୍କୁଲରେ କ୍ରୀଡା ଶିକ୍ଷକଙ୍କ ଡଷ୍ଟର ମାଡରେ ଜଣେ ଛାତ୍ରୀଙ୍କ ମୁଣ୍ଡ ଫାଟି ଗୁରୁତର ଆହତ ହୋଇଛନ୍ତି। ଗୁରୁତର ଅବସ୍ଥାରେ ଛାତ୍ରୀଙ୍କୁ ପ୍ରଥମେ ଲଇକେରା ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଝାରସୁଗୁଡ଼ା ମୁଖ୍ୟ ଚିକିତ୍ସାଳୟ (ଡିଏଚ୍‌ଏଚ୍)କୁ ସ୍ଥାନାନ୍ତର କରାଯାଇଛି। ଏହି ଘଟଣାରେ ଛାତ୍ରୀଙ୍କ ବାପା ଲଇକେରା ଥାନାରେ ଶିକ୍ଷକ ନାମରେ ଏତଲା ଦେଇଛନ୍ତି। କୋମଳମତି ଶିଶୁକୁ ଡଷ୍ଟରରେ ମାଡ ଘଟଣା ଏବେ ଚର୍ଚ୍ଚାର ବିଷୟ ହୋଇଥିବା ବେଳେ ମାଡ ମାରିଥିବା ନେଇ ସିସିଟିଭିରେ ସ୍ପଷ୍ଟ ଭାବେ ଜଣାପଡୁଛି। ଝାରସୁଗୁଡ଼ା ଜିଲ୍ଲା ଲଇକେରା ବ୍ଲକ୍ ଅଧୀନ ବାଗଡିହି ସ୍ଥିତ ସେଣ୍ଟ ଆର୍ନଲ୍ଡ ସ୍କୁଲରେ ଏହି ଘଟଣା ଘଟିଛି। ମଙ୍ଗଳବାର ଦ୍ୱିତୀୟ ଶ୍ରେଣୀ ପିଲାଙ୍କର ଜଣେ ଶିକ୍ଷୟିତ୍ରୀ କୌଣସି କାରଣରୁ ଅନୁପସ୍ଥିତ ଥିଲେ। ଫଳରେ ପିରିୟଡ଼ ବଦଳ ହୋଇ କ୍ରୀଡା ଶିକ୍ଷକ ପୁଷ୍କର ବର୍ବା କ୍ଲାସ ନେଉଥିଲେ। କୌଣସି କାରଣରୁ ଶିକ୍ଷକ ଜଣକ ଉତକ୍ଷିପ୍ତ ହୋଇ ଡଷ୍ଟର ଉଠାଇ ସମ୍ପୃକ୍ତ ଛାତ୍ରୀଙ୍କୁ ଲକ୍ଷ୍ୟ କରି ଫିଙ୍ଗିଥିଲେ। ଏହା ଛାତ୍ରୀଙ୍କ ମୁଣ୍ଡରେ ବାଜିବାରୁ ମୁଣ୍ଡ ଫାଟି ପ୍ରବଳ ରକ୍ତସ୍ରାବ ହୋଇଥିଲା। ରକ୍ତ ଦେଖି ଅନ୍ୟ ଛାତ୍ରୀମାନେ ଚିତ୍କାର କରିଥିଲେ। ଚିତ୍କାର ଶୁଣି ଅନ୍ୟ ଶିକ୍ଷକମାନେ ଦୌଡି ଆସିଥିଲେ। ତୁରନ୍ତ ସ୍କୁଲ କର୍ତ୍ତୃପକ୍ଷ



ଛାତ୍ରୀଙ୍କ ଅଭିଭାବକଙ୍କୁ ଡାକି ଛାତ୍ରୀଙ୍କୁ ନେଇଯିବାକୁ କହିଥିଲେ। ଅଭିଭାବକ ସ୍କୁଲରେ ପହଞ୍ଚି ଝିଅର ଅବସ୍ଥା ଦେଖି ଚିନ୍ତିତ ହୋଇଯାଇଥିଲେ ଏବଂ ଛାତ୍ରୀଙ୍କୁ ବାଗଡିହି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଝାରସୁଗୁଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ଏହି ଘଟଣା ବିଷୟରେ ପରିବାର ଲୋକେ ଜାଣିବା ପରେ ଛାତ୍ରୀଙ୍କ ବାପା ମହେଶ ଅଗ୍ରୱାଲ ଲଇକେରା ଥାନାରେ ଶିକ୍ଷକ ପୁଷ୍କର ବର୍ବାଙ୍କ ନାମରେ ଏତଲା ଦେଇଛନ୍ତି। ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ପରିବାର ଦାବି କରୁଥିବା ବେଳେ ଏହାକୁ ନେଇ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିବା ଜଣାପଡିଛି।

# କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି'



ଦେବଗଡ଼,୧୫।୧୦(ସମିସ)

ବାରକୋଟ ବ୍ଲକ୍ ଗୁରୁସଙ୍ଗ କ୍ଲଷ୍ଟର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ କ୍ଲଷ୍ଟର ସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' ଅନୁଷ୍ଠିତ ହୋଇଯାଇଛି। ସିଆରସିସି କୁମୁଦବନ୍ଧୁ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଉଦ୍‌ଘାଟନୀ ଉତ୍ସବ ହୋଇଥିଲା। ମୁଖ୍ୟ ଅତିଥି ଗୁରସଙ୍ଗ ସରପଞ୍ଚ ଭବାନୀକାନ୍ତ ବିଶ୍ୱାଳ, ମୁଖ୍ୟ ବକ୍ତା ସମାଜସେବୀ ଚନ୍ଦ୍ରମଣି ନାୟକ, ସମ୍ମାନିତ ଅତିଥି ପୂର୍ବତନ ସିଆରସିସି ନିତ୍ୟାନନ୍ଦ ଗଡନାୟକ ଓ ସ୍ଥାନୀୟ ବିଦ୍ୟାଳୟ ପ୍ରଧାନଶିକ୍ଷକ ଗଗନ ବିହାରୀ ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ। ଶିକ୍ଷକ ସଞ୍ଜୟ ମହନ୍ତ ସଭାର ସଂଯୋଜନା କରିଥିବା ବେଳେ ଶିକ୍ଷକ ବାବୁଲି ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ପରିପ୍ରେକ୍ଷୀରେ କ୍ଲଷ୍ଟର ଅଧୀନସ୍ତ ସମସ୍ତ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସଂଗୀତ, ସୃଜନଶୀଳ ଲିଖନ, ଚିତ୍ରାଙ୍କନ, ତର୍କ, ସାଧାରଣଜ୍ଞାନ, ସୁନ୍ଦର ହସ୍ତାକ୍ଷର, ନୃତ୍ୟ ଆଦି ପ୍ରତିଯୋଗିତା ମାନ ଅନୁଷ୍ଠିତ ହୋଇଥିଲା। ସେହିପରି ନିପୁଣ ଓଡ଼ିଶା କାର୍ଯ୍ୟକ୍ରମରେ ପ୍ରଥମରୁ ତୃତୀୟ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରତିଯୋଗିତା ହୋଇଥିଲା। ଶେଷରେ କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା।



କାର୍ଯ୍ୟକ୍ରମ ଆୟୋଜନରେ ଆଶିଷ ସାହୁ, ସୁରେଶ ଚନ୍ଦ୍ର ବେହେରା, ମୋହିନୀ ପ୍ରଧାନ, ମୋହିନୀ ସାହୁ, କହେଁଇ କିଶାନ, କ୍ଷୀରୋଦ୍ରୀ ବେହେରା, ସୁଶାନ୍ତ ସାହୁ, ସରୋଜିନୀ ସେଠି, ବିଦ୍ୟୁତପ୍ରଭା ସ୍ୱାଇଁ ପ୍ରମୁଖ ଦାୟିତ୍ୱ ବହନ କରିଥିଲେ। କ୍ଲଷ୍ଟରର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ବେଲପାହାଡ଼ କ୍ଲଷ୍ଟର

ଝାରସୁଗୁଡ଼ା: ଗିରଧରଲାଲ ସରକାରୀ ଉଚ୍ଚ ବିଦ୍ୟାଳୟ ବେଲପାହାଡ କ୍ଲଷ୍ଟର ଆନୁକୂଲ୍ୟରେ ସ୍ଥାନୀୟ ସମତା ପ୍ରାଥମିକ ବିଦ୍ୟାଳୟରେ କ୍ଲଷ୍ଟର ସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ସମାରୋହରେ ବେଲପାହାଡ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ସୁରେନ୍ଦ୍ର ଭୋଇ ମୁଖ୍ୟ ଅତିଥି ଭାବେ କାର୍ଯ୍ୟକ୍ରମଟି ଉଦ୍‌ଘାଟନ କରିଥିଲେ। ସିଆରସିସି ଯୁବରାଜ ସିଂଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ନଗେନ୍ଦ୍ର ନାଏକ, ପ୍ରଧାନଶିକ୍ଷକ ସଚିନ୍ଦ୍ର ପଟେଲ, ପ୍ରଧାନଶିକ୍ଷୟିତ୍ରୀ ନଳିନୀ ପ୍ରଭାରାଉତ, ଗାୟତ୍ରୀ ଭଇଁସାଲ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଶିକ୍ଷକ କୁଶ ସା ମଞ୍ଚ ସଞ୍ଚାଳନ କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ୧୩ଟି ସରକାରୀ ବିଦ୍ୟାଳୟର ୪ଟି ବର୍ଗରେ ୧୧୨ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ହୋଇଥିବା ପ୍ରଥମ, ଦ୍ୱିତୀୟ ଓ ତୃତୀୟ ପ୍ରତିଯୋଗୀଙ୍କୁ ମାନପତ୍ର ଦେଇ ପୁରସ୍କୃତ କରାଯାଇଥିଲା। ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀମାନେ ଆଗାମୀ ଦିନରେ ଅନୁଷ୍ଠିତ ହେବାକୁ ଥିବା ବ୍ଲକ୍ ସ୍ତରୀୟ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ। କାର୍ଯ୍ୟକ୍ରମରେ ଶିକ୍ଷକ ତରୁଣ ନାହାକ, ସୁରମା ପଟେଲ, ପଦ୍ମାବତୀ ପଢ଼ିଆରୀ, ଗିରିଜା ଗର୍ଡିଆ, ଗୀତାଞ୍ଜଳି ପଢ଼ିଆରୀ, ସୁରମା ପାଢ଼ୀ, ସାରଦା ବାନୀ, ସୁଜାତା ସାହୁ, ତୁଳରାମ ବନଛୋର, ରାଜ ପଶାୟତ, ସୌଦାମିନୀ ପଶାୟତ, ବନିତା ପିଙ୍ଗ, ମଞ୍ଜୁଶ୍ରୀ କିସାନ ପ୍ରମୁଖ ବିଚାରକ ଦାୟିତ୍ୱ ତୁଲାଇବା ସହିତ କାର୍ଯ୍ୟକ୍ରମ ପରିଚାଳନାରେ ସାହାଯ୍ୟ କରିଥିଲେ।

# ସମଗ୍ର ଶିକ୍ଷା ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ କଳା ଉତ୍ସବ

ଦେବଗଡ଼,୧୫।୧୦(ସମିସ): ସମଗ୍ର ଶିକ୍ଷା ଦେବଗଡ଼ ଆନୁକୂଲ୍ୟରେ ବୁଧବାର ସ୍ଥାନୀୟ ବାଳକ ପ୍ରାଥମିକ ବିଦ୍ୟାଳୟ ପରିସରରେ ଜିଲ୍ଲା ସ୍ତରୀୟ କଳା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବାଳିକା ଶିକ୍ଷା ସଂଯୋଜିକା ସୀମାରାଣୀ ପାଣିଗ୍ରାହୀଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶକୁନ୍ତଳା ଟେଟେ ମୁଖ୍ୟ ଅତିଥି ଓ ରିଆମାଳ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ବନିତା ବେହେରା, ତିଳେଇବଣି ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଶାନ୍ତ ସାହୁ ସମ୍ମାନିତ ଅତିଥି ଭାବେ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ସୁଗୁଡା ସିଆରସିସି ପ୍ରାଣବନ୍ଧୁ ଘଡେଇ ମଞ୍ଚ ପରିଚାଳନା କରିଥିବା ବେଳେ ସ୍ଥାନୀୟ ବିଦ୍ୟାଳୟ ପ୍ରଧାନଶିକ୍ଷକ ଭବାନୀକାନ୍ତ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ୩ଟି ବ୍ଲକ୍‌ରୁ ପ୍ରତିଯୋଗିତାରେ ଚୟନ ହୋଇ ଆସିଥିବା ୭୦ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଚିତ୍ର, ଚିତ୍ରକଳା, ଏକକ ଓ ଦଳଗତ ସଂଗୀତ, ଏକକ ଓ ଦଳଗତ ନୃତ୍ୟ, ବାଦ୍ୟ କଳା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଚାରକ ଭାବେ ଦେବଗଡ଼ ମହିଳା ମହାବିଦ୍ୟାଳୟ ଅଧ୍ୟାପକ ଚିତ୍ତରଞ୍ଜନ ଦାସ, ଚିତ୍ରକର ଜନ୍ମାଜୟ ନାୟକ ଓ ସାମ୍ବାଦିକ ଶିବାଶିଷ ଝାଙ୍କର ଦାୟିତ୍ୱ ବହନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଜିଲ୍ଲା ଶିକ୍ଷା ଅଧିକାରୀ ଗେନ୍ଦ୍ରା କୁଜୁରଙ୍କ ସଭାପତିତ୍ୱରେ ଦେବଗଡ଼ ପୌର ପରିଷଦ ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଜିତ ଭୋଜ ମୁଖ୍ୟ ଅତିଥି, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସୁଶାନ୍ତ ଘୁଟା ସମ୍ମାନିତ ଅତିଥି ଭାବେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସମଗ୍ର ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ପ୍ରୋଗ୍ରାମର ଶ୍ରୀନିବାସ ପଣ୍ଡା, ଆକାଉଣ୍ଟାଣ୍ଟ ସଞ୍ଜୀବ ମିଶ୍ର, ଝରଣା ବେହେରା, ଦୀପିକା ମିଶ୍ର, ଶଶାଙ୍କ ଚୌଧୁରୀ, ସିଆରସିସି ଚୂଡାମଣି ସାହୁ, ଭେନସ ପ୍ରଧାନ, ଅଶୋକ ସାହୁ, ଦାଶରଥି ପ୍ରଧାନ, ପ୍ରଭାତ ପ୍ରଧାନ, ପ୍ରଦୀପ ଅଟି ପ୍ରମୁଖ ଉପସ୍ଥିତ ଥିଲେ।

ନୂଆପଡ଼ା ଉପନିର୍ବାଚନ

ଦଳୀୟ ପ୍ରାର୍ଥୀଙ୍କ ଉପରେ ସମସ୍ତଙ୍କ ନଜର

# ବିଜେଡିରୁ ସ୍ନେହାଙ୍ଗିନୀ, ବିଜେପିରୁ ଜୟ, କଂଗ୍ରେସରୁ ଘାସିରାମଙ୍କୁ ଟିକେଟ

ନୂଆପଡ଼ା, ୧୫ ।୧୦(ସମିସ)

ନୂଆପଡ଼ା ଉପନିର୍ବାଚନ ତାରିଖ ଯେତିକି ପାଖେଇ ଆସୁଛି ଗାଁଠୁ ସହର ନିର୍ବାଚନୀ ତାତି ବଢ଼ିବାରେ ଲାଗିଛି। ନିର୍ବାଚନ ପାଇଁ ନାମାଙ୍କନପତ୍ର ଦାଖଲର ପ୍ରକ୍ରିୟା ଚାଲିଥିବା ବେଳେ ତିନି ପ୍ରମୁଖ ରାଜନୈତିକ ଦଳ ବିଜେଡି, ବିଜେପି ଏବଂ କଂଗ୍ରେସ ଉପରେ ସମସ୍ତଙ୍କ ନଜର ରହିଛି। କଂଗ୍ରେସ ଆଗତୁରା ପ୍ରାର୍ଥୀ ଘୋଷଣା କରିସାରିଥିବା ବେଳେ ବୁଧବାର ବିଜେପି, ବିଜେଡି ମଧ୍ୟ ଦଳୀୟ ପ୍ରାର୍ଥୀ ପାଇଁ ଟିକେଟ ଘୋଷଣା କରିଛନ୍ତି। ବିଧାୟକ ରାଜେନ୍ଦ୍ର ଢୋଲକିଆଙ୍କ ପରଲୋକ ଦିନଠାରୁ ଜିଲ୍ଲାରେ ଉପନିର୍ବାଚନ ପାଇଁ ରାଜନେତା ଏବଂ ଗଣମାଧ୍ୟମ ଚର୍ଚ୍ଚା କରିବା ଆରମ୍ଭ କରିଦେଇଥିଲେ। ଏଭଳି ସ୍ଥିତିରେ ନିର୍ବାଚନ ତାରିଖ ଘୋଷଣା ହେବା ପରେ କଂଗ୍ରେସ ଘାସିରାମ ମାଝୀଙ୍କୁ ଦଳୀୟ ପ୍ରାର୍ଥୀ ଭାବେ ଘୋଷଣା କରି ଦେଇଥିଲେ। ଏହା ପରେ ବିଜେଡି ଏବଂ ବିଜେପିକୁ ନେଇ ଲୋକେ ଅଙ୍କ କଷିବାକୁ ଲାଗିଲେ। ହେଲେ ହଠାତ ଅଙ୍କ ବଦଳି ଗଲା। ସ୍ୱର୍ଗତ ବିଧାୟକ ରାଜେନ୍ଦ୍ର ଢୋଲକିଆଙ୍କ ପୁଅ ଜୟ ଢୋଲକିଆ ହଠାତ ଦଳ ଛାଡି ବିଜେପିରେ ନାଟକୀୟ ଢଙ୍ଗରେ ଯାଇ ଆବିର୍ଭାବ ହୋଇଗଲେ। ଯାହାକୁ ନେଇ ବିଜେପି କର୍ମୀଙ୍କ ମଧ୍ୟରେ ଅସନ୍ତୋଷ ଦାନା ବାନ୍ଧିଥିଲା। ହେଲେ ପରବର୍ତ୍ତି ସମୟରେ ବୁଧବାର ଦିନ ଜୟଙ୍କୁ ବିଜେପି ଦଳୀୟ ଟିକେଟ ମଧ୍ୟ ଦେଲା। ଅନ୍ୟପକ୍ଷେ ବିଜେଡି ମଧ୍ୟ ବରଗଡ଼ ଜିଲ୍ଲା ଅତାବିରା ବିଧାନସଭା ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟିକା ତଥା ରାଜ୍ୟ ବିଜେଡି ମହିଳା ମୋର୍ଚ୍ଚାର ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆଙ୍କୁ ଦଳୀୟ ପ୍ରାର୍ଥୀ ଭାବେ ଟିକେଟ ପ୍ରଦାନ କରିଛନ୍ତି। ଏହା ପରେ ଲୋକେ କିଏ କେତେ ଭୋଟ ପାଇବ, କେଉଁ ଦଳରୁ କିଏ ଜିତିବେ ତାହା ଲୋକେ ଆକଳନ କରୁଛନ୍ତି। ଜୟଙ୍କ ଆଗମନ ପରେ ବିଜେପି ଏବଂ ବିଜେଡିରୁ ନିରାଶ କର୍ମୀ, ନେତା କୁଆଡେ ଯିବେ ତାକୁ ଅନୁଧ୍ୟାନ କରୁଛନ୍ତି। ବିଜେପିରେ





ହଜାର ହଜାର ସଂଖ୍ୟକ କର୍ମୀ ଏବଂ ବଡ ମୁଣ୍ଡିଆ ନେତାଙ୍କ ହତାଶା ପରେ ବିଜେପିରେ କରାଳ ଗ୍ରାସିଛି। ଜିଲ୍ଲା ବିଜେପି ଅଫିସ ଖାଁ ଖାଁ ଲାଗୁଛି। କେବଳ ଯେଉଁମାନେ ନିଜର ମନକୁ ବୁଝାଉଛନ୍ତି ଏବଂ ଯେଉଁମାନଙ୍କୁ ଦଳ ଥଇଥାନ କରିବାର ପ୍ରତିଶ୍ରୁତି ଦେଇଛନ୍ତି ସେମାନେ ଆସୁଥିବା ଦେଖାଯାଇଛି। ପ୍ରଥମ ଦିନରେ ଜିଲ୍ଲାବ୍ୟାପି ବିଦ୍ରୋହର ସ୍ୱର ଦେଖାଯାଉଥିଲା ହେଲେ ଏହା ଧିରେ ଧିରେ ପ୍ରଶମିତ ହୋବାରେ ଲାଗିଛି। ବୁଧବାର ଦିନ ରାଜ୍ୟ ସଭାପତି ନୂଆପଡ଼ା ଗସ୍ତ କରି ଉଦ୍ୟାନବନ୍ଧ ଠାରେ ଏକ ମିଶ୍ରଣ ପର୍ବରେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଦଳୀୟ ଘୋଷିତ ପ୍ରାର୍ଥୀ ଜୟ ଢୋଲକିଆ ମଧ୍ୟ ଉପସ୍ଥିତ ରହି ଭୋଟ ଭିକ୍ଷା କରିଥିଲେ। ପ୍ରଦୀପ ସାହୁ, ପ୍ରସନ୍ନ କୁମାର ପାଢ଼ୀ ମଞ୍ଚ ପରିଚାଳନା କରିଥିବା ବେଳେ ବସନ୍ତ କୁମାର ପଣ୍ଡା, କଳାହାଣ୍ଡି ସାଂସଦ ମାଳବିକା ଦେବୀ, ଜଙ୍ଗଲ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ, ପୂର୍ବତନ ସାଂସଦ ଅର୍କକେଶରୀ ଦେଓ, ଧର୍ମଗଡ଼ ବିଧାୟକ ସୁଧିର ପାଟଯୋଷୀ, ଖରିଆରରୋଡ ଏନ୍ଏସି ଅଧ୍ୟକ୍ଷା ଡ.ସୋନିଆ ଜୈନ, ଗୋଲଡି ସରୋଜ କୁମାର ସାହୁ, ଅଭିନନ୍ଦନ ପଣ୍ଡା, ଗୋଲଡି ଅଗ୍ରୱାଲ ପ୍ରମୁଖ ଯୋଗ ଦେଇଥିଲେ।

ସାଗୁଆନ କାଠ ଚୋରଙ୍କ ନୂଆ ତରିକା

# ଓଡ଼ିଶାରେ ପଶି କାଠ ଜବତ କଲା ଛତିଶଗଡ଼ ବନ ବିଭାଗ

**ସିନାପାଲି, ୧୫ ।୧୦(ସମିସ):** ଛତିଶଗଡ଼ ରାଜ୍ୟର ଦକ୍ଷିଣଉଦୟଗିରି ଜଙ୍ଗଲରୁ ଓଡ଼ିଶାର ନୂଆପଡ଼ା ଜିଲ୍ଲାର ବିଭିନ୍ନ ଗାଁରେ ସାଗୁଆନ ଗଛ ତସକରୀ ଚାଲିଛି। ଗରିଆବନ୍ଧ ଉଦୟଗିରିଓଡ଼ିଶା ସୀମା ପର୍ଯ୍ୟନ୍ତ ଜଙ୍ଗଲ ଅଞ୍ଚଳରେ କିଛି ଚୋରା କାଠ ବେପାରୀ ନୂଆ ଉପାୟରେ ସାଗୁଆନ ଗଣ୍ଡି ଚୋରି କରୁଛନ୍ତି। ଚୋରା ବେପାରୀମାନେ ଅଭିନବ ଉପାୟରେ ଚୋରି କରୁଛନ୍ତି। ଫଟୋରେ ସ୍ପଷ୍ଟ ହେଉଛି କିପରି ସେମାନେ ଗଛ କାଟି ନଦୀ ଦ୍ୱାରା କାଠ ଗଣ୍ଡି ଓଡ଼ିଶା ଭିତରକୁ ଆଣୁଛନ୍ତି ତାକୁ ନେଇ ବନବିଭାଗ ମଧ୍ୟ ଆଶ୍ଚର୍ଯ୍ୟପ୍ରକାଶ କରିଛି।ଏହାକୁ ନେଇ ସିନାପାଲି ତଥା ସୀମାନ୍ତ ଛତିଶଗଡ଼ ଅଞ୍ଚଳରେ ଚର୍ଚ୍ଚା ହେଉଛି। ବନ ବିଭାଗ ଚୋରା କାରବାର ରୋକିବା ପାଇଁ ନୂଆ ଯୋଜନା କରୁଥିବା ବେଳେ ଚୋରମାନେ ମଧ୍ୟ ଅଭିନବ ଉପାୟ ଅବଲମ୍ବନ କରୁଥିବା ଜଣାପଡୁଛି।



ଦକ୍ଷିଣ ଉଦୟଗିରିର ଜଙ୍ଗଲରୁ ଯେଉଁଠାରେ ସାଗୁଆନ ଗଛ ଚୋରା ବେପାର ହେଉଛି, ସେଠାରେ ବନ ବିଭାଗ ଆଗାମୀ ଦିନ ମଧ୍ୟରେ କଠୋର ପଦକ୍ଷେପ ନିଆଯିବ ବୋଲି ଜଣାପଡ଼ିଛି।ବନ ବିଭାଗର ଉଚ୍ଚ ଅଧିକାରୀମାନେ କହୁଛନ୍ତି ଯେ, କିଛି ଦିନ ତଳେ ଦକ୍ଷିଣ ଉଦୟଗିରିର ଜଙ୍ଗଲରେ ଗଛ କାଟିବାର ଘଟଣା ଧରାପଡ଼ିଥିଲା। ସିନିୟର ଅଧିକାରୀ ବର୍ଣ୍ଣନା କଲେ ଯେ ୨୯ ସେପ୍ଟେମ୍ବରରେ ଓଡ଼ିଶା ସୀମା ଜଙ୍ଗଲ ଅଞ୍ଚଳରୁ ସାଗୁଆନ ଗଛ ଚୋରୀ ହୋଇଥିବା ତଥ୍ୟ ମିଳିଥିଲା।ସେହି ଗଛ କୁ ନଦୀ ଦ୍ୱାରା ଭସାଇ ଓଡ଼ିଶାକୁ ଆଣାଯାଉଛି।ଏହି ପ୍ରକାର ନୂଆ ତରିକାରେ ବନ ବିଭାଗ ମଧ୍ୟ ଚିନ୍ତିତ।ସେମାନେ ଜଣାଇଛନ୍ତି ଯେ, ଦକ୍ଷିଣ ଉଦୟଗିରିରେ ସାଗୁଆନ ଗଛ ସହିତ ବନ୍ୟପ୍ରାଣୀ ଶୀକାର ମଧ୍ୟ ହେଉଛି। ଆଗାମୀ ଦିନ ରେ ବନ ବିଭାଗ ଏହା ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନେବ। ବନ ବିଭାଗ ସୂତ୍ର ରୁ ପ୍ରକାଶ ଯେ, ଗତ କିଛି ଦିନ ତଳେ ବର୍ଷା ହେବା ଫଳରେ ଉଦନ୍ତୀ ନଦୀରେ ବର୍ଷା ଜଳ ପ୍ରବାହିତ ହେବାରୁ ଛତିଶଗଡ଼ ନିକଟରୁ ନଦୀ ଭିତରେ ଭେଳା କରି ଆଣୁଥିଲେ। ହେଲେ ସିନାପାଲି ବ୍ଲକ ସୀମାନ୍ତ ସିନ୍ଦୂରଶିଳ ଗାଁ ନିକଟକୁ ପହଞ୍ଚିଲା ବେଳକୁ ସକାଳ ହୋଇ ଯାଇଥିଲା। ଛତିଶଗଡ଼ ବନ ବିଭାଗ କୌଣସି ସୂତ୍ର ରୁ ଖବର ପାଇ ଉକ୍ତ ସ୍ଥାନରେ ଚଢଉ କରି ଜବତ କରିଥିଲା। ହେଲେ ଅଭିଯୁକ୍ତମାନେ ଫେରାର ମାରିବାରେ ସକ୍ଷମ ହୋଇଥିଲେ।

# ବଚସାରୁ ହତ୍ୟାକାଣ୍ଡ; ଜଣେ ମୃତ, ଜଣେ ଗୁରୁତର

**ଲାଞ୍ଜିଗଡ଼, ୧୫ ।୧୦(ସମିସ):** ଲାଞ୍ଜିଗଡ଼ ଥାନା ଅନ୍ତର୍ଗତ ବଳଭଦ୍ରପୁର ଗ୍ରାମର ଜଣେ ଯୁବକ ରାୟଗଡ଼ା ଜିଲ୍ଲା ବିଷମକଟକ ବ୍ଲକ ଭାଟଗୁଡା ଗ୍ରାମକୁ ଗତ ସେପ୍ଟେମ୍ବର ୧୫ ତାରିଖରେ ପାଣି ଟାଙ୍କି ନିର୍ମାଣ ପାଇଁ ନିଜ ଗାଁର ଯୁବକମାନଙ୍କ ସହିତ କାମ କରିବାକୁ ଯାଇଥିଲା ସେଠାରେ ତାଙ୍କ ମଧ୍ୟରେ ବଚସା ହୋଇଥିଲା।ସେଠାରେ ଜଣେ ଯୁବକ ଟାଙ୍ଗିଆରେ ଆକ୍ରମଣ କରିଥିବା ବେଳେ ଘଟଣାସ୍ଥଳରେରେ ଜଣକର ମୃତ୍ୟୁ ହୋଇଥିବା ବେଳେ ଆଉ ଜଣେ ଗୁରୁତର ହୋଇ ସ୍ଥାନୀୟ ଖ୍ରୀଷ୍ଟିଆନ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ସୂଚନାନୁସାରେ ଭାଟଗୁଡ଼ା ଗ୍ରାମରେ ମେଗା ପାନୀୟ ଜଳ ପ୍ରକଳ୍ପର ପାଣି ଟାଙ୍କି ନିର୍ମାଣ କାର୍ଯ୍ୟ ଚାଲୁ ଥିବା ବେଳେ ଲାଞ୍ଜିଗଡ଼ ଥାନା ବଳଭଦ୍ରପୁର ସିମେଲଭଟାର ଚାରିଜଣ ଯୁବକ ସେଠାରେ ଶ୍ରମିକ ଭାବେ ରହି ନିର୍ମାଣ କାର୍ଯ୍ୟ କରୁଥିଲେ। ଚାରିଜଣ ଯୁବକ କୁନିଲ ଲୋହାରଓ, ଲଳିତ ମାଝୀ, ଦିଲ୍ଲୀପ ଲୋହାରଓ କୁଣୁଯା ମାଝୀ ଅଟନ୍ତି। ମଙ୍ଗଳବାର ରାତିରେ ପ୍ରାୟ ୧୧ ଟା ବେଳ କୌଣସି କାରଣରୁ ସେମାନଙ୍କ ମଧ୍ୟରେ ବଚସା ହୋଇଥିଲା ଏବଂ ଗଣ୍ଡଗୋଳ ଆରମ୍ଭ ହୋଇଥିଲା। ବଳଭଦ୍ରପୁର ସିମେଲଭଟାର ଗ୍ରାମର ସୀତା ଲୋହାରାଙ୍କ ପୁତ୍ର କୁନାଲ ଲୋହୋରା(୨୧) ଏକ ଟାଙ୍ଗିଆରେ ଆକ୍ରମଣ କରୁଥିଲେ। ଆକ୍ରମଣରେ ଗୋବିନ୍ଦ ଲୋହରାଙ୍କ ପୁତ୍ର ଦିଲ୍ଲୀପ ଲୋହରା (୨୮)ଙ୍କ ଘଟଣା ସ୍ଥଳରେ ମୃତ ହୋଇଯାଇଥିବା ବେଳ ଅରକ୍ଷିତ ମାଝୀଙ୍କ ପୁତ୍ର ଲଳିତ୍ ମାଝି(୨୨) ଗୁରୁତର ଆହତ ହୋଇ ଚିତ୍କାର କରୁଥିଲା। ଚିତ୍କାର ଶୁଣି ଭାଟଗୁଡା ଗ୍ରାମର ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ପହଞ୍ଚି ବିଷମକଟକ ପୁଲିସକୁ ଖବର ଦେଇଥିଲେ। ଖବର ପାଇ ପୁଲିସ ପହଞ୍ଚି ଶବକୁ ଉଦ୍ଧାର କରି ମେଡିକାଲକୁ ପଠାଇବା ସହ ହତ୍ୟାକାରିକୁ ଅଟକ ରଖି ତଦନ୍ତ ଚଳାଇଛି। ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକେ ବଳଭଦ୍ରପୁର ଗାଁକୁ ଆଣିବାପରେ ଶୋକାକୁଳ ପରିବେଶରେ ଶବଦାହ କରାଯାଇଛି।

# ନିଖୋଜ କଲେଜ ଛାତ୍ରୀ ଉଦ୍ଧାର

**କର୍ଲାମୁଣ୍ଡା, ୧୫ ।୧୦(ସମିସ):** କର୍ଲାମୁଣ୍ଡା ବ୍ଲକ ରିଷିଡାସ୍ଥିତ ଜଗନ୍ନାଥ କୌଶଲ୍ୟା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟୟନ କରୁଥିବା ଯେମନ୍ତ କପାଟଙ୍କ ଝିଅ ନିଖୋଜ ହୋଇଥିବା ଥାନାରେ ଅଭିଯୋଗ ହୋଇଥିଲା। ଶ୍ରୀ କପାଟଙ୍କ ଝିଅ କଲେଜକୁ ପଢ଼ିବାକୁ ଆସି ଗତ ୧୦ ତାରିଖ ଦିନ ଆଉ ଘରକୁ ଫେରିନଥିଲେ। ଏନେଇ ଛାତ୍ରୀର ବାପା ମ.ରାମପୁର ଥାନାରେ ଗତ ୧୧ ତାରିକ ଦିନ ଝିଅ ନିଖୋଜ ଥିବା ନେଇ ଏତଲା ଦେଇଥିଲେ। ଏତଲାକୁ ଭିତ୍ତି କରି ପୁଲିସ କେସ ନଂ-୨୫୭ରେ ମାମଲା ରୁଜୁ କରାଯାଇଥିଲା। ତେବେ କେସିଙ୍ଗା ଏସ୍ଡିପିଓ ସନ୍ଦୀପ କୁମାର ମାଝୀଙ୍କ ତତ୍ୱାବଧାନରେ ରିଷିଡା ଫାଣ୍ଡି ଅଧିକାରୀ ମନୁଆ ବିଡିକାଙ୍କ ନେତୃତ୍ୱରେ ଟିମ୍ ଗଠନ କରାଯାଇଥିଲା। ଆଜି ଉକ୍ତ ଛାତ୍ରୀଙ୍କୁ ଫାଣ୍ଡିଅଧିକାରୀ ଶ୍ରୀ ବିଡିକା ଉଦ୍ଧାର କରିବା ସହ ଛାତ୍ରୀକୁ ତାର ପିତାମାତାଙ୍କୁ ହସ୍ତାନ୍ତ କରିଥିବା ଜଣାଯାଇଛି।

# ଲାଞ୍ଜିଗଡ଼ ଆଞ୍ଚଳିକ ଉନ୍ନୟନ ପରିଷଦ ଉଦ୍‌ଘାଟିତ

**ଲାଞ୍ଜିଗଡ଼, ୧୫ ।୧୦(ସମିସ):** ଲାଞ୍ଜିଗଡ଼ ସାପ୍ତାହିକ ବଜାର ପ୍ରାଙ୍ଗଣରେ ବୁଧବାର ଲାଞ୍ଜିଗଡ଼ ଆଞ୍ଚଳିକ ଉନ୍ନୟନ ପରିଷଦର ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଯାଇଛି।ଅନୁଷ୍ଠାନର ମୁଖ୍ୟ ଉଦ୍ଦେଶ୍ୟ ଲାଞ୍ଜିଗଡ଼ରେ ବ୍ଲକ ଅଫିସ୍ ସ୍ଥାପନ କରିବା, ଲାଞ୍ଜିଗଡ଼କୁଏନ୍ଏସି ଘୋଷଣା, ସରକାରଙ୍କ ଦ୍ୱାରା ଘୋଷିତ ଲାଞ୍ଜିଗଡ଼ ଆଇଟିଆଇ ପ୍ରତିଷ୍ଠା, ଲାଞ୍ଜିଗଡ଼ରେ ରେଜିଷ୍ଟ୍ରାର ଓ ଟ୍ରେଜେରି ଅଫିସ୍ ପ୍ରତିଷ୍ଠା, ଅତିରିକ୍ତ ତହସିଲ ଅଫିସ୍ ପ୍ରତିଷ୍ଠା, ବସ୍‌ଷ୍ଟାଣ୍ଡ ନିର୍ମାଣ, ସ୍ୱାସ୍ଥ୍ୟକେନ୍ଦ୍ରକୁ ଉନ୍ନତୀକରଣ, ଛଅଟି ପଞ୍ଚାୟତ ବିଭିନ୍ନ ରାସ୍ତା, ଆଲୋକିକରଣ ଆଦି ଦାବି ସରକାରଙ୍କ ପାଖରେ ଉପସ୍ଥାପନ କରିବା। ଲାଞ୍ଜିଗଡ଼ ତଥା ପାଖ ପଡ଼ୋଶୀ ପଞ୍ଚାୟତର ଜନସାଧାରଣଙ୍କୁ ନେଇ ଗତ ସେପ୍ଟେମ୍ବର ୧୪ ତାରିଖରେ ଅନୁଷ୍ଠାନ ଗଠନ ହୋଇଥିଲା।ଆଜି ଆନୁଷ୍ଠାନିକ ଭାବେ ଶୁଭ ଉଦ୍‌ଘାଟନୀ ହୋଇଯାଇଛି। ମୁଖ୍ୟଅତିଥି ଭାବେ ସୁରେନ୍ଦ୍ର ପ୍ରତାପ ସିଂ ଦେଓ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ ଲାଞ୍ଜିଗଡ଼ ସରପଞ୍ଚ ସରସ୍ୱତୀ ମୁଣ୍ଡା, ଛତ୍ରପୁର ସରପଞ୍ଚ ସୁଷମା ମାଝୀ, ଲାଞ୍ଜିଗଡ଼ ପୂର୍ବତନ ସରପଞ୍ଚ ଚନ୍ଦ୍ରଧ୍ୱଜ ପେଶନିଆ, ଲାଞ୍ଜିଗଡ଼ ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ରାଜେନ୍ଦ୍ର ପ୍ରତାପ ସିଂ ଦେଓ, ଲାଞ୍ଜିଗଡ଼ ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ସେନାପତି ନାଏକ, ସମାଜସେବୀ ସୁବାସ ଅଗ୍ରୱାଲ, ଯୁବ ସମାଜସେବୀ ସୁବାଷ ମହାପାତ୍ର ଓ ପାତ୍ର ମାଝୀ, ସୁରେନ୍ଦ୍ର ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।କାର୍ଯ୍ୟକ୍ରମକୁ ଅନୁଷ୍ଠାନର ସମ୍ପାଦକ ଶ୍ରୀମୁଖ ଅଗସ୍ତି ପରିଚାଳନା କରିଥିବାବେଳେ ସମସ୍ତ ଅତିଥିମାନଙ୍କୁ ଫୁଲତୋଡା ଓ ଉପଢୋକାନ ଦେଇ ସମ୍ମାନିତ କରାଯାଇଥିଲା।କାର୍ଯ୍ୟକ୍ରମରେ ଅତିଥିମାନେ ସଭାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ।ଏହି ଉନ୍ନୟନ ପରିଷଦକୁ ପରିଚାଳନା କରିବା ପାଇଁ ପୂର୍ବରୁ ଏକ ଗଭର୍ଣ୍ଣିବଡି କମିଟି ଗଠନ ହୋଇଥିଲା ଏଥିରେ ଶ୍ରୀଧର ପେଶନିଆ ସଭାପତି, ରାଜେନ୍ଦ୍ର ପ୍ରତାପ ସିଂଦେଓ କାର୍ଯ୍ୟକାରୀ ସଭାପତି, ଶ୍ରୀମୁଖ ଅଗସ୍ତି ସାଧାରଣ ସମ୍ପାଦକ, ଅଶୋକ ପଟ୍ଟନାୟକ, ଶିଶିର ପୂଝାରୀ ଓ ଭୂପେନ୍ଦ୍ର ମହରଥା ସହ ସମ୍ପାଦକ, ସୁବାସ ଅଗ୍ରୱାଲ କୋଷାଧ୍ୟକ୍ଷ, ସୁବାସ ଚନ୍ଦ୍ର ମହାପାତ୍ର ସହ କୋଷାଧ୍ୟକ୍ଷ ଭାବେ ଚୟନ କରାଯାଇଛି।ସେହିପରି କମିଟିରେ ୨ ଜଣ କନଭେନର ଚନ୍ଦ୍ରଧ୍ୱଜ ପେଶନିଆ ଓ ରାଜେନ୍ଦ୍ର ପ୍ରତାପ ସିଂ ଦେଓ ରହିଥିବା ବେଳେ ଆଇନ ପରାମର୍ଶଦାତା ସିଦ୍ଧାର୍ଥ ନାୟକ, ଆଇନଜୀବୀ ଅନ୍ୱାର ଭାରତୀ ରହିଛନ୍ତି।ଉପଦେଷ୍ଟା କମିଟିରେ ଲାଞ୍ଜିଗଡ଼ ସରପଞ୍ଚ ସରସ୍ୱତୀ ମୁଣ୍ଡା, ବସନ୍ତପଡ଼ା ସରପଞ୍ଚ ଟାଞ୍ଚେର ମାଝୀ, ଛତ୍ରପୁର ସରପଞ୍ଚ ସୁଷମା ମାଝୀ, ଜଗନ୍ନାଥପୁର ସରପଞ୍ଚ ମୁଗୁନା ମାଝୀ, ବାତେଲିମା ସରପଞ୍ଚ କରୁଣା ମାଝୀ, ତ୍ରିଲୋଚନପୁର ସରପଞ୍ଚ ରହିଥିବା ବେଳେ କାମରାଜ ଦଳବେହେରା, ସେନାପତି ନାଏକ, ବିପିନ୍ ପଟ୍ଟନାୟକ, ଧାନ ମାଝୀ, ହରେକୃଷ୍ଣ ଯୋଷି, ତ୍ରିନାଥ ମହାଖୁଡ ରହିଛନ୍ତି।ସେହିପରି ମିଡ଼ିଆ ସେଲ୍‌ଫ ପରିଚାଳନା କମିଟି ଭାବେ କ୍ଷମକ୍ଷନିଧି ମହାଖୁଡ଼, ଏମ୍. ଚନ୍ଦ୍ରଶେଖର ମହେଶ୍ୱର ପତି ରହିଛନ୍ତି। ଏହା ବ୍ୟତୀତ ଲାଞ୍ଜିଗଡ଼, ବସନ୍ତପଡ଼ା, ଛତ୍ରପୁର, ବାତେଲିମା, ଜଗନ୍ନାଥପୁର ଓ ତ୍ରିଲୋଚନପୁର ୬ଟି ପଞ୍ଚାୟତର ୭୫ ଜଣ ଲଜ୍ୟୁକ୍ଟିଭି ମେମ୍ବର ରହିଛନ୍ତି। କାର୍ଯ୍ୟକ୍ରମରେ ୬ ଟି ପଞ୍ଚାୟତର ଶତାଧିକ ମହିଳା, ପୁରୁଷ, ବୁଦ୍ଧିଜୀବୀ ଉପସ୍ଥିତ ରହିଥିଲେ।ଶେଷରେ ଯୁବ ସମାଜସେବୀ ପାତ୍ର ମାଝୀ ସମସ୍ତଙ୍କୁ ଧନ୍ୟବାଦ୍ ଦେଇଥିଲେ।

# ଏନ୍ଆଇଟି ଦ୍ୱାରା ଆଣ୍ଟିବାୟୋଟିକ୍ ପ୍ରତିରୋଧକ ସବୁଜ ବିକଳ୍ପ

**ରାଉରକେଲା, ୧୫।୧୦(ସମିସ) :** ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ (ଏନ୍ଆଇଟି) ରାଉରକେଲାର ଗବେଷକମାନେ ଔଷଧୀୟ ଗଛର ନିର୍ଗମକୁ ବ୍ୟବହାର କରି ଶକ୍ତିଶାଳୀ ଆଣ୍ଟିବ୍ୟାକ୍ଟେରିଆଲ୍ ଏଜେଣ୍ଟ ବା ଆଣ୍ଟିବାଇଓଟିକ ପ୍ରତିରୋଧକ ଜାରକ ପ୍ରସ୍ତୁତ କରିଛନ୍ତି, ଯାହା ପରିବେଶଗତ ଭାବରେ ସୁରକ୍ଷିତ ଓ ପ୍ରଭାବଶାଳୀ ଅଟେ। ଏହି ଗବେଷଣା ଆଣ୍ଟିମାଇକ୍ରୋବିଆଲ୍ ପ୍ରତିରୋଧର ସମସ୍ୟାକୁ ସମାଧାନ କରିବ ବୋଲି ସୂଚନା ମିଳିଛି। ପାରମ୍ପରିକ ଆଣ୍ଟିବାଇଓଟିକ୍ସର ଅତ୍ୟଧିକ ବ୍ୟବହାର ଫଳରେ 'ସୁପରବଗ୍ସ୍' ବୃଦ୍ଧି ପାଇଛି ଯାହା ଏହି ଚିକିତ୍ସା ପ୍ରତି ପ୍ରତିରୋଧୀ। ସାରା ବିଶ୍ୱରେ, ବୈଜ୍ଞାନିକମାନେ ଏହି ସୁପରବଗ୍ସ୍ ସହିତ ଲଢ଼ିବା ପାଇଁ ବିକଳ୍ପ ପଦ୍ଧତି ଖୋଜୁଥିବା ବେଳେ ଏନଆଇଟି ରାଉରକେଲାର ଏହି ପଦକ୍ଷେପ ନିଶ୍ଚିତ ଭାବେ ସ୍ୱାଗତଯୋଗ୍ୟ। ପ୍ରତିଷ୍ଠିତ ସରଫେସେସ୍ ଆଣ୍ଡ ଇଣ୍ଟରଫେସେସ୍ ଜର୍ଣ୍ଣାଲରେ ପ୍ରକାଶିତ ଏହି ଅଧ୍ୟୟନକୁ ଜୀବ ବିଜ୍ଞାନ ବିଭାଗର ସହଯୋଗୀ ପ୍ରାଧ୍ୟାପକ ପ୍ରଫେସର ସୁମନ ଝା ଏବଂ ତାଙ୍କର ଗବେଷଣା ବିଦ୍ୱାନ କୁମାରୀ ସୁଭମ, ସୋନାଲି ଜେନା ଓ ମୋନାଲିସା ଓଝା ଲେଖିଥିଲେ। ଏହି ସମସ୍ୟାର ସମାଧାନ ପାଇଁ, ଏନ୍ଆଇଟି ରାଉରକେଲାର ଗବେଷକମାନେ ଜିଙ୍କ୍ ଅକ୍ସାଇଡ୍ ସୂକ୍ଷ୍ମକଣିକା ଉତ୍ପାଦନ ପାଇଁ ଏକ ପରିବେଶ ଅନୁକୂଳ ପଦ୍ଧତି ଗ୍ରହଣ କରିଛନ୍ତି। କଠୋର ରାସାୟନିକ ପଦାର୍ଥ ବଦଳରେ, ଗବେଷକମାନେ ଗେଣ୍ଡୁ, ଆମ୍ବ ଓ ୟୁକାଲିପଟାସ ଭଳି ଗଛର ପତ୍ର ଓ ଫୁଲରୁ ନିର୍ଗତ ଜିଙ୍କ୍ ଲବଣକୁ ଜିଙ୍କ୍ ଅକ୍ସାଇଡ୍ ସୂକ୍ଷ୍ମକଣିକାରେ ପରିଣତ କରିବା ପାଇଁ ଏକ ନିଷ୍କାସନ ବ୍ୟବହାର କରିଥିଲେ ଯାହା ନିଷ୍କାସନ ଦ୍ୱାରା ଉତ୍ପାଦିତ ଫାଇଟୋକମ୍ପାଉଣ୍ଡ ଶୋଷଣ କରିଥାଏ। ଗବେଷଣାର ଗୁରୁତ୍ୱ ଉପରେ ଆଲୋକପାତ କରି ଏନ୍ଆଇଟି ରାଉରକେଲାର ଜୀବ ବିଜ୍ଞାନ ବିଭାଗର ସହଯୋଗୀ ପ୍ରାଧ୍ୟାପକ ପ୍ରଫେସର ସୁମନ ଝା କହିଛନ୍ତି ଏହି କାର୍ଯ୍ୟ ସ୍ଥାୟୀ ସ୍ୱାସ୍ଥ୍ୟସେବା ପ୍ରଣାଳୀକୁ ସମର୍ଥନ କରିପାରୁଥିବା ଏକ ନୂତନ ପିଢ଼ିର ସବୁଜ ସୂକ୍ଷ୍ମକଣିକା ବିକାଶ କରିବା ଦିଗରେ ଏକ ପଦକ୍ଷେପ ଅଟେ। ନିର୍ଗମନ ସହିତ ଆବୃତ ସୂକ୍ଷ୍ମକଣିକା, ବିଶେଷକରି ଗେଣ୍ଡୁ ଫୁଲ ପାଖୁଡ଼ାରୁ ତିଆରି ସୂକ୍ଷ୍ମକଣିକା, ରାସାୟନିକ ଭାବରେ ସଂଶ୍ଳେଷିତ ସୂକ୍ଷ୍ମକଣିକା କିମ୍ବା କେବଳ ଉଦ୍ଭିଦ ନିର୍ଗମନ ଅପେକ୍ଷା ଜୀବାଣୁ ହତ୍ୟା କରିବାରେ ଦୁଇଗୁଣ ଅଧିକ ପ୍ରଭାବଶାଳୀ ବୋଲି ଜଣାପଡ଼ିଛି।

ମାଇଲଖୁଣ୍ଟ ଅତିକ୍ରମ କଲା ଆର୍‌ଏସ୍‌ପି

# ଷ୍ଟିଲ୍ ମେଲ୍ଟିଂ ସପ୍-୨ ରେ ଅତ୍ୟାଧୁନିକ କାଷ୍ଟର-୪ କାର୍ଯ୍ୟକ୍ଷମ

**ରାଉରକେଲା, ୧୫।୧୦(ସମିସ):** ଉତ୍କର୍ଷତା ଦିଗରେ ଆଉ ଏକ ଐତିହାସିକ ସଫଳତା ସ୍ୱରୂପ ସେଲ୍‌ଫ ରାଉରକେଲା ଇସ୍ପାତ କାରଖାନା (ଆରଏସପି) ଅକ୍ଟୋବର ୧୩ ତାରିଖରେ ଏହାର ଷ୍ଟିଲ୍ ମେଲ୍ଟିଂ ସପ୍-୨ (ଏସଏମଏସ ୨) ରେ ସ୍ଥାପିତ ନୂତନ କାଷ୍ଟର-୪ ରୁ ପ୍ରଥମ କାଷ୍ଟ ସଫଳତାର ସହିତ ଉତ୍ପାଦିତ ହୋଇଛି। ଇସ୍ପାତ ନିର୍ମାଣ କ୍ଷମତା ବିସ୍ତାର ଏବଂ ଭବିଷ୍ୟମୁଖୀ ପ୍ରଯୁକ୍ତିବିଦ୍ୟା ଗ୍ରହଣ ଲକ୍ଷ୍ୟରେ ଆର୍‌ଏସ୍‌ପି ସାମୂହିକଙ୍କ ନିରବଚ୍ଛିନ୍ନ ଦଳଗତ ପ୍ରୟାସ, ସୂକ୍ଷ୍ମ ଯୋଜନା ଏବଂ ଇଞ୍ଜିନିୟରିଂ ପ୍ରତିଭାର ସମ୍ମିଳିତ ସ୍ୱରୂପର ଏହି ମାଇଲଖୁଣ୍ଟ ହାସଲ ହେଉଛି ଏକ ପ୍ରତିବିମ୍ବ। କନସୋର୍ସିୟମ୍ ଲିଡର ଭାବେ ନୂଆଦିଲ୍ଲୀସ୍ଥିତ ମେସର୍ସ ଏସ୍ଏମ୍ଏସ୍ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ ତଥା କନସୋର୍ସିୟମ୍ ସଦସ୍ୟ ରୂପେ ମେସର୍ସ ଏସ୍ଏମ୍ଏସ୍ ଗ୍ରୁପ୍ ଜିଏମ୍‌ବିଏଚ୍, ଜର୍ମାନୀ (ଏସଡିଇ) ଅଧୀନରେ କାର୍ଯ୍ୟକାରୀ ହୋଇଥିବା ଏହି କାଷ୍ଟର-୪ ପ୍ରକଳ୍ପ, ୨୦୨୨ ଫେବୃଆରୀ ୧୬ ତାରିଖରେ ଚୁକ୍ତି ସ୍ୱାକ୍ଷରିତ ହେବା ଦିନ ଠାରୁ ୪୪ ମାସ ମଧ୍ୟରେ ଉକ୍ତ ସଫଳତା ହାସଲ କରିବାରେ ସକ୍ଷମ ହୋଇଛି। ଏହି କ୍ଷମତାର ଯେକୌଣସି ସ୍ଲାବ୍ କାଷ୍ଟର ପ୍ରକଳ୍ପ ପାଇଁ ସମଗ୍ର ସେଲରେ ଏହା ରେକର୍ଡ ଅବଧି। ଉଲ୍ଲେଖନୀୟ ଯେ, ଏହି ମାଇଲଖୁଣ୍ଟ ହାସଲର ଯାତ୍ରା ଶୂନ୍ୟ ସୁରକ୍ଷା ଘଟଣା ସହ ସମ୍ପନ୍ନ ହୋଇଥିଲା। ଯାହା ଆର୍‌ଏସ୍‌ପିର ଶୂନ୍ୟ ଦୁର୍ଘଟଣା ନୀତି ପ୍ରତି ଥିବା ପ୍ରତିବଦ୍ଧତାକୁ ମଧ୍ୟ ବଜାୟ ରଖିପାରିଛି। ଏହି ପ୍ରକଳ୍ପ କାର୍ଯ୍ୟାନ୍ୱୟନର ପ୍ରତ୍ୟେକ ପର୍ଯ୍ୟାୟ ସୁରକ୍ଷା



ପ୍ରୋଟୋକଲର ସର୍ବାଧିକ ଅନୁପାଳନ ସହିତ ସମ୍ପାଦିତ ହୋଇଥିଲା, ଯାହା କାରଖାନାର ଦୃଢ଼ ସୁରକ୍ଷା ସଂସ୍କୃତି ଏବଂ ସୁରକ୍ଷିତ ବୃତ୍ତିଗତ ଅଭ୍ୟାସକୁ ପ୍ରତିଫଳିତ କରିଥିଲା। ଉଲ୍ଲେଖନୀୟ ଯେ, ପୂର୍ବ ଯୋଜନା ମୁତାବକ ସମସ୍ତ ସଟଡାଉନ କାର୍ଯ୍ୟ ସମୟସୀମା ପୂର୍ବରୁ ସମାପ୍ତ ହୋଇଥିଲା, ଯାହା ପୂର୍ବ ଭଳି କାରଖାନାରୁ ହେଉଥିବା ନିରବଚ୍ଛିନ୍ନ ଉତ୍ପାଦନକୁ ମଧ୍ୟ ସୁନିଶ୍ଚିତ କରିଥିଲା। ବୈଷୟିକ ଜ୍ଞାନ କୌଶଳରେ ନୂତନ କାଷ୍ଟର-୪ ର ଏକ ଅତ୍ୟାଧୁନିକ ସୁବିଧା ରୂପେ ଉଭା ହୋଇଛି ଯାହା ଉନ୍ନତ ମୋଲ୍ଡ ଅସିଲେସନ ପ୍ରଣାଳୀ, ବିଓପିଏସ, ଏଏମଏଲସି ସିଷ୍ଟମ, ଆର୍ଏଏମ୍, ଅତ୍ୟାଧୁନିକ ଲେଭେଲ-୨ ଅଟୋମେସନ, ସଠିକ୍ ନିୟନ୍ତ୍ରଣ ପାଇଁ ହାଇ ସ୍ପିଡ ଡାଟା ଇଣ୍ଟିଗ୍ରେସନ ଏବଂ ଗୁରୁତ୍ୱପୂର୍ଣ୍ଣ ଜଟିଳ ଉପକରଣଗୁଡ଼ିକର ପୂର୍ବାନୁମାନିକ ସ୍ଥିତି ମନିଟରିଂ ପାଇଁ ଇଣ୍ଡଷ୍ଟ୍ରି ୪.୦ ସେନ୍ସର ଭଳି ଅତ୍ୟାଧୁନିକ ବୈଶିଷ୍ଟ୍ୟ ସହ ଡିଜାଇନ କରାଯାଇଛି। ଆରଏସପି ଏବଂ ବୋକାରୋ ଇସ୍ପାତ କାରଖାନାର ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମାଙ୍କ ମାର୍ଗଦର୍ଶନ ଏବଂ ନିରନ୍ତର ପ୍ରୋତ୍ସାହନରେ ଏହି ମାଇଲଖୁଣ୍ଟ ହାସଲ ହୋଇଛି। ଏହି ମହତ୍ୱପୂର୍ଣ୍ଣ ପ୍ରଥମ କାଷ୍ଟିଂ ମାନବ ସମ୍ବଳ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର, କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ପଲାଇ, ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଅନିଲ କୁମାର, ଖଣି ବିଭାଗର ନିର୍ବାହୀ ନିର୍ଦ୍ଦେଶକ ମୁନ୍ନା ପ୍ରସାଦ ସିଂହ, ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ସୁଦୀପ ପାଲ ଚୌଧୁରୀ, ବିତ୍ତ ଓ ଲେଖା ବିଭାଗର ସିଜିଏମ ରାଜେଶ ଦାସଗୁପ୍ତା, ଏସ ଏମ ଏସ ୨ ବିଭାଗର ସିଜିଏମ ଏମ.ଜି ଶ୍ରୀକାନ୍ତ ତଥା ପ୍ରକଳ୍ପ, ଏସ ଏମ ଏସ ୨ ସହ ସମ୍ପୃକ୍ତ ବିଭାଗର ବହୁ ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ସମ୍ପନ୍ନ ହୋଇଥିଲା।

# ଗୋଲାମୁଣ୍ଡା ଥାନାରେ ବିଦାୟକାଳୀନ ସମ୍ବର୍ଦ୍ଧନା

**ଗୋଲାମୁଣ୍ଡା, ୧୫ ।୧୦(ସମିସ):** କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ଥାନାର ସବଇନ୍ସପେକ୍ଟର ରାଜେଶ ପରିଡ଼ାଙ୍କ ଗୋଲାମୁଣ୍ଡା ଥାନାରୁ କେସିଙ୍ଗା ଥାନାକୁ ବଦଳି ହୋଇଛି। ସବଇନ୍ସପେକ୍ଟର ଶ୍ରୀ ପରିଡ଼ାଙ୍କୁ ଗୋଲାମୁଣ୍ଡା ଥାନା ପରିସରରେ ବିଦାୟକାଳିନ ସମ୍ବର୍ଦ୍ଧନା ଦିଆଯାଇଛି।ଗୋଲାମୁଣ୍ଡା ଥାନା ଅଧିକାରୀ ଜ୍ୟୋତି ପ୍ରକାଶ ତାଣ୍ଡି, ଦଶପୁର ଫାଣ୍ଡି ଅଧିକାରୀ ସାହୁ, ରଞ୍ଜନ କୁମାର ରାଉତ, ସମାଜସେବୀ ଶ୍ୟାମସୁନ୍ଦର ଅଗ୍ରୱାଲ ଓ ସମସ୍ତ ଥାନା କର୍ମଚାରୀ ତାଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା ଜଣାଇଥିଲେ।

# ଜୟପ୍ରକାଶ ସାନ୍ଧ୍ୟ ଡିଗ୍ରୀ ମହାବିଦ୍ୟାଳୟରେ ପୋଷଣ ମାସ

**ଭବାନୀପାଟଣା, ୧୫ ।୧୦ (ସମିସ):** ଜୟ ପ୍ରକାଶ ସାନ୍ଧ୍ୟ ଡିଗ୍ରୀ ମହାବିଦ୍ୟାଳୟରେ ଅଷ୍ଟମ ରାଷ୍ଟ୍ରୀୟ ପୋଷଣ ମାସ ପାଳିତ ହୋଇଯାଇଛି। କଳାହାଣ୍ଡି ଜିଲ୍ଲା ସମାଜ ମଙ୍ଗଳ କାର୍ଯ୍ୟାଳୟରୁ ପୋଷଣ ବିଶେଷଜ୍ଞ ବିଶ୍ୱନାଥ ଦାଶ ମୁଖ୍ୟଅତିଥି ଭାବରେ ଯୋଗଦେଇ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ପୋଷଣର ଲକ୍ଷ୍ୟ, ଉଦ୍ଦେଶ୍ୟ ଏବଂ ରାଷ୍ଟ୍ରରେ ସୁସ୍ଥ ଯୁବକର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଅଧ୍ୟକ୍ଷ ପରମେଶ୍ୱର ମୁଣ୍ଡ ଏହାର ଉପକାରିତା ବିଷୟରେ ଗୁରୁତ୍ୱ ଦେଇଥିଲେ। ଅଧ୍ୟାପକ ତଥା ଜାତୀୟ ସେବା ଯୋଜନା ଅଧିକାରୀ ପ୍ରତାପ ଚନ୍ଦ୍ର ଦାଶ ସଭା ପରିଚାଳନା କରିଥିବା ବେଳେ ଏନ୍‌ସିସି ଅଫିସର ଶୁଶାନ୍ତ କୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପକ ଶୁଭେନ୍ଦୁ କୁମାର ପାଢ଼ୀ, ଫାଲଗୁନୀ ପ୍ରଧାନୀ, ମୀନକେତନ ସାହୁ, ମିକୁ ମିଶ୍ର ନିଆଲ, ମନ୍ଦାକିନି ପ୍ରଧାନ ଓ ପୁରୀତ ରଣା ସହଯୋଗ କରିଥିଲେ।

# କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

**ରାଉରକେଲା, ୧୫।୧୦(ସମିସ):** ସୁନ୍ଦରଗଡ଼ ସଦର ବ୍ଲକ ଅଧୀନ ସେମନା ଗ୍ରାମରେ ସ୍ଥାୟୀୟ ଟାଇଗର କ୍ଲବ ଦ୍ୱାରା ଆୟୋଜିତ ଦୁଇ ଦିନିଆ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଛି। ଏହି କ୍ରିକେଟ ଟୁର୍ଣ୍ଣାମେଣ୍ଟ ଗତ ୧୩ ତାରିଖରୁ ଆରମ୍ଭ ହୋଇ ୧୪ ତାରିଖ ଯାଏ ଦୁଇ ଦିନ



ଚାଲିଥିଲା। ଏହି କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ମୋଟ ୮ଟି ଦଳ ଅଂଶଗ୍ରହଣ କରିଥିଲେ। ୧୪ ତାରିଖ ଦିନ ଏହାର ଫାଇନାଲ ମ୍ୟାଚ ଦିନ ବିଧାୟକ ପ୍ରତିନିଧି ଜୟ ନାରାୟଣ ତ୍ରିପାଠୀ ଓ ପୂର୍ବତନ ନଗରପାଳ ବେଣୁଧର ତାଣ୍ଡିଆ ଯଥାକ୍ରମେ ମୁଖ୍ୟଅତିଥି ଏବଂ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଫାଇନାଲ ମ୍ୟାଚ ୮ ଓଭର ଲେଖାଏଁ ଖେଳା ଯାଇଥିଲା। ଏହି ଫାଇନାଲ ମ୍ୟାଚ ରୂପିଡିହି ଏବଂ ଖମାରବାହାଲ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ରୁପିଡିହି ଦଳ ପ୍ରଥମେ ବ୍ୟାଟିଂ କରି ୮ ଓଭରରେ ୮୧ ରନ୍ କରି ଚାମ୍ପଅନ ହୋଇଥିଲା। ଏହାର ଜବାବରେ ବ୍ୟାଟିଂ କରି ଖମାରବାହାଲ ଦଳ ମାତ୍ର ୪୫ ରନ କରି ଏଲ ଆଉଟ ହୋଇଯାଇ ରନର୍ସଅପ ହୋଇଥିଲା। ଏହି ଟୁର୍ଣ୍ଣାମେଣ୍ଟର ଚାମ୍ପିଅନ ରୁପିଡିହି ଦଳକୁ ମୁଖ୍ୟ ଅତିଥି ଏବଂ ସମ୍ମାନିତ ଅତିଥି ଟ୍ରଫି ସହିତ ନଗଦ ପାଞ୍ଚ ହଜାର ଟଙ୍କା ଏବଂ ରନର୍ସଅପ ଦଳକୁ ଟ୍ରଫି ସହିତ ନଗଦ ତିନି ହଜାର ଟଙ୍କା ପୁରସ୍କୃତ କରିଥିଲେ। ଏହା ସହିତ ଅତିଥିମାନେ ଫାଇନାଲ ମ୍ୟାଚରେ ମ୍ୟାନ୍ ଅଫ୍ ଦ ମ୍ୟାନ ଏବଂ ମ୍ୟାନ୍ ଅଫ ଦ ସିରିଜ ଖେଳାଳିଙ୍କୁ ମଧ୍ୟ ଟ୍ରଫି ଦେଇ ପୁରସ୍କୃତ କରାଯାଇଥିଲା। ଟୁର୍ଣ୍ଣାମେଣ୍ଟଟି କ୍ଲବର ସଦସ୍ୟ ଅଜିତ କୁମାର ତିର୍କୀଙ୍କ ତତ୍ତ୍ୱାବଧାନରେ ଖେଳା ଯାଇଥିଲାବେଳେ ପୁରା ଟୁର୍ଣ୍ଣାମେଣ୍ଟର ସମସ୍ତ ଖେଳରେ ଟାଇଗର କ୍ଲବର ଇନ୍ଦ୍ରଜିତ ଗରଡ଼ିଆ, ମାନସ ମାଝୀ, ବିଶ୍ୱଜିତ କୁମରା, ଅସୀମ ଦାଶ, ଆରିଆ ଦାଶ, ସୁବାଶିଷ ଗରଡିଆ, ଦିନେଶ ମାଝୀ, ବିଶ୍ୱ ନେଟି ଏବଂ ବଣ୍ଟି ନେଟି ତଥା ସମସ୍ତ ସଦସ୍ୟମାନେ ସହଯୋଗ କରିଥିଲେ।

ଦଣ୍ଡପାଟ 'ଦଶରା' ମହୋତ୍ସବ ସମ୍ପନ୍ନ

# ଘୁମୁରାରେ ଦୁଲୁକିଲା ମଞ୍ଚ

କୋକସରା, ୧୫ ।୧୦(ସମିସି)

କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ଗୋତମୁଣ୍ଡାରେ ଗତ ୩ଦିନ ଧରି ଚାଲିଥିବା ମା' ସର୍ବମଙ୍ଗଳା ଘାଟିମୁଣ୍ଡିଆଣି ଦେବୀଙ୍କ ବାର୍ଷିକ ଦଣ୍ଡପାଟ ଦଶରା ମହୋତ୍ସବ ମଙ୍ଗଳବାର ଉଦ୍‌ଯାପିତ ହୋଇଛି। ରବିବାର ଦେବୀଙ୍କ ଖଣ୍ଡାଧୁଆ କାର୍ଯ୍ୟ, ଦେବୀଙ୍କ ଦର୍ଶନ ସହ ଦଶରା ପର୍ବର ପ୍ରାରମ୍ଭ ହୋଇଥିଲା। ସୋମବାର ରାତିରେ 'ନାଟକ' ପ୍ରତିଯୋଗିତା ହୋଇଥିବା ବେଳେ ମଙ୍ଗଳବାର ତୃତୀୟ ସନ୍ଧ୍ୟା ତଥା ଉଦ୍‌ଯାପନୀ ଉତ୍ସବରେ ଘୁମୁରା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ଧର୍ମଗଡ଼ ବିଧାୟକ ସୁଧୀର ପାଟଯୋଷୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ। ଲାଞ୍ଜିଗଡ଼ ବିଧାୟକ ପ୍ରଦୀପ ଦିଶାରୀ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂଦେଓ, ବ୍ଲକ ଉପାଧ୍ୟକ୍ଷ ରାଜୀବ ଅଗ୍ରୱାଲ, ଜିଲ୍ଲା ଆଦିବାସୀ ସଂଘ ସଭପତି ପ୍ରକାଶ ଚନ୍ଦ୍ର ମାଝୀ, ବ୍ଲକ ସମ୍ପାଦକ ତ୍ରିନାଥ ଶବର, ବିଜେପି



ମଣ୍ଡଳ ସଭାପତି ଧର୍ମବ୍ରତ ପଣ୍ଡା, ମଧୁବନ ପାତ୍ର, ବସନ୍ତ ନାଗ, ଏସ୍ଆଇ ହମିତ ମାଝୀ, ଚନ୍ଦାହାଣ୍ଡି ଜୋନ-୧ ଜିଲ୍ଲାପରିଷଦ ସଭ୍ୟା। ବର୍ଷା ରାଣୀ ପଟେଲ, ଜିଲ୍ଲାପରିଷଦ ସଭ୍ୟ ଶଙ୍କର ଯୁଏଡ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେ। ପ୍ରତିଯୋଗିତାରେ ମୋଟ ୧୨ ଗୋଟି ଘୁମୁରା ଦଳ ଭାଗନେଇ ଥିଲେ। ତେବେ ଲୋକନୃତ୍ୟ 'ଘୁମୁରା'ର ହୃଦକମ୍ପନ ଧ୍ୱନିରେ ମଞ୍ଚ ଦୁଲୁକି ଉଠିଥିବା ବେଳେ ବିଭୋର ହୋଇଥିଲେ ଦର୍ଶକ। ଉଦ୍‌ଯାପନି ଉତ୍ସବରେ ଦଣ୍ଡପାଟ ଦଶରା ମହୋତ୍ସବ କମିଟି ପକ୍ଷରୁ ବରିଷ୍ଠ ଲକ୍ଷ୍ୟ ଜ୍ୟୋତି ଜାଲ, ଆଧୀକ ଗବେଷଣା ତଥା କାଳୀ କୃଷ୍ଣ ସଂଘର ପରିଚାଳକ ଜଗଦାନନ୍ଦ ଜୀ, କଳାହାଣ୍ଡି ଆଦିବାସୀ ସଂଘର ସଭାପତି ପ୍ରକାଶ ମାଝୀ, ଜିଲ୍ଲା ଆଦିବାସୀ ସଂଘର ସମ୍ପାଦକ ରୁତୁରାଜ ମାଝୀ, କୋକସରା ବ୍ଲକ ଆଦିବାସୀ ସଂଘର ସମ୍ପାଦକ ତ୍ରିନାଥ ଶବର, ଯୁବ ସମାଜସେବୀ ଶ୍ୟାମସୁନ୍ଦର ମାଝୀ ପ୍ରମୁଖଙ୍କୁ ଦଶରା ମହୋତ୍ସବ କମିଟି ପକ୍ଷରୁ ମାନପତ୍ର ସହ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷକ କ୍ଷୀରସିନ୍ଧୁ ବାଣୁଆ ମଞ୍ଚ ସଂଯୋଜନା କରିଥିଲେ। ଦଶହରା କମିଟିର ସଭାପତି ହେମନ୍ତ ମାଝୀ, ସମ୍ପାଦକ ଭାରତ ପୁଝାରୀ, ଉପସଭାପତି ପୂର୍ଣ୍ଣଚନ୍ଦ୍ର ନାଏକ, ଭାରତ ଦୁର୍ଗା, ଯଦୁମଣି ଦୁର୍ଗା, ପାର୍ଥବ ମାଝୀ, ହିମାଞ୍ଚଳ ପୁଝାରୀ, ପ୍ରମୋଦ ମାଝୀ, ଲକ୍ଷ୍ମିକାନ୍ତ ମାଝୀ, ରୋମାଞ୍ଚଳ ପୁଝାରୀ, ବଳରାମ ମାଝୀ, ନିରଞ୍ଜନ ବାଗ, ତୁଳାରାମ ଗୋପାଳ, କୁଶଧ୍ୱଜ ନାଏକ, ପିଣ୍ଟୁ ମାଝୀ ସମେତ ଗୋତମୁଣ୍ଡା ଗ୍ରାମବାସୀ ପରିଚାଳନାରେ ସହଯୋଗ କରିଥିଲେ। ଶାନ୍ତି ଶୃଙ୍ଖଳା ନିମନ୍ତେ ଗୋତମୁଣ୍ଡା ଫାଣ୍ଡି ପୁଲିସ ଉପସ୍ଥିତ ଥିଲେ।



## ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୮.୨୫ ● ପାଉଣ୍ଡ ୧୦୨.୦୫
- ୟୁରୋ ୧୧୮.୩୮ ● ୟେନ୍ ୦.୫୮


## ସୁନା, ରୁପା ଦର (ଟଙ୍କାରେ)



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୧୮,୧୫୦ (ନୂଆଦିଲ୍ଲୀ)
- ରୁପା : ୧,୧୮,୧୫୦ (କେଜି)

## ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)
- ସେନ୍ସେକ୍ସ ୮୨,୬୦୫.୦୦
- ନିଫ୍ଟି ୨୫,୩୨୩.୦୦



## ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



### ସରକାରୀ ରିପୋର୍ଟରେ ଖୋଲିଲା କର୍ମଚାରୀଙ୍କ ସାମାଜିକ ସୁରକ୍ଷା ପୋଲ୍

# ୫୦% ପିଏଫ୍ ଆକାଉଣ୍ଟରେ ୨୦ ହଜାରରୁ କମ୍ ବାଲାନ୍ସ




### ବାରମ୍ବାର ଅର୍ଥ ଉଠାଣ ଯୋଗୁ କୋଟି କୋଟି କର୍ମଚାରୀଙ୍କ ପିଏଫ୍ ଖାତା ଖାଲି
### ୭୫ ପ୍ରତିଶତ ସଦସ୍ୟଙ୍କ ଖାତାରେ ୫୦ ହଜାରରୁ ବି କମ୍ ଅର୍ଥ
### ଅବସରବେଳକୁ ୮୭%ରୁ କମ୍ ସଦସ୍ୟଙ୍କ ଆକାଉଣ୍ଟରେ ୧ ଲକ୍ଷରୁ କମ୍ ବାଲାନ୍ସ
### ଛୋଟ ଛୋଟ ଆବଶ୍ୟକତା ପାଇଁ ଟଙ୍କା ଉଠାଣ ଅଭ୍ୟାସ ହୋଇଛି ବୁମେରାଂ

**ନୂଆଦିଲ୍ଲୀ,୧୫।୧୦(ଏଜେନ୍ସି):** କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଂଗଠନ(ଇପିଏଫ୍‌ଓ) ଏହାର ସଦସ୍ୟମାନଙ୍କୁ ଅବସରକାଳୀନ ସାମାଜିକ ସୁରକ୍ଷା ପାଇଁ ଯୋଗାଇଦେଇଥାଏ। ସେଥିପାଇଁ ସଦସ୍ୟନଙ୍କୁ ସେମାନଙ୍କର ବେତନରୁ ଇପିଏଫ୍ ଆକାଉଣ୍ଟରୁ ପ୍ରତି ମାସରେ ନିର୍ଦ୍ଦିଷ୍ଟ ପରିମାଣର ଆର୍ଥିକ ଯୋଗଦାନ ଦେବାକୁ ପଡିଥାଏ। ଜରୁରୀ ଅଥବା ଅବସରରେ ପରେ ସଦସ୍ୟମାନେ ସେହି ଅର୍ଥକୁ ଇପିଏଫ୍ ପାଣ୍ଠିରୁ ଉଠାଇ ନେଇଥାନ୍ତି। ଏଥିରେ ପରିତାପର ବିଷୟ ହେଉଛି ଯେ, ଅବସର ବେଳକୁ ଇପିଏଫ୍‌ଓ ସଦସ୍ୟଙ୍କ ଆକାଉଣ୍ଟ ଖାଲି। ବିଶେଷକରି ଛୋଟ ଛୋଟ ଆବଶ୍ୟକତା ପାଇଁ ଆକାଉଣ୍ଟରୁ ବାରମ୍ବାର ଅର୍ଥ ଉଠାଣ ଯୋଗୁ କୋଟି କୋଟି କର୍ମଚାରୀଙ୍କ ପିଏଫ୍ ଖାତା ଅବସର ବେଳକୁ ଖାଲି ହୋଇଯାଇଛି। ସମ୍ପ୍ରତି କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରକାଶିତ ଏକ ତଥ୍ୟରେ ଏହା କୁହାଯାଇଛି। ପରିସ୍ଥିତି ଏମିତି ହୋଇଛି ଯେ, ୫୦% ଇପିଏଫ୍‌ଓ ସଦସ୍ୟଙ୍କ ଭବିଷ୍ୟନିଧି ପାଣ୍ଠି ଖାତାରେ ୨୦ ହଜାର ଟଙ୍କାରୁ ବି କମ୍ ବାଲାନ୍ସ ରହିଛି। ଅପରପକ୍ଷେ ୭୫% ସଦସ୍ୟଙ୍କ ଖାତାରେ ୫୦ ହଜାର ଟଙ୍କାରୁ କମ୍ ଏବଂ ଅବସରବେଳକୁ ୮୭%ରୁ କମ୍ ସଦସ୍ୟଙ୍କ ଆକାଉଣ୍ଟରେ ୧ ଲକ୍ଷରୁ କମ୍ ବାଲାନ୍ସ ଅର୍ଥ ରହିଥିବା ରିପୋର୍ଟରେ ଦର୍ଶାଯାଇଛି।

ରିପୋର୍ଟରେ କୁହାଯାଇଛି ଯେ, ଇପିଏଫ୍‌ଓ ସଦସ୍ୟଙ୍କ ପିଏଫ୍ ପାଣ୍ଠିର ଏପରି ପରିସ୍ଥିତି ଦର୍ଶାଉଛି ଯେ ଅଧିକାଂଶ ଲୋକ ସେମାନଙ୍କର ବୃଦ୍ଧାବସ୍ଥା ପାଇଁ ଯଥେଷ୍ଟ ଅର୍ଥ ସଞ୍ଚୟ କରୁନାହାଁନ୍ତି। ଛୋଟ ଛୋଟ ଆବଶ୍ୟକତା ପାଇଁ ବାରମ୍ବାର ଟଙ୍କା ଉଠାଇବାର ଅଭ୍ୟାସ ସେମାନଙ୍କର ଅବସର ପାଣ୍ଠିର ବାଲାନ୍ସକୁ ହ୍ରାସ କରୁଛି। ଏହି ତଥ୍ୟ ଏବେ ଅଣସଂଗଠିତ କ୍ଷେତ୍ରର ଯେ କୌଣସି କର୍ମଜୀବୀଙ୍କୁ ଚିନ୍ତିତ କରିବା ଭଳି ହୋଇଛି। ଆର୍ଥିକ କ୍ଷେତ୍ରର କେତେକ ବିଶେଷଜ୍ଞଙ୍କ ମତରେ ଇପିଏଫ୍‌ଓ ଅର୍ଥ ଉଠାଣ ନିୟମ ସରଳ ହେବା ଏବଂ ଏଥିପାଇଁ ରହିଥିବା ସୀମା ବୃଦ୍ଧି ହେବା ଯୋଗୁ ଅନେକ କର୍ମଚାରୀ ଛୋଟ ଛୋଟ ଆବଶ୍ୟକତା ପୂରଣ ପାଇଁ ବାଲାନ୍ସ ଅର୍ଥ ଉଠାଇ ନେଉଛନ୍ତି। ଫଳରେ ସେମାନଙ୍କର ପିଏଫ୍ ଖାତା ଅବସର ନେବା ବେଳକୁ ଖାଲି ହୋଇଯାଉଛି। ଏକ ରିପୋର୍ଟ ଅନୁଯାୟୀ, ନିଜର ପିଏଫ୍ ଆକାଉଣ୍ଟରୁ ଆଂଶିକ ଅର୍ଥ ଉଠାଣ ପାଇଁ ଗତ ବର୍ଷ କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଂଗଠନକୁ ପ୍ରାୟ ୭ କୋଟି କର୍ମଚାରୀ ଆବେଦନ କରିଥିଲେ,ସେଥିରୁ ୬ କୋଟି କର୍ମଚାରୀଙ୍କର ଆବେଦନ ମଞ୍ଜୁର କରାଯାଇଥିଲା।

ଯଦିବା ନିକଟରେ କର୍ମଚାରୀମାନଙ୍କର ସଞ୍ଚୟ ଅଭ୍ୟାସକୁ ପ୍ରୋତ୍ସାହିତ କରିବା ଏବଂ ସେମାନଙ୍କର ଅବସରକାଳୀନ ପାଣ୍ଠିକୁ ସୁଦୃଢ଼ କରିବା ପାଇଁ କେନ୍ଦ୍ର ଶ୍ରମ ମନ୍ତ୍ରୀ ମନସୁଖ ମଣ୍ଡାଭିଆଙ୍କ ଅଧକ୍ଷତାରେ ଅନୁଷ୍ଠିତ କେନ୍ଦ୍ରୀୟ ଟ୍ରଷ୍ଟି ବୋର୍ଡ ବୈଠକରେ ଅନେକ ବଡ଼ ନିଷ୍ପତ୍ତି ନିଆଯାଇଛି। ଏଥିରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ହେଉଛି ସମ୍ପୂର୍ଣ୍ଣ ରାଶିର ସମୟ ପୂର୍ବରୁ ଉଠାଣ ପାଇଁ ରଖାଯାଇଥିବା ନିୟମ। ଏଣିକି ପ୍ରତ୍ୟେକ ପିଏଫ୍ ଆକାଉଣ୍ଟରେ ସର୍ବନିମ୍ନ ୨୫% ଅର୍ଥ ବାଲାନ୍ସ ରଖିବା ବାଧ୍ୟତାମୂଳକ ହେବ। ଏହାର ଅର୍ଥ ହେଉଛି ଆପଣ ଆପଣଙ୍କର ଆକାଉଣ୍ଟକୁ ସମ୍ପୂର୍ଣ୍ଣ ଭାବରେ ଖାଲି କରିପାରିବେନାହିଁ। ଯଦି ଆପଣ ଚାକିରି ଛାଡିବା ପରେ ଆପଣଙ୍କର ସମ୍ପୂର୍ଣ୍ଣ ପିଏଫ୍ ବାଲାନ୍ସ ଉଠାଇବାକୁ ଚାହାଁନ୍ତି, ତେବେ ଆପଣଙ୍କୁ ଏବେ ୨ ମାସ ବଦଳରେ ୧୨ ମାସ ଅପେକ୍ଷା କରିବାକୁ ପଡିବ। ଏହାଛଡା ପେନସନ ପାଣ୍ଠି ଉଠାଣ ପାଇଁ ଅପେକ୍ଷା ଅବଧି ୨ ମାସରୁ ୩୬ ମାସ କିମ୍ବା ୩ ବର୍ଷକୁ ବୃଦ୍ଧି କରାଯାଇଛି। ଏହି ନିଷ୍ପତ୍ତି ନେବାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି, ୭୫% ପେନସନ ଯୋଜନାରେ ସଦସ୍ୟ ସେମାନଙ୍କର ସମସ୍ତ ପାଣ୍ଠି ତୁରନ୍ତ ଉଠାଣ କରିଦେଇଥାନ୍ତି, ଯାହା ଫଳରେ ସେମାନଙ୍କର ବୃଦ୍ଧାବସ୍ଥା ଅସୁରକ୍ଷିତ ହୋଇଯାଏ।

## ଜବତ ସମ୍ପତ୍ତିର ହିସାବ ଦେଉନାହାନ୍ତି ଭାରତୀୟ ବ୍ୟାଙ୍କ: ମାଲ୍ୟା

**ନୂଆଦିଲ୍ଲୀ,୧୫।୧୦(ଏଜେନ୍ସି):**ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ(ପିଏନ୍‌ବି)ରେ ୧୪ ହଜାର କୋଟିରୁ ଅଧିକ ଟଙ୍କାର ଘୋଟାଲା କରିଥିବା ପଳାତକ ବିଜୟ ମାଲ୍ୟାଏବେ ଭାରତୀୟ ବ୍ୟାଙ୍କଗୁଡିକ ବିରୋଧରେ ଗମ୍ଭୀର ଅଭିଯୋଗ ଆଣିଛନ୍ତି। ବର୍ତ୍ତମାନ ବିଜୟ ମାଲ୍ୟା ଏବଂ ବ୍ୟାଙ୍କଗୁଡ଼ିକ ମଧ୍ୟରେ ଆଇନଗତ ଲଢ଼େଇ ଜାରି ରହିଛି। ଠିକ୍ ଏହି ସମୟରେ ମାଲ୍ୟା ସୋସିଆଲ ମିଡିଆରେ ବ୍ୟାଙ୍କଗୁଡ଼ିକ ଉପରେ ରୋପ ଲଗାଇଛନ୍ତି। ଏହି ଘଟଣା ମାଲ୍ୟାଙ୍କ ସମ୍ପତ୍ତିରୁ ବ୍ୟାଙ୍କଗୁଡ଼ିକ ଅର୍ଥ ଅସୁଲ ସହିତ ଜଡିତ। ମାଲ୍ୟାଙ୍କ ଅଭିଯୋଗ ହେଉଛି ଭାରତୀୟ ସରକାରୀ ବ୍ୟାଙ୍କଗୁଡ଼ିକ ତାଙ୍କ ସମ୍ପତ୍ତିରୁ ହୋଇଥିବା ଅସୁଲ ଅର୍ଥ ସମ୍ପର୍କରେ ସମ୍ପୂର୍ଣ୍ଣ ଏବଂ ସଠିକ୍ ହିସାବ ପ୍ରଦାନ କରୁନାହାଁନ୍ତି। ମାଲ୍ୟା କହିଛନ୍ତି ଯେ କେନ୍ଦ୍ର ଅର୍ଥମନ୍ତ୍ରୀ ବ୍ୟାଙ୍କଗୁଡ଼ିକୁ ୧୪,୧୦୦ କୋଟି ଟଙ୍କା ଫେରାଇବା ପାଇଁ ଆନୁଷ୍ଠାନିକ ଭାବରେ ନିଶ୍ଚିତ କରିବା ପରେ ମଧ ବ୍ୟାଙ୍କଗୁଡ଼ିକ ଜନସାଧାରଣଙ୍କୁ ଆଦାୟର ପ୍ରକୃତ ବିବରଣୀ ପ୍ରକାଶ କରିବାରେ ବିଫଳ ହୋଇଛନ୍ତି। ମାଲ୍ୟା 'ଏକ୍ସ'ରେ ଏକ ପୋଷ୍ଟରେ କହିଛନ୍ତି ଯେ ସେମାନଙ୍କୁ ସେମାନଙ୍କର ଅବହେଳା ପାଇଁ ଲଜ୍ଜିତ ହେବା ଉଚିତ। ଯେ ପର୍ଯ୍ୟନ୍ତ ବ୍ୟାଙ୍କଗୁଡ଼ିକ ଆଦାୟର ସମ୍ପୂର୍ଣ୍ଣ ବିବରଣୀ ସାର୍ବଜନୀନ ନ କରନ୍ତି ସେ ପର୍ଯ୍ୟନ୍ତ ସେ ୟୁକେରେ କୌଣସି ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ନାହିଁ।

## ବଡ଼ ସରକାରୀ ବ୍ୟାଙ୍କ ସହ କ୍ଷୁଦ୍ର ବ୍ୟାଙ୍କର ହେବ ମିଶ୍ରଣ

**ନୂଆଦିଲ୍ଲୀ,୧୫।୧୦(ଏଜେନ୍ସି):** ଦେଶର ବଡ଼ ରାଷ୍ଟ୍ରାୟତ୍ତ ବା ସରକାରୀ ବ୍ୟାଙ୍କ ସହ ଅନେକ କ୍ଷୁଦ୍ର ବ୍ୟାଙ୍କର ମିଶ୍ୟଣ ଘଟିବ। ସରକାରୀ ସୂତ୍ରରୁ ଏ ସମ୍ପର୍କରେ ଏକ ରିପୋର୍ଟ ପ୍ରକାଶ ପାଇଛି। କେନ୍ଦ୍ର ସରକାର ଛୋଟ-ଛୋଟ ଅନେକ ସରକାରୀ ବ୍ୟାଙ୍କ ବଦଳରେ କିଛି ବଡ଼ ସରକାରୀ ବ୍ୟାଙ୍କ ସୃଷ୍ଟି କରିବାକୁ ଚାହୁଁଛନ୍ତି। ଦେଶର ଆର୍ଥିକ କ୍ଷେତ୍ରରେ ସଂସ୍କାର ଦୃଷ୍ଟିରୁ ସରକାର ଏହି ପଦକ୍ଷେପ ଗ୍ରହଣ କରିବାକୁ ଯାଉଛନ୍ତି। ବ୍ୟାଙ୍କ ମିଶ୍ରଣ ଫଳରେ ଦ୍ରୁତ ଗତିରେ ବଢୁଥିବା ଅର୍ଥନୀତିର ଆବଶ୍ୟକତାକୁ ବଡ଼ ବ୍ୟାଙ୍କଗୁଡିକ ପୂରଣ କରିପାରିବେ।

ରିପୋର୍ଟ ଅନୁଯାୟୀ, ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ, ସେଣ୍ଟ୍ରାଲ୍ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ, ବ୍ୟାଙ୍କ୍ ଅଫ୍ ଇଣ୍ଡିଆ, ବ୍ୟାଙ୍କ୍ ଅଫ୍ ମହାରାଷ୍ଟ୍ର ପରି ଛୋଟ ବ୍ୟାଙ୍କର ମିଶ୍ରଣ ପିଏନ୍‌ବି, ବ୍ୟାଙ୍କ୍ ଅଫ୍ ବରୋଦା ଓ ଷ୍ଟେଟ୍ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ ପରି ବଡ଼ ବ୍ୟାଙ୍କ ସହ ହୋଇପାରେ। ସୂତ୍ର ଅନୁସାରେ ଯୋଜନା ଉପରେ ପ୍ରଥମେ ବରିଷ୍ଠ ଅଧିକାରୀ କ୍ୟାବିନେଟ୍ ସ୍ତରରେ ଚର୍ଚ୍ଚା କରିବେ। ଏହାପରେ ଯୋଜନାକୁ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ପଠାଯିବ। ସେଠାରେ ଏହା ଉପରେ ବିସ୍ତୃତ ଭାବରେ ଆଲୋଚନା କରାଯିବ। ଏହାପରେ ଚଳିତ ଆର୍ଥିକବର୍ଷରେ ଏହି ଯୋଜନା ଉପରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯାଇପାରେ। ୨୦୨୬-୨୭ ଆର୍ଥିକବର୍ଷରେ ଏହି ଯୋଜନା ଉପରେ ସମ୍ବନ୍ଧିତ ବ୍ୟାଙ୍କଗୁଡିକଠାରୁ ମତାମତ ନିଆଯାଇପାରେ। ସୂତ୍ର ଅନୁସାରେ ସରକାର ପ୍ରଥମେ ଏ ସମ୍ପର୍କରେ ସହମତି ଆଣିବାକୁ ଚାହୁଁଛନ୍ତି। ଏହାପରେ ଆନୁଷ୍ଠାନିକ ଭାବେ ଏ ସଂକ୍ରାନ୍ତରେ ଘୋଷଣା କରାଯିବ। ସୂଚନାଯୋଗ୍ୟ ଯେ, ସରକାର ୨୦୧୭ ଓ ୨୦୨୦ ମଧ୍ୟରେ ୧୦ କ୍ଷୁଦ୍ର ସରକାରୀ ବ୍ୟାଙ୍କକୁ ଚାରି ବଡ଼ ସରକାରୀ ବ୍ୟାଙ୍କରେ ମିଶ୍ରଣ କରାଇଥିଲେ। ଏହାପରେ ସରକାରୀ ବ୍ୟାଙ୍କ ସଂଖ୍ୟା ୨୭ରୁ ହ୍ରାସ ହୋଇ ୧୨ ହୋଇଥିଲା। ସେତେବେଳେ ଓରିଏଣ୍ଟାଲ୍ ବ୍ୟାଙ୍କ ଅଫ୍ କମର୍ସ ଓ ୟୁନାଇଟେଡ୍ ବ୍ୟାଙ୍କ ଅଫ୍ ଇଣ୍ଡିଆକୁ ପିଏନ୍‌ବିରେ ବିଲୟ କରାଯାଇଥିଲା। ଏହାଛଡା କାନାରା ବ୍ୟାଙ୍କ ସହ ସିଣ୍ଡିକେଟ୍ ବ୍ୟାଙ୍କର ମିଶ୍ରଣ ହୋଇଥିଲା। ତେବେ ସରକାର ନୀତି ଆୟୋଗଙ୍କ ସୁପାରିଶର ବିପରୀତରେ ଯାଉଥିବା ପରିଲକ୍ଷିତ ହେଉଛି। ନୀତି ଆୟୋଗ ଆଇଓବି ଓ ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ ପରି କ୍ଷୁଦ୍ର ବ୍ୟାଙ୍କର ଘରୋଇକରଣ ପାଇଁ ସୁପାରିଶ କରିଥିଲା। ଏହି ଖବରର ପ୍ରଭାବ ଆଜି ସରକାରୀ ବ୍ୟାଙ୍କଗୁଡିକର ସେୟାର ମୂଲ୍ୟରେ ଦେଖିବାକୁ ମିଳିଛି। ଫଳସ୍ୱରୂପ ନିଫ୍ଟି ପିଏସ୍‌ୟୁ ବ୍ୟାଙ୍କ ଇଣ୍ଡେକ୍ସରେ ୧.୬୭ ପ୍ରତିଶତ ବୃଦ୍ଧି ଘଟିଛି। ସବୁଠାରୁ ଅଧିକ ୪.୨୨ ପ୍ରତିଶତ ବୃଦ୍ଧି ଆଇଓବି ବ୍ୟାଙ୍କ ସେୟାର ମୂଲ୍ୟରେ ଦେଖିବାକୁ ମିଳିଥିଲା। ଏହାପଛକୁ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ ସେୟାରରେ ୧.୬୪ ପ୍ରତିଶତ, କାନାରା ବ୍ୟାଙ୍କ ସେୟାର ମୂଲ୍ୟରେ ୨.୫୫ ପ୍ରତିଶତ ଏବଂ ୟୁନିଅନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ସେୟାରରେ ୧.୭୮ ପ୍ରତିଶତ ବୃଦ୍ଧି ଦେଖିବାକୁ ମିଳିଛି।

## ଭାରତ ବିରୁଦ୍ଧରେ ଡବ୍ଲ୍ୟୁଟିଓରେ ଫେରାଦ ହେଲା ଚୀନ

**ବେଜିଂ,୧୫।୧୦(ଏଜେନ୍ସି):** ଭାରତ ବିରୁଦ୍ଧରେ ବିଶ୍ୱ ବାଣିଜ୍ୟ ସଂଗଠନ(ଡବ୍ଲ୍ୟୁଟିଓ)ରେ ଫେରାଦ ହୋଇଛି ଚୀନ। ଭାରତ ଇଭି ଓ ବ୍ୟାଟେରୀ ଉତ୍ପାଦାନ କ୍ଷେତ୍ରରେ ଯେଉଁ ସବ୍‌ସିଡି ଦେଉଛି ଏଥିରେ କେବଳ ଘରୋଇ କମ୍ପାନୀଗୁଡ଼ିକୁ ପ୍ରତିଯୋଗିତାମୂଳକ ଫାଇଦା ମିଳୁଛି। ଯାହାଦ୍ୱାରା ଚୀନର ସ୍ୱାର୍ଥ ହାନୀ ହେଉଛି। ତେଣୁ ଭାରତ ତୁରନ୍ତ ଏହାର ତ୍ରୁଟି ସଂଶୋଧନ କରୁ ବୋଲି ଚୀନ୍‌ର ବାଣିଜ୍ୟ ମନ୍ତ୍ରଣାଳୟ କହିଛି। ମନ୍ତ୍ରଣାଳୟ ଆହୁରି ମଧ କହିଛି ଯେ ଚୀନ୍ ଏହାର ଘରୋଇ ଶିଳ୍ପଗୁଡ଼ିକର ବୈଧ ଅଧିକାର ଏବଂ ସ୍ୱାର୍ଥକୁ ସୁରକ୍ଷା ଦେବା ପାଇଁ ଦୃଢ଼ ପଦକ୍ଷେପ ନେବ। ଅନ୍ତର୍ଜାତୀୟ ବାଣିଜ୍ୟରେ ଚୀନ୍‌ର ଜାତୀୟ ସ୍ୱାର୍ଥକୁ ଦୁର୍ବଳ କରିବା ପାଇଁ ଭାରତ ‹ଅନୁଚିତ ପ୍ରତିଯୋଗିତାମୂଳକ ସୁବିଧା' ପଦକ୍ଷେପ ନେଉଛି ବୋଲି ଚୀନ ଦାବି କରିଛି।

ବର୍ତ୍ତମାନ ଇଭି ବଜାରକୁ ଦେଖିଲେ ମାର୍କେଟ ଉପରେ ଗବେଷଣା କରୁଥିବା ସଂସ୍ଥା ରୋ ମୋସନ୍ ତଥ୍ୟ ଅନୁଯାୟୀ, ଚୀନ୍ ବିଶ୍ୱର ପ୍ରାୟ ଦୁଇ-ତୃତୀୟାଂଶ ଇଭି ବିକ୍ରି କରୁଛି। ଯାହା ପ୍ରାୟ ୧.୩ ନିୟୁତ ୟୁନିଟ୍ ହେବ। ଭାରତ ସବ୍‌ସିଡି ମାଧ୍ୟମରେ କମ୍ପାନୀଗୁଡ଼ିକୁ ପ୍ରତିଯୋଗିତା ମୂଳକ ଫାଇଦା ଦେଲେ ଅଧିକ କମ୍ପାନୀ ଏ କ୍ଷେତ୍ରରେ ନିବେଶ କରିବେ, ଓ ଉତ୍ପାଦନ ବଢ଼ିବ। ଫଳରେ ଚୀନକୁ ଟକ୍କର ମିଳିବ। ଯେଉଁଥିପାଇଁ ଚୀନର ଚିନ୍ତା ବଢ଼ିଯାଇଛି। ଏପଟେ ଭାରତ ଏକ ନ୍ୟାସନାଲ କ୍ରିଟିକାଲ୍ ମିନେରାଲ୍ ଷ୍ଟକପାଇଲ୍ (ଏନ୍‌ସିଏମ୍‌ଏସ୍) କାର୍ଯ୍ୟକ୍ରମ ଆରମ୍ଭ କରିବ ବୋଲି ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇଛି। ଦେଶରେ ବିରଳ ପୃଥିବୀ ଉପାଦାନର ଉପଲବ୍ଧତା ସୁନିଶ୍ଚିତ କରିବା ଏହି କାର୍ଯ୍ୟକ୍ରମ ମୁଖ୍ୟ ଲକ୍ଷ୍ୟ। ଏହି ବିରଳ ପୃଥିବୀ

### ଇଭି ଓ ବ୍ୟାଟେରୀ ଉତ୍ପାଦନରେ ସବ୍‌ସିଡିକୁ ନେଇ କେଁ

ଖଣିଜ ପଦାର୍ଥଗୁଡ଼ିକ ଇଭି, ୱିଣ୍ଡ ଟର୍ବାଇନ ଏବଂ ଅନ୍ୟାନ୍ୟ ଗ୍ରୀନ ଏନର୍ଜି ଟେକ୍ନୋଲୋଜୀର ବିକାଶ ପାଇଁ ଅତ୍ୟାବଶ୍ୟକ ପଡ଼ିଥାଏ। ବର୍ତ୍ତମାନ ରେୟାର ଆର୍ଥ ମ୍ୟାଟେରିଆଲ୍ର ବିଶ୍ୱ ଯୋଗାଣର ଚୀନର ଅଧିପତ୍ୟ ୯୦% ରହିଛି। ତେଣୁ ଚୀନ ମନ ଇଚ୍ଛା ଏହା ଉପରେ କଟକଣା ଲଗାଇ ବିଶ୍ୱକୁ ହଇରାଣ କରୁଛି। ଆଉ ଯଦି ଭାରତର ଏହି ପ୍ରୋଗ୍ରାମ ସଫଳ ହେଲା ତେବେ ଚୀନକୁ କଡ଼ା ଟକ୍କର ମିଳିବ। ଏହି ସମ୍ଭାବନାକୁ ଦେଖି ଆମେରିକା ଚୀନ ଠାରୁ ବିମୁଖ ହୋଇ ଭାରତ ଆଡ଼କୁ ମୁହାଁଇଛି। ଏହି ସମୟରେ ଚୀନ ଭାରତ ବିରୁଦ୍ଧରେ ଅଭିଯୋଗ କରି ଅଡୁଆ ସୃଷ୍ଟି କରିବାକୁ ଚେଷ୍ଟା କରୁଛି।

## ଇଣ୍ଡଲ୍‌ଜ ସେଲୁନରେ ଜୈବିକ ସ୍କିନ୍ କେୟାର ବ୍ରାଣ୍ଡ ମିଣ୍ଟ୍ରି ଉନ୍ମୋଚିତ

**ଭୁବନେଶ୍ୱର, ୧୫।୧୦ (ସମିସ):** ଇଣ୍ଡଲ୍‌ଜ ଦି ସେଲୁନରେ ସାର୍କ ଟ୍ୟାଙ୍କ ନିଧିକୃତ ପ୍ରମାଣିତ ଜୈବିକ ସ୍କିନ୍ କେୟାର ବ୍ରାଣ୍ଡ ମିଣ୍ଟ୍ରି ଉନ୍ମୋଚିତ ହୋଇଛି। ଏହି ସ୍କିନ୍ କେୟାର ଏହାର ପାରାବେନ୍-ମୁକ୍ତ ଏବଂ ପରିବେଶ-ସଚେତନ ଫର୍ମୁଲେସନ୍ ପାଇଁ ଜଣାଶୁଣା। ଏହି କାର୍ଯ୍ୟକ୍ରମରେ ପ୍ରସିଦ୍ଧ ବଲିଉଡ୍ ଅଭିନେତ୍ରୀ, ଥ୍ରୀଏକ୍ସ ଟିଇଡି ସ୍ପିକର୍, ସାର୍ଟିଫାଏଡ୍ ଏନଏଲପି ଲାଇଫ୍ କୋଚ୍ ଏବଂ ତନ୍ନାଜ୍ ଇରାନି ଏକାଡେମୀର ପ୍ରତିଷ୍ଠାତା ତନ୍ନାଜ୍ ଇରାନି ଯୋଗ ଦେଇଥିଲେ। ତାଙ୍କ ସହିତ ୟୁଏମଏସଏଲ ଲିମିଟେଡ୍‌ର ଉପାଧ୍ୟକ୍ଷ ପରମିତା ପଣ୍ଡା, ମିଣ୍ଟ୍ରିର ସିଇଓ ଆଶିଷ ଦେଓ୍ୱାନୀ ଏବଂ ଇଣ୍ଡଲ୍ଜ ଦି ସାଲୁନ୍‌ର ପ୍ରତିଷ୍ଠାତା ସୁକୀର୍ତ୍ତୀ ପଟ୍ଟନାୟକ ଯୋଗଦେଇ ଏହାକୁ ଉନ୍ମୋଚନ କରିଥିଲେ। ଏହି ଅବସରରେ ପ୍ରତିଷ୍ଠାତା ଶ୍ରୀମତୀ ପଟ୍ଟନାୟକ ଓଡି ସୋସିଆଲ ନାମ ବଦଳାଇ ଇଣ୍ଡି ଭର୍ସ କରାଗଲା ବୋଲି ଘୋଷଣା କରିଥିଲେ।

## ଏସ୍‌ବିଆଇ ଜେନେରାଲ୍ ଇନ୍‌ସ୍ୟୁରାନ୍ସ ପକ୍ଷରୁ 'ମେରି ପଲିସି ମେରେ ହାଥ' ଅଭିଯାନ

**ଭୁବନେଶ୍ୱର,୧୫।୧୦(ସମିସ):** ଦୁଇ ପ୍ରମୁଖ ଜାତୀୟ ସ୍ତରୀୟ ଅଭିଯାନ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଅଧୀନରେ ଥିବା ମେରି ପଲିସି ମେରେ ହାଥ ଓ ବିକଶିତ କୃଷି ସଂକଳ୍ପ ଅଭିଯାନ ପାଇଁ ଦେଶର ଅଗ୍ରଣୀ ଜେନେରାଲ୍ ଇନସ୍ୟୁରାନ୍ସ କମ୍ପାନୀ ଏସ୍‌ବିଆଇ ଜେନେରାଲ୍ ଇନ୍‌ସ୍ୟୁରାନ୍ସ ଭାରତ ସରକାରଙ୍କ କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟ ସହିତ ସହଯୋଗିତା ସ୍ଥାପନ କରିଛି। ଏହି ଅଭିଯାନଗୁଡ଼ିକର ଲକ୍ଷ୍ୟ ହେଉଛି ଓଡ଼ିଶା, ମଧ୍ୟପ୍ରଦେଶ, ଉତ୍ତରପ୍ରଦେଶ,ଉତରାଖଣ୍ଡ, ଆନ୍ଧ୍ରପ୍ରଦେଶ, ଆସାମ, ତାମିଲନାଡୁ ଓ କର୍ଣ୍ଣାଟକ ଭଳି ପ୍ରମୁଖ ରାଜ୍ୟରେ ଖରିଫ ଋତୁରେ ଭାରତୀୟ କୃଷି ସମୁଦାୟକୁ ସଶକ୍ତ ଓ ସମର୍ଥନ କରିବା। ଏସ୍‌ବିଆଇ ଜେନେରାଲ୍ ଇନ୍‌ସ୍ୟୁରାନ୍ସ ଫସଲ ବୀମା ସଚେତନତାର ପ୍ରସାର କରିବା ଏବଂ ଦେଶବ୍ୟାପୀ ସ୍ଥାୟୀ କୃଷି ଅଭିବୃଦ୍ଧିକୁ ସକ୍ଷମ କରିବାକୁ ଲକ୍ଷ୍ୟ ରଖିଛି।

## ଯାଜପୁରରେ ପିଏନ୍‌ବି ମେଟ୍‌ଲାଇଫ୍‌ର ନୂଆ ଶାଖା

**ଭୁବନେଶ୍ୱର, ୧୫।୧୦(ସମିସ):** ଜୀବନ ବୀମା କମ୍ପାନୀ ପିଏନ୍‌ବି ମେଟ୍‌ଲାଇଫ ଇଣ୍ଡିଆ ଇନସ୍ୟୁରାନ୍ସ କମ୍ପାନୀ ଲିମିଟେଡ (ପିଏନ୍‌ବି ମେଟ୍‌ଲାଇଫ୍) ଯାଜପୁରରେ ଏହାର ଏକ ନୂଆ ଶାଖା ଖୋଲିଛି। ଏହି ସମ୍ପ୍ରସାରଣ ସହିତ କମ୍ପାନୀର ସମ୍ପ୍ରତି ଓଡ଼ିଶାରେ ମୋଟ ଶାଖା ସଂଖ୍ୟା ୧୦ରେ ପହଞ୍ଚିଛି। ଏହି ଶାଖା ଉଦ୍‌ଘାଟନ ପଲିସୀ ସେବାଗୁଡିକ ଏବଂ ବିଶ୍ୱସନୀୟ ପରାମର୍ଶ ଗ୍ରାହକ ଯେଉଁଠାରେ ଥିଲେ ମଧ ସେମାନଙ୍କ ନିକଟରେ ପହଞ୍ଚାଇ ବୀମାକୁ ଅଧିକ ସୁଲଭ୍ୟ କରାଇବା ନିମନ୍ତେ କମ୍ପାନୀର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ଏ ସମ୍ପର୍କରେ ପିଏନ୍‌ବି ମେଟ୍‌ଲାଇଫ୍‌ର ଏମ୍‌ଡି ଓ ସିଇଓ ସମୀର ବନ୍‌ସଲ୍ କହିଛନ୍ତି ଯେ, ବିଶ୍ୱାସ ସର୍ବଦା ପିଏନ୍‌ବି ମେଟ୍‌ଲାଇଫର ଗ୍ରାହକଙ୍କ ସହିତ ସମ୍ପର୍କର ମୂଳଦୁଆ ହୋଇ ରହିଆସିଛି। ସମ୍ପ୍ରତି ସମଗ୍ର ଭାରତରେ ୧୭୨ଟି ଶାଖା ସହିତ ଆମେ କେବଳ ଆମର ପହଞ୍ଚକୁ ପରିବ୍ୟାପ୍ତ କରୁନାହୁଁ, ବରଂ ତାହାସହିତ ଗ୍ରାହକମାନେ ପ୍ରତ୍ୟେକ ସୋପାନରେ ଆମ ଉପରେ ନିର୍ଭର କରିପାରିବେ, ସେହି ଭରସାକୁ ମଧ ସୁଦୃଢ କରୁଛୁ।

## ଓଡ଼ିଶା୩୬୦ଡଟ୍‌କମ୍ ପୋର୍ଟାଲ୍‌ର ଶୁଭାରମ୍ଭ



**ଭୁବନେଶ୍ୱର, ୧୫।୧୦(ସମିସ):** ବାଟୋଇ ସିଷ୍ଟମ୍ସର ଏକ ପ୍ରମୁଖ ଡିଜିଟାଲ ସେବା ଓଡ଼ିଶା୩୬୦ଡଟ୍‌କମ୍ ପକ୍ଷରୁ ଆନୁଷ୍ଠାନିକ ଭାବେ ଏହାର ନୂଆ ଇଣ୍ଟିଗ୍ରେଟେଡ ପୋର୍ଟାଲର ଶୁଭାରମ୍ଭ କରାଯାଇଛି। ଏହି ନୂଆ ପ୍ଲାଟଫର୍ମରେ ଓଡ଼ିଶାର ବ୍ୟବସାୟ ଡିରେକ୍ଟୋରି, ବଜାର, ନିଯୁକ୍ତି ତାଲିକା, ଭ୍ରମଣ ବିକଳ୍ପ, କାର୍ଯ୍ୟକ୍ରମ କ୍ୟାଲେଣ୍ଡର ଏବଂ ପବ୍ଲିକେସନକୁ ଏକ ଉପଭୋକ୍ତା-ଅନୁକୂଳ ଡିଜିଟାଲ ବ୍ୟବସ୍ଥାରେ ଏକତ୍ରିତ କରାଯାଇଛି, ଯାହାଦ୍ୱାରା ଉପଭୋକ୍ତାମାନେ ଏ ସମସ୍ତ ସୁବିଧାକୁ ଗୋଟିଏ ସ୍ଥାନରେ ସହଜରେ ପାଇପାରିବେ। ଏ ସମ୍ପର୍କରେ ଓଡ଼ିଶା୩୬୦ ଏବଂ ବାଟୋଇର ସିଇଓ ଡ. ଅଶ୍ୱିନୀ କୁମାର ରଥ କହିଛନ୍ତି ଯେ, ଓଡ଼ିଶା୩୬୦ ଓଡ଼ିଶାର ଲୋକ ଓ ସଂଗଠନମାନଙ୍କ ଜୀବନକୁ ସହଜ କରିବା ପାଇଁ ନିର୍ମିତ। ଚାକିରି ଖୋଜିବାଠାରୁ ଆରମ୍ଭ କରି ବ୍ୟବସାୟ ତାଲିକାଭୁକ୍ତ କରିବା କିମ୍ବା ସପ୍ତାହ ଶେଷରେ ଭ୍ରମଣ ଯୋଜନା କରିବା ପର୍ଯ୍ୟନ୍ତ ଯାଞ୍ଚ କରାଯାଇଥିବା ତାଲିକା, ସ୍ୱଚ୍ଛ ମୂଲ୍ୟ ନିର୍ଦ୍ଧାରଣ ଏବଂ ସୁରକ୍ଷିତ ପେମେଣ୍ଟ ସବୁକିଛି କାମ ଗୋଟିଏ ସ୍ଥାନରେ କରିପାରିବେ। ଏହି ପୋର୍ଟାଲରେ ଗୋଷ୍ଠୀ ପାଇଁ ପ୍ରସ୍ତୁତ କରାଯାଇଥିବା ଅନେକ ମୁଖ୍ୟ ବୈଶିଷ୍ଟ୍ୟ ରହିଛି। ନିଯୁକ୍ତି ଓ ଦକ୍ଷତା ବିଭାଗ, ଓଡ଼ିଶା ବଜାର ପାଇଁ ବିଶେଷ ଭାବେ ତିଆରି କରାଯାଇଥିବା ଚାକିରି ତାଲିକା ଏବଂ ରିଜ୍ୟୁମର ଏକ ସନ୍ଧାନଯୋଗ୍ୟ ଡାଟାବେସ ପ୍ରଦାନ କରେ, ଯାହା ନିଯୁକ୍ତିଦାତା ଓ ଚାକିରି ଖୋଜୁଥିବା ଲୋକଙ୍କ ପାଇଁ ନିଯୁକ୍ତି ପ୍ରକ୍ରିୟାକୁ ସରଳ କରିବ। ଏହାର ଓଡ଼ିଶା ଭ୍ରମଣ ବିଭାଗ ସୁରକ୍ଷିତ ପେମେଣ୍ଟ ସହିତ ବିଶ୍ୱସନୀୟ ଟୁର ପ୍ୟାକେଜ, ହୋଟେଲ ବୁକିଂ ଏବଂ ରେଷ୍ଟୋରାଁ ଗାଇଡ ପ୍ରଦାନ କରୁଛି। ଏହା ବ୍ୟତୀତ ଏକ ରାଜ୍ୟବ୍ୟାପୀ ଇଭେଣ୍ଟ ଆୟୋଜକମାନଙ୍କୁ ସେମାନଙ୍କ କାର୍ଯ୍ୟକ୍ରମ ତାଲିକାଭୁକ୍ତ କରିବାକୁ ଏବଂ ଟିକେଟ ପରିଚାଳନା କରିବା ସୁବିଧା ଯୋଗାଇଦେବ।

### ଧନତେରସ ଏବଂ ଦୀପାବଳି ପୂର୍ବରୁ ଏକ ବଡ଼ ସଙ୍କଟ !

# ଥମୁନି ରୁପା ଦର; କେଜି ୭ ଲକ୍ଷ ଟପିବ !

**ନୂଆଦିଲ୍ଲୀ,୧୫।୧୦(ଏଜେନ୍ସି):** ସାଧାରଣତଃ ଲୋକମାନେ ରୂପାକୁ ସୁନା ଅପେକ୍ଷା କମ୍ ଗୁରୁତ୍ୱ ଦେଇଥାନ୍ତି। ତଥାପି, ଗତ କିଛି ମାସ ମଧ୍ୟରେ ରୁପା ମୂଲ୍ୟରେ ହେଉଥବା ବୃଦ୍ଧି ଏହାକୁ ସୁନା ଦରର ନିକଟତର କରାଇବାକୁ ଯାଉଛି। ରୂପାର ମୂଲ୍ୟ ନିରନ୍ତର ବୃଦ୍ଧି ପାଉଛି, ଯାହା ବର୍ତ୍ତମାନ ସମୟରେ ଆଗକୁ ମଧ ଜାରି ରହିବାର ସମ୍ଭାବନା ଦେଖିବାକୁ ମିଳୁଛି। ଖୁଚୁରା ବଜାରରେ ରୁପା ମୂଲ୍ୟ କିଷଲା ପିଛା ୨ ଲକ୍ଷ ଟଙ୍କା ଅତିକ୍ରମ କରିବା ପରେ ଏ ନେଇ ଏବେ ବଜାର ବିଶେଷଜ୍ଞମାନେ ବଡ଼ ଚେତାବନୀ ଜାରି କରିଛନ୍ତି। ଲଣ୍ଡନ ବଜାରରେ ଯୋଗାଣରେ ଅଭାବ ଏବଂ ଚାହିଦା ବୃଦ୍ଧି ଯୋଗୁଁ ରୂପା ମୂଲ୍ୟ ପ୍ରତି ଆଉନ୍ସ ୫୨ ଡଲାର ଉପରେ ପହଞ୍ଚିଛି, ଯାହା ୧୯୮୦ ପରଠାରୁ ସର୍ବାଧିକ।

ସୁନା ମୂଲ୍ୟ ଆକାଶଛୁଆଁ ହେଉଛି। ରୂପା ମୂଲ୍ୟ ମଧ ଲୋକଙ୍କ ଚିନ୍ତା ବଢ଼ାଇଛି। ବିଶ୍ୱ ବଜାରରେ ଲିକ୍ୟୁଡିଟି ଜନିତ ଚାପ ଏବଂ ଖୁଚୁରା ଚାହିଦା ବୃଦ୍ଧି ଯୋଗୁଁ ରୁପା ମୂଲ୍ୟ ଆହୁରି ଉପରକୁ ବୃଦ୍ଧି ପାଇବ ବୋଲି ବୁଲିୟନ୍ ବଜାରର ବିଶେଷଜ୍ଞମାନେ ବିଶ୍ୱାସ କରୁଛନ୍ତି। ଗୁଡ୍ ରିଟର୍ଣ୍ଣସ ଅନୁଯାୟୀ, ରୁପା ମୂଲ୍ୟ ଆହୁରି ୧୮% ବୃଦ୍ଧି ପାଇପାରେ। ୨୦୨୫ ଶେଷ ସୁଦ୍ଧା ଏହା ପ୍ରତି କିଲୋଗ୍ରାମ ୨.୧୮ ଲକ୍ଷରେ ଟଙ୍କାରେ ପହଞ୍ଚିପାରେ। 'ରିଚ୍ ଡ୍ୟାଡ୍, ପୁଅର୍ ଡ୍ୟାଡ୍'ର ଲେଖକ ଏବଂ ପ୍ରସିଦ୍ଧ ନିବେଶକ ରବର୍ଟ କିଲୋସାକି ରୂପା ମୂଲ୍ୟ ସମ୍ପର୍କରେ ଏକ ଗୁରୁତ୍ୱପୂର୍ଣ୍ଣ ଚେତାବନୀ ଦେଇଛନ୍ତି। କିଲୋସାକିଙ୍କ ଧ୍ୟାନ ବର୍ତ୍ତମାନ ସୁନା ଏବଂ ବିଟକଏନ୍ ଠାରୁ ରୂପା ଆଡ଼କୁ ସ୍ଥାନାନ୍ତରିତ ହୋଇଛି। ସେ ରୁପା ମୂଲ୍ୟରେ ଆଗାମୀ ଦିନରେ ଏକ ବଡ଼ ବିସ୍ଫୋରଣ ହେବାର ପୂର୍ବାନୁମାନ କରିଛନ୍ତି। ସେ ଭବିଷ୍ୟବାଣୀ କରିଛନ୍ତି ଯେ ବର୍ତ୍ତମାନଠାରୁ ରୂପା ମୂଲ୍ୟ ୪୦୦% ବୃଦ୍ଧି ପାଇପାରେ। ଯଦି ତାଙ୍କର ଭବିଷ୍ୟବାଣୀ ସଠିକ୍ ହୁଏ, ତେବେ ଭାରତୀୟ ବଜାରରେ ରୂପା ମୂଲ୍ୟ କିଲୋ ପିଛା ୭ ଲକ୍ଷ ଟଙ୍କା ଅତିକ୍ରମ କରିପାରେ। ସେ କହିଥିଲେ ଯେ ରୂପାର ମୂଲ୍ୟ ଦମନ କରାଯାଉଛି ଏବଂ ବଜାରକୁ ହେରଫେର କରାଯାଉଛି। ସେ କହିଛନ୍ତି ଯେ ବଡ଼ ନିବେଶକମାନେ ରୂପା ଗଚ୍ଛିତ କରିଛନ୍ତି, କିନ୍ତୁ ଏବେ ମୂଲ୍ୟ ବିସ୍ଫୋରଣ ହୋଇପାରେ।

### ବର୍ତ୍ତମାନର ଦରଠାରୁ ରୁପା ମୂଲ୍ୟ ୪୦୦% ବୃଦ୍ଧି ପାଇପାରେ
### ଭାଙ୍ଗିଲା ୪୫ ବର୍ଷର ରେକର୍ଡ
### ଭାରତରେ ଚାହିଦା ବଢ଼ିବା, ବ୍ରିଟେନରେ ମଚାଇଛି ହଇଚଇ



ରଏଟର୍ସ ତଥ୍ୟ ଅନୁଯାୟୀ, ରୁପା ନିବେଶ ପାଣ୍ଠି (ଇଟିଏଫ୍)ରେ ନୂତନ କ୍ରୟକୁ ବନ୍ଦ କରିଦିଆଯାଇଛି। ଯୋଗାଣ ଅଭାବ ଯୋଗୁଁ ଅଳଙ୍କାର ବ୍ୟବସାୟୀମାନେ ପାର୍ବଣ ଋତୁର ଉଚ୍ଚ ଚାହିଦା ପୂରଣ କରିବାକୁ ସଂଘର୍ଷ କରୁଛନ୍ତି। ରିପୋର୍ଟ ଅନୁଯାୟୀ, ଗତ ଚାରି ବର୍ଷ ଧରି ବିଶ୍ୱ ବଜାରରେ ରୁପାର ଚାହିଦା ଯୋଗାଣକୁ ଅତିକ୍ରମ କରିସାରିଛି। ଯାହା ଫଳରେ ପୂର୍ବ ପାଞ୍ଚ ବର୍ଷରୁ ଅତିରିକ୍ତ ରୁପା ଭଣ୍ଡାର ସମାପ୍ତ ହୋଇଯାଇଛି। ପରିସ୍ଥିତି ଏପରି ହୋଇଛି ଯେ ୨୦୨୫ରେ ମଧ ଯୋଗାଣ ଚାହିଦା ପୂରଣ ହୋଇପାରିବନାହିଁ। କଥା ହେଉଛି ୭୦% ରୁପା ଅନ୍ୟାନ୍ୟ ଧାତୁର ଖଣିରୁ ଆସିଥାଏ, ଯାହାର ମୂଲ୍ୟ ବୃଦ୍ଧି ପାଇଲେ ମଧ ଉତ୍ପାଦନ ବୃଦ୍ଧି କରାପାରିବନାହିଁ। ବିଶ୍ୱରେ ରୁପା ଉତ୍ପାଦନ ଲଗାତାର ୭ ବର୍ଷ ଧରି ଚାହିଦାଠାରୁ କମ୍ ରହିଛି। ଏହି ଅଭାବ ଜାରି ରହିବ ବୋଲି ଆଶଙ୍କା କରାଯାଉଛି। ବ୍ଲୁମବର୍ଗର ଏକ ରିପୋର୍ଟ ଅନୁଯାୟୀ, ଲଣ୍ଡନ ଗ୍ଲୋବାଲ୍ ଟ୍ରେଡ୍ ସେଣ୍ଟରରେ ରୁପାର ଭୌତିକ ଯୋଗାଣରେ ଅଭାବ ଏକ ଆଲୋଡ଼ନ ସୃଷ୍ଟି କରିଛି। ଚଳିତ ବର୍ଷ, ଫ୍ୟୁଚର୍ସ ବଜାରରେ ରୁପା ମୂଲ୍ୟ ୮୬ ପ୍ରତିଶତରୁ ଅଧିକ ବୃଦ୍ଧି ପାଇଛି। ଏହି ସମୟରେ ଦିଲ୍ଲୀର ବୁଲିଅନ୍ ବଜାରରେ ରୁପା ମୂଲ୍ୟ ୧୦୬ ପ୍ରତିଶତରୁ ଅଧିକ ବୃଦ୍ଧି ପାଇଛି।

# ଭାରତୀୟ କ୍ରିକେଟ ଦଳର ଅଷ୍ଟ୍ରେଲିଆ ଗସ୍ତ



ନୂଆଦିଲ୍ଲୀ, ୧୫।୧୦ (ଏଜେନ୍ସି): ଅଷ୍ଟ୍ରେଲିଆ ସହ ସୀମିତ ଓଭର କ୍ରିକେଟ ସିରିଜ୍ ଖେଳିବା ଲାଗି ଭାରତୀୟ କ୍ରିକେଟ ଦଳ ଆଜି ପର୍ଥ ଅଭିମୁଖେ ଯାତ୍ରା କରିଛନ୍ତି । ଏହି ଦଳରେ ବହୁ ଚର୍ଚ୍ଚିତ ବରିଷ୍ଠ ଖେଳାଳି ରୋହିତ ଶର୍ମା ଏବଂ ବିରାଟ କୋହଲି ମଧ୍ୟ ଯାଇଛନ୍ତି । ଏମାନଙ୍କ ସହ ଆଉ କିଛି ଖେଳାଳି ଯଥା ଦିନିକିଆ ଅଧିନାୟକ ଶୁବମନ ଗିଲ୍, ଓପନର ଯଶସ୍ୱୀ ଜୟସ୍ୱାଲ, ଅଲରାଉଣ୍ଡର ନୀତୀଶ କୁମାର ରେଡ୍ଡୀ, ଦୁଇ ଫାଷ୍ଟ ବୋଲର ଅର୍ଶଦୀପ ସିଂହ ଓ ପ୍ରସିଦ୍ଧ କ୍ରିଷ୍ଣାଙ୍କ ସହ କିଛି ସପୋର୍ଟ ଷ୍ଟାଫ୍ ଯାତ୍ରା କରିଛନ୍ତି । ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍‌ରେ ବରିଷ୍ଠ ଖେଳାଳି ରୋହିତ ଓ ବିରାଟଙ୍କ ଭବିଷ୍ୟତ ନିର୍ଦ୍ଧାରଣ କରାଯିବ । ଏମାନଙ୍କ ବ୍ୟତୀତ ସନ୍ଧ୍ୟାରେ ହେଡ୍ କୋଚ୍ ଗୌତମ ଗମ୍ଭୀର, କିଛି ଖେଳାଳି ଓ ସପୋର୍ଟ ଷ୍ଟାଫ୍ ମଧ୍ୟ ଯାଇଛନ୍ତି । ଅଷ୍ଟ୍ରେଲିଆର ଗସ୍ତରେ ଭାରତ ୩ଟି ଦିନିକିଆ ଓ ୫ଟି ଟି-୨୦ ମ୍ୟାଚ୍ ଖେଳିବାର କାର୍ଯ୍ୟକ୍ରମ ରହିଛି । ଏହା ମଧ୍ୟରେ ପ୍ରଥମେ ଦିନିକିଆ ସିରିଜ୍‌ର ମ୍ୟାଚ୍ ଗୁଡିକ ପର୍ଥରେ ଅକ୍ଟୋବର ୧୯ ତାରିଖ ରବିବାର, ଆଡିଲେଡ୍‌ରେ ଅକ୍ଟୋବର ୨୩ ତାରିଖ ଗୁରୁବାର ଓ ସିଡନୀରେ ଅକ୍ଟୋବର ୨୫ ତାରିଖ ଶନିବାର ଖେଳାଯିବ । ନିକଟରେ ଭାରତ ଘରୋଇ ମାଟିରେ ୱେଷ୍ଟଇଣ୍ଡିଜ୍‌କୁ ୨-୦ରେ ହରାଇ ଟେଷ୍ଟ ସିରିଜ୍ ପୋଛିନେଇଥିଲା । ଏହି ସିରିଜ୍‌ରେ ଟେଷ୍ଟ ସ୍ପେଶାଲିଷ୍ଟଙ୍କୁ ବିଶ୍ରାମ ଦିଆଯାଇଛି । ଦିନିକିଆ ସିରିଜ୍ ପରେ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ଅକ୍ଟୋବର ୨୯ରୁ ଆରମ୍ଭ ହେବ । ଏଥିରେ ସୂର୍ଯ୍ୟକୁମାର ଭାରତୀୟ ଦଳର ନେତୃତ୍ୱ ନେବେ ।

# ଅହମ୍ମଦାବାଦ୍‌ରେ ୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡ଼ା

ନୂଆଦିଲ୍ଲୀ, ୧୫।୧୦ (ଏଜେନ୍ସି): ଭାରତର ଅହମ୍ମଦାବାଦ୍‌ରେ ୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡ଼ାର ଶତବାର୍ଷିକୀ ସଂସ୍କରଣ ଅନୁଷ୍ଠିତ ହେବ । ରାଜ୍ୟଗୋଷ୍ଠୀର କାର୍ଯ୍ୟନିର୍ବାହୀ ବୋର୍ଡ ସୁପାରିସ୍ କରିଛି । ଏହା ଫଳରେ ଅହମ୍ମଦାବାଦ୍ ଏହି କ୍ରୀଡ଼ା ଆୟୋଜନ କରିବାକୁ ଆଉ ପାଦେ ଆଗେଇଛି । ୨୦୩୦ ସଂସ୍କରଣ ଲାଗି ଅହମ୍ମଦାବାଦ୍ ଓ ନାଇଜେରିଆର ଅବୁଜା ସହର ଆବେଦନ କରିଥିଲେ । ରାଜ୍ୟଗୋଷ୍ଠୀ କ୍ରୀଡ଼ା ଇଭାଲ୍ୟୁସନ କମିଟି ସମସ୍ତ ପ୍ରକାର ବ୍ୟବସ୍ଥାକୁ ତଦାରଖ କରିବା ପରେ ଅହମ୍ମଦାବାଦ୍‌ରେ ଆୟୋଜନ କରିବାକୁ ସୁପାରିସ୍ କରିଛି । ତେବେ ଚୂଡାନ୍ତ ନିଷ୍ପତ୍ତି କମନୱେଲଥ ସ୍ପୋର୍ଟ୍ସ ଜେନେରାଲ ଆସେମ୍ବ୍ଲି ନେବ । ନଭେମ୍ବର ୨୬ରେ ଗ୍ଲାସ୍‌ଗୋରେ ଆସେମ୍ବ୍ଲିର ବୈଠକରେ ଏହା ସ୍ଥିର ହେବ । ସାଧାରଣତଃ କାର୍ଯ୍ୟନିର୍ବାହୀ ବୋର୍ଡର ସୁପାରିସ୍‌କୁ ଆସେମ୍ବ୍ଲିରେ ମୋହର ମରାଯାଇଥାଏ ।

**ବାରବାଟୀ ରଣଜୀ**

# ଶୁଭ୍ରାଂଶୁ, ରାଜେଶଙ୍କ ଲଢୁଆ ଅର୍ଦ୍ଧଶତକ

କଟକ,୧୫।୧୦(ସମିସ):

ଅଧିନାୟକ ଶୁଭ୍ରାଂଶୁ ସେନାପତି ଓ ରାଜେଶ ଧୂପରଙ୍କ ଲଢୁଆ ଅର୍ଦ୍ଧଶତକ ଓ ଏମାନଙ୍କ ୫ମ ୱିକେଟରେ ଶତକୀୟ ଭାଗୀଦାରି ବଳରେ ସ୍ଥାନୀୟ ବାରବାଟୀ ଷ୍ଟାଡିୟମ୍‌ରେ ବୁଧବାର ଆରମ୍ଭ ହୋଇଥିବା ବରୋଦା ବିପକ୍ଷ ଏଲିଟ୍ ଗ୍ରୁପ୍-ଏ ରଣଜୀ ଟ୍ରଫି ମୁକାବିଲାରେ ଓଡ଼ିଶା ପ୍ରାରମ୍ଭିକ ବିପର୍ଯ୍ୟୟରୁ ରକ୍ଷା ପାଇଯାଇଛି । ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଓଡ଼ିଶା ଦଳ ୪୯ ରନ୍ ସ୍କୋରରେ ୪ଜଣ ଖେଳାଳିଙ୍କୁ ହରାଇଥିଲା ।

**ବରୋଦା ବିପକ୍ଷରେ ଓଡ଼ିଶା ୨୦୫/୫**

ଏହି ସମୟରେ ନଂ-୪ ତଥା ଅଧିନାୟକ ଶୁଭ୍ରାଂଶୁ ସେନାପତି ଓ ନଂ-୬ ରାଜେଶ ଧୂପର ଲଢୁଆ ବ୍ୟାଟିଂ କରି ୫ମ ୱିକେଟରେ ୧୫୬ ରନ୍ ଉଠାଇ ଘରୋଇ ଦଳକୁ ବିପଦରୁ ଉଦ୍ଧାର କରିଥିଲେ । ପ୍ରଥମ ଦିନର ଶେଷ ଓଭର ଅର୍ଥାତ୍ ୯୦ତମ ଓଭରର ୫ମ ବଲ୍‌ରେ ଅଧିନାୟକ ସେନାପତି ୭୯ ରନ୍ କରି ଆଉଟ ହୋଇଥିଲେ । ସେ ୨୦୩ ବଲ୍ ଖେଳି ୭ ଚୌକା ସହ ଦଳ ପକ୍ଷରୁ ସର୍ବାଧିକ ରନ୍ କରିଥିଲେ । ଅନାବଶ୍ୟକ ଭାବେ ଓଡ଼ିଶା ଶେଷ ଓଭରରେ ଆଉ ଏକ ୱିକେଟ ହରାଇଥିଲାବେଳେ ପ୍ରଥମ ଦିନ ଷ୍ଟମ୍ପ ଅପସାରଣ ବେଳକୁ ୫ ୱିକେଟରେ ୨୦୫ ରନ୍ କରିବାକୁ ସମର୍ଥ ହୋଇଛି । ରାଜେଶ ୭୬ ଓ ଆଶୀର୍ବାଦ ସ୍ୱାଇଁ କୌଣସି ରନ୍ ନ କରି ଅପରାଜିତ ଅଛନ୍ତି । ରାଜେଶ ୨୧୨ଟି ବଲ୍ ଖେଳି ୫ ଚୌକା ଓ ୨ ଛକା ମାରିଥିଲେ । ଅନ୍ୟ ଓଡ଼ିଶା ଖେଳାଳିଙ୍କ ମଧ୍ୟରୁ ଦୁଇ ଓପନର ସ୍ୱସ୍ତିକ ସାମଲ ଓ ଡେବ୍ୟୁଟାଣ୍ଟ ଗୌରବ ଚୌଧୁରୀ ୨୪ ରନ୍ ଲେଖାଏଁ, ସନ୍ଦୀପ ପଟ୍ଟନାୟକ ଓ ଗୋବିନ୍ଦ ପୋଦ୍ଦାର ଖାତା ଖୋଲିବା ପୂର୍ବରୁ ଆଉଟ ହୋଇଥିଲେ । ବରୋଦାର ଦୁଇ ଅଭିଜ୍ଞ ବୋଲର ଅଧିନାୟକ ତଥା ପେସ୍‌ର ଅତୀତ ସେଠ୍ ଓ ସ୍ପିନର ଭାର୍ଗବ ଭଟ୍ଟଙ୍କୁ ୨ଟି ଲେଖାଏଁ ୱିକେଟ ମିଳିଛି । ଏହି ମ୍ୟାଚ୍‌ରେ ଓଡ଼ିଶାର ଦୁଇ ଖେଳାଳି ଗୌରବ ଚୌଧୁରୀ ଓ ବାଦଲ ବିଶ୍ୱାଳ ଡେବ୍ୟୁ କରିଛନ୍ତି ।




*ଶୁଭ୍ରାଂଶୁ ସେନାପତି ଓ ରାଜେଶ ଧୂପର*

## ସମାନ ସ୍କୋରରେ ଆଉଟ ହେଲେ ୪ ବ୍ୟାଟର

ଏହି ମ୍ୟାଚ୍‌ରେ ଘରୋଇ ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବା ପରେ ବିନା ୱିକେଟରେ ୪୯ ରନ୍ କରିଥିଲା । ଏହି ସ୍କୋରରେ ଡେବ୍ୟୁଟାଣ୍ଟ ଓପନର ଗୌରବ ଚୌଧୁରୀ (୨୪ରନ୍‌ରେ) ଦୁର୍ଭାଗ୍ୟଜନକ ଭାବେ ରନ୍ ଆଉଟ ହୋଇଥିଲେ । ଓଡ଼ିଶା ଏହି ସ୍କୋର ବା ୧୯ତମ ଓଭରର ଚତୁର୍ଥ ବଲ୍‌ରେ ପ୍ରଥମ ୱିକେଟ ହରାଇଥିଲା । ଏହା ପରେ ଦଳ ଜଣଙ୍କ ପରେ ଜଣେ ୩ଜଣ ଖେଳାଳି ସମାନ ସ୍କୋର ଅର୍ଥାତ୍ ୪୯ ରନ୍‌ରେ ଆଉଟ ହୋଇଥିଲେ । ଏକଦା ଓଡ଼ିଶା ବିନା ୱିକେଟରେ ୪୯ ରନ୍ କରିଥିଲାବେଳେ ୨୧ଟି ବଲ୍‌ରେ ଖେଳି ସମାନ ସ୍କୋର ୪ ୱିକେଟ ହରାଇଥିଲା । ଗୌରବଙ୍କ ପରେ ୧୯.୨ ଓଭରରେ ନଂ-୩ ସନ୍ଦୀପ ପଟ୍ଟନାୟକ ଖାତା ଖୋଲିବା ପୂର୍ବରୁ ଭାର୍ଗବ ଭଟ୍ଟଙ୍କ ଦ୍ୱାରା ଏବଂ ୨୦.୩ ଓଭରରେ ଅନ୍ୟତମ ଓପନର ସ୍ୱସ୍ତିକ ସାମଲ ୨୪ ରନ୍ କରିଥିଲାବେଳେ ଅତୀତ ସେଠଙ୍କ ଦ୍ୱାରା କଟ ବିହାଇଣ୍ଡ ହୋଇଥିଲେ । ଏତିକିରେ ନାଟକ ଶେଷ ହୋଇ ନ ଥିଲା । ୨୨.୨ ଓଭରରେ ନଂ-୫ରେ ବ୍ୟାଟିଂ କରିବାକୁ ଆସିଥିବା ଅଭିଜ୍ଞ ବ୍ୟାଟର ଗୋବିନ୍ଦ ପୋଦ୍ଦାର ୫ଟି ବଲ୍ ଖେଳି ମଧ୍ୟ ଖାତା ଖୋଲି ନ ପାରି ସେଠ୍‌ଙ୍କ ଦ୍ୱିତୀୟ ଶିକାର ବନିଥିଲେ । ଓଡ଼ିଶାର ଅର୍ଦ୍ଧଶତାବ୍ଦୀ କ୍ରିକେଟ ଇତିହାସରେ ପ୍ରଥମଥର ଓଡ଼ିଶା ସମାନ ସ୍କୋରରେ ୪ଟି ୱିକେଟ ହରାଇବା ଏହା ପ୍ରଥମ ଘଟଣା ।

## ଗୌରବ ଓ ବାଦଲଙ୍କ ପଦାର୍ପଣ





**କଟକ, ୧୫।୧୦ (ସମିସ):** ଚଳିତ ରଣଜୀ ଟ୍ରଫିରେ ଓଡ଼ିଶା ୩ ନୂଆମୁହଁଙ୍କୁ ଦଳରେ ସାମିଲ କରିଛି । ବୁଧବାର ଠାରୁ ବାରବାଟୀରେ ଆରମ୍ଭ ହୋଇଥିବା ବରୋଦା ବିପକ୍ଷ ମ୍ୟାଚ୍‌ରେ ଏମାନଙ୍କ ଭିତରୁ ଦୁଇ ନବାଗତ ପଦାର୍ପଣର ସୁଯୋଗ ପାଇଛନ୍ତି । ଜଣେ ହେଲେ ଓପନିଂ ବ୍ୟାଟର ଗୌରବ ଚୌଧୁରୀ ଓ ଅନ୍ୟ ଜଣକ ମିଡିୟମ ପେସ୍ ବୋଲର ବାଦଲ ବିଶ୍ୱାଳ । ବରିଷ୍ଠ ଶିବିରରେ ପୂର୍ବରୁ ଗୌରବଙ୍କ ଅଭିଜ୍ଞତା ଥିବାବେଳେ ବାଦଲଙ୍କ ପାଇଁ ଏହା ସମ୍ପୂର୍ଣ୍ଣ ନୂଆ ।

ବରୋଦା ବିପକ୍ଷରେ ଓଡ଼ିଶା ତରଫରୁ ଓପନିଂ କରୁଥିବା ନୂଆ ମୁହଁ ଗୌରବ ଜଣେ ଦକ୍ଷ ବ୍ୟାଟର ଭାବେ ପରିଚିତ । ନିକଟ ଅତୀତରେ ଶେଷ ହୋଇଥିବା ଓଡ଼ିଶା ପ୍ରୋ ଟି-୨୦ ଲିଗ୍‌ରେ ସେ ହେଉଛନ୍ତି ସର୍ବାଧିକ ରନସଂଗ୍ରହକାରୀ । ଭୁବନେଶ୍ୱର ଟାଇଗର୍ସରୁ ପ୍ରତିନିଧିତ୍ୱ କରୁଥିବା ଗୌରବ ୫ଟି ମ୍ୟାଚରୁ ଗୋଟିଏ ଶତକୀୟ ପାଳି ସହାୟତାରେ ୧୯୯ ରନ ସଂଗ୍ରହ କରିଥିଲେ । ତାଙ୍କ ଆଭରେଜ ୪୯.୭୫ ପ୍ରତିଶତ ରହିଥିଲା । ତେବେ ଏହି ୨୬ବର୍ଷୀୟ ବ୍ୟାଟରଙ୍କୁ ପୂର୍ବରୁ ବରିଷ୍ଠ ଦଳରେ ଦେଖିବାକୁ ମିଳିଛି । ୨୦୨୧ ସିଜନରେ ସେ ବିଜୟ ହଜାରେ ଓ ସୟଦ ମୁସ୍ତାକ ଅଲ୍ଲୀ ଟ୍ରଫିରେ ପଦାର୍ପଣ କରି ନିଜ ଦୃଢ଼ ବ୍ୟାଟିଂର ଛାପ ଛାଡ଼ିଥିଲେ । ଲିଷ୍ଟ-ଏ ଫର୍ମାଟରେ ୮ଟି ମ୍ୟାଚ୍‌ରୁ ୨ଟି ଅର୍ଦ୍ଧଶତକ ବଳରେ ୨୫୬ରନ ଏବଂ ଟି-୨୦ ଫର୍ମାଟରେ ସମାନ ସଂଖ୍ୟକ ମ୍ୟାଚ୍ ଖେଳି ଗୋଟିଏ ଅର୍ଦ୍ଧଶତକ ବଳରେ ୨୨୨ରନ କରିଛନ୍ତି । ରାଜ୍ୟ ଦଳର ପେସ୍ ବୋଲିଂ ଆଟାକ୍‌ରେ ରାଜେଶ ମହାନ୍ତି ଓ ସୁନୀଲ ରାଉଳଙ୍କୁ ସହଯୋଗ କରିବା ପାଇଁ ନବାଗତ ବାଦଲଙ୍କୁ ଚୂଡାନ୍ତ ଏକାଦଶରେ ସାମିଲ କରାଯାଇଛି । ୨୧ବର୍ଷୀୟ ବାଦଲ ଜଣେ ଡାହାଣହାତୀ ମିଡିୟମ ପେସ୍ ବୋଲର । ୨୩ବର୍ଷରୁ କମ୍ ବୟସ ବର୍ଗ କ୍ରିକେଟରେ ଶାଣିତ ବୋଲିଂ କରି ସେ ବରିଷ୍ଠ ଦଳର ଚୟନକର୍ତ୍ତାଙ୍କ ଦୃଷ୍ଟି ଆକର୍ଷଣ କରି ପାରିଛନ୍ତି । ଓପିଟିଏଲରେ ବାଦଲ ଭୁବନେଶ୍ୱର ଟାଇଗର୍ସ ପକ୍ଷରୁ ମାତ୍ର ୩ଟି ମ୍ୟାଚ୍ ଖେଳିବାର ସୁଯୋଗ ପାଇଥିଲେ । ଏଥିରେ ସେ ୬ଟି ୱିକେଟ ଦଖଲ କରିଥିଲେ ।

**ବିଶ୍ୱ ଜୁନିଅର ବ୍ୟାଡ୍‌ମିଣ୍ଟନ**

## ପ୍ରି-କ୍ୱାର୍ଟରରେ ବିଶାଖା



**ଗୌହାଟୀ, ୧୫।୧୦ (ଏଜେନ୍ସି):** ଏଠାରେ ଚାଲିଥିବା ବିଡବ୍ଲ୍ୟୁଏଫ୍ ବିଶ୍ୱ ଜୁନିଅର ବ୍ୟାଡ୍‌ମିଣ୍ଟନ ଚାମ୍ପିଅନସିପ୍‌ରେ ଭାରତୀୟ ଖେଳାଳିଙ୍କ ବିଜୟ ଅଭିଯାନ ଜାରି ରହିଛି । ଟପ୍ ସିଡ୍ ତନଭୀ ଶର୍ମାଙ୍କ ସହ ଉନ୍ନତି ହୁଡା ଓ ରକ୍ଷିତା ଶ୍ରୀ ରାମରାଜ ତୃତୀୟ ରାଉଣ୍ଡରେ ବିଜୟୀ ହୋଇ ପ୍ରି-କ୍ୱାର୍ଟରରେ ପ୍ରବେଶ କରିଛନ୍ତି । ସେହିଭଳି ଓଡ଼ିଆ ଖେଳାଳି ବିଶାଖା ଟପ୍ପୋ ମଧ୍ୟ ପ୍ରି-କ୍ୱାର୍ଟରରେ ପହଞ୍ଚିଛନ୍ତି । ଭବ୍ୟ ଛାବ୍ରାଙ୍କୁ ସାଥୀ କରି ଖେଳୁଥିବା ବିଶାଖା ମିକ୍ସଡ ଇଭେଣ୍ଟର ତୃତୀୟ ରାଉଣ୍ଡରେ ୧୫-୧୩, ୧୫-୧୧ ସିଧାସଳଖ ଗେମରେ ଡେନମାର୍କର ଆସ୍କି ରୋମେର ଓ ଯସ୍ମିନ ୱିଲ୍ସ ଯୋଡ଼ିଙ୍କୁ ପରାସ୍ତ କରିଥିଲେ । ବିଶାଖା ଓ ଭବ୍ୟ ଯୋଡ଼ି କ୍ୱାର୍ଟରରେ ମାଲେସିଆର ଯୋଡ଼ିଙ୍କୁ ଭେଟିବେ ।

## ଆଇଟିଏଫ୍ ମାଷ୍ଟର୍ସ ଟେନିସ୍ ଟୁର୍ ଉଦ୍‌ଯାପିତ



**ଭୁବନେଶ୍ୱର, ୧୫।୧୦ (ସମିସ):** ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଆଇଟିଏଫ୍ ୱାର୍ଲ୍ଡ ଟେନିସ ମାଷ୍ଟର୍ସ ଟୁର୍ ପ୍ରତିଯୋଗିତା ବୁଧବାର ଉଦ୍‌ଯାପିତ ହୋଇଯାଇଛି । ଏଥିରେ ଆୟୋଜକ ଭାରତ ସମେତ ସ୍ଲୋଭାକିଆ ଓ ଜର୍ମାନୀର ୧୦୦ରୁ ଊର୍ଦ୍ଧ୍ୱ ଟେନିସ ଖେଳାଳି ପୁରୁଷ ଓ ମହିଳା ସିଙ୍ଗଲ୍ସ ଏବଂ ଡବଲ୍ସ ଓ ମିକ୍ସଡ ଡବଲ୍ସରେ ଅଂଶଗ୍ରହଣ କରିଥିଲେ । ୩୦ରୁ ୭୦ ବର୍ଷ ମଧ୍ୟରେ ବିଭିନ୍ନ ବୟସ ବର୍ଗରେ ମ୍ୟାଚ୍ ଖେଳାଯାଇଥିଲା । ଏଥିରେ ଓଡ଼ିଶାର ଅଂଶୁ ଭୂୟାଁ ଡବଲ୍ ଟ୍ରଫି ଜିତିଛନ୍ତି । ସେ ୩୦ ବର୍ଷରୁ କମ୍ ସିଙ୍ଗଲ୍ସ ଓ ଡବଲ୍ସରେ ଚାମ୍ପିଅନ ହୋଇଥିଲେ । ଡବଲ୍ସରେ ଚିନ୍ମୟ ପ୍ରଧାନଙ୍କୁ ଅଂଶୁ ସାଥୀ କରି ଖେଳିଥିଲେ । ସେହିଭଳି ଅନ୍ୟ ବୟସବର୍ଗରେ ବିଶ୍ୱଜିତ୍ ଦାସ, ଶିବଶଙ୍କର ପରିଡ଼ା, ଅଜୟ ନିଶାଙ୍କ, ବିନୋଦ ସେଠ୍, ଅଜୟ ସାହୁ, ଦିଲୀପ କୁମାର ମଙ୍ଗରାଜ, ଧୀରଜ ପଣ୍ଡା-ନିଶାଙ୍କ ଯୋଡ଼ି, ଦୟାଲ ଗଙ୍ଗୱାର-ଆଶିଷ ପରମାର ଯୋଡ଼ି, ସ୍ନେହାଶିଷ ବେହେରା-ବିନୋଦ ସେଠ୍ ଯୋଡ଼ି, ଅଜୟ ମହାପାତ୍ର-ଅଜୟ ସାହୁ ଯୋଡ଼ି ବିଜୟୀ ହୋଇଛନ୍ତି ।

ଉଦ୍‌ଯାପନୀ ଉତ୍ସବରେ ଆୟୋଜକ ଓଡ଼ିଶା ଟେନିସ ସଂଘ (ଓଟିଏ)ର ଉପସଭାପତି ସତ୍ୟଜିତ୍ ମହାନ୍ତି ମୁଖ୍ୟଅତିଥିଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ । ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଓଟିଏର ସମ୍ପାଦକ ସଞ୍ଜୀବ ପଣ୍ଡା, ଯୁଗ୍ମ ସମ୍ପାଦକ ସମ୍ବିତ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହିଥିଲେ ।

**ରଣଜୀ ଟ୍ରଫି ଋତୁ ଆରମ୍ଭ**

## ମହାରାଷ୍ଟ୍ର 'ଶୂନ'ରେ ୩; ୫ ରନ୍‌ରେ ୪ ୱିକେଟ୍

**ଥିରୁଅନନ୍ତପୁରମ, ୧୫।୧୦ (ଏଜେନ୍ସି):** ଭାରତୀୟ ଘରୋଇ କ୍ରିକେଟର ସବୁଠୁ ସମ୍ମାନଜନକ ପ୍ରତିଯୋଗିତା ରଣଜୀ ଟ୍ରଫିର ୯୧ତମ ସଂସ୍କରଣ ବୁଧବାରଠାରୁ ଆରମ୍ଭ ହୋଇଛି । ସ୍ଥାନୀୟ ଗ୍ରୀନଫିଲ୍ଡ ଇଣ୍ଟରନ୍ୟାସନାଲ ଷ୍ଟାଡିୟମରେ ଖେଳାଯାଇଥିବା ଏଲିଟ୍ ଗ୍ରୁପ୍-ବି'ର ଏକ ମ୍ୟାଚରେ ଘରୋଇ କେରଳ ବିପକ୍ଷରେ ପ୍ରଥମେ ବ୍ୟାଟିଂ କରିଥିବା ମହାରାଷ୍ଟ୍ର ସାଂଘାତିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା । ମହାରାଷ୍ଟ୍ର ଟପ୍ ଅର୍ଡରର ୫ଜଣ ବ୍ୟାଟର୍‌ଙ୍କ ମଧ୍ୟରୁ ୪ଜଣ ଖାତା ଖୋଲିପାରି ନ ଥିଲେ । ଦଳ ଖାତା ଖୋଲିବା ପୂର୍ବରୁ ୩ ୱିକେଟ୍ ଏବଂ ୫ ରନରେ ୪ର୍ଥ ୱିକେଟ୍ ହରାଇଥିଲା । ଚଳିତ ସିଜନରେ ମୁମ୍ବାଇ ଛାଡ଼ି ମହାରାଷ୍ଟ୍ର ପାଇଁ ଖେଳୁଥିବା ପୃଥ୍ୱୀ ଶ' ଇନିଂସର ୪ର୍ଥ ବଲରେ, ୫ମ ବଲରେ ସିଦ୍ଧେଶ ବୀର ଏବଂ ଦ୍ୱିତୀୟ ଓଭରର ପ୍ରଥମ ବଲରେ ଅର୍ଶୀନ କୁଲକର୍ଣ୍ଣୀ ଖାତା ଖୋଲିବା ପୂର୍ବରୁ ଆଉଟ୍ ହୋଇଥିଲେ । ଏହାପରେ ତୃତୀୟ ଓଭରର ୨ୟ ବଲରେ ଅଧିନାୟକ ଅଙ୍କିତ ବାୱନେ ମଧ୍ୟ ଖାତା ଖୋଲି ନ ପାରି ପ୍ୟାଭିଲିୟନ ଫେରିଥିଲେ । ତେବେ ଦୁଇ ଅଭିଜ୍ଞ ଖେଳାଳି ଋତୁରାଜ ଗାଏକ୍ୱାଡ (୯୧ ରନ) ଓ ଜଲାଜ ସକ୍ସେନା (୪୯ ରନ) ଉପଯୋଗୀ ପାଳି ଖେଳିବାରୁ ପ୍ରଥମ ଦିବସ ଷ୍ଟମ୍ପ ସୁଦ୍ଧା ମହାରାଷ୍ଟ୍ର ୭ ୱିକେଟ୍‌ରେ ୧୭୯ ରନ ସଂଗ୍ରହ କରିଛି ।

**■ ମହିଳା ବିଶ୍ୱକପ୍ କ୍ରିକେଟ**

## ଇଂଲଣ୍ଡକୁ ବର୍ଷା ବଞ୍ଚାଇଦେଲା

**କଲମ୍ବୋ, ୧୫।୧୦ (ଏଜେନ୍ସି):** ଚଳିତ ଆଇସିସି ମହିଳା ଦିନିକିଆ ବିଶ୍ୱକପ୍‌ରେ ବୁଧବାର ଏଠାରେ ଇଂଲଣ୍ଡ ଓ ପାକିସ୍ତାନ ମଧ୍ୟରେ ଅନୁଷ୍ଠିତ ଏକ ମ୍ୟାଚ୍ ବର୍ଷା ଲାଗି ବାତିଲ ହୋଇଯାଇଛି । ଦୁଇ ଦଇଥର ବର୍ଷା ବାଧାପ୍ରାପ୍ତ ଏହି ୩୧ ଓଭର ବିଶିଷ୍ଟ ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଇଂଲଣ୍ଡ ୯ ୱିକେଟ୍‌ରେ ୧୩୩ ରନ୍ କରିଥିଲା । ଡିଏଲ୍ ପଦ୍ଧତିରେ ପାକିସ୍ତାନ ସମ୍ମୁଖରେ ୩୧ ଓଭରରେ ମାତ୍ର ୧୧୩ ରନର ଲକ୍ଷ୍ୟ ପୁନଃଧାର୍ଯ୍ୟ ହୋଇଥିଲା । ଜବାବରେ ପାକିସ୍ତାନ ୬.୪ ଓଭରରେ କୌଣସି ୱିକେଟ୍ ନ ହରାଇ ୩୪ ରନ କରି ଭଲ ଆରମ୍ଭ କରିଥିଲା । କିନ୍ତୁ ପୁଣିଥରେ ବର୍ଷା ହେବାରୁ ମ୍ୟାଚ୍ ଆଉ ସମ୍ଭବପର ହୋଇପାରି ନ ଥିଲା । ପାକିସ୍ତାନକୁ ଏହି ସମୟରେ ୧୪୬ ବଲରେ ୭୯ ରନ ଆବଶ୍ୟକ ହେଉଥିଲା । ଫଳରେ ଭଲ ସ୍ଥିତିରେ ଥାଇ ମଧ୍ୟ ପାକିସ୍ତାନ ବିଜୟ ପଏଣ୍ଟ ହାସଲ କରିପାରି ନ ଥିଲା । ମ୍ୟାଚ୍ ବାତିଲ ହେବାରୁ ଦୁଇ ଦଳକୁ ୧ ପଏଣ୍ଟ ଲେଖାଏ ମିଳିଛି । ଗୁରୁବାର ଅଷ୍ଟ୍ରେଲିଆ ଓ ବାଂଲାଦେଶ ମଧ୍ୟରେ ମ୍ୟାଚ୍ ଖେଳାଯିବ ।

## ଓଡ଼ିଶା କ୍ୱାର୍ଟର ଫାଇନାଲ ନିକଟତର

**କଟକ,୧୫।୧୦(ସମିସ):** ଚଳିତ ବିନୁ ମଙ୍କଡ ଟ୍ରଫିରେ କ୍ରମାଗତ ୩ଟି ମ୍ୟାଚ୍ ଜିତି ଓଡ଼ିଶା କ୍ୱାର୍ଟର ଫାଇନାଲ ଦୌଡରେ ରହିଛି । ବୁଧବାର ହରିୟାଣାର ଚୌଧୁରୀ ବଂଶୀଲାଲ କ୍ରିକେଟ ଷ୍ଟାଡିୟମରେ ଓଡ଼ିଶା ୩୫ରନରେ ଗୋଆକୁ ପରାସ୍ତ କରିଥିଲା । ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଓଡ଼ିଶା ମାତ୍ର ୯୬ ରନରେ ଅଲଆଉଟ ହୋଇଥିଲା । ରୁଦ୍ର ପ୍ରସାଦ ମଲ୍ଲିକ ୩୫ ରନର ଲଢୁଆ ପାଳି ଖେଳିଥିଲେ । ତେବେ ୫୦ ଓଭରରେ ମାତ୍ର ୯୭ ରନର ବିଜୟ ଲକ୍ଷ୍ୟକୁ ପିଛା କରୁଥିବା ଗୋଆ ୬୧ ରନରେ ସୀମିତ ରହିଥିଲା । ପିୟୂଷ ମନ୍ତ୍ରୀ ୯ ରନ ବ୍ୟୟ କରି ୬ଟି ୱିକେଟ ଦଖଲ କରି ମ୍ୟାଚ୍ ବିଜୟରେ ପ୍ରମୁଖ ଭୂମିକା ତୁଲାଇଥିଲେ । ଏଥିସହ ଓଡ଼ିଶା ୪ଟି ମ୍ୟାଚ୍‌ରୁ ୩ଟି ବିଜୟ ସହ ୧୨ ପଏଣ୍ଟ ହାସଲ କରି ଏଲିଟ ଗ୍ରୁପ-ଏ ଟେବଲର ୨ୟ ସ୍ଥାନରେ ରହିଛି ।

## ସୁଲତାନ ଜୋହର କପ୍‌ରେ ଭାରତର ପ୍ରଥମ ପରାଜୟ

**ଜୋହର ବହରୁ, ୧୫।୧୦ (ଏଜେନ୍ସି):** ମାଲେସିଆରେ ଚାଲିଥିବା ସୁଲତାନ ଅଫ୍ ଜୋହର କପ୍ ଜୁନିଅର ହକି ଟୁର୍ଣ୍ଣାମେଣ୍ଟରେ ଭାରତ ପ୍ରଥମ ପରାଜୟବରଣ କରିଛି । ବୁଧବାର ଭାରତ ଏହାର ୪ର୍ଥ ମ୍ୟାଚରେ ୪-୨ ଗୋଲ୍‌ରେ ଅଷ୍ଟ୍ରେଲିଆ ନିକଟରୁ ପରାସ୍ତ ହୋଇଥିଲା । ଭାରତ ଏଥିସହ ୪ର୍ଥ ମ୍ୟାଚରୁ ୨ ବିଜୟ ଏବଂ ଗୋଟିଏ ଲେଖାଏ ଡ୍ର ଓ ପରାଜୟ ସହ ୭ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନରେ ରହିଛି । ଅଷ୍ଟ୍ରେଲିଆ ୪ର୍ଥ ମ୍ୟାଚରୁ ୩ ବିଜୟ ଏବଂ ଗୋଟିଏ ଡ୍ର ସହ ୧୦ ପଏଣ୍ଟ ପାଇ ପ୍ରଥମ ଦଳ ଭାବେ ଫାଇନାଲରେ ସ୍ଥାନ ପକ୍କା କରିଛି ।

## ପ୍ରଥମ ଟେଷ୍ଟରେ ପାକିସ୍ତାନର ଜିତ୍

**ଲାହୋର,୧୫।୧୦(ଏଜେନ୍ସି):** ବାମହାତୀ ସ୍ପିନର ନୋମାନ ଅଲିଙ୍କ ଯାଦୁକରୀ ବୋଲିଂ ବଳରେ ଏଠାରେ ଅନୁଷ୍ଠିତ ପ୍ରଥମ ଟେଷ୍ଟରେ ପାକିସ୍ତାନ ୯୩ ରନ୍‌ରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରିଛି । ଫଳରେ ଘରୋଇ ଦଳ ସିରିଜ୍‌ରେ ୧-୦ରେ ଆଗୁଆ ରହିଛି । ସିରିଜ୍‌ର ଦ୍ୱିତୀୟ ତଥା ଶେଷ ଟେଷ୍ଟ ରାୱଲପିଣ୍ଡିରେ ଅକ୍ଟୋବର ୨୦ରୁ ଆରମ୍ଭ ହେବ । ଏହି ଟେଷ୍ଟରେ ୧୦ଟି ୱିକେଟ ନେଇଥିବା ନୋମାନଙ୍କୁ ଶ୍ରେଷ୍ଠ ଖେଳାଳି ହୋଇଥିଲା । ୨୭୭ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ଦକ୍ଷିଣ ଆଫ୍ରିକା ବୁଧବାର ଦ୍ୱିତୀୟ ଇନିଂସରେ ୧୮୩ ରନ୍‌ରେ ଅଲଆଉଟ ହୋଇଯାଇଥିଲା । ଡିୱାଲ୍ଡ ବ୍ରେଭିସ୍ (୫୪) ଓ ରିୟାନ ରିକେଲଟନ (୪୫)ଙ୍କୁ ବାଦ୍ ଦେଲେ ଅନ୍ୟ କେହି ଖେଳି ପାରି ନ ଥିଲେ । ପାକିସ୍ତାନର ନୋମାନ ଓ ସାହିନ୍ ଆଫ୍ରିଦୀ ୪ଟି ଲେଖାଏଁ ୱିକେଟ୍ ନେଇ ଦଳକୁ ବିଜୟୀ କରାଇଥିଲେ । ପୂର୍ବରୁ ପ୍ରଥମ ଇନିଂସରେ ପାକିସ୍ତାନ ୩୭୮ ଓ ଦକ୍ଷିଣ ଆଫ୍ରିକା ୨୬୯ ରନ୍ କରିଥିଲା । ୧୦୯ ରନ୍‌ରେ ଆଗୁଆ ଥିବା ପାକିସ୍ତାନ ଦ୍ୱିତୀୟ ଇନିଂସରେ ୧୬୭ରେ ସୀମିତ ଥିଲା ।

# ଏସୀୟ ଟିଟି ଟିମ୍ ଚାମ୍ପିଅନସିପ୍: ଚୀନକୁ ଦ୍ୱିମୁକୁଟ

ଭୁବନେଶ୍ୱର,୧୫।୧୦(ସମିସ):



ବିଶ୍ୱର ସବୁଠାରୁ ଶକ୍ତିଶାଳୀ ଟେବଲ ଟେନିସ (ଟିଟି) ଖେଳୁଥିବା ଦେଶ ଚୀନ୍ ୨୮ତମ ଏସୀୟ ଟିଟି ଟିମ୍ ଚାମ୍ପିଅନସିପ୍‌ର ଉଭୟ ମହିଳା ଓ ପୁରୁଷ ବିଭାଗରେ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି । ଭାରତୀୟ ଟିଟି ମହାସଂଘ, ଓଡ଼ିଶା ଟିଟି ସଂଘ ଏବଂ ଓଡ଼ିଶା କ୍ରୀଡ଼ା ଓ ଯୁବସେବା ନିର୍ଦ୍ଦେଶାଳୟର ମିଳିତ ସହଯୋଗରେ ଏହି ଟୁର୍ଣ୍ଣାମେଣ୍ଟ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍‌ରେ ଅକ୍ଟୋବର ୮ରୁ ୧୫ ଯାଏ ଅନୁଷ୍ଠିତ ହୋଇଥିଲା । ଏଥିରେ ଏସିଆ ମହାଦେଶର ୨୧ଟି ଦେଶ ଅଂଶଗ୍ରହଣ କରିଥିଲେ । ଏହି ଟୁର୍ଣ୍ଣାମେଣ୍ଟର ଉଭୟ ବିଭାଗରେ ଚୀନ୍ ଚାମ୍ପିଅନ ହୋଇ ଏସୀୟ ଟିଟିରେ ଆଧିପତ୍ୟ ବିସ୍ତାର କରିଥିଲାବେଳେ ମହିଳା ବିଭାଗରେ ଟପ୍ ସିଡ୍ ଜାପାନ ଓ ପୁରୁଷ ବିଭାଗରେ ହଂକଂ ରନର୍ସ ଅପ୍ ହୋଇଛନ୍ତି । ମହିଳା ବିଭାରେ ସିଙ୍ଗାପୁର ଓ ଉତ୍ତର କୋରିଆ, ପୁରୁଷ ବିଭାଗରେ ଜାପାନ ଓ ଚାଇନିଜ୍ ତାଇପେଇ ସେମିଫାଇନାଲରେ ପରାଜିତ ହେବା ସହ କାଂସ୍ୟ ପଦକରେ ସନ୍ତୁଷ୍ଟ ହୋଇଛନ୍ତି । ଆୟୋଜକ ଭାରତ ଗତ ଦୁଇଟି ସଂସ୍କରଣରେ ମେଡାଲ ଜିତିବାରେ ସମର୍ଥ ହୋଇଥିଲାବେଳେ ଏଠାରେ କ୍ୱାର୍ଟର ଫାଇନାଲରୁ ଉଭୟ ଦଳ ବିଦାୟ ନେଇଛନ୍ତି । ପୁରୁଷ ଦଳ ୬ଷ୍ଠ ଓ ମହିଳା ଦଳ ୮ମ ସ୍ଥାନରେ ରହି ସନ୍ତୁଷ୍ଟ ହୋଇଛନ୍ତି ।

ବୁଧବାର ଚୀନ୍ ଓ ଜାପାନ ମଧ୍ୟରେ ମହିଳା ବିଭାଗ ଫାଇନାଲ ମ୍ୟାଚ୍ ଖେଳାଯାଇଥିଲା । ଜାପାନ ଟପ୍ ସିଡ୍ ଥିଲାବେଳେ ଚୀନ୍ ଲଢ଼େଇ କରିବ ବୋଲି ଆଶା କରାଯାଉଥିଲା । କିନ୍ତୁ ଚୀନ୍ ପ୍ରଥମ ୩ଟି ମୁକାବିଲାରେ ଖେଳ ଶେଷ କରିଦେଇଥିଲା । ଫଳରେ ଚୀନ୍ ୩-୦ରେ ଏହି ମ୍ୟାଚ୍‌କୁ ଜିତି ଏସିଆ ଚାମ୍ପିଅନ ହୋଇଥିଲା । ପୂର୍ବରୁ ମଙ୍ଗଳବାର ଖେଳାଯାଇଥିବା ସେମିଫାଇନାଲରେ ଜାପାନ ୩-୦ରେ ସିଙ୍ଗାପୁରକୁ ଓ ଚୀନ୍ ୩-୦ରେ ଉତ୍ତରକୋରିଆକୁ ଏକତରଫା ଭାବେ ହରାଇ ଫାଇନାଲରେ ପ୍ରବେଶ କରିଥିଲେ । ସେହିପରି ପୁରୁଷ ବିଭାଗ ଫାଇନାଲ ଏକତରଫା ହୋଇଥିଲା । ଏଥିରେ ଚୀନ୍ ୩-୦ ସେଟ୍‌ରେ ହଂକଂକୁ ପରାସ୍ତ କରି ଚୀନ୍ ଚାମ୍ପିଅନ ହୋଇଥିଲା । ପୂର୍ବରୁ ଗତକାଲି ଖେଳାଯାଇଥିବା ସେମିଫାଇନାଲରେ ଚୀନ୍ ୩-୨ରେ ଜାପାନକୁ ଓ ହଂକଂ ମଧ୍ୟ ୩-୨ରେ ଚାଇନିଜ୍ ତାଇପେଇକୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲେ ।

**ଭାରତକୁ ବିଶ୍ୱକପ୍ ଯୋଗ୍ୟତା:** ଏହି ଟୁର୍ଣ୍ଣାମେଣ୍ଟର ପ୍ରଥମ ୬ଟି ସ୍ଥାନ ଅଧିକାର କରିଥିବା ଦଳ ବିଶ୍ୱ ଟିଟି ଟିମ୍ ଚାମ୍ପିଅନସିପ୍‌କୁ ଯୋଗ୍ୟତା ଅର୍ଜନ କରିବେ । ଏଠାରେ ଭାରତୀୟ ପୁରୁଷ ଦଳ ଷଷ୍ଠ ସ୍ଥାନ ଅଧିକାର କରିଥିବାରୁ ଲଣ୍ଡନରେ ୨୦୨୬ରେ ଖେଳାଯିବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟ ଲାଗି ଯୋଗ୍ୟତା ଅର୍ଜନ କରିଛି । ଏହାଛଡ଼ା ଆୟୋଜକ ଦେଶକୁ ଏହି ଟୁର୍ଣ୍ଣାମେଣ୍ଟରୁ କିଛି ଫାଇଦା ମିଳିନାହିଁ ।

ଖେଳ ଶେଷରେ ରାଜ୍ୟପାଳ ହରିବାବୁ କମ୍ଭମ୍‌ପାଟି ମୁଖ୍ୟ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS